ଆଦିବାସୀ ଲୋକକଥା - ୨

# ଜୁଆଙ୍ଗ ଲୋକକଥା



ମହାନ୍ତି ଗୋପୀନାଥ
ଶରତ ମହାନ୍ତି
ବଟ ପାଇକରାୟ

ଆଦିବାସୀ ଲୋକକଥା-୨

# ଜୁଆଙ୍ଗ ଲୋକକଥା

ମହାନ୍ତି ଗୋପୀନାଥ
ଶରତ ମହାନ୍ତି
ବଟ ପାଇକରାୟ

ISB N 81 - 902793 - 3 - 5
ତ୍ରିଶକ୍ତି ପ୍ରକାଶନ
ଏନ୍ - ୬, ପ୍ଲଟ ନଂ - ୩୯୭
ଜୟଦେବ ବିହାର
ପିନ୍ କୋର୍ଡ଼ ନଂ. ୭୫୧୦୧୫
ଫୋନ୍ ନଂ. ୨୩୬୦୩୯୪

ଆଦିବାସୀ ଲୋକକଥା ୨

# ଜୁଆଙ୍ଗ ଲୋକକଥା

(ଆଦିବାସୀ ଗଳ୍ପ ସଂକଳନ)

ପ୍ରକାଶକ : ତ୍ରିଶକ୍ତି ପ୍ରକାଶନ, ଭୁବନେଶ୍ୱର

ପ୍ରଚ୍ଛଦ ଶିଳ୍ପୀ : ଗଜେନ୍ଦ୍ର ସାହୁ ଓ ଛତ୍ରପତି ବିଶ୍ୱାଳ

କମ୍ପ୍ୟୁଟରୀ କରଣ :

ଗ୍ରାଫିକ୍ସ୍ : ଶରତ ମହାନ୍ତି, ବଟକୃଷ୍ଣ ପାଇକରାୟ, ଛତ୍ରପତି ବିଶ୍ୱାଳ ଓ ତପନ କୁମାର ମହାରଣା

ଡିଟିପି : ରିଲାଏନ୍ସ ଡିଜାଇନର ଏଣ୍ଡ ପ୍ରିଣ୍ଟର, ନୟାପଲ୍ଲୀ, ଭୁବନେଶ୍ୱର

ମୁଦ୍ରଣ : ସେରିନ୍ ଗ୍ରାଫିକ୍ସ, ବରମୁଣ୍ଡା, ଭୁବନେଶ୍ୱର

ପ୍ରକାଶ କାଳ: ଜାନୁୟାରୀ ୨୬, ୨୦୦୬

ମୂଲ୍ୟ: ଟ ୭୫.୦୦ (ପଞ୍ଚସ୍ତରି ଟଙ୍କା) ମାତ୍ର

TRIBAL FOLK TALES II

# JUANG FOLK TALES

(A Compilation of Juang Folk Tales)

**Publisher** : Trishakti Publication, Bhubaneswar

**Cover Design** : Gajendra Sahoo & Chhatrapati Biswal

**Computer Work** :

**Graphics** : Sarat Mohanty, Batakrushna Paikaray, Chhatrapati Biswal Tapan Kumar Moharana

**DTP** : Reliance Designer & Printer, Nayapalli, Bhubaneswar

**Printed at** : Serene Graphics, Baramunda, Bhubaneswar

**Date of Publication** : 26th January, 2006

**Price** : **Rs. 75.00** (Rupees Seventy Five) Only

# ମୁଖବନ୍ଧ

## ଜୁଆଙ୍ଗ ଲୋକକଥା - ଜୀବନଚର୍ଯ୍ୟାର ଏନ୍ତୁଡ଼ିଶାଳ

ହେତୁ ପାଇବା ଦିନଠୁଁ ଆଦିମ ମଣିଷ ଅନେଇଛି ତା' ଚାରି ଦିଗକୁ। ଆକାଶରେ ଦେଖିଛି ଚନ୍ଦ୍ର, ସୂର୍ଯ୍ୟ, ମାଳମାଳ ତାରା। ଦେଖିଛି ମଝିରେ ମଝିରେ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟଙ୍କୁ ଯେମିତି କିଏ ଖାଇଦିଏ, ଗ୍ରାସି ଦିଏ।

ଦେଖିଛି - ଚଉପାଖର ପୃଥିବୀ- ନଦନଦୀ, ପାହାଡ଼, ଜଙ୍ଗଲ, ଉଡ଼ି ଯାଉଥିବା ଚଢ଼େଇ, ବରଷୁଥିବା ମେଘ, ବିଜୁଳିର ଛଟା ଆକାଶରେ, କାନ ତାବ୍‌ଦା କରୁଥିବା ବଜ୍ର ନିନାଦ।

ଦେଖିଛି ସାଙ୍ଗ, ସାଥୀ, ଗାଁ ଗଣ୍ଡା, ଜ୍ଞାତି ପରିଜନ; ବଂଶ, କୁଳସମାଜ, ସମ୍ପର୍କର ସେତୁ।

ଦେଖିଛି ଶିଶୁର ଜନ୍ମ, ବୟୋପ୍ରାପ୍ତି, ବିବାହ, ମୃତ୍ୟୁ। ଭୋଗିଛି ସୁଖ ଦୁଃଖ, ହସ, କାନ୍ଦ କେତେ ନାହିଁ କେତେ।

ଏ ସବୁର କାରଣ ଖୋଜି ବସିଛି, କିଛି ଉତ୍ତର ବି ନିଜେ ଦେଇଛି। କେମିତି ଏ ପୃଥ୍ବୀର ଉତ୍ପତ୍ତି ହେଲା, କିଏ ଖଞ୍ଜି ଦେଲା ଆକାଶର ଚନ୍ଦ୍ର ସୂର୍ଯ୍ୟଙ୍କୁ, ତାରା ପନ୍ତିକୁ। ଉଡ଼େଇ ଦେଲା ଚଢ଼େଇ ମାଳ ମାଳ, ଭସେଇ ଦେଲା ମେଘ। ସର୍ଜିଲା ବଜ୍ର, ବିଜୁଳି। ସୃଷ୍ଟି କଲା ବଂଶ, କୁଳ।

କିଏ ? କେବେ ? କେମିତି ? କେଉଁ ପ୍ରକ୍ରିୟାରେ, କେଉଁ ପ୍ରଣାଳୀରେ ? ଏସବୁକୁ ନିଜ ବାଗରେ ବୁଝିଛି, ବୁଝିବାର ପ୍ରୟାସ କରିଛି।

ଆଦିମ ଜନଜାତିର ଲୋକକଥାର ତାହାହିଁ ଏନ୍ତୁଡ଼ିଶାଳ। ଗୋଟିଏ କୁତୁହଳୀ ମନ, ପ୍ରଶ୍ନ ପଚାରିବା ମନ, ଉତ୍ତର ଲୋଡ଼ିବା ମନ।

କାନାଡ଼ାର ଇନ୍ୟୁଟଙ୍କଠୁଁ ଆଫ୍ରିକାର ବୁଶମାନ୍ ଯାଏ, ଓଡ଼ିଶାର ଘଞ୍ଚ ଜଙ୍ଗଲର କନ୍ଧ, ଜୁଆଙ୍ଗଙ୍କଠୁଁ ମଧ୍ୟପ୍ରଦେଶର ଅବୁଝମାର, ଉତ୍ତର-ପୂର୍ବ ଭାରତର ଆପାଟୋନିଙ୍କ ଯାଏ- ସମସ୍ତେ ନିଜ ନିଜ ବାଗରେ ପ୍ରଶ୍ନ ପଚାରିଛନ୍ତି, ସମ୍ଭାବ୍ୟ ଉତ୍ତର ଦେଇଛନ୍ତି। ସେ ଉତ୍ତର ସମୟକ୍ରମେ ଗଡ଼ିଆସିଛି ମୁହଁରୁ ମୁହଁକୁ, ଓଠରୁ ଓଠକୁ ଆମ ସମୟ ଯାଏ।

ଓଡ଼ିଶାର ଜୁଆଙ୍ଗ ସମ୍ପ୍ରଦାୟ ଅତି ପୁରାତନ ଓ ବିଶିଷ୍ଟ ଆଦିବାସୀ ଗୋଷ୍ଠୀଟିଏ। ଓଡ଼ିଶା ଛଡ଼ା ଭାରତରେ ଅନ୍ୟ କେଉଁଠି ସେମାନେ ନାହାନ୍ତି। କେନ୍ଦୁଝର ଜିଲ୍ଲାର ୪ଟି 'ପୀଢ଼'ରେ ସେମାନଙ୍କ ବସତି। ସାମଗ୍ରୀକ ଭାବରେ ଅଞ୍ଚଳର ନାଁ ଜୁଆଙ୍ଗ ପୀଢ଼। ବେଳଥିଲା ସେମାନେ ବାହାରର ସମାଜଠୁଁ ଆପଣାକୁ ସ୍ୱାଭାବିକ ଭାବେ, ଇଚ୍ଛାକୃତ ଭାବେ ଦୂରରେ ରଖୁଥିଲେ। ଗୋନାସିକା ଥିଲା ପୃଥିବୀ ସୃଷ୍ଟିର ଆଦିକାଳ ଓ ପ୍ରଥମ ମଣିଷର ଜନ୍ମସ୍ଥାନ। ତାପରେ ସମାଜ ଓ ବିଭିନ୍ନ ବଂଶର ସୃଷ୍ଟି- ସେମାନଙ୍କର ସମ୍ପର୍କ। ପୁଣି ଜୀବନ ସହ ମରଣର ସମ୍ପର୍କ ସମ୍ବନ୍ଧୀୟ, ପ୍ରଶ୍ନ। କାହିଁକି ମଣିଷ ଜନ୍ମ ହୁଏ, ପୁଣି ମରେ ତା'ର ଉତ୍ତର ଖୋଜା।

ଏଇସବୁ ପର୍ଯ୍ୟାୟରେ ଜୁଆଙ୍ଗଙ୍କ ପାରମ୍ପରିକ କଥାସବୁ ସୃଷ୍ଟ ହୋଇଛି, ତାଙ୍କ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୋଇଛି, ଆଜି ପର୍ଯ୍ୟନ୍ତ ଗଡ଼ି ଗଡ଼ି ଆସିଛି। ସେମାନେ ବି କଳ୍ପନା କରିଛନ୍ତି ଯେ ବେଳଥିଲା ଚାରିଆଡ଼େ ଖାଲି ପାଣି ଆଉ ପାଣି, ସାଗର ହିଁ ସାଗର। ତାରି ଭିତରେ ଜନ୍ମ ନେଇଥିଲା 'ଜୀବନ'। ସ୍ରଷ୍ଟା, କେହି ଜଣେ ସର୍ବଶକ୍ତିମାନ ବ୍ୟକ୍ତି, ଆମ ଆଦିପୁରୁଷ, ଆଦିସ୍ତ୍ରୀଙ୍କର ଜନ୍ମଦାତା। ବିଶ୍ୱସୃଷ୍ଟିର ପ୍ରକ୍ରିୟା, ଜଳସ୍ଥଳ ଆକାଶ ସୃଷ୍ଟିର ପ୍ରକ୍ରିୟା ସମ୍ପର୍କରେ 'କଥା' ତିଆରି ହୋଇଛି। ସାନ୍ତାଳଙ୍କ ବିନ୍‌ତିରେ ଯାହା, ହିନ୍ଦୁ ସଂସ୍କୃତିରେ ପ୍ରଳୟକାଳୀନ ଜଳ ରାଶିରେ ଭାସମାନ ବଟପତ୍ରରେ ପୃଥିବୀର ସୃଷ୍ଟିକଥା ସେଇଆ ଆଉ ଜୁଆଙ୍ଗର ସୃଷ୍ଟି ରହସ୍ୟର କାରଣ ବି ସେଇଆ, ସମ୍ପୂର୍ଣ୍ଣ ଭାବେ ସମାନ୍ତରାଳ।

ସାନ୍ତାଳ ଭାବେ ସ୍ୱାସ୍ଥ୍ୟ, ନୀରୋଗ ଜୀବନ, କେଉଁ ସରୁ ନ ଥିବା ଜୀବନ 'ସ୍ୱାଭାବିକ' ଓ ବିଧିଦତ୍ତ। ରୋଗବୈରାଗ, ମରଣ- ଅସ୍ୱାଭାବିକ। ଏଇ ଅସ୍ୱାଭାବିକର କାରଣ ଖୋଜିଛି, ଉତ୍ତର ଖୋଜିଛି। ମଣିଷକୁ ମୃତ୍ୟୁ କିଏ ଦିଏ ?

କ'ଣ ପାଇଁ ? କ'ଣ ଏ ପୃଥିବୀରେ ଖୁବ୍ ବେଶି ମଣିଷଙ୍କ ପାଇଁ ଜାଗା ନ ଥିବାରୁ ? ନା' ଭଲ ମଣିଷଙ୍କୁ ଭଗବାନ ସ୍ୱର୍ଗକୁ ନିଅନ୍ତି, ଖରାପ ମଣିଷଙ୍କୁ ନର୍କକୁ। ଇତ୍ୟାଦି ଇତ୍ୟାଦି କେତେ 'କଥା।'

କଥାର ପରିସର ବଢ଼ି ବଢ଼ି ଚାଲେ। ସୂର୍ଯ୍ୟ ଚନ୍ଦ୍ରଠୁଁ ବଣ ଜଙ୍ଗଲର ସୃଷ୍ଟି ଯାଏ; ଆକାଶରେ ଉଲ୍‌କାପାତ, ଇନ୍ଦ୍ରଧନୁ ଠୁଁ ଚାଷବାସ, ଘର, ଘାଟ, ମଣ୍ଡଘର ମଜାଙ୍ଗର ସୃଷ୍ଟିଲୀଳା ଯାଏ। ବିବିଧ ବଂଶ ବା Clan ସୃଷ୍ଟିଠୁଁ, ସାମାଜିକ ଜୀବ ହିସାବରେ ଭଲ ମଣିଷ, ଠକ ମଣିଷ, ବୁଢ଼ାବୁଢ଼ୀ ପିଲା କବିଲା ଯାଏ- ସମସ୍ତିଙ୍କୁ ନେଇ ଜୁଆଙ୍ଗ କଥା ତିଆରି କରେ। ବ୍ୟକ୍ତି ମନସ୍ତତ୍ୱର କମାରଶାଳରେ ଜାତି ଜାତି କଥା, ବିଭିନ୍ନ ଭାବରେ ସୃଷ୍ଟି ହୋଇଯାଏ, ପାହାଡ଼ି ଝରଣା ପରି ଗଡ଼ି ଗଡ଼ି ଆସେ।

ମୋ ଜାଣିବାରେ ଓଡ଼ିଶାର ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କ ତୁଳନାରେ ଜୁଆଙ୍ଗମାନେ ବେଶି 'ପରିମାଣ'ର କଥା ସୃଷ୍ଟି କରିଛନ୍ତି। ଲୋକକଥା ସୃଷ୍ଟିରେ ଅଧିକତର 'ଆବିଷ୍କାର' କରୁଥିବା ମନ (inventing mind) ର ପରିଚୟ ଦେଇଛନ୍ତି। ସେମାନେ ସୃଷ୍ଟି କରିଛନ୍ତି ସବୁ ବସ୍ତୁ, ସବୁ ଘଟଣା, ସକଳ ସମ୍ପର୍କ ସଂବନ୍ଧରେ ଲୋକକଥା ଯାହା ସମାଜ ଅର୍ଥନୀତିର ପରିବର୍ତ୍ତନ ସତ୍ତ୍ୱେ, ଆଧୁନିକ ଶିକ୍ଷାର ପ୍ରଭାବ ସତ୍ତ୍ୱେ ଏଯାବତ୍ ଜୀବନ୍ତ, ପ୍ରଚଳିତ।

ସେହି ଅସଂଖ୍ୟ ଲୋକକଥାରୁ କିଛି ସଂଗ୍ରହ କରିଛନ୍ତି ଏ ପୁସ୍ତକଟିର ରଚୟିତାମାନେ। ସେଇ କଥାସବୁ ବଖାଣିଛନ୍ତି ଜୁଆଙ୍ଗଙ୍କ ସାବଲୀଳ ଭଙ୍ଗୀରେ କହିବା ବାଗରେ, ତାଙ୍କରି ଶବ୍ଦଙ୍କ ଉଚ୍ଚାରଣ ଶୈଳୀରେ। ମନେହୁଏ ଯେତେଦୂର ସମ୍ଭବ ଏଇ କଷ୍ଟକର ଅନ୍ତରଙ୍ଗତ୍ୱ (authenticity) କୁ ସେମାନେ ବଞ୍ଚେଇ ରଖିଛନ୍ତି। ଜୁଆଙ୍ଗକୁ ନ ଜାଣିଥିବା ପାଠକଙ୍କୁ କିଛି ସୁନ୍ଦର, ଆନନ୍ଦ ଦାୟକ, ଆମୋଦ ଦାୟକ ତଥା ବେଳେବେଳେ ଦୁଃଖଦାୟକ 'ଗଳ୍ପ' ଉପହାର ଦେଇଛନ୍ତି। ଏଥିପାଇଁ ସେମାନେ ନିଶ୍ଚୟ ଧନ୍ୟବାଦାର୍ହ।

# ସ୍ୱୀକାରୋକ୍ତି

ଲୋକକଥା ଲୋକମାନଙ୍କର। ତାଙ୍କର ସମାଜର ଓ ସଂସ୍କୃତିର କୋଠ ସମ୍ପତ୍ତି। ଏହାର କେହି ସତ୍ୱାଧିକାରୀ ନଥାନ୍ତି।

ଜୁଆଙ୍ଗ ଲୋକକଥା ଜୁଆଙ୍ଗମାନଙ୍କର। ଆମେ ସେଥିରୁ ଅଳ୍ପକିଛି, ତାଙ୍କଠାରୁ ମାଗିଆଣି ଭାଷାନ୍ତର ତଥା ସଂକଳନ କରିଛୁ। ତେଣୁ ସର୍ବପ୍ରଥମେ ଆମେ ତାଙ୍କ ନିକଟରେ କୃତଜ୍ଞତା ଜଣାଉଛୁ। କିନ୍ତୁ ଉପସ୍ଥାପନାରେ କିଛି ତ୍ରୁଟି ଥିଲେ ସେଥିପାଇଁ କ୍ଷମା ମାଗିନେଉଛୁ।

ଏହି ସଂକଳନଟିକୁ ସାକାର କରିବା ପାଇଁ ଅନେକଙ୍କ ଠାରୁ ଆମେ ସାହାଯ୍ୟ ନେଇଛୁ। ଏଥିପାଇଁ ବିଶେଷଭାବେ ଆମେ ସର୍ବଶ୍ରୀ ଜ୍ୟୋତିପ୍ରକାଶ ରାଉତ, ଯୁଧିଷ୍ଠିର ସାହୁ, କଳାକାର ଗଜେନ୍ଦ୍ର ସାହୁ, ଛତ୍ରପତି ବିଶ୍ୱାଳ ଓ ତପନ କୁମାର ମହାରଣା, ରିଲାଏନ୍ସ ଡିଜାଇନର୍ ଓ ପ୍ରିଣ୍ଟର ସଂସ୍ଥାର ବିନୟଭୂଷଣ ଦାଶ ଓ ନିରାକାର ମିଶ୍ର ଏବଂ ପ୍ରେସ୍ - ସେରିନ୍ ଗ୍ରାଫିକ୍ସର ପି.କେ. ଦାସମହାପାତ୍ରଙ୍କ ଅବଦାନକୁ ମୁକ୍ତକଣ୍ଠରେ ସ୍ୱୀକାର କରୁଛୁ। ଏମାନଙ୍କର ସହଯୋଗ ବିନା ସ୍ୱଳ୍ପ ସମୟ ମଧ୍ୟରେ ଏହି ସଙ୍କଳନର ପ୍ରକାଶନ ହୋଇ ପାରିନଥାନ୍ତା। ସମସ୍ତଙ୍କ ନିକଟରେ ଆମେ କୃତଜ୍ଞ।

ଜ୍ଞାନପୀଠ ପୁରସ୍କାର ବିଜେତା, ଯଶସ୍ୱୀ କବି ଡଃ ସୀତାକାନ୍ତ ମହାପାତ୍ର ତାଙ୍କର ବହୁମୂଲ୍ୟ ସମୟ ଦେଇ ଏହି ସଙ୍କଳନଟିର ପାଣ୍ଡୁଲିପିକୁ ପଠନ କରି ଏହାର ମୁଖବନ୍ଧ ରଚନା କରିଛନ୍ତି। ଏହା ଆମକୁ ଉତ୍ସାହିତ କରିଛି। ଆମେ ତାଙ୍କ ନିକଟରେ ଋଣୀ।

# ସୂଚୀପତ୍ର

| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| | **ସୃଷ୍ଟିର କାହାଣୀ** | |
| ● | ସୃଷ୍ଟିର ଆଦିକଥା | ୧ |
| ୦୧. | ସୃଷ୍ଟିର ଆଦିକଥା (୧)<br>ଧରମଦେବତାଙ୍କ ପୃଥିବୀ ସର୍ଜନା ଓ ଋଷିଙ୍କ ଚରମ ତ୍ୟାଗ | ୨ |
| ୦୨. | ସୃଷ୍ଟିର ଆଦିକଥା (୨)<br>ପୃଥିବୀ ସର୍ଜନା, ମାନବ ସର୍ଜନା, ଅସୁରୀ କନ୍ୟା ଓ କପିଳା ଗାଈ | ୬ |
| ୦୩. | ସୃଷ୍ଟିର ଆଦିକଥା (୩)<br>ଗୋନାସିକା, ମାଲ୍ୟଗିରି, ନୀଳଗିରି ଆଦି<br>ପାହାଡ଼ ପର୍ବତ ଓ ପୁଣ୍ୟତୋୟା ବୈତରଣୀ ନଦୀର ଜନ୍ମ | ୯ |
| ୦୪. | ସୃଷ୍ଟିର ଆଦିକଥା (୪)<br>ପୃଥିବୀ ଓ ମାନବ ସର୍ଜନା | ୧୨ |
| ୦୫. | ଜୁଆଙ୍ଗଙ୍କ ସୃଷ୍ଟି (୧)<br>ମାନବ ଜାତିମାନଙ୍କ ସୃଷ୍ଟି | ୧୪ |
| ୦୬. | ଜୁଆଙ୍ଗଙ୍କ ସୃଷ୍ଟି (୨)<br>ଜୁଆଙ୍ଗ ଓ ଭୂୟାଁ ଗୋଷ୍ଠୀଙ୍କ ସୃଷ୍ଟି,<br>ପତ୍ର ପରିଧାନ ଓ କମାଣ ଚାଷ | ୧୮ |
| ୦୭. | ଜୁଆଙ୍ଗ ସୃଷ୍ଟି (୩)<br>ପାପର ଫଳ | ୨୧ |
| ● | **ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି** | **୨୪** |
| ୦୮. | ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୧)<br>ପ୍ରଥମ ଏଗାରଟି ବଂଶର କିମ୍ବଦନ୍ତୀ | ୨୫ |
| ୦୯. | ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୨)<br>ଗୁଣ୍ଡୁଚି ବକ୍ (ଗୁଣ୍ଡୁଚି ମୂଷା ବଂଶ) | ୨୮ |

୧୦. ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୩) ୩୦
ହରିଡାବକ୍ (ହରିଡ଼ା ବଂଶ)
୧୧. ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୪) ୩୨
ତାରିଆ ପରିଆ ବକ୍ (ଖଜୁରୀ ବଂଶ)
୧୨. ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୫) ୩୪
ଗୋନାସିକା ପର୍ବତ, ବୈତରଣୀ ନଦୀ ଓ
ଅନ୍ୟ ଏଗାରଟି ବଂଶର ସୃଷ୍ଟି
୧୩. ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୬) ୩୯
କପତା ବକ୍ (କପତା ବଂଶ)
୧୪. ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୭) ୪୩
ସେମିରି ବକ୍ (ଶିମିଳି ବଂଶ)
୧୫. ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୮) ୪୯
ଡିମିରିଆ ବକ୍ (ଡିମିରି ବଂଶ)
● **ଜୁଆଙ୍ଗ ଦେବାଦେବୀଙ୍କ ଆତ୍ମପ୍ରକାଶ** **୫୧**
୧୬. ଦେବାଦେବୀଙ୍କ ଆତ୍ମପ୍ରକାଶ (୧) ୫୨
ସୂର୍ଯ୍ୟ, ଚନ୍ଦ୍ର, ତାରା, ଘଡ଼ଘଡ଼ି ଓ ଚଡ଼ଚଡ଼ି
୧୭. ଦେବାଦେବୀଙ୍କ ଆତ୍ମପ୍ରକାଶ (୨) ୫୯
ବନରାଇ ଓ ବନଦୁର୍ଗା
୧୮. ଦେବାଦେବୀଙ୍କ ଆତ୍ମପ୍ରକାଶ (୩) ୬୩
ବଘିଆଦେଓ ବା ଭୂୟୋ ବଘିଆ (ବାଘ ଦେବତା)
୧୯. ଦେବାଦେବୀଙ୍କ ଆତ୍ମପ୍ରକାଶ (୪) ୬୬
ବୁଲାରୀ ବାଉଟୀ ଦେବୀ
● **ନିଆଁର ଜନ୍ମ** **୭୨**
୨୦. ନିଆଁର ଜନ୍ମ (୧) ୭୩
ନିଆଁ, ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର
୨୧. ନିଆଁର ଜନ୍ମ (୨) ୭୬
କାରିକର (ନିଆଁ) ଦେବତା
୨୨. ନିଆଁର ଜନ୍ମ (୩) ୭୯
ଋଷିପୁତ୍ର ଓ ଅସୁରୀ କନ୍ୟା

- ● ମୃତ୍ୟୁର ଆଗମନ ୮୬
- ୨୩. ମୃତ୍ୟୁର ଆଗମନ (୧) ୮୭
  ଛଦ୍ମବେଶୀ ସନ୍ନ୍ୟାସୀ
- ୨୪. ମୃତ୍ୟୁର ଆଗମନ (୨) ୯୦
  ଝିଣ୍ଟିକାରୂପୀ ମୃତ୍ୟୁଦୂତ
- ୨୫. ମୃତ୍ୟୁର ଆଗମନ (୩) ୯୪
  ମହାପରବୁଙ୍କ ଲୀଳା
- ୨୬. ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ସମୟଙ୍କ ସୃଷ୍ଟି ୧୦୩
  (ଆଜି, ଗତକାଲି ଓ ଆସନ୍ତାକାଲି)ର ସୃଷ୍ଟି
- ୨୭. ବଣ ଝରଣାର ଜନ୍ମ ୧୦୬
- ୨୮. ମଣ୍ଡଘରର ସୃଷ୍ଟି ୧୦୮
- ୨୯. ପ୍ରଥମ ପୋଷାକର ସୃଷ୍ଟି ୧୧୧
- ୩୦. ଗୁଣିବିଦ୍ୟାର ସୃଷ୍ଟି ୧୧୩
- ୩୧. ପୃଥିବୀରେ ପ୍ରଥମ ଉଲ୍‌କାପାତ ୧୧୫
- ୩୨. ଇନ୍ଦ୍ରଧନୁର ସୃଷ୍ଟି ୧୧୭
- ୩୩. କମଣ (ପୋଡୁ)ଚାଷର ଆରମ୍ଭ ୧୨୦


## ଅନ୍ୟାନ୍ୟ କାହାଣୀ


- ୩୪. ଟିକି ଚଢ଼େଇ ଓ ଛେଳି ଜଗୁଆଳୀ ପିଲା କଥା ୧୨୪
- ୩୫. ଦୁଇ ସଙ୍ଗାତ କଥା ୧୨୭
- ୩୬. ମୂଷାଛୁଆ କଥା ୧୩୦
- ୩୭. ବୁଢ଼ା ବୁଢ଼ୀଙ୍କ କଥା ୧୩୩
- ୩୮. ଚଷା ପୁଅର ପ୍ରତାରଣା ୧୩୫
- ୩୯. ମଇଁଷିର ପ୍ରତିଦାନ ୧୩୯
- ୪୦. ଭାଗ୍ୟର ଖେଳ ୧୪୨
- ୪୧. ଠକ ବୁଢ଼ା ୧୪୪
- ୪୨. ଜୁଆଙ୍ଗ ଝିଅର ଆତ୍ମ ସମ୍ମାନ ୧୪୫
- ୪୩. ସାହାଡ଼ା କନିଆଁ କଥା ୧୪୮
- ● ସ୍ୱତନ୍ତ୍ର ଶବ୍ଦର ଟିପ୍ପଣୀ ୧୫୫

# ପ୍ରାକ୍ କଥନ

ଭାରତର ଅନୁସୂଚିତ ଜନଜାତି ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଓଡ଼ିଶାରେ ୬୨ ପ୍ରକାରର ଅନୁସୂଚିତ ଜନଜାତି ବାସ କରନ୍ତି, ସେମାନଙ୍କର ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶରୁ ସାମାନ୍ୟ କମ୍। ସେମାନେ ମୁଖ୍ୟତଃ ରାଜ୍ୟର ଉତ୍ତର-ପଶ୍ଚିମ ଓ ଦକ୍ଷିଣାଞ୍ଚଳର ଦୁର୍ଗମ ମାଳଅଞ୍ଚଳରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ଆଧୁନିକ ସଭ୍ୟତାର ପରିଧି ବାହାରେ ପ୍ରକୃତି କୋଳରେ ସମସ୍ତ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଅହରହ ଜୀବନ ସଂଗ୍ରାମ କରୁଥିବା ଏହି ଅମୃତର ସନ୍ତାନମାନେ ଜୀବନର ନିଷ୍ଠୁର ବାସ୍ତବତାକୁ ଅତି ସହଜ ଓ ନିର୍ବିକାର ଭାବେ ଗ୍ରହଣ କରିନେଇ ତାଙ୍କର ସରଳ ନିରାଡମ୍ବର ଜୀବନ ଓ ଲୋକସଂସ୍କୃତିର ପ୍ରତ୍ୟେକ ଅଙ୍ଗକୁ ସୃଜନଶୀଳ, ଉଦ୍ଦୀପକ ତଥା ଲାଳିତ୍ୟମୟ କଳା, ନୃତ୍ୟ, ଗୀତ ଓ ଲୋକ ସାହିତ୍ୟର ବିଭବରେ ସମୃଦ୍ଧ କରିଥାନ୍ତି। ତେଣୁ ସମସ୍ତ ଦୁଃଖ, କଷ୍ଟ, ଅଭାବ ଓ ଅନାଟନ ଭିତରେ ବି ସେମାନେ ସୁଖୀ। ଜୀବନର ପ୍ରତ୍ୟେକ ଅବସରକୁ ସେମାନେ ତିଳ ତିଳ କରି ରସମୟ ଓ ଆନନ୍ଦମୟ କରିଥାନ୍ତି ତାଙ୍କର କଳା, ସାହିତ୍ୟ, ନୃତ୍ୟ ଓ ଗୀତର ଅଖଣ୍ଡ ପରମ୍ପରା ମାଧ୍ୟମରେ।

ତାଙ୍କର ସୃଜନୀ ପ୍ରତିଭାର ଏକ ବିଶେଷ ଦିଗ ହେଉଚି ତାଙ୍କର ଲୋକ ସାହିତ୍ୟ। ଅନେକ ଶିକ୍ଷଣୀୟ, ଉପାଦେୟ ଓ ମନୋରଞ୍ଜନ ଧର୍ମୀ କଥା, କାହାଣୀ, କିମ୍ବଦନ୍ତୀ, କବିତା, ଢଗଢମାଳି ଆଦିର ପରମ୍ପରାରେ ସଜ୍ଜିତ ଏହି ଜନଜାତି ଲୋକ ସାହିତ୍ୟ ବାସ୍ତବରେ ବିଶୁଦ୍ଧତାର ପ୍ରତୀକ। ଏହି ସାହିତ୍ୟ ଉପରେ ଯଥେଷ୍ଟ

ପରିମାଣରେ ଅଧ୍ୟୟନ ଓ ଗବେଷଣା ହୋଇପାରି ନଥିବାରୁ ଏହାର ବାସ୍ତବିକତା ଲୋକଲୋଚନକୁ ଆସିପାରି ନାହିଁ। ଏହାର କାରଣ ବିଭିନ୍ନ ଅନୁସୂଚିତ ଜନଜାତି ସମ୍ପ୍ରଦାୟମାନଙ୍କର ଭିନ୍ନ ଭିନ୍ନ ନିଜସ୍ୱ କଥିତ ଭାଷା ରହିଥିଲେ ମଧ୍ୟ ଅଧିକାଂଶର ଲିପି ସଙ୍କେତ ନଥିବାରୁ, ସାହିତ୍ୟର ଲିଖିତ ରୂପ ନାହିଁ। ଏହା ସତ୍ତ୍ୱେ ବି ସେମାନଙ୍କ ସାହିତ୍ୟ କାଳଜୟୀ ହୋଇପାରିଛି। କେଉଁ ଅନାଦି କାଳରୁ ଏହା ସେମାନଙ୍କ ସ୍ୱତନ୍ତ୍ର ସଂସ୍କୃତି ସହ ଓତପ୍ରୋତଃ ଭାବେ ଜଡ଼ିତ ହୋଇ ପୁରୁଷାନୁକ୍ରମିକ ଭାବେ ପୂର୍ବ ପୁରୁଷଙ୍କ ଠାରୁ ଉତ୍ତର ପୁରୁଷଙ୍କ ପାଖକୁ ପାରମ୍ପରିକ ରୀତିରେ ପ୍ରସାରିତ ହୋଇ ଲୋକମୁଖରେ, ଜୀବନ୍ତ, ବିସ୍ତାରିତ ଓ ବିକଶିତ ହୋଇ ଆସିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଜନଜାତି ସମ୍ପ୍ରଦାୟର ସ୍ୱତନ୍ତ୍ର ଗୋଷ୍ଠୀ ସ୍ୱାତନ୍ତ୍ର୍ୟ ତଥା ପରିଚୟ ବହନ କରିଛି। ମାତ୍ର ନିଜସ୍ୱ ସୀମିତ ପୃଥିବୀରେ ବଞ୍ଚିଥିବା ଏହି ଜନଜାତି ଗୋଷ୍ଠୀମାନଙ୍କ ସୀମିତ ପରିସର ମଧ୍ୟରେ ସୀମାବଦ୍ଧ ହୋଇ ରହିଯାଇଛି ତାଙ୍କର ଏହି ମୌଖିକ ଲୋକସାହିତ୍ୟ।

ଯେକୌଣସି ଜନଜାତି ଗୋଷ୍ଠୀର ଲୋକସାହିତ୍ୟ ତାର ଅତୀତର ଇତିହାସ, ସମାଜର ଇତିହାସ ଓ ତାର ସଂସ୍କୃତିର ଇତିହାସ। ଏହା ତାର ଅତୀତର ରେଖାଚିତ୍ର, ଆନୁବଂଶିକ ଜୀବନଯାପନ ପ୍ରଣାଳୀର ବୈଚିତ୍ର୍ୟର ରେଖାଚିତ୍ର, ତାର ଆଶା, ଆକାଂକ୍ଷା, ସ୍ୱପ୍ନ, ମୂଲ୍ୟବୋଧ, ଚରିତ୍ର, ବିଶ୍ୱାସ, ପ୍ରଥା ଓ ପରମ୍ପରାର ପ୍ରତିଛବି। ଏହାର କଥାବସ୍ତୁ ଓ ଚରିତ୍ର କେତେକାଂଶରେ ସାର୍ବଜନୀନ, ମାତ୍ର ଅନେକାଂଶରେ ସେମାନଙ୍କର ଗୋଷ୍ଠୀ ସ୍ୱାତନ୍ତ୍ର୍ୟର ପରିଚାୟକ। ଏହାର ଆଙ୍ଗିକ ବିଭବ ସହ ଆତ୍ମିକ ସୌଷ୍ଠବ ମଧ୍ୟ ଖୁବ୍ ଆକର୍ଷଣୀୟ। ଏପରିକି ଏହାର କଥନ, ବର୍ଣ୍ଣନ ବା ଗାୟନ ଜନଜାତିଙ୍କର ସ୍ୱଭାବ ସୁଲଭ ସରଳତା, ନିଷ୍କପଟତା, ସ୍ପଷ୍ଟବାଦିତା ତଥା ନିର୍ଭୀକତା ଚରିତ୍ର ପରି ସ୍ପଷ୍ଟ ଖୋଲାଖୋଲି ଯେ ତାକୁ ତାର କଥିତ ଭାଷା ଓ ସାଂସ୍କୃତିକ ପରିବେଶର ସୀମା ବାହାରକୁ ଆଣି ଅନ୍ୟ ଭାଷା ମାଧ୍ୟମରେ ଅବିକଳ ପ୍ରକାଶ କରିବା ଏତେ ସହଜସାଧ୍ୟ ନୁହେଁ। ଏପରି କଲେ ଏହା ମନ୍ଦିର ଗାତ୍ରରେ ପାଷାଣ ମୂର୍ତ୍ତି ପରି ନିଷ୍ପ୍ରାଣ ଓ ମଳିନ ହୋଇ ରହିଯିବ।

ଜନଜାତି ଲୋକ ସାହିତ୍ୟର ଏକ ବିଶିଷ୍ଟ ତଥା ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ଲୋକ କଥା ବା ଲୋକଗଳ୍ପ। ପ୍ରତ୍ୟେକ ଜନଜାତି ସମ୍ପ୍ରଦାୟର ନିଜସ୍ୱ ଅନେକ କଥା, କାହାଣୀ ଓ କିମ୍ୱଦନ୍ତୀ ରହିଛି। ଏଗୁଡ଼ିକ ତୁଣ୍ଡରୁ ତୁଣ୍ଡକୁ ପ୍ରବାହିତ ହୋଇ ବିଭିନ୍ନ ସମୟର ଘଟଣା, ସ୍ୱପ୍ନ ଓ ଅଭୀପ୍ସାକୁ ଚିତ୍ରିତ କରିଥାଏ। ଏହି କାହାଣୀ କହିବାର ସ୍ୱତନ୍ତ୍ର ଶୈଳୀ ରହିଛି। ଗ୍ରାମର ବୟୋବୃଦ୍ଧ ନରନାରୀ, ପୂଜକ, ମୁଖିଆ, ଗୁଣିଆ, ବଇଦ ଆଦି ନେତୃସ୍ଥାନୀୟ ତଥା ସମ୍ମାନୀୟ ବ୍ୟକ୍ତିମାନେ ବିଭିନ୍ନ ଅବସର ସମୟରେ, ଏହି କାହାଣୀମାନ ବଖାଣି ନିଜ ସମ୍ପ୍ରଦାୟର ସ୍ୱତନ୍ତ୍ର ଲୋକସଂସ୍କୃତି, ମୂଲ୍ୟବୋଧ, ତଥା ଗୋଷ୍ଠୀ ପରିଚୟ ବଜାୟ ରଖିଥାନ୍ତି। ଯୁବପିଢ଼ି ଏହି କାହାଣୀ ଅନୁଧ୍ୟାନକରି ଅନୁପ୍ରାଣିତ ହୁଅନ୍ତି। ତାଙ୍କର ପରବର୍ତ୍ତୀ ବଂଶଧରମାନଙ୍କୁ ପ୍ରତ୍ୟାର୍ପଣ କରନ୍ତି। ଏହି ପରମ୍ପରା ଆବହମାନ କାଳରୁ ପ୍ରଚଳିତ।

ଏହିପରି ଜନଜାତି ଲୋକଗଳ୍ପର ବିଭିନ୍ନ ଦିଗର ମହତ୍ତ୍ୱ ଉପରେ ଆଲୋଚନା କରିବାକୁ ଗଲେ ଏକ ଅସରନ୍ତି ଇତିହାସ ହେବ। ହେଲେ ବର୍ତ୍ତମାନ ପରିସ୍ଥିତିରେ ଆଧୁନିକ ସଭ୍ୟତା, ଶିକ୍ଷା ଓ ବିକାଶ ସ୍ରୋତର କ୍ରମାଗତ ଆକ୍ରମଣରେ ସୁନ୍ଦର ଲୋକ ପରମ୍ପରା ରୁଦ୍ଧଶ୍ୱାସ ହୋଇ ଲୋପ ପାଇବା ପୂର୍ବରୁ ସେଥିରୁ କିଛି ଉଦ୍ଧାର କରି ତାକୁ ଭାଷାନ୍ତର ଏବଂ ସଂକଳନ କରି ପୁସ୍ତକ ମାଧ୍ୟମରେ ପ୍ରକାଶ କରି ଲୋକଲୋଚନକୁ ଆଣିବା ପାଇଁ ଏକ କ୍ଷୁଦ୍ର ଉଦ୍ୟମ କରାଯାଇଛି। ଏହି ପ୍ରୟାସର ପ୍ରଥମ ଅର୍ଘ୍ୟ "ସଉରା ଲୋକକଥା" ସଙ୍କଳନ ଗତ ଡିସେମ୍ବର, ୨୦୦୫ରେ ପ୍ରକାଶିତ ଓ ଲୋକାର୍ପିତ ହୋଇଛି। "ଜୁଆଙ୍ଗ ଲୋକକଥା"ଟି ଆମର ଦ୍ୱିତୀୟ ଅର୍ଘ୍ୟ।

ଓଡ଼ିଶାରେ ବାସ କରୁଥିବା ୬୨ଟି ଅନୁସୂଚିତ ଜନଜାତି ମଧ୍ୟରେ ଜୁଆଙ୍ଗ ଅନ୍ୟତମ। କେବଳ ଓଡ଼ିଶାକୁ ଛାଡ଼ିଦେଲେ ଅନ୍ୟକୌଣସି ରାଜ୍ୟରେ ଜୁଆଙ୍ଗ ଦେଖାଯାଆନ୍ତି ନାହିଁ। ୧୯୯୧ ଜନଗଣନା ଅନୁସାରେ ଓଡ଼ିଶାରେ ଜୁଆଙ୍ଗମାନଙ୍କ ସଂଖ୍ୟା ୩୫,୬୬୫। 'ଜୁଆଙ୍ଗ' ଶବ୍ଦର ଅର୍ଥ 'ମଣିଷ'।

କେନ୍ଦୁଝର ଜିଲ୍ଲାର ଦୁର୍ଗମ ଗୋନାସିକା ପର୍ବତ ଅଞ୍ଚଳ ଜୁଆଙ୍ଗ ମାନଙ୍କର ପ୍ରଧାନ ବାସସ୍ଥଳୀ ଯାହାକୁ ସେମାନେ ନିଜର ମାତୃଭୂମି ଅର୍ଥାତ୍ 'ମାଟି ପୃଥିବୀ'ର ସମ୍ମାନ ଦେଇଥାନ୍ତି। ଏହି ଅଞ୍ଚଳରେ ଚାରୋଟି ଜୁଆଙ୍ଗ ପୀଢ଼ ଅଛି ଯଥା- କାଠୁଆ, ରେବେଣା, ସାତଖଣ୍ଡ ଓ ଝାଡ଼ଖଣ୍ଡ। ପ୍ରତ୍ୟେକ ପୀଢ଼ ଅଧିନରେ ଅନେକ ଜୁଆଙ୍ଗ ବସତି ଅଛି। ବିଭିନ୍ନ ଐତିହାସିକ ଏବଂ ସାମାଜିକ କାରଣରୁ ବିଭିନ୍ନ ସମୟରେ ଅନେକ ଜୁଆଙ୍ଗ କେନ୍ଦୁଝର ଜୁଆଙ୍ଗ ପୀଢ଼ ଅଞ୍ଚଳରୁ ଚାଲିଯାଇ ପଡ଼ୋଶୀ ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା ଅଞ୍ଚଳରେ ବସବାସ କରୁଛନ୍ତି। କେନ୍ଦୁଝର ଜୁଆଙ୍ଗ ପୀଢ଼ର ଜୁଆଙ୍ଗମାନେ ନିଜକୁ 'ଥାନିଆ' ଅର୍ଥାତ୍ 'ଅସଲି' ଜୁଆଙ୍ଗ ଓ ପାଲଲହଡ଼ା ଅଞ୍ଚଳର ଭାଇମାନଙ୍କୁ 'ଭାଗୁଡ଼ିଆ' ଅର୍ଥାତ୍ 'ପଳାତକ' ବୋଲି କହି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାନ୍ତି।

ଜୁଆଙ୍ଗମାନେ ସ୍ୱଭାବରେ ସରଳ, ସାଧୁ, ନିଷ୍କପଟ, ନିର୍ଭୀକ, ସ୍ପଷ୍ଟବାଦୀ, ସମାଜପ୍ରାଣ, ପରମ୍ପରା ଧର୍ମୀ, ସତ୍ୟବାଦୀ, ଈଶ୍ୱର ବିଶ୍ୱାସୀ, ଶାନ୍ତ ଓ ଲଜ୍ଜାଶୀଳ। ସେମାନଙ୍କ ପାରମ୍ପରିକ ଜୀବିକା ମୁଖ୍ୟତଃ ପୋଡୁଚାଷ, ଶିକାର ଓ ଜଙ୍ଗଲଜାତ ଖାଦ୍ୟ ସଂଗ୍ରହ ଉପରେ ନିର୍ଭରଶୀଳ। ସେମାନଙ୍କ ସଂସ୍କୃତି ଅନନ୍ୟ। ଏଥିରେ ରହିଛି ଅନେକ ବୈଶିଷ୍ଟ୍ୟ। ତା ମଧ୍ୟରୁ କେତୋଟି ମୁଖ୍ୟ ବୈଶିଷ୍ଟ୍ୟ ହେଲା- ଗୋଟିଏ ଗ୍ରାମରେ ରହୁଥିବା ପୁଅ ଝିଅଙ୍କ ମଧ୍ୟରେ ବିବାହ ନିଷେଧ ଓ ନିଜ ଗ୍ରାମ ଛାଡ଼ି ବାହାରର 'ବନ୍ଧୁ' ସମ୍ପର୍କୀୟ ଗ୍ରାମରୁ ଜୀବନସଙ୍ଗୀ ନିର୍ବାଚନର ପରମ୍ପରା, ଗ୍ରାମର ବଳିଷ୍ଠ ଯୁବସଙ୍ଗଠନ- 'ମଜାଙ୍ଗ', ଗ୍ରାମର ନିରଙ୍କୁଶ କ୍ଷମତାସମ୍ପର୍ଣ୍ଣ ପାରମ୍ପରିକ ସାମୂହିକ ନେତୃତ୍ୱ 'ବାରଭାଇ' ବା 'ଭଲଭାଇ', ଆଦିମ ସାମ୍ୟବାଦର ନୀତି ଉପରେ ପ୍ରତିଷ୍ଠିତ ସମବାୟ ଭିତ୍ତିକ ଜୀବନଧାରା ଯେଉଁଥିରେ ସମାଜ ମୁଖ୍ୟ ଓ ବ୍ୟକ୍ତି ତାର ଅଂଶବିଶେଷ ମାତ୍ର ଏବଂ କେବଳ ସହମତି ଉପରେ ପ୍ରତିଷ୍ଠିତ ନ୍ୟାୟ ବିଚାର ଓ ନିଷ୍ପତ୍ତି ବ୍ୟବସ୍ଥା।

ଜୁଆଙ୍ଗମାନଙ୍କର ନିଜସ୍ୱ କଥିତ ଭାଷା ରହିଛି ଯାହାକୁ 'ଜୁଆଙ୍ଗ' କୁହାଯାଏ। ଏହି ଭାଷା 'ମୁଣ୍ଡାରୀ' ଭାଷା ପରିବାରର ଅନ୍ତର୍ଭୁକ୍ତ। ମାତ୍ର ଅଧିକାଂଶ ଜନଜାତି ମାନଙ୍କର ନିଜସ୍ୱ ଭାଷା ପରି ଏହାର ଲିପି ସଙ୍କେତ ନଥିବାରୁ ଏହା ମୌଖିକ ଲୋକଭାଷା ରୂପେ ପ୍ରଚଳିତ। ତେଣୁ ଜୁଆଙ୍ଗ ଲୋକ ସାହିତ୍ୟ ଏକ ମୌଖିକ ତଥା ବିଶୁଦ୍ଧ ସାହିତ୍ୟ ରୂପେ ଲୋକମୁଖରେ ବଞ୍ଚି ରହିଛି।

ନିର୍ଦ୍ଦିଷ୍ଟ ଲୋକକଥା ମାନଙ୍କର ବର୍ଣ୍ଣନା ଆରମ୍ଭ କରିବା ପୂର୍ବରୁ ନାୟକ ନାୟିକା ଓ ମୁଖ୍ୟ ଚରିତ୍ରମାନଙ୍କ ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଇପାରେ। ଏହି ମୁଖ୍ୟ ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି, 'ଧରମ ଦେବତା', ବା 'ମହାପରବୁ', 'ବସୁମାତା', 'ବସୁକିମାତା' ବା 'ଧରତୀ ମାତା', ଅର୍ଥାତ୍ ମାତା ବସୁନ୍ଧରା, 'ଋଷି ଓ ଋଷିଆଣୀ', 'ସାତ କନିଆଁ', 'ଅସୁରୁଣୀ', 'ସଇଁଆ ବୁଢ଼ା' ଓ 'ସଇଁ ବୁଢ଼ୀ', 'ବଘିଆ ଦେଓ' ବା 'ଭୂୟୋ ବଘିଆ' ଅର୍ଥାତ୍ ବାଘ ଦେବତା ଇତ୍ୟାଦି।

'ଧରମ ଦେବତା' ବା 'ମହାପରବୁ' ଜୁଆଙ୍ଗମାନଙ୍କର ସର୍ବୋଚ୍ଚ ଦେବତା। ଅଧିକାଂଶ କିମ୍ବଦନ୍ତୀରେ ତାଙ୍କର ସୃଷ୍ଟି ସର୍ଜନା ଓ ମାନବ କଲ୍ୟାଣକାରୀ କାର୍ଯ୍ୟକଳାପର ପ୍ରଶସ୍ତି ଗାନ କରାଯାଏ। ସେ ସ୍ୱୟଂ ସୃଷ୍ଟିକର୍ତ୍ତା, ସେ ସୃଷ୍ଟି କରିଛନ୍ତି ଏ ସୁନ୍ଦର ପୃଥିବୀ, ମଣିଷ, ବୃକ୍ଷଲତା, ପାହାଡ଼ ପର୍ବତ, ନଦୀ ନାଳ ଇତ୍ୟାଦି ଓ ଜୀବନଚକ୍ର ଅହରହ ଚାଳନା କରିବାକୁ ନିଯୁକ୍ତ କରିଛନ୍ତି ମୃତ୍ୟୁ ଦେବତାଙ୍କୁ। ସେ ପରମ କରୁଣାମୟ। ଜୁଆଙ୍ଗମାନେ ଅନ୍ୟ ଦେବାଦେବୀଙ୍କ ପରି ତାଙ୍କୁ ନିୟମିତ ବା ବିଧିବଦ୍ଧ ଭାବେ କୌଣସି ପୂଜା ଆରଧାନା କରିନଥାନ୍ତି। ଜୁଆଙ୍ଗମାନଙ୍କର ସର୍ବୋଚ୍ଚ ଦେବୀ 'ବସୁକୀ ମାତା' ମଧ୍ୟ 'ଧରମ ଦେବତା'ଙ୍କ ସମାନ ସ୍ଥାନର ଅଧିକାରିଣୀ, କାରଣ ସେ ମା' ପରି ସ୍ନେହମୟୀ, କରୁଣାମୟୀ, ଜଗତର ଧାତ୍ରୀ ଓ ପାଳନକର୍ତ୍ତ୍ରୀ। ଧରମ ଦେବତାଙ୍କ ପରି ନିୟମିତ ପୂଜା ପାଆନ୍ତିନି। ମାତ୍ର ପ୍ରତ୍ୟେକ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଏବଂ ଧାର୍ମିକ

ଅନୁଷ୍ଠାନରେ ଧରମ ଦେବତା ଓ ବସୁକୀ ମାତାଙ୍କୁ ସ୍ମରଣ କରି, ପ୍ରାର୍ଥନା ଓ ନୈବେଦ୍ୟ ଅର୍ପଣ କରାଯାଏ। ତାଙ୍କ ନାମ ଧରି ନ୍ୟାୟବିଚାର ଓ ନିଷ୍ପତ୍ତି ନିଆଯାଏ ଓ ତାଙ୍କୁ ସାକ୍ଷୀ ରଖି ଶପଥ ନିଆଯାଏ। ସେମାନେ ବିଶ୍ୱର ଆଧାର, ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ।

ଆଉ ଦୁଇଟି ମୁଖ୍ୟ ଚରିତ୍ର ହେଲେ ସୃଷ୍ଟିର ପ୍ରଥମ ମାନବ ଦମ୍ପତ୍ତି, ତଥା ମାନବ ଜାତିର ଜନକ ଓ ଜନନୀ 'ରଷି' ଓ 'ରଷିଆଣୀ'। ସେମାନଙ୍କୁ ଜୁଆଙ୍ଗମାନେ ଦେବତାଭଳି ସମ୍ମାନ ଦିଅନ୍ତି। ଜୁଆଙ୍ଗ, ଭୂୟାଁ ଆଦି ବିଭିନ୍ନ ମାନବଜାତିର ଜନ୍ମଦାତା, ଏହି ମହାନ୍ ଦମ୍ପତ୍ତି ମାନବ ସମାଜ ଓ ସଂସ୍କୃତିର ରଚନା, ବିକାଶ ଓ ସଂରକ୍ଷଣ ପାଇଁ ଚରମ ତ୍ୟାଗ ଓ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ସନ୍ତାନ ହୋଇଥିବାରୁ ଜୁଆଙ୍ଗମାନେ ନିଜକୁ ରଷିପୁତ୍ର ବୋଲି ସଗର୍ବେ କହିଥାନ୍ତି। ଧରମ ଦେବତା ଓ ବସୁକୀ ମାତାଙ୍କ ପରି ଏମାନେ ଆନୁଷ୍ଠାନିକ ଭାବେ ପୂଜିତ ହୁଅନ୍ତି ନାହିଁ, ମାତ୍ର ପ୍ରତ୍ୟେକ ସାମାଜିକ ତଥା ଧାର୍ମିକ ଅନୁଷ୍ଠାନ, ପୋଡୁଚାଷ କାର୍ଯ୍ୟକ୍ରମ ଇତ୍ୟାଦି ସମୟରେ ତାଙ୍କୁ ପ୍ରାର୍ଥନା କରାଯାଇ ତାଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଥାଏ।

ଏହି ସଙ୍କଳନରେ ଥିବା ଜୁଆଙ୍ଗ ଲୋକଗଳ୍ପ ଗୁଡ଼ିକ ଜୁଆଙ୍ଗ ସମାଜ ଓ ସଂସ୍କୃତିର ଆଇନା। ଏହା ସୁଧୀପାଠକଙ୍କ ଆଦର ଲାଭକଲେ ସଂଗ୍ରାହକମାନଙ୍କ ଶ୍ରମ ସାର୍ଥକ ହେବ।

- ମହାନ୍ତି ଗୋପୀନାଥ

# ସୃଷ୍ଟିର କାହାଣୀ

# ସୃଷ୍ଟିର ଆଦିକଥା

ପୃଥିବୀର ମାନବ ଜାତିର ଇତିହାସ ବହନ କରି ଜୁଆଙ୍ଗମାନଙ୍କ ମଧ୍ୟରେ ଅନେକ ଏବଂ ପରସ୍ପରଠାରୁ ସାମାନ୍ୟ ଭିନ୍ନ କିମ୍ବଦନ୍ତୀମାନ ପ୍ରଚଳିତ । ତା ମଧ୍ୟରୁ ସବୁଠୁ ବହୁଳ ଭାବେ କଥିତ ଓ ପ୍ରସାରିତ କେତୋଟି ପ୍ରଧାନ କିମ୍ବଦନ୍ତୀ ନିମ୍ନରେ ଅବତାରଣା କରାଯାଉଛି । ଏହି କିମ୍ବଦନ୍ତୀମାନଙ୍କ ସାରାଂଶ ଏହା ଯେ ପୃଥିବୀ ଓ ମାନବ ସମାଜ ଏକ ପର୍ଯ୍ୟାୟକ୍ରମେ ସୃଷ୍ଟି ହୋଇଛନ୍ତି । ପ୍ରଥମ ଅବସ୍ଥାରେ ପୃଥିବୀ ନ ଥିଲା । ବିଶ୍ୱ ଜଳରେ ପରିପୂର୍ଣ୍ଣ ଥିଲା । ଧରମ ଦେବତା ବା ମହାପରବୁ ପ୍ରଥମେ ନିଜ ଦେହର ମଳିରୁ ସୃଷ୍ଟିର ପ୍ରଥମ ମାନବ ଓ ମାନବୀ ଋଷି ଓ ଋଷିଆଣୀଙ୍କୁ ସୃଷ୍ଟି କଲେ ଏବଂ ପୃଥିବୀ ସର୍ଜନା କଲେ । ଅନ୍ୟ ଏକ ମତରେ- ଜଳରେ ଭାସୁଥିବା ପଦ୍ମପତ୍ର ଉପରେ ମନକୁ ମନ ପୃଥିବୀର ପ୍ରଥମ ନର ଓ ନାରୀ ଜନ୍ମ ହେଲେ । ପ୍ରଥମ ଅବସ୍ଥାରେ ପୃଥିବୀ ଜଳରେ ଭାସମାନ ଥିବାରୁ ଅସ୍ଥିର ଅବସ୍ଥାରେ ଥିଲା । ତେଣୁ ଜୀବଜଗତ ଧାରଣ କରିବାକୁ ଅକ୍ଷମ ଥିଲା । ଋଷି-ଋଷିଆଣୀଙ୍କ ପ୍ରଥମ ପୁତ୍ର ସନ୍ତାନ ଓ 'କପିଳା ଗାଈ'ର ବଳିରକ୍ତ ପାଇ ବସୁମାତା ତୃପ୍ତ ଓ ସ୍ଥିର ହେଲେ । ଏପରି ଚରମ ତ୍ୟାଗ ପରେ ଋଷି ଦମ୍ପତିଙ୍କର ଅନେକ ପୁତ୍ର ଓ କନ୍ୟା ଜନ୍ମ ହେଲେ ଯେଉଁମାନେ ହେଲେ ମାନବ ଜାତି ତଥା ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟର ଜନ୍ମଦାତା ।



# ସୃଷ୍ଟିର ଆଦିକଥା (୧)

## ଧରମଦେବତାଙ୍କ ପୃଥିବୀ ସର୍ଜନା ଓ ଋଷିଙ୍କ ଚରମ ତ୍ୟାଗ



ଆଦ୍ୟକାଳରେ ଯେତେବେଳେ ପୃଥିବୀର ସର୍ଜନା ହୋଇନଥାଏ ସେତେବେଳେ ବିଶ୍ୱ ବ୍ରହ୍ମାଣ୍ଡ ଅଥଳ ଜଳରାଶିରେ ପରିପୂର୍ଣ୍ଣ ଥିଲା। ସେଇ ଅଥଳ ଜଳରେ ଭାସୁଥିଲା ସୁନ୍ଦର ପଦ୍ମପତ୍ରଟିଏ।

ମହାପରବୁ ଧରମ ଦେବତା ପ୍ରଥମେ ନିଜେ ଦେହର ମଳିରୁ ସୃଷ୍ଟି କଲେ ଏକ ବାଘ ଓ ବାଘୁଣୀ। ବାଘ ଓ ବାଘୁଣୀଠୁଁ ଜନ୍ମ ନେଲେ ସୃଷ୍ଟିର ପ୍ରଥମ ମାନବ ଓ ମାନବୀ, 'ଋଷି ଓ ଋଷିଆଣୀ'। ବାଘ ବାଘୁଣୀଙ୍କଠାରୁ ଜନ୍ମ ନେଇଥିବାରୁ ଋଷିଙ୍କ ନାମ ହେଲା 'ବାଘ ଋଷି'। ବାଘ ଋଷି ଓ ଋଷିଆଣୀଙ୍କ ମିଳନରୁ ଜନ୍ମ ହେଲେ ଏକ ସୁନ୍ଦର ଋଷି ପୁତ୍ର। କାଳକ୍ରମେ ଶୈଶବ ଅତିକ୍ରମ କରି କୈଶୋର ଅବସ୍ଥାରେ ଉପନୀତ ହେଲେ ସୁନ୍ଦର ଋଷିପୁତ୍ର।

ଇତିମଧ୍ୟରେ ଧରମ ଦେବତା ତାଙ୍କ ଦେହର ମଳିରୁ, ମାନବ ସମାଜ ତଥା ଜୀବ ଜଗତ ଧାରଣ କରିବା ପାଇଁ ବସୁକୀ ମାତା ବା ପୃଥିବୀ ସର୍ଜନା କରିସାରିଥାନ୍ତି। ମାତ୍ର ଜଳରେ ଭାସମାନ ଥିବାରୁ ଏହା ଅସ୍ଥିର ତଥା ଜୀବଜଗତ ଧାରଣ ଅନୁପଯୋଗୀ ରହିଥାଏ। ଏ ସମସ୍ୟାର ସମାଧାନ କରିବା ପାଇଁ ଧରମ ଦେବତା ଗଭୀର ଚିନ୍ତାମଗ୍ନ ଥିବା ବେଳେ ଦେବଗଣ ତାଙ୍କୁ ଭେଟି ଏହାର ଉପାୟ

ନିର୍ଣ୍ଣୟ କରିବାକୁ ପ୍ରାର୍ଥନା କଲେ। ଧରମ ଦେବତା ଗମ୍ଭୀର ହୋଇ କହିଲେ, 'ଉପାୟ ଅଛି'। ଏକ ଅସମ୍ଭବ କାର୍ଯ୍ୟ କରିବାକୁ ପଡ଼ିବ। 'ଋଷି ଓ ଋଷିଆଣୀଙ୍କ ଏକମାତ୍ର ପୁତ୍ରକୁ ବଳି ଦେଲେ, ସେ ରକ୍ତ ପାଇ ପୃଥିବୀ ସ୍ଥିର ହେବ।'

ଧରମ ଦେବତାଙ୍କ ନିର୍ଦ୍ଦେଶରେ ଦେବତାମାନେ ଆସିଲେ ଋଷିଙ୍କ ପାଖକୁ। ଋଷି ଦେବତାମାନଙ୍କ ଆଗମନରେ ଆନନ୍ଦିତ ହୋଇ ସେମାନଙ୍କ ଆସିବାର କାରଣ ପଚାରିଲେ। ଦେବତାମାନେ କହିଲେ- 'ଆମେ ଏକ ବିଶେଷ ଉଦ୍ଦେଶ୍ୟରେ କିଛି ମାଗିବାକୁ ଧରମ ଦେବତାଙ୍କ ଆଜ୍ଞାରେ ଆପଣ ଦୁଆରକୁ ଆସିଛୁ। ଆପଣ ପ୍ରତିଜ୍ଞା କଲେ ଆମେ ଆମର ଇଚ୍ଛା ପ୍ରକାଶ କରିବୁ।' ସତ୍ୟନିଷ୍ଠ ଋଷି ପ୍ରତିଜ୍ଞା କରି କହିଲେ ଯେ 'ମୋ ପାଖରେ ଥିଲେ ନିଶ୍ଚୟ ଦେବି।'

ଦେବତାମାନଙ୍କ ହାବଭାବରେ ଋଷିଆଣୀଙ୍କ ସନ୍ଦେହ ହେଲା। ଭଲକରି ନ ଜାଣି ଦବାପାଇଁ ପ୍ରତିଜ୍ଞା ନ କରିବାକୁ ସେ ଋଷିଙ୍କୁ ସତର୍କ କରାଇ ଦେଲେ, ମାତ୍ର ସତ୍ୟନିଷ୍ଠ ଋଷି ପ୍ରତିଜ୍ଞା କରିସାରିଥିବାରୁ ଦେବତାମାନେ ଯାହା ମାଗିବେ ସେ ଦେବାକୁ ବାଧ୍ୟ ବୋଲି ଋଷିଆଣୀଙ୍କୁ ଶୁଣାଇ ଦେଲେ। ଋଷିଆଣୀ ଏକ ଅଜଣା ଭୟରେ ଆତଙ୍କିତ ହୋଇ ରହିଲେ।

ଦେବତାମାନେ ପ୍ରଥମେ ଋଷିଙ୍କୁ କୁକୁଡ଼ାଟିଏ ମାଗିଲେ। କୁକୁଡ଼ା ତାଙ୍କ ପାଖରେ ନାହିଁ ବୋଲି ଋଷି ମନା କରିବାରୁ, ଦେବତାମାନେ ତାଙ୍କୁ ପାଣି କଖାରୁଟିଏ ମାଗିଲେ। ଋଷି ପାଣିକଖାରୁଟିଏ ଆଣି ଦେଲେ। ଏ ପର୍ଯ୍ୟନ୍ତ ଦେବତାମାନେ ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଗୋପନ ରଖିଥିଲେ। ପାଣିକଖାରୁଟି ଋଷିଙ୍କଠୁ ସେମାନେ ନ ନେଇ ତାଙ୍କୁ ଧରମ ଦେବତାଙ୍କ ଆଦେଶ କଥା ଶୁଣାଇ କହିଲେ ପ୍ରକୃତରେ ପୃଥିବୀର ସ୍ଥିରତା ଆଣିବା ପାଇଁ ଋଷିଙ୍କ ଏକମାତ୍ର ପୁତ୍ରର ରକ୍ତ ଦରକାର। ଜଗତ କଲ୍ୟାଣପାଇଁ ସତ୍ୟ ଓ ଧର୍ମର ପୂଜକ ଋଷି ନିଜର ଦାରୁଣ ଦୁଃଖକୁ ହୃଦୟରେ ଚାପି ରଖି ଏଇ ନିଷ୍ଠୁର ତ୍ୟାଗ କରିବାକୁ ସମ୍ମତ ହେଲେ। ଦେବତାମାନେ କହିଲେ, "ପୃଥିବୀର କଲ୍ୟାଣ ନିମନ୍ତେ ଏକପୁତ୍ର ବଳିଦାନ ପରି ଏକ ମହାନ ତ୍ୟାଗ ପାଇଁ ଧରମ ଦେବତାଙ୍କ ଅସୀମ କୃପାଲାଭ କରି, ଋଷି ଅନେକ ସନ୍ତାନର ଜନକ ହେବେ।" ଋଷିଆଣୀ କିନ୍ତୁ ନିଜର ଏକମାତ୍ର ଅଲିଅଳି ପୁତ୍ରକୁ ତ୍ୟାଗ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ।

ଏକଥାରେ ଆଶାଶୂନ୍ୟ ନହୋଇ ଦେବତାମାନେ ଅନ୍ୟ ଏକ ବ୍ୟବସ୍ଥା ସ୍ଥିର କଲେ। ବାଳକଟିକୁ ସୁଯୋଗ ଉଣ୍ଡି ହତ୍ୟା କରିବାକୁ ଧରମ ଦେବତା ବାଘ ଦେବତାଙ୍କୁ ନିର୍ଦ୍ଦେଶ ଦେଲେ। ଋଷିଆଣୀ ଏ କଥା ଜାଣିପାରି ଋଷିପୁତ୍ରଙ୍କୁ ବାରହାତ ଲମ୍ବର ଧନୁ, ତୀର, ଖଣ୍ଡା ଓ ଛୁରୀ ଆଦି ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରାଇ ତାକୁ ଆତ୍ମରକ୍ଷା କୌଶଳ ଶିଖାଇ ଦେବା ସଙ୍ଗେ ସଙ୍ଗେ ଏଇସବୁ ଅସ୍ତ୍ରଶସ୍ତ୍ର ସବୁ ସମୟରେ ନିଜ ପାଖରେ ରଖିବାକୁ ଉପଦେଶ ଦେଲେ। ଋଷି ପୁତ୍ର ସର୍ବଦା ଏହା ପାଳନ କରୁଥିବା ଫଳରେ ବାଘ ଦେବତା ଭୟଭୀତ ହୋଇ ତାଙ୍କର କୌଣସି କ୍ଷତି କରିପାରିଲେ ନାହିଁ।

ପୁଣି ଦେବତାମାନେ ଆସିଲେ ଋଷିପୁତ୍ରଙ୍କ ପାଖକୁ। ସେ ଜଙ୍ଗଲରେ ବୁଲୁଥିବା ବେଳେ ତାଙ୍କୁ କହିଲେ, "ବାଳକ ତମେ ଭାରି ଅପରିଷ୍କାର ରହିଛ। ତମେ ନିୟମିତ ସ୍ନାନ କରୁ ନାହଁ କି ? ସେଥିପାଇଁ ତୁମ ଶରୀରରୁ ଭୀଷଣ ଦୁର୍ଗନ୍ଧ ବାହାରୁଛି।" ବାଳକ ଲଜ୍ଜିତ ହୋଇ ନିକଟବର୍ତ୍ତୀ ଜଳାଶୟକୁ ଯାଇ ସ୍ନାନ କରିବାରେ ଲାଗିଲେ। ମାତ୍ର ମାତାଙ୍କ ଆଦେଶ ପାଳନ କରି ଗୋଟିଏ ହାତରେ ତାଙ୍କର ଅସ୍ତ୍ରଶସ୍ତ୍ର ସବୁ ଧରି ଅନ୍ୟ ଏକ ହାତରେ ସ୍ନାନ କରିବାକୁ ଚେଷ୍ଟା କଲେ। ଦେବତାମାନେ ତାଙ୍କ ପଛେ ପଛେ ଯାଇ ତାଙ୍କୁ କହିଲେ- "ବାଳକ ତମେ ଗୋଟିଏ ହାତରେ ପରିଷ୍କାର ଭାବେ ସ୍ନାନ କରିପାରିବ ନାହିଁ ତେଣୁ ଦୁଇ ହାତରେ ଶରୀରକୁ ଘଷି ଠିକ୍ ଭାବେ ସ୍ନାନ କର। ଋଷି ପୁତ୍ର ସେକଥା ମାନି ନିକଟବର୍ତ୍ତୀ ଏକ ପଥର ଉପରେ ଅସ୍ତ୍ରଶସ୍ତ୍ର ସବୁ ରଖି ଦେଇ ସ୍ନାନ କରୁଥିବା ସମୟରେ, ସୁଯୋଗକୁ ଅପେକ୍ଷା କରି ନିକଟରେ ଲୁଚି ରହିଥିବା ବାଘ ଦେବତା, ତାଙ୍କ ଉପରକୁ ଲମ୍ଫ ପ୍ରଦାନ କରି ତାଙ୍କୁ ହତ୍ୟାକଲେ।"



ବାଘ ଦେବତା ମୃତ ଋଷିପୁତ୍ରଙ୍କ ଶବରୁ ମାଂସ ଖାଇବାକୁ ଯିବା ସମୟରେ ଧରମ ଦେବତା ନିର୍ଦ୍ଦେଶ ଦେଲେ ପାଦ ଆଡୁ ଖାଇବା ଆରମ୍ଭ କରିବାକୁ।

ତଦନୁଯାୟୀ ବାଘ ଦେବତା ମାଂସ ଖାଇବା ଆରମ୍ଭ କରି ମୃତ ଶରୀରର ନିମ୍ନାଂଶରେ ଜୋରରେ କାମୁଡ଼ି ଦେବାରୁ ଯେଉଁ ଗଭୀର କ୍ଷତ ସୃଷ୍ଟି ହେଲା ତା ପରବର୍ତ୍ତୀ ମାନବ ଶରୀରରେ ମଳଦ୍ୱାର ଭାବେ ରୂପାନ୍ତରିତ ହେଲା। ପ୍ରକାଶ ଥାଉକି ସେ ପର୍ଯ୍ୟନ୍ତ ମଣିଷ ଶରୀରରେ ମଳଦ୍ୱାରର ସୃଷ୍ଟି ହୋଇନଥିଲା।

ବାଘ ଦେବତା ଏପରି ଶବଟିର ନିମ୍ନାଂଶର ମାଂସ ଭକ୍ଷଣ କରୁଥିବା ବେଳେ ଉପରକୁ ମୁହଁ ଟେକି ଦେଖିଲେ ଯେ ଋଷିପୁତ୍ରଙ୍କ ଜୀବନ୍ତ ଆଖି ଦୁଇଟି ତାଙ୍କ ଆଡ଼କୁ ଅନେଇ ରହିଛି। ତେଣୁ ସେ ଭୟଭୀତ ହୋଇ ଶବକୁ ଛାଡ଼ି ପଳେଇଲେ। ପରବର୍ତ୍ତୀ କାଳରେ ଏଇ ଶବର ମୁଣ୍ଡଟି 'ବଘିଆ ଦେଓ' ନାମକ ଦେବତା ରୂପେ ପୂଜା ପାଇଲେ।

ବାଘ ଦେବତା ଚାଲିଯିବା ପରେ ଦେବତାମାନେ ଆସି ମୃତ ଦେହର ଗୋଡ଼କୁ ଧରି ଖୁବ୍ ଜୋରରେ ଶୂନ୍ୟରେ ବୁଲେଇବାକୁ ଲାଗିଲେ। ଫଳରେ ମୁର୍ଦାରର ରକ୍ତ, ମାଂସ, ଅସ୍ଥି, କେଶ, ନଖ, ଦାନ୍ତ ଆଦି ବିଭିନ୍ନ ଅଂଶ ପୃଥିବୀ ବକ୍ଷରେ ଛିଆଡ଼ି ହୋଇ ପଡ଼ିଲା। ରକ୍ତ ପାନକରି ବସୁଧାମାତା ତୃପ୍ତ ଓ ସ୍ଥିର ହେଲେ। ଶବର ହାତ ଓ ଗୋଡ଼ ପଡ଼ିଥିବା ସ୍ଥାନରେ ପାହାଡ଼ ପର୍ବତ ସୃଷ୍ଟି ହେଲା। ଲୋମ ଓ କେଶରୁ ବୃକ୍ଷଲତା ତଥା ଘନ ଜଙ୍ଗଲ ସୃଷ୍ଟି ହେଲା। ଆଖି ଓ ନାକରୁ ସୃଷ୍ଟି ହେଲା ନଈ ଓ ଝରଣା। ଋଷି ଦମ୍ପତି ଓ ଋଷି ପୁତ୍ରଙ୍କ ଚରମ ତ୍ୟାଗରୁ ପୃଥିବୀ ସର୍ଜନା ସମ୍ପୂର୍ଣ୍ଣ ହେଲା।

ପ୍ରତିଦାନ ସ୍ୱରୂପ ଧରମ ଦେବତାଙ୍କ ଆଶୀର୍ବାଦରୁ ଋଷି ଓ ଋଷିଆଣୀ ଅନେକ ସନ୍ତାନ ଲାଭ କଲେ। ଏହି ସନ୍ତାନମାନଙ୍କ ଠାରୁ ଜନ୍ମ ନେଲେ ଜୁଆଙ୍ଗ, ଭୂୟାଁ, ମୁଣ୍ଡା, ଖଡ଼ିଆ ଆଦି ଅନେକ ମାନବ ଜାତି ଓ ସମ୍ପ୍ରଦାୟ।



# ସୃଷ୍ଟିର ଆଦିକଥା (୨)

## ପୃଥିବୀ ସର୍ଜନା, ମାନବ ସର୍ଜନା, ଅସୁରୀ କନ୍ୟା ଓ କପିଳା ଗାଈ



ବହୁ ପ୍ରାଚୀନ କାଳର କଥା। ସେତେବେଳେ ପୃଥିବୀର ସର୍ଜନା ହୋଇନଥାଏ। ବିଶ୍ୱ ବ୍ରହ୍ମାଣ୍ଡ ଅଥଳ ଜଳରାଶିରେ ପରିପୂର୍ଣ୍ଣ ଥାଏ। ସର୍ବଶକ୍ତିମାନ ସ୍ରଷ୍ଟା ମହାପରବୁ ପୃଥିବୀ ସର୍ଜନା କଲେ। ଏକ ବିରାଟ ମାଟିପିଣ୍ଡୁଳା ରୂପେ ଜଳ ଉପରେ ଏହା ଅସ୍ଥିର ହୋଇ ଭାସିଲା। ତେଣୁ ଏହା ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ଧାରଣ କରିବାକୁ ସକ୍ଷମ ହୋଇପାରିଲା ନାହିଁ। ମହାପରବୁ ଏହି ସମସ୍ୟାର ସମାଧାନ ପାଇଁ ଗଭୀର ଧ୍ୟାନମଗ୍ନ ହେଲେ। ତାଙ୍କର ଧ୍ୟାନ ଶକ୍ତିରୁ ଜନ୍ମ ନେଲେ ପୃଥିବୀର ପ୍ରଥମ ମାନବ ତଥା ମାନବ ଜାତିର ଜନକ 'ଋଷି'। ଏହି ଋଷିଙ୍କ ଜନ୍ମସ୍ଥାନ ଥିଲା ନୂତନ ପୃଥିବୀ ପୃଷ୍ଠରେ ସଗର୍ବେ ମୁଣ୍ଡଟେକି ଠିଆ ହୋଇଥିବା ଏକ ବିଶାଳ ଉଇହୁଙ୍କା।

ସେତେବେଳେ ଋଷି ଏହି ନିର୍ଜନ ପୃଥିବୀର ନିଃସଙ୍ଗ ମାନବ। ନିଃସଙ୍ଗତାର ଯନ୍ତ୍ରଣାକୁ ଲାଘବ କରିବାକୁ ଋଷି ଉଇହୁଙ୍କା ବାହାରକୁ ଆସି ପାଖରେ ଥିବା ଏକ ବିରାଟ ପଥର ଉପରେ ଆଘାତ କରନ୍ତି। ଏହିପରି ବାରବର୍ଷ କାଳ ବିତିଗଲା। ଦିନେ ଋଷିଙ୍କ ପଥର ବାଡ଼େଇବାର ଶବ୍ଦ, ନିଟରେ ବୁଲୁଥିବା ଏକ ଅସୁରୀ କନ୍ୟା କାନରେ ପଡ଼ିଲା। ଶବ୍ଦକୁ ଅନୁସରଣ କରି ସେ ଉଇହୁଙ୍କା ପାଖରେ ପହଞ୍ଚିଲା। ଅସୁରୀ କନ୍ୟା ଉଇହୁଙ୍କା ପାଖରେ ଋଷିଙ୍କୁ ଦେଖିଲା। ଋଷିଙ୍କର ସୁନ୍ଦର ରୂପରେ ମୋହିତ ହୋଇ ମନେ ମନେ ତାଙ୍କୁ ସ୍ୱାମୀ ରୂପେ ପାଇବାକୁ ଇଚ୍ଛା କଲା।

କିନ୍ତୁ ଅସୁରୀ କନ୍ୟାର ରୂପ ଥିଲା କଦାକାର ଓ ଭୟଙ୍କର। ପୁରୁଷମାନଙ୍କ ପରି ତା ମୁହଁରେ ନିଶଦାଢ଼ି ମଧ୍ୟ ଉଠିଥିଲା। ଋଷି ତାକୁ ଦେଖି ଭୟଭୀତ ହେଲେ। ପ୍ରାଣରକ୍ଷା କରିବାକୁ ଉଇହୁଙ୍କା ଭିତରକୁ ପଶିଯାଇ ଲୁଚିଲେ।

ଅସୁରୀ କନ୍ୟା ଋଷିଙ୍କୁ ପାଇବାକୁ ହୁଙ୍କା ବାହାରେ ଧୈର୍ଯ୍ୟର ସହ ସାତ ଦିନ ସାତରାତି ଅପେକ୍ଷା କଲା। ଋଷି ଏହାର ସୂଚନା ପାଇ ଉଇହୁଙ୍କାର ବାହାରକୁ ବାହାରିଲେ ନାହିଁ। ସେଠୁ ଅସୁରୀ କନ୍ୟା ମନେ ମନେ ଉପାୟ ଚିନ୍ତାକରି ଉଇହୁଙ୍କାର କିଛି ଦୂରକୁ ଚାଲିଯାଇ ଏକ ବଡ଼ ପଥର ପଛପଟେ ଲୁଚି ରହି ଅପେକ୍ଷା କଲା।

ଋଷି ଉଇହୁଙ୍କା ଭିତରୁ ଅନେଇ ଦେଖିଲେ ଯେ ଅସୁରୀ କନ୍ୟା ନାହିଁ। ବିପଦ ଚାଲିଗଲା ବୋଲି ଭାବି ନିର୍ଭୟ ହୋଇ ସେ କିଛି ସମୟ ପରେ ଉଇହୁଙ୍କା ବାହାରକୁ ଆସିଲେ ଓ ତାଙ୍କର ପଥର ବାଡ଼େଇବା କାମରେ ଲାଗିଲେ। ଏହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲା ଅସୁରୀ କନ୍ୟା। ତା ଲୁଚିବା ସ୍ଥାନରୁ ବାହାରି ଧୀରେ ଧୀରେ ଆସି ଋଷିଙ୍କୁ ସେ ପଛପଟୁ ଧରିପକେଇଲା।

ଅସୁରୀ କନ୍ୟାର ନିବିଡ ଆଲିଙ୍ଗନ ମଧ୍ୟରେ ଅଣନିଶ୍ୱାସୀ ହୋଇ ଋଷି ଭୟରେ ଥରିଲେ। ଆକୁଳ ନିବେଦନ କରି ସେ ପ୍ରାଣଭିକ୍ଷା କଲେ- "ଦୟାକରି ମତେ ଛାଡ଼ି ଦିଅ, ଜିଅନ୍ତା ଖାଇଯାଅ ନାହିଁ।" ଅସୁରୀକନ୍ୟା କୋମଳ କଣ୍ଠରେ ତାଙ୍କୁ ଆଶ୍ୱାସନା ଦେଇ କହିଲା- "ତୁମେ ଭୟ କର ନାହିଁ। ମୁଁ ତୁମର କୌଣସି କ୍ଷତି କରିବି ନାହିଁ। ମତେ ତୁମର ସ୍ତ୍ରୀ ରୂପେ ସ୍ୱୀକାର କର, ମୁଁ ତୁମର ସନ୍ତାନମାନଙ୍କୁ ଗର୍ଭରେ ଧାରଣ କରି ତାଙ୍କୁ ଲାଳନପାଳନ କରିବି।"

ଅସୁରୀ କନ୍ୟାର କଥାରେ ଋଷି ସାମାନ୍ୟ ଆଶ୍ୱସ୍ତ ହେଲେ। ତେବେ ତାଙ୍କର ଭୟ ପୁରା ଯାଇନଥାଏ। ସେ କହିଲେ, 'ତୁମେ ମୋର ହୁଏତ କୌଣସି କ୍ଷତି ନକରିପାର ହେଲେ ତୁମର ଭାଇ, ଭଉଣୀ ଓ ଜ୍ଞାତିବର୍ଗମାନେ ମତେ ଦେଖି ଜିଅନ୍ତା ଖାଇଯିବେ।' ଅସୁରୀ କନ୍ୟା ପୁଣି ଆଶ୍ୱାସନା ଦେଲା, 'ଏ ଦୁନିଆରେ ମୁଁ ଏକୁଟିଆ, ମୋର କେହି ଆତ୍ମୀୟ ସ୍ୱଜନ ନାହାନ୍ତି, ତେଣୁ ଆପଣ ନିର୍ଭୟ ହୋଇ ମତେ ଆପଣଙ୍କ ପତ୍ନୀ ରୂପେ ଗ୍ରହଣ କରନ୍ତୁ।' ଋଷି ଦେଖିଲେ ତାଙ୍କ ପକ୍ଷରେ



ଅନ୍ୟପନ୍ଥା ନାହିଁ, ଏହି ବିବାହ ପ୍ରସ୍ତାବକୁ ଅସ୍ୱୀକାର କଲେ ତାଙ୍କର ଜୀବନପ୍ରତି ବିପଦ ଆସିବ। ତେଣୁ ସେ ବାଧ୍ୟହୋଇ ଅସୁରୀକନ୍ୟାକୁ ପତ୍ନୀରୂପେ ସ୍ୱୀକାର କଲେ।

ଏମିତି କେତେକାଳ ବିତିଗଲା। ପୃଥିବୀ ସେମିତି ଦୋଳାୟମାନ ଅବସ୍ଥାରେ ଥାଏ। ମହାପରବୁ ଦିନେ ଋଷିଙ୍କୁ ଆଦେଶ ଦେଲେ- କପିଳା ଗାଈକୁ ଖୋଜି ବାହାର କରି ତାକୁ ବଳି ଦେଲେ ବସୁମାତା ତାର ରକ୍ତପାନ କରି ଶାନ୍ତ ଓ ସ୍ଥିର ହେବେ। ମହାପରବୁଙ୍କ ଆଜ୍ଞାପାଳନ କରି ଋଷି ଓ ତାଙ୍କର ପତ୍ନୀ ପୃଥିବୀ ସାରା ବୁଲିବୁଲି କପିଳା ଗାଈକୁ ଖୋଜିଲେ। ଅନେକ ଦିନ ଧରି ଖୋଜି ଖୋଜି ଶେଷକୁ 'ବଓରା ପରବତ' ଉପରେ କପିଳା ଗାଈକୁ ବସିଥିବାର ଦେଖିଲେ। ଗାଈକୁ କେମିତି ଆୟତ୍ତ କରିବେ ସେକଥା ଚିନ୍ତା କରି ଋଷି ତାଙ୍କୁ ବାନ୍ଧିବାକୁ ଶିଆଳୀ ଲଟାରେ ଏକ ଦଉଡ଼ି ପ୍ରସ୍ତୁତ କଲେ। ତାପରେ ଲୁଚି ଲୁଚି ସେ ଦଉଡ଼ିକୁ ଗାଈ ବେକରେ ଏକ ଫାଶ ରୂପେ ପକାଇ ତାକୁ ବାନ୍ଧିଲେ। ଋଷି ଦଉଡ଼ି ଧରି ଆଗରୁ ଗାଈକୁ ଭିଡ଼ିଲେ ଓ ତାଙ୍କ ଅସୁରୀ ପତ୍ନୀ ତାଙ୍କର ସମସ୍ତ ବଳ ଖର୍ଚ୍ଚ କରି ତା ପଛପଟରୁ ଠେଲିଲେ। ଏପରି ସେମାନେ ବହୁ କଷ୍ଟ ସ୍ୱୀକାର କରି କପିଳା ଗାଈକୁ ଗୋନାସିକା ପର୍ବତ ଉପରକୁ ଆଣି ତାକୁ ସେଠି ବଳିଦେଲେ। ଅବଶ୍ୟ ସେତେବେଳେ ଗୋନାସିକା ପର୍ବତର ନାମକରଣ ହୋଇନଥିଲା। କିପରି ଏହି ନାମ ଆସିଲା ତା ଆଗାମୀ ପର୍ଯ୍ୟାୟରେ ବର୍ଣ୍ଣନା ହେବ।

କପିଳାର ରକ୍ତ ଧରଣୀ ବକ୍ଷରେ ପଡ଼ିଲା। ବସୁମାତା ତାକୁ ପାନ କରି ତୃପ୍ତ ଓ ସ୍ଥିର ହେଲେ ଏବଂ ଜୀବଜଗତ ଧାରଣ କରିବାକୁ ସକ୍ଷମ ହେଲେ। ବଳି ଦେଇ ସାରିବା ପରେ ଋଷି ମୃତ କପିଳା ଗାଈର ମାଂସ ଭକ୍ଷଣ କଲେ। ସେହି ପରମ୍ପରା ଅନୁସରଣ କରି ତାଙ୍କର ଦାୟାଦ ଜୁଆଙ୍ଗମାନେ ପରବର୍ତ୍ତୀକାଳରେ ଗୋମାଂସ ଭକ୍ଷଣ କଲେ। ଅବଶ୍ୟ ବର୍ତ୍ତମାନ ସେମାନେ ସ୍ୱେଚ୍ଛାକୃତ ଭାବେ ଏହି ପରମ୍ପରାକୁ ବର୍ଜନ କରିଛନ୍ତି।

# ସୃଷ୍ଟିର ଆଦିକଥା (୩)

## ଗୋନାସିକା, ମାଲ୍ୟଗିରି, ନୀଳଗିରି ଆଦି ପାହାଡ଼ ପର୍ବତ ଓ ପୁଣ୍ୟତୋୟା ବୈତରଣୀ ନଦୀର ଜନ୍ମ



ପୃଥିବୀ ସର୍ଜନା ପରେ ଅସ୍ଥିର ବସୁମାତାକୁ ଶାନ୍ତ ଓ ସ୍ଥିର କରିବାକୁ ପୃଥିବୀର ପ୍ରଥମ ମାନବ ଋଷି ମହାପରବୁଙ୍କ ଆଦେଶରେ କପିଳା ଗାଈକୁ ବଳିଦେଇ ତା'ର ମାଂସ ଭକ୍ଷଣ କଲେ। ଋଷି ଗୋମାଂସ ଖାଉଥିବା ବେଳେ ସାତ ଭଉଣୀ ଅର୍ଥାତ୍ ସାତଜଣ ଦେବକନ୍ୟା ପୃଥିବୀ ପୃଷ୍ଠରେ ବିଚରଣ କରୁଥାନ୍ତି। ଅନେକ ସମୟ ଧରି ବୁଲାଚଲା କଲାପରେ ସେମାନେ କ୍ଳାନ୍ତ ଓ କ୍ଷୁଧାତୁର ହୋଇଥାନ୍ତି। ଏହି ସମୟରେ ସେମାନେ ଗୋନାସିକା ପର୍ବତ ଉପରେ ଋଷିଙ୍କୁ ଗୋମାଂସ ଖାଉଥିବାର ଦେଖିଲେ। ଅଦୂରରେ ଲୁଚିରହି ସବା ସାନ ଭଉଣୀକୁ ଟିକେ ଖାଦ୍ୟ ମାଗି ଆଣିବାକୁ ଋଷିଙ୍କ ନିକଟକୁ ପଠେଇଲେ। ସାନ ଭଉଣୀଟି ଋଷିଙ୍କ ପାଖକୁ ଯାଇ ନିଜର କ୍ଷୁଧା ସମ୍ଭାଳି ନପାରି ତାଙ୍କ ପାଖରେ ବସି ଗୋମାଂସ ଭକ୍ଷଣ କରିବାରେ ଲାଗିଲା ଓ ନିଜର ବଡ଼ଭଉଣୀ ମାନଙ୍କ କଥା ଭୁଲିଗଲା। ତାପରେ ତା ଉପର ଭଉଣୀ ଋଷିଙ୍କ ପାଖକୁ ଖାଦ୍ୟ ମାଗିବାକୁ ଆସି ତାଙ୍କ ପାଖରେ ରହିଗଲା। ସେ ମଧ୍ୟ ନିଜ ଭଉଣୀମାନଙ୍କ କଥା ଭୁଲିଗଲା। ଏହିପରି ଜଣକ ପରେ ଜଣେ ହୋଇ ଅନ୍ୟ ଭଉଣୀମାନେ ଆସି ଋଷିଙ୍କ ପାଖରେ ରହିଗଲେ।

ଋଷି ଓ ସାତ ଭଉଣୀ ଯାକ ପେଟ ପୂରେଇ ଗୋମାଂସ ଖାଇସାରିବା ପରେ ଋଷିଙ୍କ ମନରେ ଆଶଙ୍କା ହେଲା କାଳେ କିଏ ସେ ଗୋମାଂସ ଭକ୍ଷଣ କରିବା କଥା ଜାଣିପାରିଲେ ତାଙ୍କୁ ଘୃଣା କରିବେ ! ତାଙ୍କର ନିନ୍ଦା ଓ ଅପବାଦ ହେବ ! ତେଣୁ ସେ କୌଣସି ପ୍ରମାଣ ନ ରଖିବା ପାଇଁ ଗାଈର ମୁଣ୍ଡଟିକୁ ମାଟିତଳେ ପୋତିଦେଲେ ।

ଏହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଭୂମିକମ୍ପ ହେଲାପରି ଏକ ଭୟଙ୍କର ଗର୍ଜନର ଶବ୍ଦରେ ପୃଥିବୀ ପ୍ରକମ୍ପିତ ହେଲା । ପରେ ପରେ ଏକ ସୁ ସୁ ଗର୍ଜନ ସହ ମାଟି ଭିତରୁ ଜଳସ୍ରୋତ ଋଷି ପୋତିଥିବା ଗାଈ ମୁଣ୍ଡର ଦୁଇ ନାକପୁଡ଼ା ବାଟେ ତୀବ୍ର ଗତିରେ ଆକାଶକୁ ଉଠିଲା ଓ କିଛି ସମୟ ପରେ ଭୂଇଁରେ ପଡ଼ି ଏକ ଚିରସ୍ରୋତା ନଦୀରୂପେ ପ୍ରବାହିତ ହେବାକୁ ଲାଗିଲା । ଏହିପରି ପୁଣ୍ୟତୋୟା ବୈତରଣୀ ନଦୀର ଜନ୍ମ ହେଲା । ଗୋନାସିକାରୁ ବୈତରଣୀ ନଦୀ ଜନ୍ମ ନେଇଥିବାରୁ ପର୍ବତର ନାମ ହେଲା ଗୋନାସିକା ।

ଏହି ଘଟଣାରେ ଦେବକନ୍ୟା ସାତଭଉଣୀ ଏତେ ଭୟଭୀତ ହୋଇଯାଇଥିଲେ ଯେ କେବଳ ସବାବଡ଼ ଓ ସବା ସାନ ଭଉଣୀଙ୍କୁ ଛାଡ଼ି ବାକି ପାଞ୍ଚ ଭଉଣୀ ପ୍ରାଣରକ୍ଷା କରିବାକୁ ଋଷିଙ୍କ ସ୍ଥାନଛାଡ଼ି ଏଣେତେଣେ ଦଉଡ଼ିବାକୁ ଲାଗିଲେ । ଦେବକନ୍ୟାମାନଙ୍କ ଏପରି ଆଚରଣରେ ଋଷି କ୍ରୋଧିତ ହେଲେ ଓ ସେମାନଙ୍କୁ ଶାସ୍ତିଦେବାକୁ ମଲାଗାଈର ରକ୍ତ ସେମାନଙ୍କ ଉପରକୁ ଫୋପାଡ଼ି ଦେଲେ । ସେ ରକ୍ତ ତାଙ୍କ ଉପରେ ପଡ଼ିଲାରୁ ସେମାନେ ଯୋଉଠି ଥିଲେ ସେଇଠି ସ୍ଥିର ହୋଇଯାଇ ପାହାଡ଼ ଓ ପର୍ବତରେ ପରିଣତ ହୋଇଗଲେ । ସେଇ ପାହାଡ଼ ଗୁଡ଼ିକର ନାମ ହେଲା ନୀଳଗିରି, ଶଙ୍ଖଗିରି, ଟମକୋଗିରି, ସୁବେଦାଗିରି ଓ ତୁପାର ଗିରି । ଏଇ ପାଞ୍ଚଭଉଣୀ ଦଉଡୁଥିବା ବେଳେ ପଛରେ କଣ ହେଉଛି ଦେଖିବା ପାଇଁ ମଝିରେ ମଝିରେ ପଛକୁ ମୁହଁ ବୁଲାଇ ଚାହୁଁଥିବା ଅବସ୍ଥାରେ ପାହାଡ଼ ପର୍ବତରେ ରୂପାନ୍ତରିତ ହୋଇଯାଇଥିବାରୁ ପାହାଡ଼ ଗୁଡ଼ିକ ସବୁବେଳେ ପଛକୁ ମୁହଁ ବୁଲେଇଥିବାର ଦେଖାଯାଏ ।

ଋଷିଙ୍କ ପାଖରେ ରହିଯାଇଥିବା ବଡ଼ଭଉଣୀ ଓ ସାନ ଭଉଣୀଙ୍କ ମଧ୍ୟରୁ ବଡ଼ ଭଉଣୀ ଋଷିଙ୍କର ପତ୍ନୀ ହୋଇ ରହିଗଲା । ସେମାନଙ୍କର ଅନେକ ସନ୍ତାନ ସନ୍ତତି ହେଲେ । ସାନଭଉଣୀଟି ଋଷିଙ୍କର ପତ୍ନୀ ନ ହେଲେ ମଧ୍ୟ ସେମିତି ତାଙ୍କ ପାଖରେ ରହିଥାଏ ।

ଋଷି ତାଙ୍କର ଜୀବିକା ଅର୍ଜନ କରିବାକୁ ଗୋପାଳନ କରିଥାନ୍ତି। ଚିରିଆଟୋକା ନାମକ ଏକ ବାଳକକୁ ଋଷି ତାଙ୍କ ଗାଈ ଗୋଠର ଯତ୍ନ ନେବାକୁ ଓ ଚରାଇବାକୁ ପାଖରେ ରଖିଥାଆନ୍ତି। କାଳକ୍ରମେ ସାନଭଉଣୀ ଓ ଚିରିଆ ଟୋକା ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଋଷିଙ୍କ ଡରରେ ଦୁହେଁ ଦିନେ ସଲାସୁତୁରା ହୋଇ ଘର ଛାଡ଼ି ଚାଲିଗଲେ।

ଋଷି ଏକଥା ସାଙ୍ଗେସାଙ୍ଗେ ଜାଣିପାରିଲେ। ସେ ରାଗରେ ଏକ ବାରହାତ ଖଣ୍ଡା ଧରି ତାଙ୍କ ପଛରେ ଗୋଡେଇଲେ। କିଛି ବାଟ ଗଲାପରେ ଝିଅଟି କ୍ଳାନ୍ତହୋଇ ପଡ଼ିଥାଏ, ତା'ର ଗତି ଶିଥିଳ ହୋଇଯାଇଥାଏ। ଚିରିଆଟୋକା ଋଷିଙ୍କ ହାତରୁ ପ୍ରାଣରକ୍ଷା କରିବାକୁ ଝିଅଟିକୁ ଏକରକମ ଟାଣି ଟାଣି ସାଙ୍ଗରେ ନେଉଥାଏ। ଏଇ ସମୟରେ ଏକ ବଡ଼ ପଥରକୁ ଝୁଣ୍ଟି ଝିଅଟି ତଳେ ପଡ଼ିଗଲା ଯେ ଆଉ ଉଠିପାରିଲାନି। ଋଷି ସେମିତି ପଛରେ ଗୋଡ଼େଇ ଗୋଡ଼େଇ ପାଖକୁ ଲାଗି ଆସିଲେଣି। ଚିରିଆଟୋକା ବହୁଚେଷ୍ଟା କଲା ଝିଅକୁ ଉଠେଇ ସାଙ୍ଗରେ ନେଇଯିବାକୁ। ପାରିଲାନି, ତାର ସବୁ ଚେଷ୍ଟା ବ୍ୟର୍ଥ ହେଲା। ବାଧହୋଇ ଶେଷକୁ ଝିଅଟିକୁ ସେଇଠି ଛାଡ଼ି ତାର ଜୀବନ ବଞ୍ଚେଇବାକୁ ଆଗକୁ ଦୌଡ଼ିଲା।

ଋଷି ଆସି ତଳେ ପଡ଼ିଥିବା ଝିଅ ପାଖରେ ପହଞ୍ଚିଲେ। ଝିଅଟିର ଥାଏ ଚାରୋଟି ଗୋଡ଼। ଋଷି ତାଙ୍କ ଖଣ୍ଡାରେ ଝିଅଟିର ଗୋଟିଏ ଗୋଡ଼ କାଟି ଶରୀରରୁ ଅଲଗା କରିଦେଲେ। କଟାଗୋଡ଼ଟି ଛିଟିକି ଯାଇ ପାଲଲହଡ଼ା ଅଞ୍ଚଳରେ ଯୋଉଠି ପଡ଼ିଲା ସେଠି 'ବିରାନମୁଣ୍ଡା' ନାମକ ପର୍ବତର ସୃଷ୍ଟି ହେଲା। ଝିଅଟିର ଅବଶିଷ୍ଟ ଶରୀର ସେଇଠି ପଡ଼ି ସ୍ଥିର ହୋଇଗଲା ଓ 'ମାଲ୍ୟଗିରି' ପର୍ବତରେ ରୂପାନ୍ତରିତ ହେଲା।

ଋଷି ଝିଅର ଗୋଡ଼ଟିକୁ ଖଣ୍ଡାରେ ହାଣିବା ବେଳେ ରକ୍ତ ଛିଟିକା ଯାଇ ଆଗକୁ ଦଉଡୁଥିବା ଚିରିଆଟୋକା ଉପରେ ପଡ଼ିଲାରୁ ସେ ମଧ୍ୟ ସେଇଠି ସ୍ଥିର ନିଶ୍ଚଳ ହୋଇଗଲା ଓ 'ଚିରିଆଟେକା' ନାମକ ପର୍ବତରେ ରୂପାନ୍ତରିତ ହେଲା।

ଏମିତି ପୃଥିବୀ ସୃଷ୍ଟି ହେଲା, ଅସ୍ଥିର ଅବସ୍ଥାରୁ ସ୍ଥିର ଅବସ୍ଥାକୁ ଆସିଲା। ବୈତରଣୀ ନଦୀର ଜନ୍ମ ହେଲା ଓ ପୃଥିବୀ ପୃଷ୍ଠରେ ପାହାଡ଼ ପର୍ବତ ଓ ନଦୀ ନାଳର ସୃଷ୍ଟି ହେଲା।

# ସୃଷ୍ଟିର ଆଦିକଥା (୪)

## ପୃଥିବୀ ଓ ମାନବ ସର୍ଜନା



ସୃଷ୍ଟି ଆଦିକାଳରେ ବିଶ୍ୱ ଥିଲା ଅସୀମ ଜଳରାଶିରେ ପରିପୂର୍ଣ୍ଣ। ଏଇ ଆଦିଜଳ ଉପରେ ଭାସୁଥିଲା ଏକ ବିରାଟ ପଦ୍ମପତ୍ର। ପଦ୍ମପତ୍ର ଉପରେ ଜନ୍ମ ହେଲା ଏକ ପ୍ରକାଣ୍ଡ ଖଜୁରୀ ଗଛ। ଖଜୁରୀ ଗଛ ଉପରେ ଆଶ୍ରୟ ନେଲା ସୃଷ୍ଟିର ପ୍ରଥମ ପିମ୍ପୁଡ଼ି। ଏଇ ଆଦି ପିମ୍ପୁଡ଼ି ନିଜ ପାଟିରେ ଏକ ମାଟି ପିଣ୍ଡୁଳା ଧରି ରଖିଥାଏ।

ଏହି ସମୟରେ ଦେବଗଣ ନିଜ ଦେହର ମଳିରୁ ଏକ ମାନବ ପୁରୁଷ ଓ ନାରୀରର ପ୍ରତିମା ଗଢ଼ିଲେ। ତାଙ୍କୁ ଜୀବନଦାନ ଦେଇ ବିଶ୍ୱର ପ୍ରଥମ ପୁରୁଷ ଓ ନାରୀ ସୃଷ୍ଟି କଲେ। ଏଇ ପ୍ରଥମ ପୁରୁଷଙ୍କ ନାମ ହେଲା ମାର୍କଣ୍ଡ ଋଷି। ନାରୀ ଜଣକ ହେଲେ ତାଙ୍କର ପତ୍ନୀ।

ସେତେବେଳେ ପୃଥିବୀର ସର୍ଜନା ହୋଇନଥାଏ। ତେଣୁ ଏହି ନରନାରୀ ରହିବେ କେଉଁଠି? ପୃଥିବୀ ସର୍ଜନା କରିବାକୁ ମାର୍କଣ୍ଡ ଋଷି ମାଟିର ସନ୍ଧାନ କଲେ। ଖୋଜି ଖୋଜି ଶେଷକୁ ପଦ୍ମପତ୍ର ଉପରର ଖଜୁରୀ ଗଛରେ ଥିବା ପିମ୍ପୁଡ଼ି ପାଖରେ ପହଞ୍ଚିଲେ। ପିମ୍ପୁଡ଼ି ତାଙ୍କୁ ମାଟି ପିଣ୍ଡୁଳାଟି ଦେବାକୁ ମନା କଲା ଓ କାମୁଡ଼ି ଗୋଡ଼େଇଲା। ଋଷି କ୍ରୋଧିତ ହୋଇ ପିମ୍ପୁଡ଼ିକୁ ଧରି ପକେଇଲେ ଓ ଏପରି ଜୋରରେ ଚିପି ଦେଲେ ଯେ ତା' ପାଟିରୁ ମାଟି ପିଣ୍ଡୁଳାଟି ଜଳରେ ଗଳିପଡ଼ି ପୃଥିବୀର ରୂପ ନେଲା।



ସେତେବେଳେ ଋଷି ଓ ତାଙ୍କ ପତ୍ନୀ ହେଲେ ପୃଥିବୀର ଏକାକୀ ନର ଓ ନାରୀ। ତାଙ୍କ ଛଡ଼ା ଆଉ କେହି ନ ଥାନ୍ତି। ସେମାନେ ଭୀଷଣ ନିଃସଙ୍ଗତାର ଯନ୍ତ୍ରଣାରେ ଜର୍ଜରିତ ହେଉଥାନ୍ତି। ଆଉ ଜଣେ କେହି ବି ନ ଥାନ୍ତି ତାଙ୍କ ସୁଖ ଦୁଃଖର ସାଥୀ ହେବାପାଇଁ। ଦିନେ ମାର୍କଣ୍ଡ ଋଷି ମାଟିରେ ଦୁଇଟି ପ୍ରତିମା ଗଢ଼ିଲେ। କରୁଣାମୟ ଧରମ ଦେବତାଙ୍କୁ ଆବାହନ କରି ତାଙ୍କର ମାଟି ପିତୁଳା ଦୁଇଟିରେ ଜୀବନ୍ୟାସ କରିବାକୁ ପ୍ରାର୍ଥନା କଲେ। ସର୍ବଶକ୍ତିମାନ ଧରମ ଦେବତା ତାଙ୍କର ଇଚ୍ଛା ପୂରଣ କଲେ। ଋଷି ତାଙ୍କର ସନ୍ତାନ ଜୀବନ୍ତ ମାନବ ଦ୍ୱୟଙ୍କୁ ଦେଖି ନିଜର ଭୁଲ ବୁଝିପାରିଲେ। କାରଣ ଦୁଇଜଣ ଯାକ ଥିଲେ ପୁରୁଷ।

ମାତ୍ର ସୃଷ୍ଟିର ବିକାଶ ପାଇଁ ନାରୀର ଏକାନ୍ତ ଆବଶ୍ୟକତା ଅନୁଭବ କଲେ ମାର୍କଣ୍ଡ ଋଷି। ସେ ପୁଣି ଦୁଇଟି ନାରୀର ପିତୁଳା ଗଢ଼ିଲେ ଓ ଧରମ ଦେବତାଙ୍କୁ ଆବାହନ କରି ସେମାନଙ୍କୁ ଜୀବନଦାନ କରାଇଲେ। ଋଷିଙ୍କ ଆଦେଶରେ ପୁରୁଷ ଦ୍ୱୟ ନାରୀ ଦ୍ୱୟଙ୍କୁ ପତ୍ନୀ ରୂପେ ଗ୍ରହଣ କଲେ। ସେମାନଙ୍କ ମିଳନରୁ ଅନେକ ସନ୍ତାନ ଜନ୍ମ ହେଲେ। ସେମାନେ ସେମାନଙ୍କ ଚରିତ୍ର ଓ କାର୍ଯ୍ୟ ଭେଦରେ ଜୁଆଙ୍ଗ, ଭୂୟାଁ, କୋହ୍ଲ, କିଶାନ, ମୁଣ୍ଡା, ଗଉଡ଼, ବ୍ରାହ୍ମଣ, ଚଷା ଓ ଗୋରା ସାହେବ ଆଦି ଜାତିମାନଙ୍କର ଜନକ ହେଲେ। ଏ ସମସ୍ତଙ୍କ ଭିତରେ ଶ୍ରେଷ୍ଠ ହେଲେ 'ଜୁଆଙ୍ଗ' ଅର୍ଥାତ୍ 'ମଣିଷ'।



# ଜୁଆଙ୍ଗଙ୍କ ସୃଷ୍ଟି (୧)

## ମାନବ ଜାତିମାନଙ୍କ ସୃଷ୍ଟି



ଆଦିକାଳର କଥା। ମହାପରବୁ ଧରମ ଦେବତା ପୃଥିବୀ ସର୍ଜନା କଲେ। ତାପରେ ପୃଥିବୀର ପ୍ରଥମ ମାନବ ଦମ୍ପତ୍ତି ଭାବେ ଋଷି ଓ ଋଷିଆଣୀଙ୍କୁ ସୃଷ୍ଟିକରି ମାନବ ଜାତିର ବଂଶ ବିସ୍ତାର କରିବା ପାଇଁ ପୃଥିବୀ ପୃଷ୍ଠରେ ସ୍ଥାପନ କଲେ। ମହାପରବୁଙ୍କ ଆଶୀର୍ବାଦରୁ ଋଷି ଦମ୍ପତ୍ତିଙ୍କ ଠାରୁ ଜନ୍ମ ନେଲେ ଏଗାର ଜଣ ସନ୍ତାନ- ଛଅଟି ପୁଅ ଓ ପାଞ୍ଚୋଟି ଝିଅ।

ଏଇ ପୁଅ ଝିଅମାନେ କାଳକ୍ରମେ ବଡ଼ ହେଲେ। ଋଷି ଓ ଋଷିଆଣୀଙ୍କ ମୁଣ୍ଡରେ ଚିନ୍ତା ପଶିଲା ସେମାନଙ୍କୁ କିପରି ବିବାହ ଦେବେ। କାରଣ ତାଙ୍କୁ ବାହା ହେବାପାଇଁ ପୃଥିବୀରେ ଆଉ କେହି ପୁଅ ଝିଅ ସେତେବେଳେ ନ ଥାଆନ୍ତି।

ଋଷିଆଣୀ ପ୍ରସ୍ତାବ ଦେଲେ ନିଜ ପୁଅ ଝିଅଙ୍କ ଭିତରେ ବିବାହ କରାଇବା ପାଇଁ। ଋଷି ଚମକି ଉଠିଲେ। "ଅସମ୍ଭବ କଥା। ଭାଇ ଭଉଣୀଙ୍କ ଭିତରେ ବିବାହ କରାଇବା ପାପ।" ଋଷି ରୋକ୍‌ଠୋକ୍ ମନା କରିଦେଲେ।

ଋଷିଆଣୀ ଚୁପ୍ ରହିଲେ। ଋଷି ଏ ସମସ୍ୟାର ସମାଧାନ କରି ନ ପାରି ଧରମ ଦେବତାଙ୍କୁ ଧ୍ୟାନ କଲେ। ଋଷିଙ୍କ ଆହ୍ୱାନରେ ଦେବତାଙ୍କ ଆବିର୍ଭାବ

ହେଲା। ଋଷି ତାଙ୍କ ପୁଅ ଝିଅଙ୍କ ବିବାହ ସମସ୍ୟା ମହାପରବୁଙ୍କୁ ଜଣେଇ ତା'ର ସମାଧାନ କରିବାକୁ ନିବେଦନ କଲେ। ସୃଷ୍ଟିକର୍ତ୍ତା ଋଷିଙ୍କ ସମସ୍ୟା ଶୁଣିଲେ, କିନ୍ତୁ ଋଷିଆଣୀଙ୍କ ପ୍ରସ୍ତାବକୁ ସମର୍ଥନ କଲେ। ମାନବ ଜାତିର ବଂଶ ବିସ୍ତାର ପାଇଁ ଭାଇ ଭଉଣୀମାନଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନ କରିବା ଛଡ଼ା ଅନ୍ୟପନ୍ଥା ନାହିଁ ବୋଲି ସେ ଆଜ୍ଞା ଦେଲେ।

ମହାପରବୁଙ୍କ ଆଜ୍ଞା ପାଇ ଋଷି ଏକ ମସ୍ତବଡ଼ ଧର୍ମସଙ୍କଟରୁ ରକ୍ଷା ପାଇଲେ ସତ ହେଲେ ତା'ପରେ ଆଉ ଏକ ସଙ୍ଗୀନ ସମସ୍ୟାର ସମ୍ମୁଖୀନ ହେଲେ। ତାଙ୍କର ଛଅଜଣ ପୁଅଙ୍କ ପାଇଁ ମାତ୍ର ପାଞ୍ଚଜଣ ଝିଅ ଅଛନ୍ତି। ଜଣେ ପୁଅ ଗୋଟିଏ ଝିଅକୁ ବାହାହେଲେ, ପାଞ୍ଚୋଟି ଯୋଡ଼ି ହେବ। ଜଣେ ପୁଅକୁ ଅବିବାହିତ ରହିବାକୁ ପଡ଼ିବ। ତାଙ୍କ ପାଇଁ ତାଙ୍କର ସମସ୍ତ ସନ୍ତାନ ସମାନ। କେଉଁ ହତଭାଗ୍ୟ ପୁଅଟିକୁ ସେ ଅବିବାହିତ ରହିବାକୁ ଛାଡ଼ିଦେବେ। ଏକ ଧର୍ମପ୍ରାଣ ଓ ସନ୍ତାନ ବତ୍ସଳ ପିତା ରୂପେ ଋଷିଙ୍କ ପାଇଁ ଏଇ ପ୍ରଶ୍ନର ସମାଧାନ ପ୍ରଥମ ପ୍ରଶ୍ନଠାରୁ ଅଧିକ ଜଟିଳ ଥିଲା।

ଋଷିଆଣୀ, ଋଷିଙ୍କର ଏହି ମାନସିକ ଅବସ୍ଥାକୁ ବୁଝିପାରିଲେ। ସେ ଋଷିଙ୍କୁ ଆଶ୍ୱାସନା ଦେଇ କହିଲେ ଏହାର ସମାଧାନ ତାଙ୍କ ଉପରେ ଛାଡ଼ିଦେଇ ସେ ନିଶ୍ଚିତ ରହନ୍ତୁ। ଋଷି ନୀରବ ରହି ନିଜର ମୌନ ସମ୍ମତି ଜଣେଇଲେ।

ଋଷିଙ୍କର ଛଅଜଣ ପୁଅଙ୍କ ନାମ ଥିଲା ମହାଶର, ଗଣଶର, ଧନୁଶର, ଆମ୍ବଶର, ଦୁକୁ ନାଇକ ଓ ଗୁଆରିମୁଣ୍ଡ ବଗିଆ। ଏମାନଙ୍କ ମଧ୍ୟରେ ମହାଶର ଥିଲା ସମସ୍ତଙ୍କଠୁ ବଡ଼ ଓ ଗୁଆରିମୁଣ୍ଡ ବଗିଆ ଥିଲା ସମସ୍ତଙ୍କଠୁ ସାନ। ବୁଦ୍ଧି, ବିବେକ ଓ ନୈତିକତା ଦୃଷ୍ଟିରୁ ମହାଶର ତା ସାନଭାଇମାନଙ୍କ ଠାରୁ ଉଚ୍ଚରେ ଥିଲା। ଋଷିଙ୍କ ପ୍ରଭାବରେ ସେ ଅନେକ ମହାନ୍ ସଦ୍‌ଗୁଣର ଅଧିକାରୀ ହୋଇଥିଲା। ବୁଦ୍ଧିମତୀ ଋଷିଆଣୀ ତାଙ୍କ ସମସ୍ୟାର ସମାଧାନର ଭାର ବଡ଼ପୁଅ ଉପରେ ନ୍ୟସ୍ତ କରିବାକୁ ସ୍ଥିର କଲେ। ସେ ତାକୁ ଏକୁଟିଆ ପାଖକୁ ଡାକି କହିଲେ "ମହାପରବୁଙ୍କ ଆଜ୍ଞା ଅନୁସାରେ ଏ ପୃଥିବୀରେ ମାନବ ଜାତିର ବିସ୍ତାର ଓ ମାନବ ସମାଜର ରଚନା କରିବା ପାଇଁ ତୁମେ ତୁମର ଭଉଣୀମାନଙ୍କୁ ବିବାହ

କରିବାକୁ ପଡ଼ିବ । ତେଣୁ ମୁଁ ମୋ ପାଞ୍ଚୋଟି ଝିଅଙ୍କୁ ତୁମ ହାତରେ ଅର୍ପଣ କରୁଛି । ତୁମେ ତୁମ ଭାଇମାନଙ୍କ ମଧ୍ୟରେ ବିଚାର ଆଲୋଚନା କରି ଜଣେ ଜଣେ ଭାଇ ଜଣେ ଜଣେ କନ୍ୟାଙ୍କୁ ନିଜର ପସନ୍ଦ ମୁତାବକ ନିଜର ଜୀବନସାଥୀ ରୂପେ ବରଣ କରିନିଅ । ଏ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ମୁଁ ତୁମକୁ ଦେଲି ।"

ମାତାଙ୍କ ଆଜ୍ଞା ପାଳନ କରିବାକୁ ଯାଇ, ମହାଶର ନିଜର ପାଞ୍ଚ ଜଣ ସାନଭାଇଙ୍କୁ ପାଖକୁ ଡାକି ମା'ଙ୍କର ଆଦେଶ ଶୁଣାଇ ଦେଲେ । ସେମାନେ ନିଜର ପସନ୍ଦ ମୁତାବକ ଜୀବନସାଥୀ ନିର୍ବାଚନ କରି ଖୁସିରେ ଦାମ୍ପତ୍ୟ ଜୀବନ ଯାପନ କଲେ । ବଡ଼ ଭାଇ ମହାଶର ରହିଗଲେ ଅବିବାହିତ ଓ ଏକୁଟିଆ । ସେଥିପାଇଁ ତାଙ୍କ ମନରେ ଦୁଃଖ ନ ଥିଲା । ସେ ଥିଲେ ତାଙ୍କ ପିତା ଋଷିଙ୍କ ପରି ଉଦାର, ସତ୍ୟ ଓ ଧର୍ମର ପୂଜାରୀ । ସେ ବିଚାର କଲେ ତାଙ୍କର ଭାଇମାନେ ବିବାହ କରି ଖୁସିରେ ରହିଲେ ସେଥିରେ ତାଙ୍କର ଖୁସି । "ମୁଁ ଯଦି 'ସତ୍'ରେ ଥିବି ମହାପରବ୍ରୁ ଚାହିଁଲେ ଦିନେ ନା ଦିନେ ମତେ ଉପଯୁକ୍ତ ପତ୍ନୀ ମିଳିବ ।"

ଏପରି ଚିନ୍ତା କରି ମହାଶର ସମସ୍ତଙ୍କ ଅଜଣାରେ ଚୁପ୍‌ଚାପ୍ ଜଙ୍ଗଲକୁ ଚାଲିଗଲେ ଓ ସେଠାରେ ବହୁକାଳ ଅଜ୍ଞାତ ବାସରେ କଟାଇଲେ । ଋଷି ଓ ତାଙ୍କର ଭାଇମାନେ ତାଙ୍କୁ ଅନେକ ଖୋଜିଲେ ଓ ନ ପାଇ ନିରାଶ ହେଲେ । ସମସ୍ତଙ୍କଠୁ ବେଶି ଦୁଃଖି ହେଲେ ଋଷି ।

ସମୟ ତା ବାଟରେ ଗଡ଼ି ଚାଲିଲା । କିଛିଦିନ ପରେ ଋଷି ଓ ଋଷିଆଣୀଙ୍କର ଆଉ ଗୋଟେ ଝିଅ ଜନ୍ମ ହେଲା । ଝିଅଟି ବଡ଼ ହୋଇ ବିବାହ ଯୋଗ୍ୟା ହେଲା । ଋଷି ତା ପାଇଁ ଏକ ଯୋଗ୍ୟ ବରପାତ୍ର ଖୋଜିଲେ । ଋଷିଙ୍କର ପ୍ରଥମ ପାଞ୍ଚଜଣ ପୁଅ ଓ ଝିଅ ବାହା ହୋଇ ତାଙ୍କ ପାଖରେ ରହି ତାଙ୍କର ସେବା କରୁଥିଲେ । ସେମିତି ଋଷି ତାଙ୍କର ଏଇ ଅଲିଅଳୀ ସାନ ଝିଅଟି ପାଇଁ ଏପରି ଏକ ବରପାତ୍ର ଖୋଜିଲେ ଯେ କି ଘର ଜୁଆଁଇ ହୋଇ ତାଙ୍କ ପାଖରେ ରହିବ ।

ଏମିତି ଖୋଜୁ ଖୋଜୁ ଦିନେ ସେ ନିଜର ହଜିଲା ପୁଅ ମହାଶରଙ୍କୁ ପାଇଲେ । ଶେଷରେ ପିତା ପୁତ୍ରର ମିଳନ ହେଲା । ମାତ୍ର ବିଧିର ବିଧାନ ବିଚିତ୍ର । ସ୍ଥାନ ଓ କାଳର ପ୍ରଭାବରେ କେହି କାହାକୁ ଚିହ୍ନି ପାରିଲେ ନାହିଁ । ଋଷି ମହାଶରଙ୍କୁ

ନିଜ କନ୍ୟାକୁ ବିବାହ କରି ତାଙ୍କ ପାଖରେ ରହିବାକୁ ପ୍ରସ୍ତାବ ଦେଲେ। ମହାଶର ଏହି ପ୍ରସ୍ତାବରେ ରାଜି ହେଲେ। ତା'ପରେ ମହାଶରଙ୍କ ବିବାହ ହେଲା। ସେ ଅବିବାହିତର ଜୀବନ ଯନ୍ତ୍ରଣାରୁ ରକ୍ଷା ପାଇଲେ।

ଏହିପରି ଛଅ ଭାଇ ତାଙ୍କ ଛଅ ଜଣ ପତ୍ନୀଙ୍କ ସହ ବୈବାହିକ ଜୀବନଯାପନ କଲେ ଓ ବିଭିନ୍ନ ମାନବ ଜାତିର ଜନକ ହେଲେ।

ବଡ଼ ଭାଇ ମହାଶରଙ୍କ ସନ୍ତାନମାନେ ଜୁଆଙ୍ଗ ନାମରେ ପରିଚିତ ହେଲେ। ତାଙ୍କ ତଳ ଭାଇ ଗଣଶରଙ୍କ ଔରସରୁ ଯେଉଁ ପରାକ୍ରମୀ ସନ୍ତାନମାନେ ଜାତ ହେଲେ ସେମାନେ ପରବର୍ତ୍ତୀ କାଳରେ ଗୋରା ସାହେବ ଓ ବିଭିନ୍ନ ଭୂଖଣ୍ଡର ରାଜା ହୋଇ ଶାସନ କଲେ। ଦନୁଶରଙ୍କ ଦାୟାଦମାନେ ହେଲେ ଶବର ଓ ମାଲାର ପରି ଆଦିମ ଆଦିବାସୀ ଗୋଷ୍ଠୀ। ଆମ୍ବଶରଙ୍କ ସନ୍ତାନମାନେ ହେଲେ ଭୂୟାଁ, ଚଷା ଓ ଗଉଡ଼ ଜାତି। ଜରା, କୋରୁଆ ଓ କିଶାନ ଆଦି ଆଦିବାସୀ ଗୋଷ୍ଠୀମାନେ ଦୁକୁ ନାଏକ ଓ ତାଙ୍କ ପତ୍ନୀଙ୍କଠାରୁ ଜନ୍ମ ନେଲେ। ସବା ସାନଭାଇ ଗୁଆରିମୁଣ୍ଡବଗିଆଙ୍କ ଔରସରୁ ଯେଉଁ ସନ୍ତାନମାନେ ଜାତ ହେଲେ ସେମାନେ ନିଜ ନିଜର କର୍ମ ବିଭାଗ ଅନୁସାରେ ପାଣ, କୋଲ୍, ହାଡ଼ି ଓ ବ୍ରାହ୍ମଣ ଆଦି ଜାତିରେ ବିଭକ୍ତ ହେଲେ। ଏ ସମସ୍ତ ମାନବ ଗୋଷ୍ଠୀ ମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନରେ ରହିଲେ, ଧର୍ମପରାୟଣ ବଡ଼ଭାଇ ମହାଶରଙ୍କ ସନ୍ତାନ 'ଜୁଆଙ୍ଗ'ମାନେ।



# ଜୁଆଙ୍ଗଙ୍କ ସୃଷ୍ଟି (୨)

## ଜୁଆଙ୍ଗ ଓ ଭୂୟାଁ ଗୋଷ୍ଠୀଙ୍କ ସୃଷ୍ଟି, ପତ୍ର ପରିଧାନ ଓ କମଣ ଚାଷ



ବହୁ ପୁରାତନ କାଳର କଥା। ସେତେବେଳେ ପୃଥିବୀର ସୃଷ୍ଟି ହୋଇ ନଥାଏ। ବିଶ୍ୱ ବ୍ରହ୍ମାଣ୍ଡ ଥାଏ ଜଳାର୍ଣ୍ଣବ। ଧରମ ଦେବତା ପ୍ରଥମେ ପୃଥିବୀ ସୃଷ୍ଟି କଲେ। ତା'ପରେ ସୃଷ୍ଟି କଲେ ପୃଥିବୀ ପୃଷ୍ଠରେ ପ୍ରଥମ ମାନବ ମାର୍କଣ୍ଡ ଋଷିଙ୍କୁ।

ସେତେବେଳେ ଏ ବିରାଟ ପୃଥିବୀରେ ମାର୍କଣ୍ଡ ଋଷି ଥାଆନ୍ତି ଏକାକୀ ମାନବ। କେହି ଜଣେ ବି ତାଙ୍କ ପାଖରେ ନଥାନ୍ତି ତାଙ୍କର ସୁଖ ଦୁଃଖର ସାଥୀ ହେବାକୁ। କ'ଣ କରିବେ, କିପରି ଏ ନିଃସଙ୍ଗ ଜୀବନ ବିତେଇବେ ଏକଥା ଚିନ୍ତାକରି ସେ ଦୁଇଟି ମାଟିର ପିତୁଳା ଗଢ଼ିଲେ। କରୁଣାମୟ ସ୍ରଷ୍ଟା ଧରମ ଦେବତାଙ୍କୁ ଆବାହନ କରି ନିଜର ପିତୁଳା ଦୁଇଟିରେ ଜୀବନଦାନ କରିବାକୁ ନିବେଦନ କଲେ। ଦେବତା, ଋଷିଙ୍କ ଇଚ୍ଛା ପୂର୍ଣ୍ଣ କଲେ। ପିତୁଳା ଦୁଇଟି ଜୀବନ ପାଇ ଋଷିଙ୍କର ଦୁଇଟି ପୁତ୍ର ସନ୍ତାନରେ ପରିଣତ ହେଲେ। ସେତେବେଳେ ପୁଅ ଦୁଇଟି ଉଲଗ୍ନ ଥିଲେ। ତାଙ୍କୁ ପିନ୍ଧିବାକୁ ଦେବାପାଇଁ ଋଷିଙ୍କ ପାଖରେ ଲୁଗା ନଥିଲା। ସେ ବାଧ୍ୟ ହୋଇ ନିଜେ ପିନ୍ଧିଥିବା ଏକମାତ୍ର ଲୁଗାଟିକୁ ଚିରିଦେଇ

ଚାରିଖଣ୍ଡ କଲେ। ନିଜେ ଖଣ୍ଡିଏ ପିନ୍ଧିଲେ, ଦୁଇଖଣ୍ଡ ଦୁଇ ପୁଅଙ୍କୁ ଦେଲେ ଓ ବଳକା ଖଣ୍ଡଟି ନିଜ ପାଖରେ ସାଇତି ରଖିଲେ।

ଖଣ୍ଡିଏ ଲୁଗା ଚାରିଖଣ୍ଡ ହୋଇଯିବାରୁ ଆକାରରେ ଛୋଟ ଓ ଅଣଓସାରିଆ ହୋଇଗଲା। ଲଜ୍ଜା ନିବାରଣ ନିମନ୍ତେ ଏହାକୁ ଲୁଗା ପରି ନ ପିନ୍ଧି, ବାଧହୋଇ କୌପୁନି ବା ଲେଙ୍ଗ୍‌ଟି ମାରି ପିନ୍ଧିବାକୁ ପଡ଼ିଲା। ସେଇ ଦିନଠାରୁ ଋଷିପୁତ୍ର ଜୁଆଙ୍ଗ ଓ ଅନ୍ୟାନ୍ୟ ଗୋଷ୍ଠୀମାନେ ଲେଙ୍ଗ୍‌ଟି ମାରନ୍ତି।

ଋଷିଙ୍କୁ ଧରମ ଦେବତା ସୃଷ୍ଟି କରିଥିବା ବେଳେ ତାଙ୍କ ଉପରେ ଏକ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଥିଲେ। ତାହା ହେଲା ମାନବ ସମାଜର ରଚନା ଓ ବଂଶ ବିସ୍ତାର। ଋଷି ତାଙ୍କର ଏହି ଦାୟିତ୍ୱ ବିଷୟରେ ସଚେତନ ଥାଆନ୍ତି। ଦୁଇ ମାନସ ପୁତ୍ରଙ୍କୁ ପାଇବା ପରେ ସେ ଦେଖିଲେ ଯେ କେବଳ ପୁରୁଷମାନଙ୍କ ଦ୍ୱାରା ମାନବ ଜାତିର ସୃଷ୍ଟି ଓ ବଂଶ ବୃଦ୍ଧି ହୋଇପାରିବ ନାହିଁ। ସୃଷ୍ଟି ପାଇଁ ପୁରୁଷ ସଙ୍ଗେ ନାରୀର ଆବଶ୍ୟକତା ଅପରିହାର୍ଯ୍ୟ।

ପୁଣି ସେ ଦୁଇଟି ନାରୀଙ୍କ ପ୍ରତିମା ଗଢ଼ିଲେ। ଧରମ ଦେବତାଙ୍କୁ ଡାକି ସେଥିରେ ଜୀବନ୍ୟାସ କରାଇଲେ। ସେ ଦୁଇଜଣ ହେଲେ ତାଙ୍କର ମାନସ କନ୍ୟା। ସେମାନେ ସେତେବେଳେ ଉଲଗ୍ନ ଥିଲେ। ତାଙ୍କୁ ପିନ୍ଧିବାକୁ ଦେବାପାଇଁ ଋଷିଙ୍କ ପାଖରେ ଆଉ ଖଣ୍ଡିଏ ମାତ୍ର ଲୁଗା ଥିଲା। ସେ ଲୁଗାଖଣ୍ଡଟିକୁ ଗୋଟିଏ ଝିଅକୁ ଦେଲେ। ଅନ୍ୟ ଜଣକୁ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଅଣ୍ଟାରେ ଗୁଡ଼େଇ ଲଜ୍ଜା ନିବାରଣ କରିବାକୁ ଆଦେଶ ଦେଲେ। ସେଇଦିନଠରୁ ଜୁଆଙ୍ଗ ମାନଙ୍କ ପତ୍ର ପିନ୍ଧିବାର ପରମ୍ପରା ଆରମ୍ଭ ହେଲା। ସେଥିପାଇଁ ତାଙ୍କୁ ଅନ୍ୟମାନେ 'ପାଟୁଆ' ବୋଲି ଡାକନ୍ତି।

ଏହାପରେ ମାନବ ଜାତିର ସୃଷ୍ଟି ପାଇଁ ଋଷିଙ୍କ ଆଦେଶରେ ତାଙ୍କର ଦୁଇ ମାନସ ପୁତ୍ର ତାଙ୍କର ଦୁଇ ମାନସ କନ୍ୟାଙ୍କୁ ପତ୍ନୀରୂପେ ଗ୍ରହଣ କଲେ। ଯେଉଁ ପୁଅଟି ଲୁଗାପିନ୍ଧା ଝିଅଟିକୁ ବାହା ହେଲା ଋଷି ସେ ପୁଅଟିର ନାଁ ଦେଲେ 'ଭୂୟାଁ'। ସେ ଭୂୟାଁ ଆଦିବାସୀ ଗୋଷ୍ଠୀର ଜନକ ହେଲା। ଅନ୍ୟ ପୁଅଟି ଯିଏ ପତ୍ର ପିନ୍ଧା

ଝିଅକୁ ବାହାହେଲା ତା ନାଁ ହେଲା 'ଜୁଆଙ୍ଗ' ଓ ସେ ହେଲା ଜୁଆଙ୍ଗ ମାନଙ୍କର ପୂର୍ବ ପୁରୁଷ।



ଋଷି ତାଙ୍କର ପୁଅ ଓ ଝିଅଙ୍କୁ ବିବାହ କରାଇ ସାରିବା ପରେ ଏକ କୁରାଢି ତିଆରି କଲେ। ଏହି କୁରାଢିଟି ଦୁଇ ପୁଅଙ୍କୁ ଦେଇ କହିଲେ, "ଏହାକୁ ନେଇ ଜଙ୍ଗଲକୁ ଯାଅ, ଗଛ କାଟି ଜଙ୍ଗଲ ସଫା କରି ଜମି (କମଣ) ତିଆରି କର। ଖାଇ ପିଇ ସୁଖରେ ବଞ୍ଚ।" ସେ ପୁଣି କହିଲେ, "ତୁମେ ଦୁଇ ଜଣ ହେଲ ଧରମ୍ ଦେବତାଙ୍କ ସନ୍ତାନ 'ମାଟିଶର' ଅର୍ଥାତ୍ 'ମାଟି ପୁତ୍ର'। ଏଇ ଗୋନାସିକା ପାହାଡ଼ ହେଲା ତମର 'ମାଟି ପୃଥିବୀ'। ଧରମ୍ ଦେବତା ତମର ବାପା ଓ ବାସୁକୀ ମାତା ତମର ମା। ଏମାନଙ୍କୁ ସର୍ବଦା ଭକ୍ତି କରିବ। ସତ୍ ଓ ଧର୍ମରେ ଚଳିବ। ଏପରି କଲେ ତମର କିଛି ଅଭାବ ରହିବ ନାହିଁ। ଏବେଠାରୁ ତୁମେ ଦୁହେଁ ଜୁଆଙ୍ଗ ଓ ଭୂୟାଁ ଦୁଇ ଭାଇ ହେଲ।"

ଋଷିଙ୍କ ଆଜ୍ଞା ପାଇ ସେବେଠାରୁ ଜୁଆଙ୍ଗ ମାନେ ଲେଙ୍ଗ୍‌ଟି ମାରି ଲୁଗାପିନ୍ଧନ୍ତି। ଲୁଗା ନ ଥିଲେ ପତ୍ର ପିନ୍ଧନ୍ତି। ଜୁଆଙ୍ଗ ଓ ଭୂୟାଁମାନେ ଜଙ୍ଗଲ କାଟି ପୋଡୁଚାଷ କରନ୍ତି, ଜଙ୍ଗଲରୁ ଫଳମୂଳ ସଂଗ୍ରହ କରନ୍ତି ଓ ଶିକାର କରନ୍ତି। ଏହା ହେଲା ତାଙ୍କର ମୁଖ୍ୟ ଜୀବିକା।



# ଜୁଆଙ୍ଗ ସୃଷ୍ଟି (୩)

## ପାପର ଫଳ



ପୃଥିବୀର ପ୍ରଥମ ମାନବ ଦମ୍ପତ୍ତି ଋଷି ଓ ଋଷିଆଣୀଙ୍କର ପ୍ରଥମରେ ଦୁଇଟି ପୁଅ ଜନ୍ମ ହେଲେ। ସେମାନେ ବଡ଼ ହେଲେ। ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି, ଶିକାର କରି ସେମାନେ ଆନନ୍ଦରେ ସମୟ କଟଉ ଥାଆନ୍ତି। ଅବସର ସମୟରେ ନାଚ ଗୀତରେ ମାତନ୍ତି।

ଦିନକର କଥା। ସେମାନେ ଖୁବ୍ ନାଚ ଗୀତରେ ମାତିଲେ। ନାଚି ନାଚି ଗାଇ ଗାଇ ହାଳିଆ ହୋଇଗଲେ। ଖୁବ୍ ଭୋକ ବି ହେଉଥାଏ। କିନ୍ତୁ ପାଖରେ କିଛି ହେଲେ ଖାଇବାକୁ ନଥାଏ। ଧନୁଶର ଧରି ଦୁଇଭାଇ ଚାଲିଲେ ଜଙ୍ଗଲକୁ ଶିକାର କରିବାକୁ।

ତୀର ଚାଳନାରେ ଦୁଇ ଭାଇ ଦକ୍ଷ। କେହି କାହାଠୁ କମ୍ ନୁହଁନ୍ତି। ଏକୁ ଆରେକ ବଳିଆର।

ଜଙ୍ଗଲରେ ଖୋଜି ଖୋଜି ଗୋଟିଏ ବି ଜନ୍ତୁ ପାଇଲେନି। କ୍ଷୁଧା ଓ ତୃଷାରେ ଅବଶ ହୋଇ ଆଉ ବୁଲି ପାରିଲେନି। ଝରଣାରୁ ପାଣିପିଇ ଥକ୍କା ମେଣ୍ଟେଇଲେ। ହତାଶ ହୋଇ ଘର ବାହୁଡ଼ା ବାଟ ଧରିଲେ।

ବଡ଼ ଭାଇଟି ଟିକେ ବଳୁଆ ଥିଲା । ଜୋର୍‌ରେ ପାଦ ପକେଇ ଆଗେ ଆଗେ ଚାଲି ଆସିଲା । ସାନ ଭାଇଟି ତା ସାଙ୍ଗେ ପାଦ ମିଳେଇ ଚାଲି ପାରିଲାନି, ପଛରେ ପଡ଼ିଗଲା ।

ବଡ଼ ଭାଇଟି କିଛି ବାଟ ଆଗେଇ ଆସିବା ପରେ ଜଙ୍ଗଲରେ ଗୋଟେ ଜାଗାରେ କିଛି ପାଚିଲା ଫଳ ଦେଖିଲା । ସେତେବେଳକୁ ତାକୁ ପ୍ରବଳ ଭୋକ ହେଉଥାଏ । ପେଟ ପୂରେଇ ଫଳ ଖାଇଲା, ଝରଣାରୁ ପାଣି ପିଇଲା, ବଳକା ଫଳଯାକ ଧରି ସେଠାରେ ସାନଭାଇ ଆସିବାକୁ ଅପେକ୍ଷା କଲା । ସାନଭାଇ ଆସିଲାନି । ଅନେକ ସମୟ ବସି ରହିବା ପରେ ଫଳତକ ଧରି ସେ ଘରକୁ ଫେରିଆସିଲା । ଋଷି ଓ ଋଷିଆଣୀ ମଧ୍ୟ ଭୋକରେ ଥିଲେ । ପୁଅ ଦୁହିଁଙ୍କର ଫେରି ଆସିବାକୁ ଅପେକ୍ଷା କରି ରହିଥିଲେ । ବଡ଼ ପୁଅ ଆଣିଥିବା ଫଳକୁ ଖାଇ ଓ ସାନପୁଅ ପାଇଁ କିଛି ରଖି ତା'ର ଫେରିବା ବାଟକୁ ଚାହିଁ ବସିଲେ ।



ଏଣେ ଜଙ୍ଗଲ ଭିତରେ ବଡ଼ ଭାଇଠୁ ଅଲଗା ହୋଇଯିବା ପରେ ସାନପୁଅ ବାଟ ହୁଡ଼ିଲା । ଏଣେ ତେଣେ ଲକ୍ଷହୀନ ଭାବେ ଘୁରି ବୁଲିବା ପରେ ଫେରିବା ବାଟକୁ ଠାବକଲା ଓ ଫେରିବା ସମୟରେ ବାଟରେ ଗୋଟିଏ ଗାଈକୁ ଦେଖିଲା । ସେତେବେଳକୁ ଭୋକରେ ସେ ନିଜର ହିତାହିତ ଜ୍ଞାନ ହରାଇ ସାରିଥିଲା । କ୍ଷୁଧା ନିବାରଣ କରିବାକୁ ଗାଈଟିକୁ ସେ ମାରିଦେଲା ଓ ପେଟ ପୂରେଇ ମଲା ଗାଈର ମାଂସ ଖାଇଲା । ତାପରେ ଗାଈର ମୁଣ୍ଡ, ହାଡ଼ ଓ ଚମଡ଼ା ସେଇ ଜଙ୍ଗଲ ଭିତରେ ଲୁଚେଇ ଦେଇ ବଳକା ମାଂସକୁ ପତ୍ରରେ ବାନ୍ଧି ଘରକୁ ଫେରିଲା ।

ସାନପୁଅ ଫେରିବା ଦେଖି ଋଷି ଓ ଋଷିଆଣୀ ଆଶ୍ୱସ୍ତ ହେଲେ। ସାନ ପୁଅ ଋଷିଙ୍କୁ ମାଂସତକ ଦେଲେ। ଋଷି ପଚାରିଲେ 'କି ମାଂସ ?'

ସାନପୁଅ ଜାଣିଥିଲା ଋଷି ଧର୍ମପରାୟଣ ଲୋକ। ସେ ଯଦି ସତକଥା ଜାଣିବେ ତେବେ ଖୁବ୍ ଅନର୍ଥ ହେବ। ସେ ଗାଈ ମାରିବା ଓ ଗାଈର ମାଂସ ଖାଇବା କଥା ଜାଣିଲେ ଖୁବ୍ ରାଗିଯିବେ ଓ ପରିଣତି ଭୟାବହ ହେବ। ତେଣୁ ସେ ମିଛରେ ମିରିଗ ମାଂସ ଆଣିଚି ବୋଲି କହିଲା।

ଋଷି ତାଙ୍କ ଧର୍ମ ବଳରେ ସତକଥା ଜାଣିପାରିଲେ। ପୁଅ ପାପ କାମ କରିଛି ଓ ପାପକୁ ଘୋଡ଼େଇବା ପାଇଁ ମିଛ କହିଥିବାରୁ ଋଷି କ୍ରୋଧରେ ଥରହର ହେଲେ। ସାନପୁଅ ଧରା ପଡ଼ିଗଲା। ଭୟରେ ଥର ଥର ହୋଇ ଋଷିଙ୍କୁ ଭୁଲ ମାଗିଲା। ଋଷି ତାକୁ ଅଭିଶାପ ଦେଲେ।

ଋଷିଙ୍କ ଅଭିଶାପ ହେଲା ଏହା ଯେ ସାନପୁଅ ଗାଈ ମାରିବା ଓ ଗାଈ ମାଂସ ଖାଇବା ଭଳି ପାପ କାମ ଓ ପାପକୁ ଘୋଡ଼େଇବା ପାଇଁ ମିଛ କହିଥିବା ଅପରାଧ କରିଥିବାରୁ ସେ ଓ ତା'ର ବଂଶଧର ମାନେ ମାନବ ସମାଜରେ ନୀଚ ହୋଇ ରହିବେ। ସେମାନଙ୍କୁ ଅନ୍ୟମାନେ ଘୃଣା କରିବେ। ତାଙ୍କ ଗୋଷ୍ଠୀର ନାମ ହେବ ଜୁଆଙ୍ଗ। ବଡ଼ ପୁଅ ପାପ ନ କରି ଫଳମୂଳ ଆଦି ସାତ୍ୱିକ ଆହାର କରିଥିବାରୁ ସେ ଓ ତା'ର ଦାୟାଦ ମାନେ ସମାଜରେ ସମ୍ମାନ ଓ ମର୍ଯ୍ୟାଦାଯୁକ୍ତ ସ୍ଥାନର ଅଧିକାରୀ ହେବେ। ସେମାନଙ୍କ ଗୋଷ୍ଠୀର ନାମ ହେବ ଭୂୟାଁ। ସେଇ ଦିନୁ ଭୂୟାଁ ମାନେ ହେଲେ ବଡ଼ ଭାଇ ଓ ଜୁଆଙ୍ଗମାନେ ସାନଭାଇ।



# ଜୁଆଙ୍ଗ କିଲି (ବଂଶ) ମାନଙ୍କର ସୃଷ୍ଟି

ଜୁଆଙ୍ଗମାନଙ୍କ ବିଶ୍ୱାସ ଯେ ତାଙ୍କ ମଧ୍ୟରେ ଯେଉଁସବୁ ବଂଶମାନ ରହିଛି, ସେମାନଙ୍କର ଉତ୍ପତ୍ତି ନିମନ୍ତେ କୌଣସି ନା କୌଣସି ସ୍ଥାନ, ପ୍ରାଣୀ, ଉଦ୍ଭିଦ ବା ଅନ୍ୟକୌଣସି ପ୍ରାକୃତିକ ବସ୍ତୁମାନଙ୍କର ମୁଖ୍ୟ ଭୂମିକା ରହିଛି। ସେଥିପାଇଁ ନିର୍ଦ୍ଦିଷ୍ଟ କିଲି ବା ବଂଶର ଲୋକମାନେ ତାଙ୍କ ବଂଶର ସୃଷ୍ଟି ସାଙ୍ଗେ ଜଡ଼ିତ ନିର୍ଦ୍ଦିଷ୍ଟ ପୌରାଣିକ ତଥା କାଳ୍ପନିକ ପୂର୍ବପୁରୁଷଙ୍କୁ ଭକ୍ତି ଓ ପୂଜା କରିଥାନ୍ତି ଏବଂ ଜଣେ ପୂର୍ବ ପୁରୁଷଙ୍କ ସନ୍ତାନ ରୂପେ ନିଜକୁ ଗୋଟିଏ ରକ୍ତର ଭାଇ ଭଉଣୀ ବୋଲି ମନେ କରନ୍ତି। ତେଣୁ ଗୋଟିଏ କିଲିର ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ବିବାହ ବା କୌଣସି ପ୍ରକାରର ଯୌନ ସମ୍ପର୍କ ସମ୍ପୂର୍ଣ୍ଣ ନିଷେଧ। ଏହି ନିଷେଧାଜ୍ଞାର ଅବମାନନା କରିବା ଜଘନ୍ୟ ଅପରାଧ ଓ ଘୋର ପାପ। ଏପରି ପାପୀ ଓ ଅପରାଧୀମାନଙ୍କୁ ଜୁଆଙ୍ଗ ସମାଜ କଠିନ ଦଣ୍ଡ ଦେବା ସଙ୍ଗେସଙ୍ଗେ ସାମାଜିକ ବାଛନ୍ଦ ବି କରିଥାଏ।



# ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୧)

## ପ୍ରଥମ ଏଗାରଟି ବଂଶର କିମ୍ବଦନ୍ତୀ



ଆଦି କାଳର କଥା। ସେତେବେଳେ ସ୍ରଷ୍ଟା ଧରମ ଦେବତାଙ୍କ ଦ୍ୱାରା ପୃଥିବୀର ସୃଷ୍ଟି ହୋଇଥାଏ। ମାନବ ଜାତିର ଆଦି ପିତା ଓ ଆଦିମାତା ଋଷି ଓ ଋଷିଆଣୀ ପୃଥିବୀ ପୃଷ୍ଠରେ ଦାମ୍ପତ୍ୟ ଜୀବନ ଆରମ୍ଭ କରିଥାନ୍ତି। ଧରମ୍ ଦେବତାଙ୍କ ଆଜ୍ଞା, ସେମାନେ ସନ୍ତାନ ଜନ୍ମ କରି ମାନବ ଜାତିର ବଂଶ ବିସ୍ତାର ଓ ମାନବ ସମାଜର ରଚନା କରିବେ। ଧରମ ଦେବତାଙ୍କ କୃପାରୁ ତାଙ୍କର ଅନେକ ସନ୍ତାନ ଜନ୍ମ ହେଲେ।

ଗୋଟିଏ ସନ୍ତାନର ଜନ୍ମହେଲା ହାତୀଶିଡ଼ା ପାହାଡ଼ ତଳେ। ସେଠି ଥିଲା ଘନ ଅରଣ୍ୟ। ତା ଭିତରେ ଏକ ଚିରସ୍ରୋତା ଝରଣା କୂଳରେ ଏକ ପତ୍ରକୁଡ଼ିଆ କରି ଋଷି ଦମ୍ପତି ରହିଲେ। ଜଙ୍ଗଲରୁ ଫଳମୂଳ ଆଣି ଖାଇଲେ ଓ ସନ୍ତାନର ଲାଳନପାଳନ କଲେ। ପିଲାଟି ବଡ଼ ହେଲା। ବିବାହ କରି ଘର ସଂସାର କଲା। ତା'ର ବଂଶବୃଦ୍ଧି ହୋଇ ସେଠାରେ 'ହାତୀଶିଡା' ଗାଁ ସ୍ଥାପନ ହେଲା। ସେଇ ବଂଶର ନାମ ହେଲା 'ହାତୀଶିଡାବକ୍' ('ବକ' ଅର୍ଥ 'ବଂଶ')।

ପିଲାଟି ବଡ଼ ହୋଇ ସ୍ୱାବଲମ୍ବୀ ହୋଇଯିବା ପରେ ପରେ ଋଷି ଦମ୍ପତି ତାକୁ ସେଠାରେ ଛାଡ଼ି ଜଙ୍ଗଲରେ ବୁଲାବୁଲି କରୁ କରୁ ଏକ ଝରଣା କୂଳରେ ପହଞ୍ଚିଲେ। ସେଠାରେ ଏକ ବାଲିର ସ୍ତୁପ ଥିଲା। ତା'ପାଖରେ କୁଡ଼ିଆ କରି ରହିଲେ। ଋଷିଆଣୀ ସେ ସମୟରେ ଗର୍ଭବତୀ ଥିଲେ। ଯଥା ସମୟରେ ତାଙ୍କର ଅନ୍ୟ ଏକ ସନ୍ତାନ ଜନ୍ମ ହେଲା। ସେ ସନ୍ତାନଟି ବଡ଼ ହୋଇଯିବା ପରେ ଋଷି ଓ ଋଷିଆଣୀ ତାକୁ ସେଠାରେ ଛାଡ଼ି ଦୂରକୁ ଚାଲିଗଲେ। ସେଇ ପିଲାଠୁ ଯେଉଁ ବଂଶର ସୃଷ୍ଟି ହେଲା ତା'ର ନାଁ ହେଲା 'ବାଲିଆର'।

ଋଷି ଦମ୍ପତି ଜଙ୍ଗଲରେ ବୁଲୁଥିବା ବେଳେ ତାଙ୍କର ଆଉ ଗୋଟେ ପିଲା ଜନ୍ମ ହେଲା। ସେ ପିଲାଟି ଜନ୍ମ ହେବାପରେ ପରେ ଋଷି ଓ ଋଷିଆଣୀ ତାକୁ ସେଠାରେ ଏକୁଟିଆ ଛାଡ଼ି ଦେଇ ପଳେଇଗଲେ। ପିଲାଟି ଭୋକରେ ରଡ଼ିକରି କାନ୍ଦୁଥାଏ। ଜଙ୍ଗଲରେ ବୁଲୁଥିବା ମାଈ ଭାଲୁଟିଏ ପିଲାର କାନ୍ଦ ଶୁଣି ତା' ପାଖକୁ ଆସିଲା। ଏତେ ଛୋଟ ପିଲାଟିକୁ ଦେଖି ତା'ର ମାତୃ ହୃଦୟ ମମତାରେ ଭରିଗଲା। ପିଲାକୁ ସେ କୋଳକୁ ନେଲା। ନିଜର କ୍ଷୀର ଖୁଆଇ ତାକୁ ଲାଳନ ପାଳନ କଲା। ପିଲାଟି ବଡ଼ ହୋଇ ଯେଉଁ ବଂଶର ବିସ୍ତାର କଲା ସେହି ବଂଶର ନାମ ହେଲା 'ବାନିଙ୍ଗ୍ ବକ୍' ('ବାନିଙ୍ଗ୍' ଅର୍ଥ 'ଭାଲୁ') ଅର୍ଥାତ୍ 'ଭାଲୁ ବଂଶ'। ଏହି ବଂଶର ଲୋକମାନେ ଭାଲୁମାନଙ୍କୁ ନିଜର ପୂର୍ବପୁରୁଷ ବୋଲି ସମ୍ମାନ ଓ ଭକ୍ତି କରିଥାନ୍ତି। ସେମାନଙ୍କ ପାଇଁ ଭାଲୁ ଶିକାର ସମ୍ପୂର୍ଣ୍ଣ ନିଷେଧ।

ଋଷି ଓ ଋଷିଆଣୀଙ୍କର ପରବର୍ତ୍ତୀ ସନ୍ତାନଟି ଜନ୍ମ ହେଲା ଭୂଇତାଣୀ ନଦୀ କୂଳରେ। ସେଇ ସନ୍ତାନଟି ବଡ଼ ହୋଇ 'ଭୂଇତାଣୀ ବକ୍' ବଂଶ ସ୍ଥାପନ କଲା। ଏଇ ବଂଶର ଲୋକମାନେ ଭୂଇତାଣୀ ନଦୀକୁ ପୂଜା କରିଥାନ୍ତି।

ତା'ପରେ ଋଷି ଦମ୍ପତିଙ୍କର ଏକ ଡିମିରିଗଛ ତଳେ ପିଲାଟିଏ ଜନ୍ମ ହେଲା। ସେଇ ଗଛମୂଳେ ଶିଶୁଟିକୁ ଛାଡ଼ି ଦେଇ ସେମାନେ ଚାଲିଗଲେ। ଡିମିରିଗଛ ପିଲାଟିକୁ ତା' କୋଳକୁ ନେଇ ପାଳିଲା। ଡିମିରି ଫଳ ଖାଇ ସେ ବଡ଼ ହେଲା ଓ 'ଡୁମୁରିଆ ବକ୍' ବଂଶ ସ୍ଥାପନ କଲା। ଏଇ ବଂଶର ଲୋକମାନେ ଡିମିରି ଗଛକୁ ପୂଜା କରନ୍ତି।

ମାନବ ଜାତି ସୃଷ୍ଟି କରିବା ନିମିତ୍ତ ସ୍ରଷ୍ଟା ଧରମ ଦେବତାଙ୍କ କୃପାରୁ ଋଷିଆଣୀ ପୁଣି ଗର୍ଭବତୀ ହେଲେ। ଏଇ ସନ୍ତାନଟି ଜଙ୍ଗଲ ଭିତରେ ଏକ ମହୁଲ

ଗଛ ତଳେ ଭୂମିଷ୍ଠ ହେଲା । ଋଷି ଦମ୍ପତି ତାକୁ ମହୁଲ ଗଛ କୋରଡ଼ ଭିତରେ ଥୋଇ ଦେଇ ସେ ସ୍ଥାନଛାଡ଼ି ଚାଲିଗଲେ । ମହୁଲ ଗଛ ପିଲାଟିକୁ କୋଳରେ ଧାରଣ କରି ଲାଳନ ପାଳନ କଲା । ପିଲାଟି ମହୁଲ ଫୁଲ ଖାଇ ବଢ଼ିଲା । ତା'ର ବଂଶଧର ମାନେ 'ମୁଣ୍ଡିଆରୀ ବକ୍' ବଂଶ ଗଠନ କଲେ ।

ଋଷି ଓ ଋଷିଆଣୀଙ୍କ ପରବର୍ତ୍ତୀ ତିନୋଟି ସନ୍ତାନ 'ନାଚିଙ୍ଗ୍', 'ଓଡ଼ରିଆ' ଓ 'ରାକା' ନାମକ ସ୍ଥାନରେ ଜନ୍ମ ନେଇ ଯଥାକ୍ରମେ 'ନାଚିମ୍ବକ୍', 'ଓଡ଼ିରିଆ ବକ୍' ଓ 'ରାକେବକ୍' ନାମକ ତିନୋଟି ବଂଶର କର୍ଣ୍ଣଧାର ହେଲେ ।

ତା' ପରର ପିଲାଟି ଜନ୍ମ ହେଲା ବର୍ଷା କାଳରେ । ସେତେବେଳେ ଋଷି ଓ ଋଷିଆଣୀ ଜଙ୍ଗଲ ଭିତରେ ଏକ ସନ୍ତସନ୍ତିଆ ସ୍ଥାନରେ ଥିଲେ । ସେଠି ଅନେକ ଛତୁ ଫୁଟିଥିଲା । ଛତୁ ଗଛ ଗୁଡ଼ିକ ଛତାପରି ଛିଡ଼ା ହୋଇ ପିଲାଟିକୁ ଖରା ଓ ବର୍ଷାରୁ ରକ୍ଷା କରିଥିଲେ । ଛତୁ ଖାଇ ପିଲାଟି ବଢ଼ିଲା । ତା'ଠୁ ସୃଷ୍ଟି ହେଲା 'ରାସରବକ୍' ବଂଶ ।

ପରେ ପରେ ଆଉ ଏକ ପିଲା ଜନ୍ମ ହେଲା ଜଙ୍ଗଲର ଆଉ ଏକ ସ୍ଥାନରେ । ସେଠୁ ଅଳ୍ପ ଦୂରରେ ଏକ ମାଇ ବାଘୁଣୀ ଛୁଆ ଜନ୍ମ କରି ଜଗି ରହିଥାଏ । ତା'ର ଭୟଙ୍କର ଗର୍ଜନ ଶୁଣି ଋଷି ଓ ଋଷିଆଣୀ ଭୟରେ ନିଜର ପିଲାଟିକୁ ସେଠି ଛାଡ଼ି ଦେଇ ପଳେଇଲେ । ବାଘୁଣୀଟି ମଣିଷ ଶିଶୁଟିକୁ ପାଇ ସ୍ନେହ ଦେଇ ନିଜର ଛୁଆମାନଙ୍କ ସାଙ୍ଗେ ପାଳିଲା । ସେଇ ପିଲାଠୁ ଆରମ୍ଭ ହେଲା 'ସେରମ୍ବକ୍' ବଂଶ । ଏହି ବଂଶର ଲୋକମାନେ ବାଘମାନଙ୍କୁ ନିଜ ବଂଶର ରକ୍ଷକ ରୂପେ ସମ୍ମାନ ଦିଅନ୍ତି ଓ ସେମାନଙ୍କ ପାଇଁ ବାଘ ଶିକାର କରିବା ସମ୍ପୂର୍ଣ୍ଣ ନିଷେଧ । ଏମିତି ପ୍ରଥମେ ଏଗାରଟି ଜୁଆଙ୍ଗ 'କିଲି' ବା ବଂଶର ସୃଷ୍ଟି ହେଲା ।



## ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୨)

### ଗୁଣ୍ଡୁଚି ବକ୍ (ଗୁଣ୍ଡୁଚି ମୂଷା ବଂଶ)



ପୁରାତନ କାଳର କଥା। ସେତେବେଳେ ପୃଥିବୀରେ ସତ୍ୟ ଓ ଧର୍ମର ଯୁଗ ଚାଲିଥାଏ। ମଣିଷ, ପଶୁ, ପକ୍ଷୀ ଓ ଉଭିଦ ଜଗତ ପରସ୍ପରକୁ ସ୍ନେହ କରି ମିଳିମିଶି ଚଳୁଥାନ୍ତି। ସମସ୍ତେ ମଣିଷ ପରି କଥାବାର୍ତ୍ତା କରୁଥାନ୍ତି। ନିହାତି ଆବଶ୍ୟକ ନ ପଡ଼ିଲେ ହିଂସା ଆଚରଣ କରୁନଥାନ୍ତି।

ସେତେବେଳେ ଜଙ୍ଗଲ ଭିତରେ କୁଡ଼ିଆଟିଏ ତିଆରି କରି ସ୍ୱାମୀ ସ୍ତ୍ରୀ ଦୁଇ ଜଣ ସଂସାର କରିଥାନ୍ତି। କାଳକ୍ରମେ ମହାପରବୁଙ୍କ ଦୟାରୁ ତାଙ୍କର ଚାରୋଟି ପିଲା ଜନ୍ମ ହେଲେ। ଶେଷ ପିଲାଟିକୁ ଜନ୍ମ କରି ସ୍ତ୍ରୀଟି ମରିଗଲା। ଚାରୋଟି ଯାକ ଶିଶୁ ସନ୍ତାନଙ୍କର ଲାଳନପାଳନର ଭାର ପଡ଼ିଲା ବିଚାରା ସ୍ୱାମୀଟି ଉପରେ। ବଡ଼ ଅଡୁଆରେ ପଡ଼ିଲା। ଏଣେ ଚାରୋଟି ଶିଶୁଙ୍କ ଦେଖାଶୁଣା କରିବା ପାଇଁ ଘରେ ରହିବା ନିହାତି ଦରକାର। ତେଣେ ପିଲାଙ୍କୁଛାଡ଼ି ଖାଦ୍ୟ ଓ ଇନ୍ଧନ ସଂଗ୍ରହ କରିବାକୁ ବାହାରକୁ ଅର୍ଥାତ୍ ଜଙ୍ଗଲକୁ ଯିବା ମଧ୍ୟ ଦରକାର। କ'ଣ କରିବ? ବାହାରକୁ ଯାଇ ଖାଦ୍ୟ ନ ଆଣିଲେ ନିଜେ କ'ଣ ଖାଇବ ଆଉ ପିଲାଙ୍କୁ କେମିତି ଆହାର ଦେବ। ଯଦି ବାହାରକୁ ଯିବ, ତେବେ ଏତେ ଛୋଟ ଛୋଟ ପିଲାଙ୍କୁ କାହା ପାଖରେ ଛାଡ଼ି ଯିବ?

ବେଶି ସମୟ ଘରେ ବସି ରହିବା ସମ୍ଭବ ହେଲାନି। ଭୋକରେ ପିଲାମାନେ ରଡ଼ି ଛାଡ଼ିଲେ। ନିଜେ ମଧ୍ୟ ଭୋକରେ ଆଉଟୁ ପାଉଟୁ ହେଲା। କିଛି ଉପାୟ ନପାଇ ଶେଷରେ ପିଲାଙ୍କୁ ଏକୁଟିଆ ଛାଡ଼ି ଜଙ୍ଗଲକୁ ଫଳମୂଳ ଆଣିବାକୁ ଚାଲିଗଲା।

ଅଦୂରରେ ଏକ ଦୁଷ୍ଟ ଶାଗୁଣା ଥିଲା। କଅଁଳିଆ ଶିଶୁମାନଙ୍କ ମାଂସ ଚାଖିବାକୁ ତା' ପାଟିରୁ ଲାଳ ବୋହୁଥିଲା। ଅନେକ ଦିନ ହେବ ସେ ଏମିତି

ସୁଯୋଗକୁ ଅପେକ୍ଷା କରି ବସିଥିଲା । ପିଲାମାନଙ୍କ ବାପା ଜଙ୍ଗଲକୁ ଚାଲିଯିବାର ସୁଯୋଗ ନେଇ ସେ ପ୍ରଥମେ କୁଡ଼ିଆରେ ପଶି ଗୋଟିଏ ଶିଶୁକୁ ଉଠାଇ ନେଲା ।

କୁଡ଼ିଆ ନିକଟରେ ଗୁଣ୍ଡୁଚି ମୁଷାଟିଏ ବସା ବାନ୍ଧି ରହିଥିଲା । ଶାଗୁଣାଟି ଶିଶୁଟିକୁ ଉଠାଇ ନେବାର ଦେଖି ତା ମନରେ ଖୁବ୍ ଦୁଃଖ ହେଲା । ସେ ସାଙ୍ଗେ ସାଙ୍ଗେ କୁଡ଼ିଆ ଭିତରକୁ ଆସି ଶାଗୁଣାଟି ପ୍ରଥମ ଶିଶୁଟିକୁ ଖାଇଦେଇ ସାରିବା ପରେ ଅନ୍ୟ ଏକ ଶିଶୁକୁ ନେବା ପୂର୍ବରୁ, ତିନୋଟି ଶିଶୁଙ୍କୁ ନିଜ ବସା ଭିତରକୁ ନେଇଯାଇ ଲୁଚେଇ ଦେଲା ଓ ସେମାନଙ୍କୁ ସେଠାରେ ଜଗି ରହିଲା । କିଛି ସମୟ ପରେ ଶାଗୁଣା ପ୍ରଥମ ପିଲାଟିକୁ ଖାଇସାରି ଆଉ ଗୋଟେ ପିଲା ନବାକୁ କୁଡ଼ିଆ ଭିତରକୁ ପଶିଲା । ପିଲାଙ୍କୁ ପାଇଲାନି । ଚାରିଆଡ଼େ ଏପଟ ସେପଟ ହୋଇ ବହୁତ ଖୋଜିଲା । ଶେଷରେ ନିରାଶ ହୋଇ ଫେରିଗଲା ।

ଅନେକ ସମୟ ପରେ ପିଲାମାନଙ୍କ ବାପା ଜଙ୍ଗଲରୁ ଫଳ, ମୂଳ ଓ ଜାଳେଣୀ କାଠ ଧରି ଫେରିଲା । କୁଡ଼ିଆ ଭିତରକୁ ପଶିଲା । ଦେଖିଲା ତା'ର ପିଲାମାନେ ନାହାନ୍ତି । ଆତଙ୍କରେ ଥରି ଉଠିଲା । ଘର ଚାରିପଟେ କେତେ ଖୋଜିଲା । କୌଣସି ଚିହ୍ନ ବର୍ଣ୍ଣ ପାଇଲାନି । ଥକ୍କା ହୋଇ ବସିପଡ଼ିଲା । ଦୁଃଖରେ ଭାଙ୍ଗି ପଡ଼ିଲା ।

ଏଇ ସମୟରେ ତା' ପାଖକୁ ଗୁଣ୍ଡୁଚି ମୁଷାଟି ଆସିଲା । ତାକୁ ସାନ୍ତ୍ୱନା ଦେଇ ସମସ୍ତ ଘଟଣା କହିଲା । ଲୋକଟି ଦୟାଳୁ ଗୁଣ୍ଡୁଚି ମୁଷାଟିକୁ ହୃଦୟର କୃତଜ୍ଞତା ଜଣେଇଲା । ଗୁଣ୍ଡୁଚି ମୂଷାର ବସାରେ ସୁରକ୍ଷିତ ରହିଥିବା ତା'ର ତିନୋଟି ଶିଶୁଙ୍କୁ ଦେଖି ଛାତିରେ ଲଗେଇ ଗେଲକଲା । ଯାହା ଖାଦ୍ୟ ଆଣିଥିଲା ସେମାନଙ୍କୁ ଖୁଆଇଲା ।

ସେଇ ଦିନଠୁଁ ସେ ଜଙ୍ଗଲକୁ ଯିବାବେଳେ ତା'ର ପିଲା ତିନୋଟିଙ୍କୁ ଗୁଣ୍ଡୁଚି ମୂଷାର ବସାରେ ଛାଡ଼ିଦେଇ ଯାଏ । ସେଇ ପିଲାମାନେ ବଡ଼ ହୋଇ ଯେଉଁ ବଂଶ ବିସ୍ତାର କଲେ ସେ ବଂଶର ନାମ ହେଲା 'ଗୁଣ୍ଡୁଚି ବକ୍' ଅର୍ଥାତ୍ 'ଗୁଣ୍ଡୁଚି ମୂଷା ବଂଶ' । ସେଇ ବଂଶର ବଂଶଧରମାନେ ଗୁଣ୍ଡୁଚି ମୂଷାଙ୍କୁ ଖୁବ୍ ସମ୍ମାନ ଦିଅନ୍ତି, ତାଙ୍କର କୌଣସି କ୍ଷତି କରନ୍ତି ନାହିଁ ଓ ଗୁଣ୍ଡୁଚି ମୂଷାଟିଏ ମରିଥିବାର ଦେଖିଲେ ତାଙ୍କର କେହି ନିଜର ଲୋକ ମରିଯାଇଛି ବୋଲି ଭାବି ଦୁଃଖରେ କାନ୍ଦିଥାନ୍ତି ।

# ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୩)

## ହରିଡାବକ୍ (ହରିଡ଼ା ବଂଶ)



ପୂର୍ବ କାଳରେ ଜଙ୍ଗଲ ମଝିରେ ଥିବା ଏକ ଅଜ୍ଞାତ ଜୁଆଙ୍ଗ ବସ୍ତିରେ ବସା ବାନ୍ଧି ରହିଥିଲେ ସ୍ୱାମୀ ସ୍ତ୍ରୀ ଦୁଇଜଣ। ସ୍ତ୍ରୀଟି ଘରେ ରହି ଘରକାମ କରେ, ପିଲାମାନଙ୍କ ଯତ୍ନ ନିଏ। ସ୍ୱାମୀଟି ସବୁଦିନ ଜଙ୍ଗଲକୁ ଯାଏ। ଫଳ, ମୂଳ, ଚେର, ଛତୁ, ମହୁ ଆଦି ଖାଦ୍ୟ ପଦାର୍ଥ ସଂଗ୍ରହ କରି ଆଣେ। ତାକୁ ଖାଇ ପରିବାର ହସ ଖୁସିରେ ଦିନ କାଟନ୍ତି।

ଏମିତି ଅନେକ ଦିନ ବିତିଗଲା ପରେ ଲୋକଟିକୁ ଗୋଟେ ଅଜଣା ରୋଗ ଧରିଲା। ସେ ଅନେକ ଦିନ ଧରି ଅସୁସ୍ଥ ରହିଲା। ଧୀରେ ଧୀରେ ତା'ର ଆଖି ଦୁଇଟି ଖରାପ ହୋଇଗଲା। ତାକୁ ଆଉ କିଛି ଦେଖାଗଲା ନାହିଁ। ସେ ଜଙ୍ଗଲକୁ ଯାଇ ପାରିଲା ନାହିଁ। କୌଣସି କାମଦାମ କରିପାରିଲା ନାହିଁ। ତା'ର ପରିବାର ଖୁବ୍ କଷ୍ଟ ଭୋଗିଲେ।

ତା'ର ସ୍ତ୍ରୀଟି କଷ୍ଟେମଷ୍ଟେ ଘରକାମ ସାରି ଜଙ୍ଗଲକୁ ଯାଇ ଯାହା ଅଳ୍ପ କିଛି ଆଣେ ତାହା ପରିବାର ପାଇଁ ଯଥେଷ୍ଟ ହେଉ ନଥିଲା। ପରିବାରର କଷ୍ଟ ସହିନପାରି ଅନ୍ଧ ଲୋକଟି ଦିନେ ତା' ସ୍ତ୍ରୀର ହାତ ଧରି ଦରାଣ୍ଡି ଦରାଣ୍ଡି ଜଙ୍ଗଲକୁ ଗଲା। ଜଙ୍ଗଲରେ ତା' ସ୍ତ୍ରୀ ତାକୁ ଏକ ହରିଡ଼ା ଗଛ ମୂଳେ ବସେଇ ଦେଇ ପାଖରେ ଫଳ ମୂଳ ଯୋଗାଡ଼ କଲା ଓ ଗୋଜିଆ କାଠ ଖଣ୍ଡେ ଧରି କନ୍ଦା ଖୋଳିଲା। ଲୋକଟିକୁ ଭୋକ ଲାଗିଲା। ତା'ର ସ୍ତ୍ରୀକୁ ଡାକି ଖାଇବାକୁ ମାଗିଲା। ସ୍ତ୍ରୀଟି ତାକୁ କିଛି ପାଚିଲା ଫଳ ଖାଇବାକୁ ଦେଲା। ଶାଳ ପତ୍ରରେ ଠୋଲା କରି ଝରଣାରୁ ପାଣି ଆଣି ପିଇବାକୁ ଦେଲା।

ଲୋକଟିର ପେଟ ପୂରିଗଲା। ସେତେବେଳେ ସୁଲୁସୁଲିଆ ଥଣ୍ଡା ପବନ ଜଙ୍ଗଲ ଭିତରେ ବୋହୁଥାଏ। ତାକୁ ନିଦ ମାଡ଼ିଆସିଲା। ସେ ହରିଡ଼ା ଗଛକୁ ମୁଣ୍ଡ ଆଉଜେଇ ଦେଇ ଗଛ ମୂଳେ ନିଘୋଡ଼ ନିଦରେ ଶୋଇଗଲା। ସେ ଶୋଇଥିବାବେଳେ କିଛି ହରିଡ଼ା ଫଳ ଛୋଟ ଛୋଟ ଡାଳ ସହ ପବନରେ ଛିଡ଼ି ଲୋକଟିର ଆଖି ଉପରେ ପଡ଼ିଲା। କିଛି ସମୟପରେ ଲୋକଟିର ନିଦ ଭାଙ୍ଗିଗଲା। ଅନୁଭବ କଲା ତା' ଆଖି ଉପରେ କଅଣ ସବୁ ପଡ଼ିଯାଇଛି। ହାତରେ ସେଗୁଡ଼ିକ ସଫାକରି ଦେଇ ଆଖି ଖୋଲିଲା।

ଆଶ୍ଚର୍ଯ୍ୟର କଥା। ତା'ର ଅନ୍ଧ ହୋଇ ଯାଇଥିବା ଆଖି ଦୁଇଟିକୁ ଝାପ୍‌ସା ଦେଖାଯାଉଛି। ସେ ବିଶ୍ୱାସ କରିପାରିଲାନି। ସ୍ତ୍ରୀକୁ ପାଟିକରି ଡାକିଲା। ସ୍ତ୍ରୀ ତା' ପାଟିଶୁଣି ତା' ଆଗକୁ ଆସିଲା। ସ୍ତ୍ରୀ ତା ଆଗରେ ଛିଡ଼ା ହେଲାରୁ ତାକୁ ମଧ୍ୟ ଝାପ୍‌ସା ଦେଖିଲା। ଏକଥା ସ୍ତ୍ରୀକୁ କହିଲା। ସ୍ତ୍ରୀ ଖୁବ୍ ଖୁସି ହେଲା।

ସେମାନେ ଜାଣିପାରିଲେ ଯେ ହରିଡ଼ା ଫଳ ତା'ର ଅନ୍ଧ ଆଖିରେ ପଡ଼ିବାରୁ ତା'ର ଆଖି କେତେକାଂଶରେ ଭଲ ହୋଇଯାଇଛି। ସେଇଠୁ ତା'ର ସ୍ତ୍ରୀ କେତେକ ହରିଡ଼ା ଗୋଟେଇ ଗୋଟେ ଲଇରେ ବାନ୍ଧି ମାଳ କଲା। ସେଇ ମାଳକୁ ତା'ର ସ୍ୱାମୀର ଆଖି ଉପରେ ବାନ୍ଧି ଦେଲା।

ଦୁଇଜଣଯାକ ଫଳମୂଳ ଧରି ଘରକୁ ଫେରି ଆସିଲେ। ପିଲାମାନଙ୍କୁ ଖାଇବାକୁ ଦେଲେ। କିଛି ଦିନ ଆଖି ଉପରେ ହରିଡ଼ା ମାଳ ବାନ୍ଧି ରଖିବାରୁ ଲୋକଟି ଆଖି ସମ୍ପୂର୍ଣ୍ଣ ଭଲ ହୋଇଗଲା। ଅନ୍ଧତ୍ୱ ଦୂର ହେଲା। ସେ ଏଥର ଘରେ ନ ବସି ଆଗପରି ଜଙ୍ଗଲକୁ ଯାଇ ଫଳମୂଳ ସଂଗ୍ରହ କରି ପରିବାର ପ୍ରତିପୋଷଣ କଲା। ତା'ର ଦୁଃଖ କଷ୍ଟ ଦୂର ହେଲା। ତା'ର ପରିବାର ପୂର୍ବପରି ସୁଖ ଶାନ୍ତିରେ ଚଳିଲେ।

ହରିଡ଼ା ଫଳର ଉପକାର ସେ ଭୁଲିପାରିଲା ନାହିଁ। ସେବେଠାରୁ ତା'ର ବଂଶର ଲୋକମାନଙ୍କୁ 'ହରିଡ଼ାବକ୍' ବଂଶ ବୋଲି କୁହାଯାଏ। ସେମାନେ ହରିଡ଼ା ଗଛ ଓ ଫଳକୁ ପୂଜା କରନ୍ତି। ସେ ଗଛର କୌଣସି କ୍ଷତି କରନ୍ତି ନାହିଁ। ହରିଡ଼ା ଗଛକୁ ନିଜର ମା ବୋଲି କୁହନ୍ତି।

# ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୪)

## ତାରିଆ ପରିଆ ବକ୍ (ଖଜୁରୀ ବଂଶ)



ଆଗ କାଳର କଥା। ଜଙ୍ଗଲ ଭିତରେ ଏକ ଅଜଣା ଜୁଆଙ୍ଗ ପଲ୍ଲୀ ଥାଏ। ସେ ପଲ୍ଲୀରେ ରହୁଥାନ୍ତି ପୁରୁଷଟିଏ ଓ ତା'ର ସ୍ତ୍ରୀ। ସୁଖ ଦୁଃଖର ସଂସାର ତାଙ୍କର ଚାଲିଥାଏ। କିନ୍ତୁ ସବୁ ଭିତରେ ତାଙ୍କର ଗୋଟିଏ ଅଭାବ ଥାଏ। ତା' ହେଲା ବିବାହର ଅନେକ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ କୋଳରେ ପିଲାଟିଏ ନଥାଏ। ଦେବତାଙ୍କୁ କେତେ ପୂଜା କଲେ, କେତେ ପ୍ରକାରର ପଥିପାଞ୍ଚନ କଲେ। ହେଲେ ତାଙ୍କର ଆଶା ପୂରଣ ହେଲାନି। ତାଙ୍କର ଦୁଃଖ ଦୂର ହେଲାନି। ପିଲାଟିଏ ପାଇବା ପାଇଁ ହନ୍ତସନ୍ତ ହୋଇ ରହିଥାନ୍ତି। ଦୁହିଁଙ୍କ ମନରେ ସୁଖ ନଥାଏ।

ତାଙ୍କ ପଲ୍ଲୀର ଚାରିପଟେ ଥିବା ଜଙ୍ଗଲରେ ଅନେକ ଖଜୁରୀ ଗଛଥାଏ। ଖଜୁରୀ ଫଳ ଓ ରସ ଜୁଆଙ୍ଗ ମାନଙ୍କର ପ୍ରିୟ ଖାଦ୍ୟ। ଏଇ ସନ୍ତାନହୀନ ଜୁଆଙ୍ଗ ପୁରୁଷଟିର ବେଉସା ହେଲା, ପ୍ରତିଦିନ ଜଙ୍ଗଲକୁ ଯାଇ ଖଜୁରୀ ଫଳ ଓ ରସ ସଂଗ୍ରହ କରିବା। ସେ ସବୁକୁ ଅନ୍ୟମାନଙ୍କୁ ଦେଇ ତା ବଦଳରେ ଖାଦ୍ୟ ଶସ୍ୟ ଆଣି ନିଜର ଗୁଜୁରାଣ ମେଣ୍ଟେଇବା।

ବର୍ଷେ ଏମିତି ହେଲା ଯେ ଖଜୁରୀ ଗଛଗୁଡ଼ିକ ଶୁଖିବାକୁ ଲାଗିଲା। ସେଥିରେ ଫଳ ଫଳିଲାନି, ରସ ଝରିଲାନି। ଲୋକଟି ତା'ର ପେଟ ପୋଷିବା

ପାଇଁ ବଡ଼ କଷ୍ଟ ପାଇଲା । ଜଙ୍ଗଲରେ ଅନେକ ଖୋଜି ଖୋଜି ଯାହା ଅଳ୍ପ କିଛି ଫଳ ମୂଳ, ପାଉଥିଲା ସେଥିରେ କଷ୍ଟେମଷ୍ଟେ ଚଳିଲା ।

ଦିନକର କଥା । ଜଙ୍ଗଲରେ ବହୁ ସମୟଧରି ବୁଲାବୁଲି କରି ଥକ୍କା ହୋଇ ଗୋଟିଏ ବଡ଼ ଖଜୁରୀ ଗଛ ମୂଳେ ବସିପଡ଼ିଲା । କିଛି ସମୟ ପରେ ତା ହାତରେ ଆସି ପଡ଼ିଲା ଏକ ବଡ଼ ଖଜୁରୀ ଫଳ । ଲାଲ୍ ଟକ୍‌ଟକ୍ ଲୋଭନୀୟ ଫଳଟିଏ । ସେତେବେଳେକୁ ସେ ଖୁବ୍ ଭୋକିଲା ଥାଏ । ଖାଇ ଦେବାକୁ ପାଟିକୁ ନେବାବେଳେ ଘରେ ତାକୁ ଅପେକ୍ଷା କରି ରହିଥିବା ସ୍ତ୍ରୀ କଥା ମନେପଡ଼ିଲା । କାଲିଠୁ ସେ କିଛି ଖାଇ ନାହିଁ । ଭୋକରେ ତା' ବାଟକୁ ଅନେଇ ବସିଥିବ । ନିଜର ଇଚ୍ଛାକୁ ଚାପିଦେଇ ଭୋକକୁ ମାରି ଦେଇ ଖଜୁରୀ ଫଳଟିକୁ ଧରି ଘରକୁ ଫେରିଲା ଓ ସ୍ତ୍ରୀକୁ ଦେଲା ।

ସ୍ତ୍ରୀ ସେ ଲୋଭନୀୟ ଖଜୁରୀ ଫଳଟିକୁ ଆନନ୍ଦରେ ଖାଇ ନିଜର କ୍ଷୁଧା ମେଣ୍ଟେଇଲା । କିଛି ଦିନ ଯିବା ପରେ ଜଣା ପଡ଼ିଲା ଯେ ସେ ଗର୍ଭବତୀ ହୋଇଛି । ସେମାନେ ଜାଣିପାରିଲେ ସେଇ ଖଜୁରୀ ଫଳଟିର ମହିମାରୁ ହିଁ ସେ ମା ହେବାକୁ ଯାଉଛି ।

ତାଙ୍କର ଯଥା ସମୟରେ ସନ୍ତାନ ଜନ୍ମ ହେଲା । ଦୁଃଖ ଦୂର ହେଲା । ବହୁ ଦିନର ଆଶା ପୂରଣ ହେଲା । ସେମାନେ ଆଦରରେ ପିଲାଟିର ନାଁ ଦେଲେ 'ତାରିଆ' । ତା'ଠୁ ଜନ୍ମ ହେଲା 'ତାରିଆ ପରିଆବକ୍' ବା 'ଖଜୁରୀ ଗଛ ବଂଶ' । ଏହାର ବଂଶଧରମାନେ ଖଜୁରୀ ଗଛକୁ ପୂଜା କରନ୍ତି । ଖଜୁରୀ ଫଳ ବା ରସ ଖାଆନ୍ତି ନାହିଁ ।



## ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୫)

### ଗୋନାସିକା ପର୍ବତ, ବୈତରଣୀ ନଦୀ ଓ ଅନ୍ୟ ଏଗାରଟି ବଂଶର ସୃଷ୍ଟି



ସୃଷ୍ଟି ଆରମ୍ଭ କାଳର କଥା। ସ୍ରଷ୍ଟା ଧରମ ଦେବତା ପୃଥିବୀ ପୃଷ୍ଠର ପ୍ରଥମ ମଣିଷ ଋଷି ଓ ତାଙ୍କ ପତ୍ନୀ ଋଷିଆଣୀଙ୍କୁ ସୃଷ୍ଟି କରି ମାନବ ଜାତିର ବଂଶ ବିସ୍ତାର ଓ ସମାଜ ରଚନା କାର୍ଯ୍ୟଭାର ଏହି ଦମ୍ପତ୍ତିଙ୍କୁ ଅର୍ପଣ କରିଥାନ୍ତି। ଦେବତାଙ୍କ ଆଶୀର୍ବାଦରୁ ଋଷିଙ୍କ ଔରସରୁ ଗୋଟିକ ପରେ ଗୋଟିଏ ହୋଇ ଏଗାର ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ। ଋଷି ଓ ଋଷିଆଣୀ ସେତେବେଳେ ଗୋନାସିକା ପାହାଡ଼ ଉପରେ ବସବାସ କରୁଥାନ୍ତି। ଅବଶ୍ୟ ସେତେବେଳେ ଏହି ପାହାଡ଼ର 'ଗୋନାସିକା' ନାମ କରଣ ହୋଇ ନଥାଏ।

ଋଷି ଓ ଋଷିଆଣୀ ତାଙ୍କର ଏଗାର ଜଣ ପୁଅଙ୍କୁ ବଡ଼ ସ୍ନେହ ଓ ଆଦରରେ ଲାଳନ ପାଳନ କରୁଥାନ୍ତି। ଏମିତି ସେମାନେ ବଡ଼ ହେଲେ। ନାଚ, ଗୀତ, ଧନୁର୍ବିଦ୍ୟା, ଶିକାର ଆଦିରେ ପାରଙ୍ଗମ ହେଲେ। ଗୋନାସିକା ପାହାଡ଼ରେ ଏକ ଖୋଲା ଜାଗା ଥାଏ। ଏହା ହେଲା ଋଷିପୁତ୍ରମାନଙ୍କର ଖେଳ ପଡ଼ିଆ। ସେଠି ସେମାନେ ନାଚ ଗୀତ, ଖେଳ ଓ ତୀର ଚାଳନା ଶିଖିବା ଆଦି କରନ୍ତି। ଏହି ସ୍ଥାନକୁ ଜୁଆଙ୍ଗମାନେ 'ଋଷି ଟାଙ୍ଗର' ବୋଲି କହିଥାନ୍ତି।

ଦିନକର କଥା। ଋଷିପୁତ୍ରମାନେ ଋଷି ଟାଙ୍ଗରକୁ ଯାଇ ଖୁବ୍ ନାଚ, ଗୀତରେ ମାତିଲେ। ନାଚ ଗୀତ ସରିଲା ବେଳକୁ ସେମାନେ ଖୁବ୍ ହାଲିଆ ହୋଇ ପଡ଼ିଥିଲେ। ସେତେବେଳକୁ ସେମାନଙ୍କୁ ଖୁବ୍ ଭୋକ ହେଉଥାଏ। ପାଖରେ ଖାଇବାକୁ କିଛି ନଥାଏ।

ନିଜ ନିଜର ଧନୁ ଓ ତୀରମାନ ଧରି ଏଗାର ଜଣଯାକ ଜଙ୍ଗଲକୁ ଚାଲିଲେ ଶିକାର କରିବାକୁ। ଜଙ୍ଗଲ ସାରା ବୁଲି ବୁଲି ନିରାଶ ହେଲେ। ଗୋଟିଏ ବି ଜନ୍ତୁ ତାଙ୍କ ହାବୁଡ଼େ ପଡ଼ିଲେ ନାହିଁ। ହତାଶ ହୋଇ ଘରକୁ ଫେରିବା ବାଟ ଧରିଲେ।

ଫେରିବା ବାଟରେ ଗାଈଟିଏ ଦେଖିଲେ। ଭୋକରେ ଛଟପଟ ହେଉଥାନ୍ତି ଏଗାର ଜଣ ଭାଇ। ସେତେବେଳେ ଭଲମନ୍ଦ ବିଚାର କରିବାର ସମୟ ନ ଥିଲା। ସେମାନେ ମିଶି ଗାଈଟିକୁ ମାରିଦେଲେ। ପେଟ ପୂରେଇ ତାର ମାଂସ ଖାଇଲେ ଓ ଯାହା ବଳିଲା ସାଙ୍ଗରେ ଧରି ଘରକୁ ଫେରିଲେ।

ଋଷି ପୁଅମାନଙ୍କୁ ପଚାରିଲେ 'କି ଶିକାର ଆଣିଛ ?'

'ଆମେ ଜଙ୍ଗଲରେ ଗୋଟିଏ ବଡ଼ ସମ୍ବର ଶିକାର କଲୁ। ତା'ର ମାଂସ ଆଣିଛୁ।'

ଋଷି ସବୁବେଳେ 'ଧର୍ମ' ଓ 'ସତ୍'ରେ ଥାଆନ୍ତି। ତାଙ୍କ ମନରେ ସନ୍ଦେହ ହେଲା। ସେ ପୁଣି ପୁଅମାନଙ୍କୁ ପଚାରିଲେ "ସମ୍ବର ମୁଣ୍ଡଟି କାହିଁ ?" ପୁଅମାନେ ଅଳ୍ପ ଦୂରରେ ଗାଈର ମୁଣ୍ଡଟିକୁ ଲୁଚାଇବାକୁ ପୋତି ଦେଇଥିଲେ। ବାଧ୍ୟ ହୋଇ ଗାଈମୁଣ୍ଡ ପୋତା ହୋଇଥିବା ସ୍ଥାନକୁ ନେଇ ଦେଖେଇ ଦେଲେ।

ଋଷି ସତ ମିଛର ପରୀକ୍ଷା କରିବା ପାଇଁ କହିଲେ "ଯଦି ତୁମେମାନେ ସତରେ ଥାଅ ଆଉ ପ୍ରକୃତରେ ଏହି ମୁଣ୍ଡଟି ଯଦି ସମ୍ବରର ମୁଣ୍ଡ ହୋଇଥାଏ ତେବେ କିଛି ହେବ ନାହିଁ, କିନ୍ତୁ ତୁମେ ଯଦି ମିଛ କହୁଥାଅ ଓ ଏ ମୁଣ୍ଡଟି ଯଦି ସମ୍ବରର ମୁଣ୍ଡ ନ ହୋଇ ଗାଈ ମୁଣ୍ଡ ହୋଇଥାଏ ତେବେ ଏହାର ନାକପୁଡ଼ା ଦୁଇଟିରୁ ଜଳଧାର ବୋହି ଆସିବ ଓ ସେଥିରେ ତୁମେ ତୁମର ପାପକାର୍ଯ୍ୟ ପାଇଁ ଦଣ୍ଡ ପାଇବ।"

ସତ୍ୟନିଷ୍ଠ ଓ ଧର୍ମନିଷ୍ଠ ଋଷିଙ୍କ ବଚନ ଅନ୍ୟଥା ହେବାର ନୁହେଁ। ସତକୁ ସତ ତାଙ୍କ କହିବା ଅନୁସାରେ ଏହି ଆଶ୍ଚର୍ଯ୍ୟଜନକ ଘଟଣାଟି ଘଟିଲା। ଏକ ଭୟଙ୍କର ଗର୍ଜନ କରି ପୃଥିବୀ ପ୍ରକମ୍ପିତ ହେଲା। ପରେ ପରେ ସୁ ସୁ ଗର୍ଜନ କରି ତୀବ୍ର ଗତିରେ ଦୁଇଧାର



ଜଳସ୍ରୋତ ମାଟି ଭିତରୁ ଗାଇର ନାକ ପୁଡ଼ା ବାଟେ ଆକାଶ ମାର୍ଗକୁ ଉଠିଲା ଓ ତଳକୁ ପଡ଼ି ଏକ ଜଳଧାର ହୋଇ ବୋହିବାକୁ ଲାଗିଲା। ଏହି ଜଳଧାରର ଗତି ଏତେ ପ୍ରଖର ଥିଲା ଯେ ତାହା ଏଗାର ଜଣ ଋଷିପୁତ୍ରଙ୍କୁ ଭସାଇ ନେଇ ଚାଲିଗଲା।

ଗାଇ ମୁଣ୍ଡର ନାକପୁଡ଼ା ଦୁଇଟିରୁ ଜଳଧାର ବାହାରିଥିବାରୁ ସେହି ପାହାଡ଼ର ନାମ ହେଲା ଗୋନାସିକା। ଗୋବଧ ଓ ଗୋରକ୍ତ ଦ୍ୱାରା ସେହି ସ୍ଥାନର ମାଟି ଅପବିତ୍ର ହୋଇଯାଇଥିବାରୁ ଏହି ଜଳଧାର ବେଶି ବାଟ ମାଟି ଉପରେ ବୋହି ନଯାଇ କିଛି ବାଟ ଯିବା ପରେ ମାଟି ତଳେ ଅଦୃଶ୍ୟ ହୋଇଗଲା। ତେଣୁ ତାର ଏହି ଅଦୃଶ୍ୟ ଗତିକୁ 'ଗୁପ୍ତ ଗଙ୍ଗା' ବୋଲି କୁହାଯାଏ। ଏବେ ସେଠାରେ 'ଗୋନାସିକା' ଓ 'ଗୁପ୍ତ ଗଙ୍ଗା' ନାମରେ ଦୁଇଟି କୁଆଙ୍ଗ ଗାଁ ରହିଛି। କିଛି ବାଟ ପରେ ଏହି ଗୁପ୍ତଗଙ୍ଗା ପୁଣି ମାଟି ଉପରକୁ ଆସି ଆତ୍ମପ୍ରକାଶ କରି ପବିତ୍ର ବୈତରଣୀ ନଦୀର ରୂପ ନେଇଛି।

ଏଇଠି କଥା ସରିଲାନି। ଏଗାର ଜଣଯାକ ଋଷିପୁତ୍ର ଜଳସ୍ରୋତରେ ଭାସିଯାଉଥିବା ବେଳେ ଖୁବ୍ କଷ୍ଟ ପାଇଲେ। ପାଣିରେ ବୁଡ଼ି, ଗଛ ଓ ପଥର ଦେହରେ ପିଟି ହୋଇ ଅନେକ ଯନ୍ତ୍ରଣା ଭୋଗିଲେ। ଏହାଥିଲା ତାଙ୍କର ପାପକାର୍ଯ୍ୟର ଉଚିତ୍ ଦଣ୍ଡ। ଏପରି ଦଣ୍ଡ ଦେଇ ପବିତ୍ର ବୈତରଣୀ ନଦୀ ତାଙ୍କ ଜଳରେ ଋଷିପୁତ୍ରମାନଙ୍କ ପାପର କଳଙ୍କ ଧୋଇଦେଲେ। ତାପରେ ତାଙ୍କର ବେଗ କମାଇ ଦେଇ ସେମାନଙ୍କୁ ନିଜ ନିଜର ପ୍ରାଣରକ୍ଷା କରିବାକୁ ସୁଯୋଗ ଦେଲେ।

ଜଣେ ଋଷିପୁତ୍ର ଏପରି ଭାସିଯାଉ ଯାଉ ଏକ କିରିଗଛକୁ ଜାବୁଡ଼ି ଧରି ନିଜର ପ୍ରାଣରକ୍ଷା କଲେ। ସେ କୌଣସି ପ୍ରକାରରେ ଗଛଟିକୁ କୁଣ୍ଢେଇ କୂଳକୁ ଉଠି ଆସନ୍ନ ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ସେ କିରି ଗଛଟିକୁ ନିଜର ରକ୍ଷାକର୍ତ୍ତା ବୋଲି ଗଭୀର ସମ୍ମାନ



ଜଣେଇଲେ। ତାଙ୍କର ଦାୟାଦମାନେ ଯେଉଁ ବଂଶ ଗଠନ କଲେ ତାର ନାଁ ହେଲା 'କିରିଆରୀବକ୍'। କିରିଗଛ ଏହି ବଂଶର ଆରାଧ୍ୟ ବସ୍ତୁ ହୋଇ ରହିଲା।

ଦ୍ୱିତୀୟ ଋଷିପୁତ୍ର ଖଣ୍ଡେ ବଡ଼ ପଥରରେ ମାଡ଼ ହୋଇ କୂଳକୁ ଛିଟିକି ପଡ଼ିଲେ। କୂଳ ଉପରର ଭୂମିକୁ ଆସି ଦେଖିଲେ ଯେ ସେ ସ୍ଥାନଟି ବଡ଼ ବଡ଼ ପଥର ଅର୍ଥାତ୍ 'ଟାଙ୍ଗର'ରେ ପୂର୍ଣ୍ଣ। ସେ ସେଇଠି ବସତି ସ୍ଥାପନ କରି ସେ ସ୍ଥାନର ନାମ ଦେଲେ 'ଟାଙ୍ଗର ପଡ଼ା'। ସେଇଠୁ ଉତ୍ପତ୍ତି ହେଲା 'ଟାଙ୍ଗର ପଡ଼ିଆବକ୍' ଅର୍ଥାତ୍ ଟାଙ୍ଗରପଡ଼ା ବଂଶ। ଗୋନାସିକା ଠାରୁ କିଛି ଦୂରରେ ଏବେବି ଏଇ ଜୁଆଙ୍ଗ ବସ୍ତି, 'ଟାଙ୍ଗରପଡ଼ା' ରହିଛି।



ତୃତୀୟ ଋଷିପୁତ୍ରଙ୍କ ରକ୍ଷାକର୍ତ୍ତା ଥିଲା ଏକ ବିରାଟ ଶାଳ ଅର୍ଥାତ୍ 'ସରାଇ' ଗଛ। ତାଙ୍କଠାରୁ ଜନ୍ମ ନେଲା 'ସରିଆରୀବକ୍' ଅର୍ଥାତ୍ ଶାଳଗଛ ବଂଶ। ସେହିପରି ଚତୁର୍ଥ ଋଷିପୁତ୍ର ଏକ ଚମ୍ପାଗଛକୁ ଧରି ଓ ପଞ୍ଚମ ଋଷିପୁତ୍ର ଏକ 'ସଲାର୍' ଗଛକୁ ଧରି ଆତ୍ମରକ୍ଷା କଲେ। ସେମାନେ ଯଥାକ୍ରମେ ଚମ୍ପେଇ ଗ୍ରାମ ତଥା 'ଚମ୍ପେଇବକ୍' (ବଂଶ) ଏବଂ 'ସଲାରବକ୍' ବଂଶ ଦୁଇଟିର ପ୍ରତିଷ୍ଠାତା ହେଲେ।

ଷଷ୍ଠ ଓ ସପ୍ତମ ଋଷିପୁତ୍ର ଯଥାକ୍ରମେ ଶିଆଳୀ ଲଟା ଓ ଜେଟୁଆ ଲଟାର ଛନ୍ଦି ହୋଇ ରକ୍ଷା ପାଇଗଲେ। ସେମାନଙ୍କଠୁଁ ଆରମ୍ଭ ହେଲା 'ସରିଆରୀ' ଓ

'ଜେଟୁଆ' ବଂଶମାନ। ସେମିତି ଅଷ୍ଟମ ଓ ନବମ ଋଷିପୁତ୍ରମାନେ ଯଥାକ୍ରମେ 'ଲାଙ୍ଗିଆ' ଓ 'ସାଇକୋ' ଘାସ ଗଛମାନଙ୍କୁ ଧରି ଆତ୍ମରକ୍ଷା କଲେ। ତାଙ୍କର ବଂଶଧରମାନେ ଗଠନ କଲେ 'ଲାଙ୍ଗିବକ୍' ଓ 'ସାଇକୋବକ୍' ବଂଶମାନ।

ଶେଷକୁ ରହିଲେ ଆଉ ଦୁଇଜଣ ଭାଇ। ସେମାନେ ସେମିତି ପାଣିରେ ଭାସିଯାଉଥାନ୍ତି। ଜଣେ କୂଳରେ ଥିବା ଏକ ମଞ୍ଚାର ଗୋଡ଼କୁ ଧରି ପକେଇଲେ। କୌଣସି ପ୍ରକାରେ ମଞ୍ଚା ଉପରକୁ ଉଠିଯାଇ ନିଜକୁ ରକ୍ଷାକଲେ। ସେ ନିଜ ବଂଶର ନାମ ଦେଲେ 'ରୁଣ୍ଡାଲିବକ୍' ଅର୍ଥାତ୍ 'ମଂଚାବଂଶ'।



ସବାଶେଷ ଋଷିପୁତ୍ରକୁ ରକ୍ଷାକଲା ଏକ ବିରାଟ କଇଁଚ। ପାଣିରେ ବୁଡ଼ି ବୁଡ଼ି ସେ ନିଜକୁ ରକ୍ଷା କରିବାର କୌଣସି ଉପାୟ ପାଇଲେ ନାହିଁ। ଏଇ କଇଁଚଟି ଦେବଦୂତଙ୍କ ପରି ତାଙ୍କ ପାଖକୁ ଆସି ତାଙ୍କୁ ନିଜ ପିଠି ଉପରକୁ ଉଠାଇ ନେଇ ଆଶ୍ରୟ ଦେଲା। ତାପରେ ତାଙ୍କୁ କୂଳକୁ ନେଇ ଛାଡ଼ିଦେଲା। କଇଁଚର ଉପକାର ପାଇଁ ଋଷିପୁତ୍ର ତା ପାଖରେ ଚିରଋଣୀ ହୋଇ ରହିଗଲେ। ତାଙ୍କଠୁଁ ଯେଉଁ ବଂଶର ଉତ୍ପତ୍ତି ହେଲା ତାର ସେ ନାଁ ରଖିଲେ 'କଇଁଚ ବଂଶ'। ଏଇ ବଂଶର ପରମ ଆରାଧ୍ୟ ହେଲେ କଇଁଚ। ଏହାର ବଂଶଧର ମାନେ କଇଁଚମାନଙ୍କୁ ପୂଜା କରନ୍ତି, ଭକ୍ତି କରନ୍ତି ଓ ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ।

ଏହିପରି ଦୈବ ଲୀଳାରୁ ଏକ ଦୁର୍ଘଟଣା କ୍ରମେ ଏଗାରଟି ଜୁଆଙ୍ଗ ବଂଶର ସୃଷ୍ଟି ହେଲା।



# ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୬)

## କପତା ବକ୍ (କପତା ବଂଶ)



ପ୍ରାଚୀନ କାଳର କଥା। ପାହାଡ଼ ଜଙ୍ଗଲ ଘେରା ଏକ ଅଜଣା ଜୁଆଙ୍ଗ ପଲ୍ଲୀରେ ରହୁଥାନ୍ତି ଜଣେ ଜୁଆଙ୍ଗ ପୁରୁଷ ଓ ତାଙ୍କ ସ୍ତ୍ରୀ। ଦେବତାଙ୍କ ଆଶୀର୍ବାଦରୁ ତାଙ୍କର ଅନେକ ସନ୍ତାନ ସନ୍ତତି ଜନ୍ମ ହେଲେ। ହଠାତ୍ ସ୍ତ୍ରୀ ଜଣକ ଏକ ଅଜଣା ରୋଗରେ ପଡ଼ିଲେ। ଅନେକ ପୂଜା ଓ ଔଷଧ ପତ୍ର କରି ମଧ୍ୟ ତାଙ୍କର ରୋଗ ଉପଶମ ହେଲା ନାହିଁ। ରୋଗରେ ଦିନକୁ ଦିନ ତାଙ୍କ ଶରୀର କ୍ଷୀଣ ହୋଇ ଆସିଲା। ଶେଷରେ ଛୋଟ ଛୋଟ ଶିଶୁ ସନ୍ତାନମାନଙ୍କୁ ସ୍ୱାମୀଙ୍କ ହାତକୁ ଟେକିଦେଇ ସେ ଚିର ଦିନପାଇଁ ଆଖିବୁଜି ଦେଲେ।

ପୁରୁଷଟି ନିଜର ଜୀବିକା ଅର୍ଜନ ପାଇଁ ଜଙ୍ଗଲ ଉପରେ ନିର୍ଭର କରୁଥିଲା। ଏତେ ଛୋଟ ଛୋଟ ପିଲାମାନଙ୍କୁ ଘରେ ଏକୁଟିଆ ଛାଡ଼ିଦେଇ କେମିତି ଜଙ୍ଗଲକୁ ଯିବ ସେ କଥା ଚିନ୍ତା କଲା। ଏଣେ ଜଙ୍ଗଲକୁ ନ ଗଲେ ବୃତ୍ତି ଚଳୁ ନାହିଁ। ତେଣେ ପିଲାଙ୍କୁ ଏକୁଟିଆ ଛାଡ଼ିପାରୁ ନାହିଁ।

ଜଙ୍ଗଲକୁ ଯାଇ ଫଳ, ମୂଳ, ଶିକାର ଆଦି ନ ଆଣିଲେ ନିଜେ କଣ ଖାଇବ ? ମା ଛେଉଣ୍ଡ ପିଲାମାନଙ୍କ ମୁହଁରେ କଣ ଆଧାର ଦେବ ? ଏ ସମସ୍ୟାର ସମାଧାନ କରିଦେଲା ତାର ପୋଷା କପୋତଟି।

ଲୋକଟି ତା' ଘରେ ଅଣ୍ଡିରା କପୋତ ପକ୍ଷୀଟିଏ ପାଳିଥିଲା। ସେ ତାର ଘରର ସଦସ୍ୟମାନଙ୍କ ଭଳି ଚଳୁଥିଲା। ଆଗରୁ ଲୋକଟି ତା ସ୍ତ୍ରୀ ବଞ୍ଚିଥିବା ସମୟରେ ଦିନେ ଜଙ୍ଗଲରେ ଆହତ ଅବସ୍ଥାରେ ପଡ଼ିଥିବା ଏକ କପୋତ ଶାବକଟିକୁ ପାଇ ସାଙ୍ଗରେ ଘରକୁ ଆଣିଥିଲା। ସ୍ୱାମୀ ସ୍ତ୍ରୀ ଦୁଇଜଣ ମିଶି ତାର ସେବା ଶୁଶ୍ରୁଷା କରି ତାକୁ ଭଲ

କରିଥିଲେ । ସେଇଦିନଠୁ ଏଇ ଅଣ୍ଡିରା କପୋତଟି ତାଙ୍କ ଘରେ ରହି ଛୋଟରୁ ବଡ଼ ହୋଇଛି । କେବେବି ତାଙ୍କ ଘର ଛାଡ଼ି ଉଡ଼ି ପଳେଇ ଯାଇନି ।

ଏଇ ଦୁର୍ଦ୍ଦିନ ସମୟରେ କପୋତଟି ତାର ପାଳନ କର୍ତ୍ତାର ମାନସିକ ଅବସ୍ଥା ଓ ସମସ୍ୟାକୁ ଖୁବ୍ ଭଲ ଭାବରେ ବୁଝିପାରିଲା । ସେ ଲୋକଟି ପାଖକୁ ଆସି ଆଶ୍ୱାସନା ଦେଲା । "ପିଲାମାନଙ୍କୁ ଏକୁଟିଆ ଘରେ ଛାଡ଼ିଦେଇ କେମିତି ଜଙ୍ଗଲକୁ ଖାଦ୍ୟ ସଂଗ୍ରହ କରିବାକୁ ଯିବ ଏକଥା ଭାବୁଛ ତ ? କିଛି ଚିନ୍ତା ନାହିଁ । ମୁଁ ପିଲାମାନଙ୍କୁ ଜଗିକରି ବସିଛି । ତୁମେ ନିଶ୍ଚିନ୍ତ ହୋଇ ଜଙ୍ଗଲକୁ ଯାଅ । ତୁମେ ଫେରି ଆସିବା ପର୍ଯ୍ୟନ୍ତ ପିଲାମାନେ ନିରାପଦରେ ରହିବାର ଦାୟିତ୍ୱ ମୋର ।" ଏକଥା ଶୁଣି ଲୋକଟି ଆଶ୍ୱସ୍ତ ହୋଇ ଜଙ୍ଗଲକୁ ଚାଲିଗଲା ।

କପୋତଟି ତାର କଥା ରକ୍ଷାକରି ପିଲାମାନଙ୍କୁ ଜଗି ରହିଥାଏ । ହଠାତ୍ ଏକ ସମୟରେ ଏକ ବଣୁଆଁ ଦନ୍ତାହାତୀ ଭୟଙ୍କର ଗର୍ଜନ କରି ସେ ଜୁଆଙ୍ଗ ବସ୍ତି ଭିତରକୁ ପଶି ଆସିଲା । ଲୋକମାନେ ଭୟରେ ପ୍ରାଣରକ୍ଷା କରିବାକୁ ଏଣେ ତେଣେ ଦୌଡ଼ିଲେ । ଗାଁ ଲୋକମାନଙ୍କର ଅନେକ କ୍ଷୟକ୍ଷତି କରି ଶେଷରେ ହାତୀଟି ଏଇ ଲୋକର ଘର ଭିତରକୁ ପଶି ଆସିଲା ।

ବିଚରା କପୋତ ପକ୍ଷୀଟିର ଶକ୍ତି ନଥିଲା ଏତେଗୁଡ଼ିଏ ଛୋଟ ପିଲାଙ୍କୁ ଟେକିନେଇ କୁଆଡ଼େ ପଳେଇଯିବାକୁ । ହାତୀଟି ଘର ଭିତରେ ପଶି ପିଲାମାନଙ୍କୁ ତା ଗୋଡ଼ରେ ଦଳି ଦେବାକୁ ଆଗେଇ ଆସିଲା । ନିଜର ଜୀବନକୁ ପାଣି ଛଡ଼େଇକରି କପୋତଟି ଖୁବ୍ ସାହାସର ସହ ହାତୀକୁ ପ୍ରତିରୋଧ କଲା । ସେ ଉଡ଼ି ଉଡି ହାତୀର ଆଖିକୁ ଖୁମ୍ପି ପକେଇଲା ଓ ନିଜର ଡେଣା ଫଡ଼ ଫଡ଼ କରି ହାତୀର ଆଖିକୁ ଆଡୁଆଳ କଲା ଯେମିତିକି ସେ ପିଲାମାନଙ୍କୁ ଠିକ୍ ଭାବେ ଦେଖି ପାରିବ ନାହିଁ । ଏପରି ଅନେକ ସମୟ ଦୁଇଜଣଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଲାଗିବା ପରେ ହାତୀ ଶେଷକୁ ହାରମାନିଲା । ସେତେବେଳକୁ ତାର ଶରୀର ଓ ଆଖି ଦିଓଟି କପୋତର ଆକ୍ରମଣରେ କ୍ଷତ ବିକ୍ଷତ ହୋଇଯାଇଥାଏ । ସେ ଘର ଭିତରୁ ବାହାରି ଯାଇ ଜଙ୍ଗଲକୁ ପଳେଇଲା । ପିଲାମାନଙ୍କର ଜୀବନ ରକ୍ଷା ହେଲା । ସେମାନେ କପୋତ ଯୋଗୁ ସୁରକ୍ଷିତ ରହିଲେ ।

ବେଳ ରତରତ ହେବା ବେଳକୁ ଲୋକଟି ଜଙ୍ଗଲରୁ ଫଳମୂଳ ଧରି ଘରେ ପହଞ୍ଚିଲା । ତା ମନକୁ ପାପ ଛୁଉଁଥାଏ । 'ପିଲାମାନେ ଘରେ ନିରାପଦରେ ଅଛନ୍ତି

ତ ? କୌଣସି ଅଘଟଣ ଘଟିନି ତ ?’ ଗାଁ ଭିତରେ ଗାଁ ଲୋକମାନେ ତାକୁ ଦନ୍ତାହାତୀର ଉପଦ୍ରବ ବିଷୟରେ କହିଲେ। ଲୋକଟି ଆତଙ୍କରେ ଶିହରୀ ଉଠିଲା। ତା ପିଲାମାନଙ୍କର କଣ ହେଲା ବୋଲି ଏକରକମ ଧାଇଁ ଧାଇଁ ନିଜ ଘର ଭିତରେ ପଶିଗଲା।

ଘର ଭିତରେ ପ୍ରବେଶ କରି ସେ ବିଭତ୍ସ ରଣକ୍ଷେତ୍ରର ଦୃଶ୍ୟ ଦେଖିଲା। ପିଲାମାନେ ଖେଳୁଛନ୍ତି, କପୋତଟି ତାଙ୍କୁ ଜଗି ବସିଛି। ସେ ଆଶ୍ୱସ୍ତ ହେଲା। ପିଲାମାନଙ୍କୁ ଆଧାର ଦେଲା। କପୋତକୁ ମଧ୍ୟ ଖାଇବାକୁ ଦେଲା। ନିଜେ ଖାଇଲା। ଖିଆପିଆ ସରିବା ପରେ କପୋତ ଲୋକଟିକୁ ସେ ଦିନର ସମସ୍ତ ଘଟଣା ଶୁଣେଇଲା। କପୋତ ଯୋଗୁ ଆଜି ତାର ପିଲାମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇଛନ୍ତି ବୋଲି ଜାଣିବା ପରେ କପୋତ ପ୍ରତି ଗଭୀର କୃତଜ୍ଞତାରେ ତା ମନ ଭରିଗଲା।

କପୋତଟି କହିଲା “ତୁମେ ମତେ ପିଲାମାନଙ୍କର ସୁରକ୍ଷା ନିମନ୍ତେ ଯେଉଁ ଦାୟିତ୍ୱ ଦେଇଯାଇଥିଲ ତାହା ମୁଁ ମୋର ସାଧ୍ୟମତେ ସମ୍ପାଦନ କରିଛି। ମୁଁ ବର୍ତ୍ତମାନ ଭାବୁଛି ତୁମ ଘର ପ୍ରତି ମୋର ଯାହା କର୍ତ୍ତବ୍ୟ ପାଳନ କରିବାର ଥିଲା ତାହା ସରିଯାଇଛି। ଏଥର ମୁଁ ବନ୍ଧନମୁକ୍ତ ହୋଇ ଆକାଶକୁ ଉଡିଯିବାକୁ ଚାହେଁ। ମତେ ତମ ଘର ଛାଡ଼ିଯିବାକୁ ଅନୁମତି ଦିଅ।”



ଲୋକଟି ନିଜର ସମ୍ମତି ଜଣେଇଲା। ଘର ଛାଡ଼ି ବିଦାୟ ନେବା ବେଳେ କପୋତ ଲୋକଟିକୁ କହିଲା, “ଏଇ ଗଲାବେଳେ ତମେ ମୋର ଗୋଟିଏ ଅନୁରୋଧ ରଖିବ। ତାହା ହେଲା ତୁମେ କୌଣସି ପରିସ୍ଥିତିରେ ମଧ୍ୟ କପୋତମାନଙ୍କର କିଛି କ୍ଷତି କରିବ ନାହିଁ। କପୋତ ଶିକାର କରିବ ନାହିଁ, କପୋତ ମାଂସ ଖାଇବ ନାହିଁ। ଏହାଦ୍ୱାରା ତୁମର ମଙ୍ଗଳ ହେବ। ମୋ କଥା ନ ମାନିଲେ ତୁମର ଏବଂ ତୁମ ବଂଶର ଅନିଷ୍ଟ ହେବ, ଏ କଥା ମନେ ରଖିଥିବ।” ଏତିକି କହି କପୋତଟି ଆକାଶକୁ ଉଠିଗଲା ଓ ଅଦୃଶ୍ୟ ହୋଇଗଲା।

କିଛିଦିନ ବିତିଗଲା। ଲୋକଟି ଉପକାରୀ କପୋତ ଓ ତାର କଥା ଭୁଲିନଥାଏ। ଏମିତି ଦିନେ ଜଙ୍ଗଲକୁ ଯାଇ ଧନୁତୀର ଦ୍ୱାରା ଶିକାର କରିବା ବେଳେ ନିଜର ଅଜାଣତରେ ଏକ କପୋତ ପକ୍ଷୀ ମାରିଦେଲା। ତୀର ମାଡ଼ ଖାଇ ମୃତ କପୋତ ପକ୍ଷୀଟି ଏକ ଘଞ୍ଚବୁଦା ଭିତରେ ଗଳି ପଡ଼ିଲା। ଲୋକଟି ବୁଦା ଭିତରେ ପଶି ତାକୁ ଖୋଜି ପାଉ ପାଉ ସନ୍ଧ୍ୟା ହୋଇଗଲା। ଅନ୍ଧାରରେ ମୃତ ପକ୍ଷୀଟିକୁ ସେ କପୋତ ବୋଲି ଚିହ୍ନି ପାରିଲାନି।

ସେତେବେଳକୁ ତାକୁ ଖୁବ୍ ଭୋକ ହେଉଥାଏ। ସେଇ ଜଙ୍ଗଲ ଭିତରେ ମୃତ ପକ୍ଷୀଟିର ପର ଛଡ଼େଇ ଫୋପାଡ଼ି ଦେଲା। ନିଆଁ ଜଳେଇ ମାଂସ ପୋଡ଼ିଲା ଓ ଖାଇ ପେଟ ପୂରିଯିବା ପରେ ଘରକୁ ଫେରିଆସିଲା।

ତାପର ଦିନ ପୁଣି ଜଙ୍ଗଲକୁ ଗଲା। ଗତ ରାତିରେ କପୋତ ପକ୍ଷୀର ମାଂସ ପୋଡ଼ି ଖାଇଥିବା ସ୍ଥାନକୁ ଗଲା। ପାଖରେ ସେ ଫୋପାଡ଼ି ଦେଇଥିବା କପୋତ ପକ୍ଷୀର ପର ସେମିତି ପଡ଼ିଥିଲା। ତାକୁ ଦେଖି ସେ ଚମକି ପଡ଼ିଲା। ନିଜର ଭୁଲ ବୁଝି ପାରିଲା। ନିଜକୁ ଖୁବ୍ ଧିକ୍କାର କଲା। ଦୁଃଖ ଓ ଅନୁଶୋଚନାରେ ସେ ଛଟ୍‌ପଟ୍ ହୋଇ ଘରକୁ ଫେରି ଆସିଲା। ସେଇ ଦିନଠୁ ସେ ଶିକାର କରିବା ପୂରା ଛାଡ଼ିଦେଲା। କିନ୍ତୁ ନିଜକୁ କୌଣସିମତେ କ୍ଷମା କରି ପାରିଲା ନାହିଁ।

ତାର ଏଇ ପାପ ପାଇଁ ସେ ଦୈବ ଦଣ୍ଡ ଭୋଗିଲା ମଧ୍ୟ। ଆସ୍ତେ ଆସ୍ତେ ତାର ଆଖିକୁ ଭଲ ଦିଶିଲାନି। ଦିନକୁ ଦିନ ବେଶି ବେଶି ଖରାପ ହେବାକୁ ଲାଗିଲା। ଶେଷକୁ ଆଖି ଦୁଇଟି ଫୁଟିଗଲା। ସେ ସମ୍ପୂର୍ଣ୍ଣ ଅନ୍ଧ ହୋଇଗଲା। ଜୀବନର ଶେଷ ପର୍ଯ୍ୟନ୍ତ ସେ ଦୃଷ୍ଟିହୀନ ହୋଇ ରହିଲା ଓ ଅନେକ ଯନ୍ତ୍ରଣା ପାଇଲା।

ତାର ଦାୟାଦମାନେ ଏଇ ଘଟଣା ଭୁଲି ପାରିଲେନି। ସେମାନେ ନିଜ ବଂଶର ନାଁ ରଖିଲେ 'କପ୍‌ତାବକ' ବା 'କାପତାବଂଶ'। କାପତାକୁ ସେମାନେ ନିଜ ବଂଶର ଆରାଧ୍ୟ ଦେବତା ଭାବେ ପୂଜା କରନ୍ତି। କାପତା ଶିକାର ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ନିଷେଧ। ଏଇ ବଂଶର ମୂଳ ଜନ୍ମସ୍ଥାନ 'କପ୍‌ତାଡିହା' ନାମକ ଜୁଆଙ୍ଗ ଗାଁ ଏବେବି ଗୋନାସିକା ଅଞ୍ଚଳରେ ରହିଛି।

## ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୭)

### ସେମିରି ବକ୍ (ଶିମିଳି ବଂଶ)



କେତେ ଯୁଗ ତଳର କଥା। ସେତେବେଳେ ଜୁଆଙ୍ଗ ଓ ଭୂୟାଁ ଆଦିବାସୀ ଗୋଷ୍ଠୀ ବଣ ଜଙ୍ଗଲ ଘେରା କେନ୍ଦୁଝର ଇଲାକାରେ ବସବାସ କରୁଥାନ୍ତି। ତାଙ୍କ ରାଜ୍ୟକୁ ଶାସନ କରିବାକୁ ଓ ତାଙ୍କ ଭିତରେ ଘଟୁଥିବା ବିବାଦ ଓ ଅପରାଧ ଆଦି ଘଟଣାକୁ ବିଚାର କରି ନ୍ୟାୟ ପ୍ରଦାନ କରିବାକୁ କେହି ଜଣେ ମାନ୍ୟତାପ୍ରାପ୍ତ ରାଜା, ଜମିଦାର ବା ଶାସକ ନ ଥାଆନ୍ତି। ତାଙ୍କ ରାଜ୍ୟଟି ଏକ ପଡୋଶୀ ରାଜ୍ୟର କରଦ ରାଜ୍ୟ ହୋଇ ରହିଥାଏ ଓ ସେ ରାଜ୍ୟର ରାଜା ଏହି ରାଜ୍ୟର କୌଣସି ଭଲ ମନ୍ଦ କଥା ନ ବୁଝି କେବଳ କର, ଖଜଣା, ଭେଟି ଓ ବେଠି ଆଦି ଅସୁଲ କରୁଥାନ୍ତି। ପଡ଼ୋଶୀ ରାଜ୍ୟର ରାଜଧାନୀ, ଜୁଆଙ୍ଗ ଓ ଭୂୟାଁଙ୍କ ରାଜ୍ୟ ଠାରୁ ବହୁ ଦୂରରେ ଥାଏ। ଫଳତଃ ଜୁଆଙ୍ଗ ଓ ଭୂୟାଁମାନେ ଆବଶ୍ୟକ ସ୍ଥଳେ ସେ ରାଜ୍ୟର ରାଜାଙ୍କୁ ଭେଟିବାକୁ ରାଜଧାନୀକୁ ଯିବାକୁ ବହୁ କଷ୍ଟ ସ୍ୱୀକାର କରୁଥାନ୍ତି। ଦୀର୍ଘଦିନ ଧରି ବିପଦ ସଙ୍କୁଳ ପାହାଡ଼ ଓ ଜଙ୍ଗଲ ରାସ୍ତାରେ ଯାତ୍ରା କରି ସେମାନେ ପଡୋଶୀ ରାଜ୍ୟର ରାଜଧାନୀକୁ ଯାଆନ୍ତି ଓ ଫେରନ୍ତି।

ଏହି ସମସ୍ୟାର ସମାଧାନ ଉପାୟ ବାହାର କରିବା ପାଇଁ ଜୁଆଙ୍ଗ ଓ ଭୂୟାଁମାନେ ଖୁବ୍ ବିଚାର ଆଲୋଚନା କରୁଥାନ୍ତି। ଏମିତି ଦିନେ ସେମାନେ ସ୍ଥିରକଲେ ଯେ ସେମାନେ ଆଉ ପଡୋଶୀ ରାଜ୍ୟର ରାଜାଙ୍କ ଅଧୀନରେ ନ ରହି ନିଜର ସ୍ୱାଧୀନ ରାଜ୍ୟ ଗଠନ କରିବେ ଓ ସେ ରାଜ୍ୟରେ ତାଙ୍କ ନିଜର ପସନ୍ଦ ମୁତାବକ ଜଣେ ରାଜା ରହିବେ ଯେ କି ସେମାନଙ୍କ ଭଲ ମନ୍ଦ ବୁଝିବେ।

ହେଲେ ସେମାନଙ୍କର ରାଜା ହେବ କିଏ ? ସେମାନଙ୍କ ମଧ୍ୟରେ ସେପରି ଯୋଗ୍ୟ ବ୍ୟକ୍ତି ତ କେହି ନାହାନ୍ତି । ରାଜା ହୋଇ ରାଜ୍ୟ ଶାସନ କରିବା ପାଇଁ ଯେଉଁ ଯୋଗ୍ୟତା, ଶିକ୍ଷା, ଦୀକ୍ଷା, ତାଲିମ, ଶକ୍ତି, ବୁଦ୍ଧି ଓ ସାମର୍ଥ୍ୟ ଆବଶ୍ୟକ ସେପରି ଗୁଣ ଥିବା ବ୍ୟକ୍ତି ତାଙ୍କ ଭିତରେ ନଥିଲେ ।

ପ୍ରଶ୍ନ ଉଠିଲା ରାଜାଟିଏ ଆଣିବେ କେଉଁଠୁ ? ଅନେକ ବିଚାର ଆଲୋଚନା କରି ସେମାନେ ନିଷ୍ପତ୍ତି ନେଲେ ଯେ ପଡୋଶୀ ରାଜ୍ୟର ଦୁଇ ରାଜପୁତ୍ରଙ୍କ ମଧ୍ୟରୁ ସେମାନେ ଜଣକୁ କୌଶଳରେ ଚୋରାଇ ଆଣି ତାଙ୍କର ରାଜା କରିବେ । କିପରି ଚୋରାଇ ଆଣିବେ ତା'ର ଏକ ଯୋଜନା ପ୍ରସ୍ତୁତ କରାଗଲା ଓ ଉପଯୁକ୍ତ ସମୟରେ ସେ ଯୋଜନାକୁ କାର୍ଯ୍ୟକାରୀ କରାଗଲା । ନିଜର ଜୀବନକୁ ପାଣି ଛଡ଼େଇ ଅନେକ ବିପଦର ମୁକାବିଲା କରି ଜୁଆଙ୍ଗ ଓ ଭୂୟାଁମାନେ ପଡୋଶୀ ରାଜ୍ୟର ରାଜାଙ୍କର ସାନ ପୁଅଟିକୁ ଚୋରାଇ ନେଇ ଆସିଲେ ।

ଏ କଥା ସଙ୍ଗେ ସଙ୍ଗେ ପଡୋଶୀ ରାଜ୍ୟର ରାଜା, ସୈନିକ ଓ ପ୍ରଜାମାନେ ଜାଣିପାରିଲେ । ସେମାନେ ଦଳ ଦଳ ହୋଇ ରାଜପୁତ୍ରଙ୍କୁ ଜୁଆଙ୍ଗ ଓ ଭୂୟାଁ ଆଦିବାସୀ ଗୋଷ୍ଠୀଙ୍କ ହାତରୁ ଉଦ୍ଧାର କରିବା ପାଇଁ ସେମାନଙ୍କ ପଛରେ ଅସ୍ତ୍ରଶସ୍ତ୍ର ଧରି ଗୋଡ଼େଇଲେ । ଜୁଆଙ୍ଗ ଓ ଭୂୟାଁମାନେ ଏଥିପାଇଁ ଖୁବ୍ ସତର୍କତା ଅବଲମ୍ବନ କରୁଥାନ୍ତି । ସେମାନେ ଜଙ୍ଗଲ ପଥରେ ବାରମ୍ବାର ନିଜ ଗତିପଥ ବଦଳେଇ, ଲୁଚିଛପି ରାଜପୁତ୍ରଙ୍କୁ ସାଙ୍ଗରେ ଧରି ନିଜ ଦେଶକୁ ଫେରୁଥାନ୍ତି । ପଛପଟୁ ପଡୋଶୀ ରାଜ୍ୟର ସୈନ୍ୟମାନେ ତୀର ମାରୁଥାନ୍ତି । ସେ ତୀରମାଡ଼ ଖାଇ ଅନେକ ଜୁଆଙ୍ଗ ଓ ଭୂୟାଁ ଲୋକ ପ୍ରାଣବଳି ଦେଉଥାନ୍ତି ।

ଏମିତି ଛକାପଞ୍ଝା ଚାଲିଥିବା ବେଳେ ଜଣେ ଜୁଆଙ୍ଗ ଲୋକ ଆହତ ହୋଇ ପଛରେ ପଡ଼ିଯାଇଥାଏ । ଦୀର୍ଘ ସମୟର କ୍ଷୁଧା, ତୃଷା, ଶ୍ରମ, କ୍ଲାନ୍ତି ଓ ମାନସିକ ଚାପ ତାକୁ ଅବଶ କରିଦେଇଥାଏ । ତା'ର ଗତି ଶିଥିଳ ହୋଇଯାଇଥାଏ । ତା' ଦଳର ଅନ୍ୟମାନେ ତାକୁ ପଛରେ ପକେଇ ଦେଇ ରାଜପୁତ୍ରଙ୍କୁ ଧରି ଖୁବ୍ ଜୋର୍‌ରେ ଆଗକୁ ମାଡ଼ି ଯାଇଥାନ୍ତି । ପଛରୁ ତାଙ୍କୁ ଅନୁସରଣ କରୁଥିବା ପଡୋଶୀ ରାଜ୍ୟର ସୈନ୍ୟ ଓ ପ୍ରଜାମାନେ ତା'ର ନିକଟତର ହେଲେ । ଶେଷରେ ତା' ପାଖରେ ପହଞ୍ଚି ତାକୁ ବନ୍ଦୀ କଲେ ।

ତାପରେ ଆରମ୍ଭ ହେଲା ତା' ଉପରେ ଅକଥନୀୟ ଅତ୍ୟାଚାର। ତାଙ୍କ ଦଳର ଲୋକମାନେ ରାଜପୁତ୍ରଙ୍କୁ ନେଇ କୁଆଡ଼େ ଗଲେ, କେଉଁ ଦିଗକୁ ଗଲେ, କେଉଁ ପଥରେ ଗଲେ, ରାଜପୁତ୍ରଙ୍କୁ କେଉଁଠିକି ନେଲେ ବା କେଉଁଠି ଲୁଚାଇ ରଖିଛନ୍ତି ଏହିସବୁ ପ୍ରଶ୍ନମାନଙ୍କର ଉତ୍ତର ପାଇବା ପାଇଁ ପଡୋଶୀ ରାଜ୍ୟର ସୈନ୍ୟମାନେ ବନ୍ଦୀ ଜୁଆଙ୍ଗ ଉପରେ ଅତ୍ୟାଚାର କଲେ।

ଜୁଆଙ୍ଗ ଓ ଭୂୟାଁମାନେ ଏହି ଦୁଃସାହସିକ ଅଭିଯାନରେ ବାହାରିବା ବେଳେ ଜଣ ଜଣ କରି ଧରମ ଦେବତାଙ୍କ ନାମରେ ଶପଥ କରି କହିଥିଲେ ଯେ ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ ସ୍ଥଳେ ସେମାନେ ପ୍ରାଣବଳି ଦେବେ ଓ ଦୁର୍ଭାଗ୍ୟବଶତଃ ଶତ୍ରୁମାନଙ୍କ ହାତରେ ବନ୍ଦୀ ହେଲେ ମଧ୍ୟ ନିଜର ଜୀବନ ଉତ୍ସର୍ଗ କରିଦେବେ ସିନା କୌଣସି କଥା ପ୍ରକାଶ କରିବେ ନାହିଁ। ବନ୍ଦୀ ଜୁଆଙ୍ଗ ଲୋକଟି ଏହି ପ୍ରତିଜ୍ଞା କଥା ସ୍ମରଣ କରି ନୀରବରେ ଅସହନୀୟ ଶାରୀରିକ ଯନ୍ତ୍ରଣା ସହିଯାଉଥାଏ। ମଝିରେ ମଝିରେ କ୍ଷୀଣ କଣ୍ଠରେ କହୁଥାଏ, 'ମୁଁ ନିର୍ଦ୍ଦୋଷ, ମୁଁ ଏ ଜଙ୍ଗଲକୁ ଫଳମୂଳ ସଂଗ୍ରହ କରିବାକୁ ଓ ଶିକାର କରିବାକୁ ଆସିଥିଲି, ମୁଁ ତୁମ ରାଜ୍ୟର ଅପହୃତ ରାଜପୁତ୍ରଙ୍କ ବିଷୟରେ କିଛି ଜାଣି ନାହିଁ, ମତେ ତୁମେମାନେ ଛାଡ଼ିଦିଅ।'

ତା'ଠୁ ସତ କଥା ବାହାର କରିବା ପାଇଁ ଶତ୍ରୁପକ୍ଷର ସୈନ୍ୟମାନେ କେତେ ଉପାୟ କଲେ, କାରଣ ସେମାନେ ଜାଣିଥିଲେ ଜୁଆଙ୍ଗ ଓ ଭୂୟାଁମାନେ ଖୁବ୍ କଷ୍ଟସହିଷ୍ଣୁ। ଦରକାର ପଡ଼ିଲେ ସେମାନେ ସବୁ ପ୍ରକାରର ଶାରୀରିକ କଷ୍ଟ ସହିଯିବେ; ଏମିତିକି ପ୍ରାଣବଳୀ ବି ଦେଇଦେବେ କିନ୍ତୁ ତାଙ୍କ ଦଳର ଗୋପନ ରହସ୍ୟ ପଦାରେ କେବେ ବି ପ୍ରକାଶ କରିବେ ନାହିଁ। କିନ୍ତୁ କେତେ ପରୀକ୍ଷା ରହିଛି ଯାହାର ସମ୍ମୁଖୀନ ହେଲେ ସେମାନେ ମିଛ କହିବେ ନାହିଁ ସତକଥା ସ୍ୱୀକାର କରିବାକୁ ବାଧ୍ୟ ହେବେ। ସେହି ପରୀକ୍ଷା ଗୁଡ଼ିକ ଆରମ୍ଭ କରାଗଲା।

ବନ୍ଦୀ ଜୁଆଙ୍ଗଟିକୁ ଏକ ବିରାଟ ଉଇହୁଙ୍କା ଉପରେ ବସେଇ ଦିଆଗଲା। ଉଇହୁଙ୍କା ତଳେ ମାଟି ଉପରେ ଏକ ବାଘଛାଲ ବିଛେଇ ଦିଆଗଲା। ଉଇହୁଙ୍କାର ମାଟି ଓ ବାଘଛାଲ ଛୁଇଁ ଶପଥ କରି, ସତକଥା ମାନିଯିବାକୁ ତାକୁ କୁହାଗଲା।

ଜୁଆଙ୍ଗ ଓ ଭୂୟାଁମାନଙ୍କର ଦୃଢ଼ ବିଶ୍ୱାସ ଯେ ଉଇହୁଙ୍କାର ମାଟି ଓ ବାଘ ଛାଲ ଛୁଇଁ ସତକଥା କହିବାପାଇଁ ଶପଥ କରିସାରିବା ପରେ ଯଦି କୌଣସି ବ୍ୟକ୍ତି ମିଛ କଥା କହେ ତବେ ସେ ଓ ତା'ର ବଂଶର ଲୋକମାନେ ବାଘ ଆକ୍ରମଣ ବା ସର୍ପ ଦଂଶନରେ ମରିବେ। ତେଣୁ ଶପଥ କରିଥିବା ବ୍ୟକ୍ତି ଭୟଙ୍କର ବିପଦର ସମ୍ମୁଖୀନ ହେବା ଆତଙ୍କରେ ସତକଥା ମାନିଯିବାକୁ ବାଧ ହୋଇଯାଏ।

କିନ୍ତୁ ତାଙ୍କ ଦଳର ସବୁ ସଭ୍ୟଙ୍କ ପରି ବନ୍ଦୀ ଜୁଆଙ୍ଗ ଲୋକଟି ନିଜ ଦେଶର ଓ ଗୋଷ୍ଠୀର ସ୍ୱାର୍ଥରକ୍ଷା କରିବା ପାଇଁ ଓ ସେଥିପାଇଁ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଚରମ ତ୍ୟାଗ କରିବାକୁ ମାନସିକ ପ୍ରସ୍ତୁତି ନେଇ ସାରିଥିଲା। ତେଣୁ ଏ ସତ ମିଛର ପରୀକ୍ଷା ତା' ଉପରେ କୌଣସି ପ୍ରଭାବ ପକାଇ ପାରିଲା ନାହିଁ। ସେ ବିନା ଦ୍ୱିଧାରେ ବାଘଛାଲ ଓ ଉଇହୁଙ୍କାର ମାଟି ସବୁ ଛୁଇଁ କହିଲା ଯେ ସେ ରାଜପୁତ୍ରଙ୍କ ଅପହରଣ ସାଙ୍ଗେ ସମ୍ପୃକ୍ତ ନୁହେଁ କି ସେ ବିଷୟରେ କିଛି ଜାଣି ନାହିଁ।

ପରବର୍ତ୍ତୀ ପରୀକ୍ଷା ଥିଲା ନିଜର ମୁଣ୍ଡ ଛୁଇଁ ଶପଥ କରିବା। ଜୁଆଙ୍ଗ ଲୋକଟି ଭଲ କରି ଜାଣିଥିଲା ଏପରି ଶପଥ କରିସାରିବା ପରେ ମିଛ କହିଲେ ପରିଣତି ଭୟାବହ ହେବ। ଏପରି ମିଛ କହିବା ଲୋକ ବେଶିଦିନ ଜୀବିତ ରହିପାରିବ ନାହିଁ। ଭୟଙ୍କର ଦୁର୍ଘଟଣା ବା ରୋଗରେ ତା'ର ଅକାଳ ମୃତ୍ୟୁ ଅବଶ୍ୟମ୍ଭାବୀ। କିନ୍ତୁ ମୃତ୍ୟୁ ଭୟକୁ ସେ ବହୁ ପୂର୍ବରୁ ଅତିକ୍ରମ କରି ସାରିଥିଲା। ମରିବାକୁ ତା'ର ଟିକେ ବି ଡର ନ ଥିଲା। ନିଜ ରାଜ୍ୟ ପାଇଁ ଜଣେ ରାଜାଙ୍କୁ ପାଇବାର ଲକ୍ଷ୍ୟ ହାସଲ କରିବା ପାଇଁ ସେ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଥିଲା। ସେ ନିର୍ବିକାର ଭାବେ ନିଜର ମୁଣ୍ଡ ଛୁଇଁ ପ୍ରମାଣ ଦେଲା ଯେ ରାଜପୁତ୍ରଙ୍କ ଅପହରଣ ଘଟଣା ସାଙ୍ଗେ ତା'ର କୌଣସି ସମ୍ପର୍କ ନାହିଁ।

ଏହିସବୁ ପରୀକ୍ଷା ଓ ପ୍ରମାଣରେ ବନ୍ଦୀ ଜୁଆଙ୍ଗର ଦୃଢ଼ ମନୋଭାବ ଦେଖି ଶତ୍ରୁ ପକ୍ଷରୁ ସୈନ୍ୟ ଓ ପ୍ରଜାଙ୍କ ଭିତରେ ମାନସିକ ଦ୍ୱନ୍ଦ୍ୱ ଓ ମତଭେଦ ଦେଖାଗଲା। ଅନେକ ଲୋକ ମନେକଲେ ଯେ ବନ୍ଦୀ ହୁଏତ ସତ କଥା କହୁଛି, ସେ ନିରୀହ ଓ ନିର୍ଦ୍ଦୋଷ। କାରଣ ଏପରି ସବୁ ଶପଥ କରି ଜୁଆଙ୍ଗ କିମ୍ବା ଭୂୟାଁ ଲୋକମାନେ କେବେ ମିଛ କହିବେ ନାହିଁ। ତାକୁ ନିର୍ଦ୍ଦୋଷ ବୋଲି ଗ୍ରହଣ କରି ମୁକ୍ତ କରିବା ପୂର୍ବରୁ ଶେଷ ପରୀକ୍ଷା କରିବାକୁ ସେମାନେ ସ୍ଥିର କଲେ।

ଏହି ପରୀକ୍ଷାଟି ଥିଲା ଚରମ ପରୀକ୍ଷା । ଏହି ନିଷ୍ଠୁର ପରୀକ୍ଷାରୁ ବନ୍ଦୀ ଜୁଆଙ୍ଗଟିର ପ୍ରାଣ ବଞ୍ଚିବା ଅସମ୍ଭବ ଥିଲା । ତାକୁ ନିକଟରେ ଥିବା ଏକ ବିରାଟ ଶିମିଳି ଗଛମୂଳେ ଛିଡ଼ା କରାଗଲା । ସ୍ଥିର କରାଗଲା ଯେ ଶିମିଳି ଗଛଟିକୁ ଏପରି ହାଣିଦିଆଯିବ ଯେ ଗଛଟି ବନ୍ଦୀ ଉପରେ ପଡ଼ିବ । ଯେ ଯଦି ସତ୍ ଓ ଧର୍ମରେ ଥିବ ତେବେ ଏହି ପ୍ରକାଣ୍ଡ ଗଛ ତା' ଉପରେ ପଡ଼ିଲେ ମଧ୍ୟ ତା'ର କୌଣସି କ୍ଷତି ହେବ ନାହିଁ । କିନ୍ତୁ ସେ ଯଦି ମିଛ କହୁଥାଏ ତେବେ ଗଛ ତଳେ ଚାପି ହୋଇ ଛଟପଟ ହୋଇ ମରିବ ।

ବନ୍ଦୀ ଜୁଆଙ୍ଗଟି ଜାଣିପାରିଲା ଯେ ଏଥିରୁ ସେ ବର୍ତ୍ତି ପାରିବ ନାହିଁ । ଗଛ ହଣା ଚାଲିଥିବା ସମୟରେ ସେ ସମସ୍ତଙ୍କ ଅଲକ୍ଷରେ ଗଛର ଗଣ୍ଡିରେ ମୁହଁ ଲଗେଇ ଚୁପ୍ ଚୁପ୍ କହିଲା, "ହେ ଗଛ ଦେବତା । ମୁଁ ତୁମ ପାଦତଳେ ଶରଣ ନେଉଛି । ମତେ ତମେ ଏଇ ବିପଦରୁ ରକ୍ଷା କରିବ । ତମେ ମୋ ଉପରେ ଏପରି ପଡ଼ିବ ଯେ ତମର ସ୍ପର୍ଶ ମତେ ପୀଡ଼ାଦାୟକ ନ ହୋଇ ଫୁଲର ସ୍ପର୍ଶ ପରି କୋମଳ ଲାଗିବ । ମୋର କୌଣସି ଶାରୀରିକ କ୍ଷତି ହେବ ନାହିଁ । ଏପରି ହେଲେ ତୁମର ଦୟାରୁ ମୁଁ ପୁର୍ନ୍ନଜୀବନ ଲାଭ କରିବି । ମୁଁ ଓ ମୋର ଭବିଷ୍ୟତ ବଂଶଧରମାନେ ତୁମକୁ ଚିରକାଳ ଇଷ୍ଟଦେବ ରୂପେ ପୂଜା କରିବେ । ମୋର ବଂଶ ତୁମରି ନାମରେ ନାମିତ ହେବେ । ଏହା ମୁଁ ଧରମ୍ ଦେବତାଙ୍କ ନାମରେ ଶପଥ କରି କହୁଛି ।"

ବନ୍ଦୀର ଅବସ୍ଥା ଓ ନିଷ୍ଠାରେ ଶିମିଳିଗଛଟି ଖୁବ୍ ପ୍ରଭାବିତ ହେଲା । ଲୋକଟି ପ୍ରତି ତା' ମନରେ ଆସିଲା ଗଭୀର ଅନୁକମ୍ପା ଓ ସମବେଦନା । ତେଣୁ ଲୋକଟିର ଆକୁଳ ମିନତିକୁ ରକ୍ଷା କରି ସେ ଯେତେବେଳେ ତା' ଉପରେ ଅଜାଡ଼ି ହୋଇ ପଡ଼ିଲା, ସେତେବେଳେ ତା'ର ଗଣ୍ଡି, ଡାଳ, ପତ୍ର ଓ କଣ୍ଟାମାନେ ଲୋକଟିର ଶରୀରରେ ଫୁଲର କୋମଳ ସ୍ପର୍ଶ ଦେଲେ । ଲୋକଟିର କୌଣସି କ୍ଷତି ହେଲା ନାହିଁ । ତା' ଦେହରେ ଆଞ୍ଚୁଡ଼ା ଦାଗ ଟିକେ ବି ନ ଥିଲା । ସେ ଏକ ପାଷାଣ ପ୍ରତିମା ପରି ନିର୍ଭୟ ଓ ଅବିଚଳିତ ଭାବେ ଠିଆ ହୋଇଥିଲା ।

ଶତ୍ରୁ ପକ୍ଷର ସୈନ୍ୟମାନେ ଆଶ୍ଚର୍ଯ୍ୟବିମୂଢ଼ ହୋଇଗଲେ ଯେ ଲୋକଟି ସତ କହୁଛି । ସେମାନେ ଭୁଲବଶତଃ ଏକ ନିର୍ଦ୍ଦୋଷ ଲୋକକୁ ଏତେ ଦଣ୍ଡ

ଦେଲେ ବୋଲି ଅନୁତାପ କଲେ। ନିଜର କୃତକର୍ମ ପାଇଁ ଲୋକଟି ପାଖରେ କ୍ଷମାଭିକ୍ଷା କରି ତାକୁ ସସମ୍ମାନେ ମୁକ୍ତି ଦେଲେ ଓ ରାଜକୁମାରଙ୍କୁ ଖୋଜିବା ପାଇଁ ଆଗକୁ ଚାଲିଲେ।

ଲୋକଟି ଜଙ୍ଗଲ ଭିତରେ ଲୁଚି ଲୁଚି ଯାଇ ନିଜ ଦଳ ସାଙ୍ଗେ ମିଳିତ ହେଲା। ସବୁ ବାଧା ବିଘ୍ନ ଅତିକ୍ରମ କରି ଶେଷରେ ସେମାନେ ରାଜକୁମାରଙ୍କୁ ଧରି ନିଜ ଦେଶରେ ଆସି ପହଞ୍ଚିଲେ ଓ ରାଜକୁମାରଙ୍କୁ ଏକ ଗୋପନ ତଥା ନିରାପଦ ସ୍ଥାନରେ ଲୁଚାଇ ରଖି ତାକୁ ଲାଳନପାଳନ କରି ବଡ଼ କଲେ। ରାଜକୁମାରଙ୍କୁ ଉପଯୁକ୍ତ ଶିକ୍ଷା, ଦୀକ୍ଷା ଓ ତାଲିମ ଆଦିର ବ୍ୟବସ୍ଥା ମଧ୍ୟ କଲେ। ସେ ବଡ଼ ହେବା ପରେ ଜୁଆଙ୍ଗ ଓ ଭୂୟାଁମାନେ କେନ୍ଦୁଝରଗଡ଼ ଠାରେ ରାଜ୍ୟର ରାଜଧାନୀ, ରାଜା ଉଆସ ଓ ରାଜଗାଦୀ ସ୍ଥାପନ କରି ସେଠାରେ ତାଙ୍କୁ ନିଜର ରାଜା ରୂପେ ଅଭିଷିକ୍ତ କରାଇଲେ। ତାଙ୍କର ଦୁଃଖ ଦୂର ହେଲା।

ଶିମିଳିଗଛର ଦୟାରୁ ବନ୍ଦୀତ୍ୱରୁ ମୁକ୍ତ ହୋଇଥିବା ଓ ପୁର୍ନଜୀବନ ଲାଭ କରିଥିବା ଜୁଆଙ୍ଗ ଲୋକଟି ନିଜ ଶପଥ କଥା ଭୁଲିପାରି ନଥିଲା। ସେ ଓ ତା'ର ବଂଶଧରମାନେ ଶିମିଳିଗଛ ପ୍ରତି ଚିର କୃତଜ୍ଞ ରହିଲେ। ସେମାନେ ଶିମିଳିଗଛକୁ ପୂଜା କଲେ ଓ ନିଜ ବଂଶର ନାଁ 'ଶିମିଳି ବଂଶ' ବା ଜୁଆଙ୍ଗ ଭାଷାରେ 'ସେମିରି ବକ୍' ରଖିଲେ। ସେମାନେ ଶିମିଳିଗଛର କୌଣସି କ୍ଷତି କରିବା ତ ଦୂରର କଥା ଅନ୍ୟ କାହାକୁ ବି ସେପରି କରିବାକୁ ଦିଅନ୍ତି ନାହିଁ।



# ଜୁଆଙ୍ଗ ବଂଶମାନଙ୍କ ସୃଷ୍ଟି (୮)

## ଡିମ୍ବିରିଆ ବକ୍ (ଡିମିରି ବଂଶ)



ଘଞ୍ଚ ଜଙ୍ଗଲ କୋଳରେ ଥାଏ ଛୋଟ ଜୁଆଙ୍ଗ ଗାଁଟିଏ। ସେଇ ଗାଁରେ କୁଡ଼ିଆ କରି ଘର ସଂସାର କରୁଥାନ୍ତି ସ୍ୱାମୀ-ସ୍ତ୍ରୀ ଦୁଇ ଜଣ। ଛୋଟିଆ ସଂସାରଟି ତାଙ୍କର ସୁଖ ଦୁଃଖ ମଧ୍ୟରେ ଚାଲିଥାଏ। ଗାଁର ଚାରିପଟେ ଥିବା ବଣରେ ପ୍ରକୃତି ମାତା ଯଥେଷ୍ଟ ପରିମାଣରେ ଫଳ, ମୂଳ, ଛତୁ, ଶାଗ, କନ୍ଦା ଓ ଜୀବଜନ୍ତୁ ଭରି ଦେଇଥାଏ। ଖାଦ୍ୟ ସଂଗ୍ରହ କରି ଓ ଶିକାର କରି ନିଜର ଗୁଜୁରାଣ ମେଣ୍ଟେଇବାରେ ଏଇ ଜୁଆଙ୍ଗ ଦମ୍ପତିଙ୍କର କୌଣସି ଅସୁବିଧା ନ ଥାଏ।

କିନ୍ତୁ ସେମାନଙ୍କ ଜୀବନରେ ଗୋଟିଏ ଜିନିଷର ଅଭାବ ଅନୁଭବ କରି ସେମାନେ ଖୁବ୍ ଦୁଃଖରେ ଥାଆନ୍ତି। ତାହା ହେଲା ବିବାହର ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ ସେମାନଙ୍କ କୋଳ ଖାଲିଥାଏ। ସନ୍ତାନଟିଏ ପାଇବାକୁ ଭାରି ହନ୍ତସନ୍ତ ହେଉଥାନ୍ତି ସେମାନେ।

ଦିନକର କଥା। ଜୁଆଙ୍ଗ ପୁରୁଷଟି ଜଙ୍ଗଲକୁ ଖାଦ୍ୟ ସଂଗ୍ରହ କରିବାକୁ ଯାଇଥାଏ। ଅନେକ ସମୟ ଏଣେ ତେଣେ ବୁଲାବୁଲି କରି ସେ ହାଲିଆ ହୋଇଯାଇଥାଏ। ଗୋଟିଏ ପ୍ରକାଣ୍ଡ ଡିମିରିଗଛ ଦେଖି ତା ତଳେ ବସିପଡ଼ିଲା।

ତା' ଗଣ୍ଡିକୁ ଆଉଜି ହାଲିଆ ମାରିଲା। ଉପରକୁ ଚାହିଁ ଦେଖିଲା ପାଚିଲା ଡିମିରିଫଳମାନ ଗଛ ସାରା ଲଦି ହୋଇ ରହିଛି। ସତେ ଯେମିତି ଡାଳ ଭାଙ୍ଗି ପଡ଼ିବ। ଫଳନ୍ତି ଡିମିରିଗଛକୁ ଦେଖି ସେ ନିଜର ସ୍ତ୍ରୀ କଥା ଚିନ୍ତା କଲା। ତା' ସ୍ତ୍ରୀ ଯଦି ଏଇ ଫଳନ୍ତି ଗଛପରି ହୋଇଥାନ୍ତା। ସେ ଯଦି ଅନେକ ସନ୍ତାନର ମା' ହୋଇଥାନ୍ତା ତେବେ ତାଙ୍କ ଜୀବନ କେତେ ହସ ଖୁସିରେ କଟି ଯାଉଥାନ୍ତା। ହେଲେ ତାଙ୍କ ପ୍ରତି ଦେବତାମାନଙ୍କର ଟିକେ ବି ଦୟା ନାହିଁ। ସନ୍ତାନ ବିନା ଜୀବନ ନିରର୍ଥକ।

ଏମିତି ଚିନ୍ତା କରି ସେ ଉଦାସ ହୋଇ ଉଠିଲା। ଛାଇ ଲେଉଟା ବେଳ ହେଲାଣି। ଘରକୁ ଫେରି ଯିବାକୁ ସେ ଉଠି ଠିଆ ହେଲା। ଦେଖିଲା ଗଛର ଗଣ୍ଡିରେ ତା' ଅଣ୍ଟା ଉଚ୍ଚାରେ ଗୋଟିଏ ବିରାଟ କୋରଡ଼ ଅଛି। ସେ ସେହି କୋରଡ଼ ଭିତରକୁ ପଶିଲା ଓ ଗଛ ଉପରକୁ ଚଢ଼ିଲା। ମନଭରି ପେଟେ ଡିମିରି ଫଳ ଖାଇଲା ଓ ଘରେ ତା' ବାଟ ଚାହିଁ ବସି ରହିଥିବା ସ୍ତ୍ରୀ ପାଇଁ କିଛି ପାଚିଲା ଫଳ ଧରି ଘରକୁ ଫେରିଲା।

ତା' ସ୍ତ୍ରୀ ପାଚିଲା ଡିମିରିଫଳକୁ ଭାରି ଭଲପାଏ। ତା'ର ସ୍ୱାମୀ ତା' ପାଇଁ ବଣରୁ ଏତେ ସୁନ୍ଦର ପାଚିଲା ଡିମିରିଫଳ ଆଣିଛି ଦେଖି ସେ ଭାରି ଖୁସି ହେଲା। ପେଟ ପୂରେଇ ସେ ଫଳକୁ ଖାଇଲା। ଡିମିରି ଫଳ ଖାଇବାର କିଛିଦିନ ପରେ ଜଣାପଡ଼ିଲା ଯେ ସେ ଗର୍ଭବତୀ ହୋଇଛି। ଯଥା ସମୟରେ ତା'ର ସୁନ୍ଦର ଶିଶୁଟିଏ ଜନ୍ମ ହେଲା।

ସ୍ୱାମୀ-ସ୍ତ୍ରୀ ଦି'ଜଣଙ୍କ ବିଶ୍ୱାସ ହେଲା ଯେ ଡିମିରିଗଛର ଦୟାରେ ଡିମିରିଫଳ ଖାଇବା ପରେ ସେମାନେ ସନ୍ତାନ ଲାଭ କରିଛନ୍ତି। ତେଣୁ ଉପକାରୀ ଓ କୁଳ ଉଦ୍ଧାରକାରୀ ଡିମିରିଗଛ ପ୍ରତି ସେମାନେ ଚିରକୃତଜ୍ଞ ରହିଲେ। ନିଜ ବଂଶର ନାଁ ଦେଲେ 'ଡିମ୍ବୁରିଆ ବକ୍' ଓ ନିଜ ଗାଁର ନାଁ ରଖିଲେ 'ଡୁମୁରିଆ'। ଏହି ବଂଶର ଲୋକମାନେ ଡିମିରିଗଛକୁ ନିଜର ଇଷ୍ଟଦେବ ଜ୍ଞାନ କରି ପୂଜା କରନ୍ତି।

# ଜୁଆଙ୍ଗ ଦେବାଦେବୀଙ୍କ ଆତ୍ମପ୍ରକାଶ

ଅନ୍ୟାନ୍ୟ ଆଦିମ ଜନଜାତି ଗୋଷ୍ଠୀମାନଙ୍କ ପରି ଏଇ ପ୍ରକୃତି କୋଳର ସନ୍ତାନ ଜୁଆଙ୍ଗମାନେ ମୁଖ୍ୟତଃ ପ୍ରକୃତି ଉପାସକ। ଜୁଆଙ୍ଗମାନଙ୍କର ସର୍ବୋଚ୍ଚ ଦେବାଦେବୀ ହେଲେ 'ଧରମ୍ ଦେବତା' ବା 'ମହାପରବୁ' ଓ 'ବାସୁକୀ ମାତା', 'ବସୁମାତା' ବା ପୃଥିବୀ। ଧରମ୍ ଦେବତା ପରମ ପ୍ରେମମୟ ଓ କରୁଣାମୟ। ସେ ବିଶ୍ୱ ବ୍ରହ୍ମାଣ୍ଡ, ମଣିଷ, ଜୀବଜନ୍ତୁ, ବୃକ୍ଷ, ଲତା ଆଦି ସମସ୍ତଙ୍କୁ ସୃଷ୍ଟି କରିଛନ୍ତି ଓ କରୁଣାମୟୀ ବସୁମାତା ସମସ୍ତ ସୃଷ୍ଟିକୁ ନିଜ କୋଳରେ ଧାରଣ କରି ଲାଳନ ପାଳନ କରୁଛନ୍ତି। ଏ ଦୁହିଁଙ୍କୁ ଜୁଆଙ୍ଗମାନେ ସମସ୍ତ ସାମାଜିକ ତଥା ଧାର୍ମିକ ଅନୁଷ୍ଠାନ ବେଳେ ଆବାହନ କରି ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଥାନ୍ତି। ତାଙ୍କ ନାମଧରି ସମସ୍ତ ଶୁଭକାର୍ଯ୍ୟ ଆରମ୍ଭ କରାଯାଏ। ଏ ବିରାଟ ସୃଷ୍ଟିକୁ ପରିଚାଳନା କରିବା ପାଇଁ ବିଭିନ୍ନ ବିଭାଗ ଓ ସ୍ତର ବିଶେଷରେ ସ୍ୱତନ୍ତ୍ର ଶକ୍ତି ସାମର୍ଥ୍ୟର ଅଧିକାରୀ ହୋଇ ଅନେକ ଦେବାଦେବୀମାନ ରହିଛନ୍ତି ଯାହାଙ୍କୁ ଜୁଆଙ୍ଗମାନେ ବିଭିନ୍ନ ସମୟରେ ପୂଜା କରିଥାନ୍ତି। କାରଣ ଏମାନେ ଅସନ୍ତୁଷ୍ଟ ହେଲେ ଜୁଆଙ୍ଗମାନେ ଭୟଙ୍କର ବିପଦର ସମ୍ମୁଖୀନ ହେବେ ଏବଂ ସେମାନେ ଖୁସି ହେଲେ ଜୁଆଙ୍ଗମାନଙ୍କର ବିପଦ ଦୂର ହେବ ଓ ସେମାନେ ଖୁସିରେ ସୁଖ ଶାନ୍ତିରେ ରହିପାରିବେ। ଜୁଆଙ୍ଗମାନଙ୍କର ଏପରି ଦୃଢ଼ ବିଶ୍ୱାସ ରହିଛି।



## ଦେବାଦେବୀଙ୍କ ଆତ୍ମପ୍ରକାଶ (୧)

### ସୂର୍ଯ୍ୟ, ଚନ୍ଦ୍ର, ତାରା, ଘଡ଼ଘଡ଼ି ଓ ଚଡ଼ଚଡ଼ି



ଜୁଆଙ୍ଗଙ୍କ ଅନେକ ଦେବାଦେବୀଙ୍କ ମଧ୍ୟରେ ଦୁଇ ଜଣ ଦୈବୀ ଶକ୍ତି ହେଉଛନ୍ତି 'ବେଲା' ଅର୍ଥାତ୍ ସୂର୍ଯ୍ୟ ଏବଂ 'ଲେରଙ୍ଗ' ଅର୍ଥାତ୍ 'ଚନ୍ଦ୍ର'। ଏଇ ଦୁଇଜଣ ଧରମ ଦେବତାଙ୍କୁ ବିଭା ହୋଇଥାନ୍ତି। ଗୋଟିଏ ସ୍ୱାମୀର ଦୁଇଟି ପତ୍ନୀ ହୋଇଥିବାରୁ ସେମାନେ ଦୁଇ ସଉତୁଣୀ। ନାରୀ ଜାତି ତ ସ୍ୱଭାବରେ ଖୁବ୍ ଈର୍ଷାପରାୟଣ ପୁଣି ଦୁଇ ସଉତୁଣୀ ହୋଇଥିଲେ କଥା ସଇଲା। ସାଧାରଣ ମଣିଷର ପରିବାରରେ ଦୁଇ ସଉତୁଣୀ ରହିଥିଲେ ଯେମିତି ବିଷମୟ ପରିସ୍ଥିତି ସୃଷ୍ଟିହୁଏ ଧରମ ଦେବତାଙ୍କ ଘରେ ଠିକ୍ ସେମିତି ହେଉଥିଲା। ବେଲା ଓ ଲେରଙ୍ଗଙ୍କ ଭିତରେ ସମ୍ପର୍କ ଭାରି ଖରାପ। ଜଣେ ଅନ୍ୟ ଜଣକୁ ଦେଖି ପାରୁନଥିଲା। ହିଂସା, ଦ୍ୱେଷ, କଳି, କଜିଆ, କୂଟ, କପଟ ଜନିତ ଅଶାନ୍ତ

ପରିବେଶ ମଧ୍ୟରେ ଧରମ ଦେବତା ଖୁବ୍ ହନ୍ତସନ୍ତ ହେଉଥିଲେ। କିନ୍ତୁ ସେ ସ୍ୱଭାବରେ ଖୁବ୍ ଧୀର, ସ୍ଥିର, ସହନଶୀଳ ଓ ଉଦାର ହୋଇଥିବାରୁ ଦୁଇ ପତ୍ନୀଙ୍କ ଉତ୍ପାତ ନିରବରେ ସହ୍ୟ କରିଯାଉଥିଲେ। କାରଣ ସେ ଯଦି ପତ୍ନୀମାନଙ୍କର ଧୃଷ୍ଟତା ପାଇଁ ତାଙ୍କୁ ଗାଳି ଦେବେ ବା ଦଣ୍ଡ ଦେବେ ତେବେ ସେମାନେ କ୍ଷୁବ୍ଧ ହୋଇ ତାଙ୍କର ନିତିଦିନିଆ କାର୍ଯ୍ୟକଳାପ ବନ୍ଦ କରିଦେବେ। ସୂର୍ଯ୍ୟ, ଚନ୍ଦ୍ର ତାଙ୍କର ନିତିଦିନିଆ କର୍ତ୍ତବ୍ୟ ପାଳନ କରିବାରେ ହେଳା କଲେ ଧରମ ଦେବତାଙ୍କ ଦ୍ୱାରା ଏତେ କଷ୍ଟରେ ସର୍ଜନା କରାଯାଇଥିବା ବିଶ୍ୱ ବ୍ରହ୍ମାଣ୍ଡ ଓ ସେଥିରେ ଥିବା ଜୀବଜନ୍ତୁ, ବୃକ୍ଷଲତା ଆଦି ଧ୍ୱଂସ ପାଇଯିବେ।

ଏମିତି ଅନେକ ଦିନ ଦାମ୍ପତ୍ୟ ଜୀବନଯାପନ କଲାପରେ ବେଲା ଅର୍ଥାତ୍ ସୂର୍ଯ୍ୟ ଗର୍ଭଧାରଣ କଲେ। ଗୋଟିକ ପରେ ଗୋଟିଏ ହୋଇ ତାଙ୍କଠୁ ଅନେକ ସନ୍ତାନ ଜନ୍ମ ନେଲେ। ମାତୃତ୍ୱର ଗର୍ବରେ ଉତ୍‌ଫୁଲ୍ଲିତ ହୋଇ ସେପର୍ଯ୍ୟନ୍ତ ମାତୃତ୍ୱ ଲାଭ କରିପାରିନଥିବା ଲେରଙ୍ଗଙ୍କୁ ନାନା କଟୁକଥା କହି ଭର୍ତ୍ସନା ତଥା ଉପହାସ କରିବାକୁ ଲାଗିଲେ। ଈର୍ଷା ଓ ଅପମାନରେ ଲେରଙ୍ଗ ପାଗଳ ପ୍ରାୟ ହୋଇଗଲେ। କେମିତି ସେ ଏ ଅପମାନର ପ୍ରତିଶୋଧ ନେବେ ଓ ଉଦ୍ଧତ ବେଲାର ଗର୍ବ ଖର୍ବ କରିବେ ତା'ର ଉପାୟ ଚିନ୍ତା କରିବାକୁ ଲାଗିଲେ। ପ୍ରତିଶୋଧର ଅଗ୍ନି ତାଙ୍କ ଭିତରେ ଦାଉଦାଉ ହୋଇ ଜଳିବାକୁ ଲାଗିଲା।

ଲେରଙ୍ଗ ମନେମନେ ଏକ ନିଷ୍ଠୁର ଯୋଜନା ତିଆରି କରି ତାକୁ କାର୍ଯ୍ୟକାରୀ କରିବାକୁ ସୁଯୋଗ ଅପେକ୍ଷାରେ ଥାଆନ୍ତି। ଦିନେ ବେଲା ଅସୁସ୍ଥ ଥିବାରୁ ପ୍ରତ୍ୟୁଷରୁ ଠିକ୍ ସମୟରେ ଉଠିପାରିଲେ ନାହିଁ। ଲେରଙ୍ଗ ତାଙ୍କର ରାତ୍ରିର କାର୍ଯ୍ୟ ସମାପନ କରି ଘରକୁ ଫେରିଆସିବାର ଦେଖି ସେ ଖୁବ୍ ତରତର ହୋଇ ଉଠିପଡ଼ିଲେ ଓ ନିଜର



ସନ୍ତାନମାନଙ୍କ ଖାଇବା ପିଇବା କଥା ବୁଝିବାକୁ ସମୟ ପାଇପାରିଲେ ନାହିଁ। ନିଜର ବଡ଼ ଝିଅକୁ ଛୋଟ ଛୋଟ ଭାଇ ଭଉଣୀମାନଙ୍କର ଦାୟିତ୍ୱ ନେବାକୁ ଅନୁରୋଧ କରି ସେ ଘରଛାଡ଼ି ତତ୍‌କ୍ଷଣାତ୍ ନିଜର ଦୈନନ୍ଦିନ କର୍ତ୍ତବ୍ୟ ସମ୍ପାଦନ କରିବାକୁ ବାହାରି ଗଲେ। ସେ ବିଶ୍ୱକୁ ପ୍ରଦକ୍ଷିଣ କରିବା ମାତ୍ରେ ସକାଳ ହେଲା। ସୂର୍ଯ୍ୟଙ୍କ ଆଲୋକରେ ଅନ୍ଧକାର ଲୁଚିଯାଇ ପୃଥିବୀ ଆଲୋକିତ ହେଲା।

ପୃଥିବୀକୁ ପରିକ୍ରମା କରିବାକୁ ବେଲା ଆଗକୁ ଆଗକୁ ଚାଲିବାକୁ ଲାଗିଲେ ଓ ଏହାଦ୍ୱାରା ସେ ନିଜ ଘରଠୁ ଦୂରକୁ ଦୂରକୁ ଗଲେ। ଖରାର ତେଜ ବଢ଼ିବାକୁ ଲାଗିଲା।

ଏଣେ ଘରେ ତାଙ୍କର ପିଲାମାନେ ଭୋକରେ ଆଉଟୁପାଉଟୁ ହେଲେ। ଖାଇବାକୁ ଦେବା ପାଇଁ ସେମାନେ ବଡ଼ ଭଉଣୀକୁ ଅସ୍ତବ୍ୟସ୍ତ କରି ପକେଇଲେ। ଲେରଙ୍ଗ ଚୁପଚାପ୍ ଏସବୁ ଦେଖୁଥାନ୍ତି। ସେ ଦେଖିଲେ ତାଙ୍କର ଯୋଜନା କାର୍ଯ୍ୟକାରୀ କରିବାକୁ ଏହା ହେଉଛି ସୁବର୍ଣ୍ଣ ସୁଯୋଗ। ଏମିତି ଏକ ସୁଯୋଗ ପାଇବା ପାଇଁ ସେ ଅନେକ ଦିନ ହେବ ଅପେକ୍ଷା କରି ରହିଛନ୍ତି। ଏହାକୁ ହାତଛଡ଼ା କରିବା ନିର୍ବୋଧତା ହେବ !

ସେ ତାଙ୍କର ସଉତୁଣୀଙ୍କ ପିଲାମାନଙ୍କ ପାଖକୁ ଗଲେ। ସେମାନଙ୍କୁ ଖୁବ୍ ଗେଲ କଲେ ଓ ସ୍ନେହବୋଳା କଣ୍ଠରେ କହିଲେ, "ତୁମର ମା' ପାଖରେ ନଥିଲେ କ'ଣ ହେଲା, ମୁଁ କ'ଣ ତୁମର ଆଉ ଜଣେ ମା' ନୁହେଁ କି ? ଖାଲି ତୁମ ମା' ସବୁବେଳେ ମତେ ହିଂସା କରି କଳିକଜିଆ ଲଗାନ୍ତି ବୋଲି ମୋର ମନ ଯେତେ ଉହଳ ବିକଳ ହେଉଥିଲେ ବି ମୁଁ ତୁମ ପାଖକୁ ଡରରେ ଆସିପାରେନି କି ତୁମମାନଙ୍କୁ ଟିକେ ଛାତିରେ ଲଗେଇ, କୋଳରେ ବସେଇ ଗେଲ କରିପାରେନି, ଭଲମନ୍ଦ କରି ଖୁଏଇ ପିଏଇ ପାରେନି। ଆଜି ମୁଁ ଥାଉଁ ଥାଉଁ ତମର କିଛି ଅସୁବିଧା ହେବନାଇଁ। ତୁମେ ଘଡ଼ିଏ ମାତ୍ର ଅପେକ୍ଷା କର। ମୁଁ ସୁଆଦିଆ ଖିରୀ ରାନ୍ଧି ତୁମକୁ ଖାଇବାକୁ ଦେବି।"

ପିଲାମାନେ ତ ସ୍ୱଭାବରେ ଖୁବ୍ ସରଳ ବିଶ୍ୱାସୀ ଓ ନିଷ୍କପଟ। ତେଣୁ ସେମାନେ ବି ମାତାଙ୍କ ଛଳନାରେ ଭଳିଗଲେ। ସେତେବେଳକୁ ସେମାନେ ଭୋକରେ ଆଉଟୁ ପାଉଟୁ ହେଉଥାନ୍ତି। ଏଇ ସମୟରେ ତାଙ୍କୁ ଯିଏ ଯାହା କିଛି ଖାଇବାକୁ ଦେଇଥାନ୍ତା ସେମାନେ ଖାଇଦେଇଥାନ୍ତେ। ଏଣୁ ସେମାନେ ଲେରଙ୍ଗଙ୍କ କଥାରେ ବିଶ୍ୱାସ କରି ସେ ଖାଦ୍ୟ ପ୍ରସ୍ତୁତ କଲା ପର୍ଯ୍ୟନ୍ତ ଚୁପ୍ ଚାପ୍ ହୋଇ ଅପେକ୍ଷା କରି ବସିଲେ।

ଲେରଙ୍ଗ ଖୁବ୍ ଯତ୍ନର ସହ ଅତି ସୁଆଦିଆ ଖିରୀ ଓ ପିଠା ଆଦି ରାନ୍ଧିଲେ। ସେଥିରେ ହଳାହଳ ବିଷ ମିଶେଇ ସଉତୁଣୀଙ୍କ ପିଲାମାନଙ୍କୁ ଅତି ଚତୁରତା ସହକାରେ ଖୁଆଇଲେ। ଭୋକିଲା ପିଲାମାନେ ଆକଣ୍ଠ ଭୋଜନ କରି ବିଷ ଜ୍ୱାଳାରେ ଛଟ୍‌ପଟ୍ ହୋଇ ମରିଗଲେ। ସଉତୁଣୀଙ୍କ ଉପରେ ପ୍ରତିଶୋଧ ନେଇ ପାରିଥିବାରୁ ନିଷ୍ଠୁର ଲେରଙ୍ଗଙ୍କ ମନ ଆତ୍ମସନ୍ତୋଷରେ ଭରିଗଲା। ତାଙ୍କର ଦୀର୍ଘଦିନର ଅପମାନର ଜ୍ୱାଳା ପ୍ରଶମିତ ହେଲା।

କିନ୍ତୁ ସୌଭାଗ୍ୟବଶତଃ ବେଲାଙ୍କ ବଡ଼ ଝିଅଟି ବଞ୍ଚିଯାଇଥିଲା। ପ୍ରଥମରୁ ତା'ର ବିମାତାଙ୍କ ହାବଭାବ ଦେଖି ସନ୍ଦେହ ଜାତ ହୋଇଥିଲା। ତଥାପି ଖୁବ୍ ଭୋକ ହେଉଥିବାରୁ ନିଜର ସାନସାନ ଭାଇ ଭଉଣୀଙ୍କ ସାଙ୍ଗରେ ଲେରଙ୍ଗ ଦ୍ୱାରା ପ୍ରସ୍ତୁତ ଓ ପରିବେଷିତ ସୁସ୍ୱାଦୁ ଖାଦ୍ୟ ଖାଇବା ଲୋଭରେ ବସିଥିଲା। ପ୍ରଥମେ ଥରେ ଦି'ଥର ଖାଦ୍ୟ ଖାଇବା ପରେ ସେ ଅନୁଭବ କରିଥିଲା ଯେ ଖାଦ୍ୟରେ ବିଷ ମିଶିଛି। କାରଣ ବୟସରେ ବଡ଼ ଥିବାରୁ ଭଲମନ୍ଦ ବୁଝିବାର କିଛି ଅନୁଭବ ଓ ଅଭିଜ୍ଞତା ତା'ର ସେତେବେଳକୁ ଆସିଯାଇଥିଲା। ସେତେବେଳକୁ ଅନେକ ଡେରି ହୋଇଯାଇଥିଲା। ସେ ନିଜର ଖାଇବା ବନ୍ଦକରି ଦେଖିଲା ଯେ ଲେରଙ୍ଗ ତା'ର ସାନ ଭାଇ ଭଉଣୀମାନଙ୍କୁ ମିଠା ମିଠା ସ୍ନେହବୋଳା କଥାମାନ କହି ଖୁବ୍ ଆଦରରେ ଜୋର କରି ପ୍ରଚୁର ଖାଦ୍ୟ ଖୁଆଇ ଦେଉଛନ୍ତି। ଭୋକିଲା ପିଲାମାନେ ରାକ୍ଷସ ପରି ଖାଇ ଯାଉଛନ୍ତି। ସେ ଜାଣିଲା ଯେ, ତା'ର ଭାଇ ଭଉଣୀମାନେ ଯେତିକି ବିଷାକ୍ତ ଖାଦ୍ୟ ଖାଇସାରିଲେଣି ତା'ର ବିଷଜ୍ୱାଳାରେ ସେମାନଙ୍କ

ପ୍ରାଣରକ୍ଷା କରାଯାଇପାରିବ ନାହିଁ। ତେଣୁ ସେ ନିଜ ପ୍ରାଣ ରକ୍ଷା କରିବାକୁ ଚୁପଚାପ ସେଠୁ ଲୁଚି ପଳେଇଯାଇ ଘନ ଜଙ୍ଗଲ ଭିତରେ ନିଜ ମା'ଙ୍କ ଫେରିବା ବାଟକୁ ଚାହିଁ ଆତ୍ମଗୋପନ କରି ରହିଲା।

କିନ୍ତୁ ଝିଅଟି ପ୍ରଥମେ ଯେତିକି ବିଷାକ୍ତ ଖାଦ୍ୟ ଖାଇଥିଲା ତା'ର ଜ୍ୱାଳାରେ ସେ ଜଙ୍ଗଲରେ ପଡ଼ିରହି ଛଟପଟ ହେଉଥାଏ। ସନ୍ଧ୍ୟା ହେଲା। ଦିନଯାକ ବିଶ୍ୱ ବ୍ରହ୍ମାଣ୍ଡକୁ ପ୍ରଦକ୍ଷିଣ କରି ତା'ର ମା' ବେଲା ଦେବୀ ଘରକୁ ବାହୁଡ଼ିଲେ। ଏଇ ସମୟରେ ସେ ବିଷ ଯନ୍ତ୍ରଣାରେ ଛଟପଟ ହେଉଥିବା ନିଜର ଅଲିଅଳ ବଡ଼ ଝିଅର ଆକୁଳ ଆର୍ତ୍ତ ଚିତ୍କାର ଦୂରରୁ ଶୁଣି ପାରିଲେ। ବିଜୁଳୀ ବେଗରେ ନିଜର ଝିଅ ପାଖକୁ ଛୁଟି ଆସିଲେ। ଜଙ୍ଗଲ ଭିତରେ ଝିଅକୁ ଖୋଜି ବାହାର କଲେ। ଏତେ କଷ୍ଟ ପାଉଥିଲେ ବି ଝିଅଟି ମା'ଙ୍କୁ ସମସ୍ତ ଘଟଣା କହିଲା। ନିଜର ସନ୍ତାନମାନଙ୍କୁ ସଉତୁଣୀ ବିଷ ଦେଇ ମାରିଦେଇଛି ଏକଥା ଶୁଣି ସେ ଦୁଃଖରେ ଭାଙ୍ଗି ପଡ଼ିଲେ। ତାକୁ ଏତେ ଶକ୍ତ ମାନସିକ ଆଘାତ ଲାଗିଲା ଯେ ସେ ସେଇଠି ଚେତାଶୂନ୍ୟ ହୋଇ ପଡ଼ିଗଲେ।

ସେତେବେଳକୁ ଧରମ ଦେବତା ଏସବୁ ଖବର ପାଇ ସାରିଥିଲେ। ସେ ସଙ୍ଗେ ସଙ୍ଗେ ଜଙ୍ଗଲ ଭିତରକୁ ଆସି ନିଜର ଦୈବୀଶକ୍ତି ପ୍ରୟୋଗ କରି ମୂର୍ଚ୍ଛିତା ପତ୍ନୀଙ୍କୁ ଚେତା କରେଇଲେ ଓ ବିଷଜ୍ୱାଳାରେ ପୀଡ଼ିତ ଝିଅକୁ ସୁସ୍ଥ ଅବସ୍ଥାକୁ ଆଣିଲେ। ହେଲେ ସେତେବେଳକୁ ବିଷର ପ୍ରଭାବରେ ଝିଅଟିର ଶରୀର ବିକୃତ ହୋଇଯାଇଥିଲା। ତା'ର ସୁନ୍ଦର ମୁହଁ ଓ ପେଟ ଫୁଲି ଯାଇ ଖୁବ୍ ବଡ଼ ହୋଇଯାଇଥିଲା। ଆଗରୁ ଖୁବ୍ ସୁନ୍ଦର ଥିବା ଝିଅଟିର ଚେହେରା କଦାକାର ହୋଇଯାଇଥିଲା।

ଧରମ୍ ଦେବତା, ବେଲା ଓ ତାଙ୍କ ଝିଅ ସହିତ ଘରକୁ ଫେରିଲେ। ସେମାନେ ଫେରିବା କଥା ଲେରଙ୍ଗ ଆଗରୁ ଜାଣି ପାରିଲେ। ସେତେବେଳକୁ ସେ ଖୁବ୍ ଆତଙ୍କିତ ହୋଇପଡ଼ିଥିଲେ। ତାଙ୍କ ସଉତୁଣୀ ବେଲା, ଏକ ସନ୍ତାନହରା ମା' ହୋଇ ଏକ ହିଂସ୍ର ବାଘୁଣୀଠାରୁ ଅଧିକ ହିଂସ୍ର ଓ ପ୍ରତିଶୋଧ ପରାୟଣା

ହୋଇପଡ଼ିଥିବେ। ଏଇ ସମୟରେ ତାଙ୍କର ସମ୍ମୁଖୀନ ହେଲେ ପରିଣାମ ଭୟାବହ ହେବ। ପୁଣି ନିଜର କୃତକର୍ମ ପାଇଁ ବେଲାଙ୍କୁ ସାମନା କରିବାକୁ ଲେରଙ୍ଗ ତାଙ୍କର ନୈତିକ ସାହସ ହରେଇ ବସିଥିଲେ। ତେଣୁ ବେଲା, ଧରମ ଦେବତା ଓ ଝିଅଟି ଆସି ଘରେ ପହଞ୍ଚିବା ପୂର୍ବରୁ ଲେରଙ୍ଗ ପ୍ରାଣ ବିକଳରେ ଘରଛାଡ଼ି ପଳେଇଲେ।

ସେଇ ଦିନଠୁ ବେଲାଙ୍କ କୋପାନଳରୁ ନିଜକୁ ରକ୍ଷା କରିବା ପାଇଁ ଲେରଙ୍ଗ ରାତିରେ ବାହାରକୁ ବାହାରି ଆକାଶ ପଥରେ ଚଲାବୁଲା କରନ୍ତି। ତାଙ୍କର ଏଇ ଅମାନୁଷିକ କୃତକର୍ମ ପାଇଁ ସେ ସବୁବେଳେ ଅନୁତାପ କରୁଥିବାରୁ ରାତିରେ ଶୀତଳ ଜ୍ୟୋତ୍ସ୍ନା ପ୍ରଦାନ କରନ୍ତି। କାଳେ ବେଲାଙ୍କ ସାଙ୍ଗେ ଭେଟ ହୋଇଯିବ ଏଇ ଭୟରେ ସେ ରାତିରେ ଲୁଚି ଲୁଚି ବୁଲନ୍ତି ଓ ଦିନବେଳା କେବେ ବି ବାହାରନ୍ତି ନାହିଁ।



ଅନ୍ୟପକ୍ଷରେ କ୍ରୋଧ ଜର୍ଜରିତ ବେଲାଙ୍କ ରଶ୍ମି ଦିନବେଳା ଖୁବ୍ ପ୍ରଖର ହୋଇ ପୃଥିବୀକୁ ଉଜ୍ଜ୍ୱଳ ଓ ଉତପ୍ତ କରିଦିଏ। ସେ ଅନେକ ଖୋଜି ଖୋଜି କେବେ ହେଲେ ତାଙ୍କ ସଉତୁଣୀ ଲେରଙ୍ଗଙ୍କ ଦର୍ଶନ ପାଇପାରନ୍ତି ନାହିଁ। ସବୁଦିନ ବେଲା ଘରକୁ ଫେରିବା ବେଳକୁ ଲେରଙ୍ଗ ଘରଛାଡ଼ି ପଳେଇ ଯାଆନ୍ତି। ସେତେବେଳେ ରାତି ହୁଏ ଓ ଚନ୍ଦ୍ର ଉଦୟ ହୁଅନ୍ତି। ବେଲା ସକାଳୁ ଘରଛାଡ଼ି ବାହାରକୁ ଗଲାପରେ ଲେରଙ୍ଗ ଘରକୁ ଫେରନ୍ତି। ସେତେବେଳେ ଆକାଶରୁ ଚନ୍ଦ୍ର ଅସ୍ତହୋଇ ରାତିର ଅବସାନ ଘଟେ ଓ ପୃଥିବୀରେ ଦିନ ହୁଏ। ଏହିପରି ଚନ୍ଦ୍ର ଓ ସୂର୍ଯ୍ୟଙ୍କ ମଧ୍ୟରେ ଚିରକାଳ ଧରି ଚାଲି ଆସୁଥିବା ଶତ୍ରୁତା ଓ ଲୁଚକାଳି ଖେଳ ଯୋଗୁ କେହି କାହାକୁ ଦେଖି ପାରନ୍ତି ନାହିଁ ଓ ଏହାଦ୍ୱାରା ଦିନ ଓ ରାତିର ସୃଷ୍ଟି ହୋଇଚି।



ଏସବୁ ଅଘଟଣା ଘଟିବା ପରେ କାଳକ୍ରମେ ଲେରଙ୍ଗ ଗର୍ଭଧାରଣ କରି ଅନେକ ସନ୍ତାନ ସନ୍ତତିଙ୍କ ମା' ହେଲେ। କିନ୍ତୁ ସେ ଜାଣିଥିଲେ ଯେ ପ୍ରତିଶୋଧ ପରାୟଣା ତାଙ୍କର ସଉତୁଣୀ ବେଲା ତାଙ୍କ ସନ୍ତାନମାନଙ୍କୁ ହାତ ପାହାନ୍ତାରେ ପାଇଲେ ନିଶ୍ଚୟ ମାରି ପକେଇବେ। ବେଲାଙ୍କ କ୍ରୋଧରୁ ନିଜର ପ୍ରିୟ ସନ୍ତାନମାନଙ୍କ ପ୍ରାଣ ରକ୍ଷା କରିବା ପାଇଁ ଲେରଙ୍ଗ ତାଙ୍କୁ ଅସଂଖ୍ୟ ତାରାରେ ପରିଣତ କରି ଆକାଶର ଅନନ୍ତ ଗର୍ଭରେ ଲୁଚେଇ ରଖିଥାନ୍ତି। ସେମାନଙ୍କୁ ସେ ଏପରି ଭାବରେ ଅବସ୍ଥାପିତ କରିଛନ୍ତି ଯେ, ଦିନରେ ସୂର୍ଯ୍ୟାଲୋକରେ ସେମାନେ ଦେଖାଯାଆନ୍ତି ନାହିଁ ଅର୍ଥାତ୍ ବେଲା ସେମାନଙ୍କୁ ଦେଖି ପାରନ୍ତି ନାହିଁ। ରାତି ହେଲେ ଏଇ ତାରାମାନେ ଆକାଶରେ ଦେଖାଦିଅନ୍ତି। ବିଶେଷକରି ଆକାଶରେ ଚନ୍ଦ୍ର (ଲେରଙ୍ଗ) ଉଦୟ ହେଲେ, ଚନ୍ଦ୍ର ତାରା ମିଶି ଆକାଶର ଶୋଭାବର୍ଦ୍ଧନ କରିଥାନ୍ତି। ଏହିପରି ଆକାଶରେ ତାରାମାନଙ୍କର ସୃଷ୍ଟି ହୋଇଚି।

ସୌଭାଗ୍ୟକ୍ରମେ ବଞ୍ଚିଯାଇ ବିଷ ପ୍ରଭାବରେ କଦାକାର ରୂପ ଧାରଣ କରିଥିବା ବେଲାଙ୍କର ଏକମାତ୍ର ଝିଅଟିର ଜୀବନ ଯନ୍ତ୍ରଣା ଏଇଠି ସରିଯାଇନି। କାଳକ୍ରମେ ସେ ବଡ଼ ହୋଇ ବିବାହ ଯୋଗ୍ୟା ହେଲା। ତା'ର ବିକୃତ ରୂପ ଦେଖି କୌଣସି ଦେବତା ତାକୁ ବାହା ହେବାକୁ ରାଜି ହେଲେନି। ଧରମ ଦେବତା ବହୁ କଷ୍ଟରେ ଇନ୍ଦ୍ର ଦେବତାଙ୍କୁ ଅନେକ ଅନୁନୟ ବିନୟ କରି, ବୁଝେଇ ସୁଝେଇ ରାଜି କରେଇଲେ। ନିଜର ଇଚ୍ଛା ନଥିଲେ ମଧ ଇନ୍ଦ୍ର ଦେବତା ଧରମ ଦେବତାଙ୍କ କଥାକୁ ଭାଙ୍ଗି ନ ପାରି ଝିଅଟିକୁ ବାହା ହେଲେ। ହେଲେ ଝିଅଟିର ଦାମ୍ପତ୍ୟ ଜୀବନ ଖୁବ୍ ଯନ୍ତ୍ରଣାଦାୟକ ଥିଲା। ଟିକେ ଟିକେ କଥାରେ ତା'ର ସ୍ୱାମୀ ଇନ୍ଦ୍ର ଦେବତା ତାକୁ ତିରସ୍କାର ଓ ଅପମାନିତ କରୁଥିଲେ। ଅତି ଅସହ୍ୟ ହେଲେ ଝିଅଟି ନିଜକୁ ରକ୍ଷା କରିବାକୁ ଦୂରକୁ ଦୌଡ଼ି ପଳଉଥିଲା। ଇନ୍ଦ୍ର ତା' ପଛରେ ଗୋଡ଼େଇ ଗୋଡ଼େଇ ତାକୁ ତୀର ମାଡ଼ କରୁଥିଲେ। ଇନ୍ଦ୍ରଙ୍କ ତୀର ଚାଳନାରୁ ଯେଉଁ ପ୍ରଚଣ୍ଡ ଶବ୍ଦ ଓ ଆଲୋକ ବାହାରି ବିଶ୍ୱକୁ ପ୍ରକମ୍ପିତ କରୁଥିଲା ତାହା ହେଲା ଘଡ଼ଘଡ଼ି ଓ ଚଡ଼ଚଡ଼ି। ଏମିତି ଘଡ଼ଘଡ଼ି ଓ ଚଡ଼ଚଡ଼ିର ସୃଷ୍ଟି ହୋଇଥିଲା।

# ଦେବାଦେବୀଙ୍କ ଆତ୍ମପ୍ରକାଶ (୨)

## ବନରାଇ ଓ ବନଦୁର୍ଗା



ଜୁଆଙ୍ଗମାନେ ବନବାସୀ। ଜଙ୍ଗଲକୁ ସେମାନେ ନିଜର ମା' ପରି ଭଲ ପାଆନ୍ତି। ଜଙ୍ଗଲ ସେମାନଙ୍କର ସମସ୍ତ ଆବଶ୍ୟକତା ମେଣ୍ଟାଇଥାଏ। ଜଙ୍ଗଲରେ କମଣ କରି ସେମାନେ ପୋଡୁଚାଷ କରନ୍ତି। ବାର ପ୍ରକାରର ଫସଲ କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ବିଭିନ୍ନ ଋତୁରେ ଜଙ୍ଗଲରୁ ବିଭିନ୍ନ ପ୍ରକାରର ଫଳ, ମୂଳ, ଶାଗ, ଛତୁ, ଚେର ଓ କନ୍ଦା ଆଦି ସଂଗ୍ରହ କରି ଖାଆନ୍ତି। ଜାଳ, କାଠ, ବାଉଁଶ ଆଦି ଜଙ୍ଗଲରୁ ଆଣି ନିଜର ଗୁଜୁରାଣ ମେଣ୍ଟାନ୍ତି। ବିଭିନ୍ନ ବଣ ଜନ୍ତୁଙ୍କୁ ଶିକାର କରି ମାଂସ ଖାଆନ୍ତି। ମୋଟ ଉପରେ ଜଙ୍ଗଲ ଓ ଜୁଆଙ୍ଗମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଅବିଚ୍ଛେଦ୍ୟ। ଜଙ୍ଗଲ ବିନା ଜୁଆଙ୍ଗ ବଞ୍ଚିବା ଅସମ୍ଭବ। ଜଙ୍ଗଲ ନଥିଲେ ଜୁଆଙ୍ଗ ସତେ ଯେମିତି ଏକ ମା' ଛେଉଣ୍ଡ ଶିଶୁ।

ଜଙ୍ଗଲ ତାଙ୍କର ମା'। ତା'ର ଆଶୀର୍ବାଦ ପାଇବାକୁ ସେମାନେ ତାକୁ ଦେବତାର ସ୍ଥାନ ଦେଇ ପୂଜା ଆରାଧନା କରିଥାନ୍ତି। ତାଙ୍କ ବଣର ପରିଚାଳନା ଦାୟିତ୍ୱରେ ଅଛନ୍ତି ଜଣେ ଦେବତା ଆଉ ଜଣେ ଦେବୀ। ସେମାନଙ୍କର ନାମ ହେଲା ଯଥାକ୍ରମେ 'ବନରାଇ' ଓ 'ବନଦୁରୁଗା'। ବହୁ ପୁରାତନ କାଳରେ ସେମାନେ ପ୍ରଥମେ ଆତ୍ମପ୍ରକାଶ କରିଥିଲେ।

ସେତେବେଳେ ଜୁଆଙ୍ଗମାନେ ଧରମ ଦେବତାଙ୍କ ଆଜ୍ଞାରେ ନୂଆକରି ଜଙ୍ଗଲ କାଟି ପୋଡୁଚାଷ କରିବା ଆରମ୍ଭ କରୁଥାନ୍ତି। ଗୋଟିଏ ଜୁଆଙ୍ଗ ବସ୍ତିରେ ବୁଢ଼ାବୁଢ଼ୀ ଦି'ଜଣ ଘର କରି ରହିଥାନ୍ତି। ଜୁଆଙ୍ଗ ଜାତିର ଜନକ ଓ ଜନନୀ ପୁଣ୍ୟାତ୍ମା ଋଷି ଓ ଋଷିଆଣୀଙ୍କୁ ଜୁଆଙ୍ଗମାନେ ଅତି ଆଦରରେ 'ସଇଁଆ ବୁଢ଼ା' ଓ 'ସଇଁବୁଢ଼ୀ' ବୋଲି ସମ୍ବୋଧନ କରିଥାନ୍ତି। ଜୁଆଙ୍ଗ ଜାତିର ମାର୍ଗ ଦର୍ଶକ ଭାବେ ସେମାନେ ଅନେକ କାର୍ଯ୍ୟ ତଥା ତ୍ୟାଗ କରିଯାଇଛନ୍ତି। ସେମାନଙ୍କର ମହାନ୍ କାର୍ଯ୍ୟାବଳୀ ସମ୍ପର୍କରେ ଅନେକ କିମ୍ବଦନ୍ତୀମାନ ରହିଛି।

ସଇଁଆ ବୁଢ଼ା ଓ ସଇଁଆବୁଢ଼ୀଙ୍କ ଅନେକ ମହାନ୍ ବୈପ୍ଲବିକ କାର୍ଯ୍ୟାବଳୀ ମଧ୍ୟରେ ଗୋଟିଏ ପ୍ରଧାନ କାର୍ଯ୍ୟଥିଲା ପୋଡୁଚାଷ ପ୍ରଣାଳୀ ପ୍ରବର୍ତ୍ତନ। ସେମାନେ ରହୁଥିବା ଗାଁ ଚାରିପଟେ ଘେରି ରହିଥିବା ପାହାଡ଼ ଓ ଜଙ୍ଗଲ ମଧ୍ୟରେ ଗୋଟିଏ ସ୍ଥାନରେ ଜଙ୍ଗଲ ସଫାକରି ସେମାନେ ପୋଡୁଚାଷ ଆରମ୍ଭ କରିଥାନ୍ତି। ଫସଲ ସବୁ ପାଚି ଆସିବା ବେଳକୁ ବଣଜନ୍ତୁମାନେ ଆସି ଫସଲ ନଷ୍ଟ କରିବାକୁ ଲାଗିଲେ।

ବୁଢ଼ାବୁଢ଼ୀ ଖୁବ୍ ଚିନ୍ତାରେ ପଡ଼ିଲେ। ବଣ ଜନ୍ତୁଙ୍କ ଦାଉରୁ ଫସଲ ରକ୍ଷା କରିବେ କେମିତି ? ବୁଢ଼ା ବୁଢ଼ୀକୁ କହିଲା 'ତୁ ଘର ଜଗିଥା ମୁଁ ଯାଉଛି କ୍ଷେତକୁ ଫସଲ ଜଗିବାକୁ। ବୁଢ଼ା ଯାଇ ପାଚିଲା କ୍ଷେତରେ ଧନୁ ତୀର ଧରି ଜଗି ବସିଥାଏ। ଅନେକ ସମୟ ଜଗିଲା ପରେ ସୁଲୁ ସୁଲିଆ ପବନରେ ତାକୁ ନିଦ ମାଡ଼ି ଆସିଲା। ସେ ସେଠି ନିଘୋଡ଼ ନିଦରେ ଶୋଇଗଲା। ବଣଜନ୍ତୁମାନେ କ୍ଷେତର ଚାରିପଟେ ଲୁଚି ରହି ସଇଁଆ ବୁଢ଼ାର ଗତିବିଧିକୁ ଲକ୍ଷ୍ୟ କରୁଥାନ୍ତି। ସେ ଚେଇଁ ବସିଥିବା ଯାଏଁ ସେମାନେ ଡରରେ ଭିତରକୁ ପଶିପାରୁ ନଥିଲେ। ଯେମିତି ଦେଖିଲେ ବୁଢ଼ା ନିଦରେ ସେଇଠି ଶୋଇପଡ଼ିଲା ସେମିତି ସଙ୍ଗେ ସଙ୍ଗେ କ୍ଷେତ ଭିତରକୁ ପଶି ପେଟପୂରା ଫସଲ ଖାଇ ଚାଲିଗଲେ।

କିଛି ସମୟ ପରେ ବୁଢ଼ାର ନିଦ ଭାଙ୍ଗିଲା। ସେ ଆଖି ମଳି ମଳି ନିଦରୁ ଉଠି ବସିଲା। ଜନ୍ତୁମାନେ ଅରାଏ ଫସଲ ନଷ୍ଟ କରି ଦେଇଛନ୍ତି। ନିଜକୁ ଧିକ୍‌କାର କରି ଆଉ ଜମା ଶୋଇବିନି ବୋଲି ମନେ ମନେ ଶପଥ କରି ଜଗି ବସିଲା। କିଛିସମୟ ପରେ ତା ପାଇଁ ଖାଇବା ଜିନିଷ ଧରି ବୁଢ଼ୀ ଆସି କ୍ଷେତରେ ପହଞ୍ଚିଲା। ବୁଢ଼ାଠୁଁ ସବୁ କଥା ଶୁଣି ତାକୁ ତା'ର ଦାୟିତ୍ୱହୀନତା ପାଇଁ ଗାଳିଦେଲା। ଆଉ କହିଲା, 'ବେଳ ଲେଉଟାଣି ହେଲାଣି। ଆଉ କିଛି ଘଡ଼ିପରେ ସଞ୍ଜ ଓ ତାପରେ ରାତି ମାଡ଼ି ଆସିବ। ରାତିରେ ତୁ ଚେଇଁ ବସିପାରିବୁନି। ଥଣ୍ଡା ପବନ ତୋ ଦେହରେ ବାଜିଲେ ତୁ ନିଶ୍ଚୟ ଶୋଇ ପଡ଼ିବୁ। ତେଣୁ ତୁ ଘରକୁ ଫେରିଯାଇ ବିଶ୍ରାମ ନେ। ମୁଁ ରାତିରେ ଏଠି କ୍ଷେତ ଜଗିବି।"

ବୁଢ଼ୀମଣିଷଟାକୁ ରାତିରେ ଏକୁଟିଆ ଏ ଜଙ୍ଗଲ ଭିତରେ ଛାଡ଼ିଯିବାକୁ ବୁଢ଼ାର ଇଚ୍ଛା ହେଉନଥିଲା। ତଥାପି କୁନ୍ଥୁ କୁନ୍ଥୁ ହୋଇ ଘରକୁ ଫେରିଗଲା। ବୁଢ଼ା ଚାଲିଗଲା ପରେ ବୁଢ଼ୀ ଏକୁଟିଆ କ୍ଷେତ ଜଗି ବସିଥାଏ। ସଞ୍ଜ ହେଲା, ରାତି ମାଡ଼ି ଆସିଲା। ପତଳା ଅନ୍ଧାର ବହଳିଆ ହେଲା। ମୁହଁକୁ ମୁହଁ ଦେଖା ଗଲାନି। ଚାରିଆଡୁ ହିଂସ୍ରଜନ୍ତୁଙ୍କ ବିକଟାଳ ଗର୍ଜନ ଶୁଣାଗଲା। ଅନ୍ଧାରର ସୁଯୋଗ ନେଇ ଜନ୍ତୁମାନେ ଖପ୍‌ଖାପ୍ ହୋଇ କ୍ଷେତ ଭିତରକୁ ପଶି ଆସିଲେ।

ବୁଢ଼ୀ ଡରରେ ଥରିବାକୁ ଲାଗିଲା। ଆକୁଳ ବିକଳ ହୋଇ ମନେ ମନେ ଦିଅଁ ଦେବତାଙ୍କୁ ଡାକିଲା। ଏହି ସମୟରେ ସଇଁଆ ବୁଢ଼ାର ପାଟି ପରି ଶବ୍ଦ ଶୁଣାଗଲା। ବୁଢ଼ୀ ଯଦିଓ ଅନ୍ଧାରରେ କାହାକୁ ଦେଖି ପାରୁନଥିଲା, ସେ ଶବ୍ଦରୁ ଅନୁମାନ କଲା ବୋଧେ ବୁଢ଼ା ଗାଁରୁ କେତେଜଣ ଲୋକଡାକି ଆଣି କ୍ଷେତ୍ରରେ ପଶି ପାଟିକରି ଢେଲାମାରି ଜନ୍ତୁ ଘଉଡେଇବାରେ ଲାଗିଛି। ମଣିଷମାନଙ୍କ ଶବ୍ଦ ଶୁଣି ଜନ୍ତୁମାନେ ଡରରେ କ୍ଷେତଛାଡ଼ି ପଳାଇଗଲେ।

ଜନ୍ତୁମାନେ ଚାଲିଯିବା ପରେ ବୁଢ଼ୀ ଅନ୍ଧାରରେ ବୁଢ଼ାକୁ ଖୋଜିଲା ହେଲେ ପାଇଲା ନାହିଁ। ବୋଧହୁଏ ବୁଢ଼ା ଜନ୍ତୁମାନଙ୍କୁ ହୁଡ଼େଇ ଦେଇ ଫେରିଯାଇଛି ବୋଲି ମନେମନେ ଭାବିଲା। ଏମିତି ବୁଢ଼ୀ ରାତିଟି କ୍ଷେତରେ କଟାଇ ବଡ଼ି

ସକାଳୁ ଘରକୁ ଫେରିଲା । ଦେଖିଲା ବୁଢ଼ା ନିଘୋଡ଼ ନିଦରେ ଶୋଇଛି । ବୁଢ଼ୀ ଭାବିଲା ରାତିସାରା କ୍ଷେତରେ ଜନ୍ତୁ ହୁଡ଼େଇ ହୁଡେଇ ଘରକୁ ଫେରି ଶୋଇଯାଇଛି ।

କିଛି ସମୟ ପରେ ବୁଢ଼ାର ନିଦ ଭାଙ୍ଗିଲା । ବୁଢ଼ୀ ତାକୁ ଗତ ରାତି କଥା କହିଲା । ବୁଢ଼ା ଆଶ୍ଚର୍ଯ୍ୟ ହୋଇଗଲା । କହିଲା, "କାଲି ରାତିସାରା ତ ମୁଁ କୁଆଡ଼େ ଯାଇନି ଘରେ ଶୋଇଛି । ତୁ ବୋଧେ କାଲି ରାତିରେ କ୍ଷେତରେ ଶୋଇପଡ଼ିଥିଲୁ ତେଣୁ ସ୍ୱପ୍ନ ଦେଖିଛୁ ।" ବୁଢ଼ୀ ଏକଥା ଶୁଣି ଅବାକ୍ ହୋଇଗଲା ।

ତା'ପରଦିନ ରାତିରେ ମଧ୍ୟ ଠିକ୍ ସେହିପରି ଘଟଣା ଘଟିଲା । ବୁଢ଼ା ବୁଢ଼ୀ ଜାଣିପାରୁ ନଥାନ୍ତି କିଏ ତାଙ୍କୁ ଏମିତି ସାହାଯ୍ୟ କରୁଛି ଏବଂ କାହିଁକି କରୁଛି ? ତେଣୁ ଡରରେ ତୃତୀୟ ଦିନ ରାତିରେ ବୁଢ଼ାବୁଢ଼ୀ କେହି ଡରରେ କ୍ଷେତ ଜଗିବାକୁ ଗଲେନି । ଘରେ ଶୋଇଲେ । ରାତିରେ ବୁଢ଼ାବୁଢ଼ୀ ଦି'ଜଣ ସ୍ୱପ୍ନ ଦେଖିଲେ ଯେ, ଜଣେ ଦେବତା ଓ ଜଣେ ଦେବୀ ତାଙ୍କୁ ଦେଖା ଦେଇ କହୁଛନ୍ତି, "ଆମେ ହେଲୁ ବଣର ଠାକୁର, 'ବନରାଇ' ଓ 'ବନଦୁର୍ଗା' । ଆମେ ତମ ଫସଲକୁ ରକ୍ଷା କରୁଛୁ । ଆଜିଠୁ ତମେ ଆମକୁ ନିୟମିତ ପୂଜା କରିବ । ନ ହେଲେ ତମର ଫସଲ ନଷ୍ଟ ହୋଇଯିବ ।" ସେଇଦିନଠୁ ଜୁଆଙ୍ଗମାନେ କ୍ଷେତରେ କୁକୁଡ଼ା ବଳିଦେଇ, 'ବନରାଇ' ଓ 'ବନଦୁର୍ଗା'ଙ୍କ ପୂଜା କରିଆସୁଛନ୍ତି ।



# ଦେବାଦେବୀଙ୍କ ଆତ୍ମପ୍ରକାଶ (୩)

## ବଘିଆଦେଓ ବା ଭୂୟୋ ବଘିଆ (ବାଘ ଦେବତା)



ସ୍ରଷ୍ଟା 'ଧରମ୍ ଦେବତା' ପ୍ରଥମେ ଯେତେବେଳେ ପୃଥିବୀ ସର୍ଜନା କଲେ ତାହା ଏକ ବିରାଟ ପିଣ୍ଡୁଳା ରୂପେ ଅଥଳ ଜଳରେ ଭାସମାନ ଅବସ୍ଥାରେ ରହିଥିବାରୁ ଅସ୍ଥିର ହୋଇ ରହିଥିଲା। ତେଣୁ ତା'ର ଜୀବଜଗତ ବା ବୃକ୍ଷଲତା ଧାରଣ କରିବା ଶକ୍ତି ନଥିଲା। ଧରମ ଦେବତାଙ୍କ ଆଜ୍ଞା ଓ ଦେବଗଣଙ୍କ ଉଦ୍ୟମରେ ପୃଥିବୀର ପ୍ରଥମ ମାନବ ଦମ୍ପତି ଋଷି ଓ ଋଷିଆଣୀଙ୍କ ପ୍ରଥମ ପୁତ୍ର ଋଷିକୁମାରଙ୍କୁ ବଳି ଦିଆଯିବା ପରେ ତାଙ୍କର ରକ୍ତ ପାନ କରି ପୃଥିବୀ ମାତା ଶାନ୍ତ ଓ ସ୍ଥିର ହେଲେ। ତାଙ୍କର ହାଡ଼, ମାଂସ, ରକ୍ତ, କେଶ ଆଦିରୁ ବୃକ୍ଷ, ଲତା, ପାହାଡ଼, ପର୍ବତ, ନଦୀ, ଝରଣା, ଆଦି ପ୍ରାକୃତିକ ଜଗତ ସୃଷ୍ଟି ହେଲା। ପ୍ରକୃତିକୁ ଆଧାରକରି ସୃଷ୍ଟି ହେଲେ ମଣିଷ ତଥା ପ୍ରାଣୀଜଗତ। ଏଇ ଋଷିକୁମାରଙ୍କୁ ହତ୍ୟା କରିବା ପାଇଁ ଯେଉଁ ବାଘ ଦେବତାଙ୍କୁ ଧରମ ଦେବତା ପୃଥିବୀ ପୃଷ୍ଠକୁ ପ୍ରେରଣ କରିଥିଲେ ତାଙ୍କୁ ଜୁଆଙ୍ଗମାନେ 'ବଘିଆ ଦେଓ' ବା 'ଭୂୟୋ ବଘିଆ' ନାମରେ ପୂଜାକରି ଆସୁଛନ୍ତି କାରଣ ସୃଷ୍ଟି ସର୍ଜନାରେ ତାଙ୍କର ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ପରବର୍ତ୍ତୀ କାଳରେ ସେ ଜୁଆଙ୍ଗ ସମାଜର ଜଣେ କଲ୍ୟାଣକାରୀ ତଥା ରକ୍ଷାକର୍ତ୍ତା ଦେବତାଭାବେ ବିଶିଷ୍ଟ ଭୂମିକା ଗ୍ରହଣ କରି ଜୁଆଙ୍ଗମାନଙ୍କର ଆରାଧ୍ୟ ହୋଇ ରହି ଆସିଛନ୍ତି।

ସୃଷ୍ଟି ସର୍ଜନା ଓ ମଣିଷ ଜାତିର ବଂଶବୃଦ୍ଧି ହେବା ସମୟରେ ଜୁଆଙ୍ଗମାନେ 'ବଘିଆ ଦେଓ'ଙ୍କ କଥା କିଛି କାଳ ପାଇଁ ଭୁଲି ଯାଇଥିଲେ। ତେଣୁ ନିଜର ଉପସ୍ଥିତି ସ୍ମରଣ କରେଇ ଦେବାକୁ ବାଧହୋଇ ବାଘ ଦେବତାଙ୍କୁ ଦିନେ ଜୁଆଙ୍ଗମାନଙ୍କ ସମ୍ମୁଖରେ ଆବିର୍ଭାବ ହେବାକୁ ପଡ଼ିଥିଲା।

ସେତେବେଳେ ମାନବ ଜାତିର ଜନକ, ଋଷିଙ୍କର ସାତଜଣ ପୁଅ ଥାଆନ୍ତି। ଧରମ ଦେବତାଙ୍କ ପରାମର୍ଶରେ ସେମାନେ ଜଙ୍ଗଲ କାଟି 'କମଣ' ଚାଷ (ପୋଡୁଚାଷ) କରୁଥାନ୍ତି। ଦିନେ ସକାଳୁ ଉଠି ସାତଭାଇଯାକ ନିଜର ଅସ୍ତ୍ର ଓ ଚାଷ ଉପକରଣମାନ ଧରି କମଣକୁ ଗଲେ। ଦିନଯାକ ଚାଷକାମ କରି ଛାଇଲେଉଟା ବେଳକୁ କ୍ଳାନ୍ତ ହୋଇ ଘରବାହୁଡ଼ା ହେଲେ। ସବା ବଡ଼ଭାଇ ଟିକେ ବେଶି ହାଲିଆ ହୋଇ ପଡ଼ିଥିବାରୁ ପଛକୁ ପଡ଼ିଯାଇଥାଏ ଓ ଅନ୍ୟ ଛ' ଜଣ ଭାଇ ବଡ଼ଭାଇଠୁ ଟିକେ ଆଗେଇ ଯାଇ ବାଟ ଚାଲୁଥାନ୍ତି। ଘନ ଜଙ୍ଗଲ ଭିତରେ ସନ୍ଧ୍ୟା ନଇଁ ଆସିବାର ବେଳ।

ହଠାତ୍ ଆଗରେ ଚାଲୁଥିବା ଛ ଭାଇ ଦେଖିଲେ ନିକଟରେ ଥିବା ଏକ ଉଇହୁଙ୍କା ପାଖରେ ଏକ ବିରାଟକାୟ ବାଘ ଠିଆ ହୋଇଛି। ବାଘର ଭୀମମୂର୍ତ୍ତି ଦେଖି ଭୟରେ ତାଙ୍କର ରକ୍ତ ପାଣି ଫାଟିଗଲା। କ'ଣ କରିବେ କିଛି ବୁଦ୍ଧି ଦେଖାଗଲା ନାହିଁ। ସମସ୍ତେ ବରଡ଼ାପତ୍ର ପରି ଥରିବାକୁ ଲାଗିଲେ। ଭାବିଲେ ଏ ଭୟଙ୍କର ବାଘ ଯଦି ସେମାନଙ୍କୁ ଆକ୍ରମଣ କରେ ତେବେ ସେମାନଙ୍କ ମଧ୍ୟରୁ ଜଣେ ବି କେହି ରକ୍ଷାପାଇ ପାରିବେନି। ସେମାନେ ଆଉ ଆଗକୁ ନ ଯାଇ ପାରି ସେଇଠି ନିଶ୍ଚଳ ହୋଇ ଠିଆ ହୋଇଗଲେ।

ପଛରେ ପଡ଼ିଯାଇଥିବା ବଡ଼ ଭାଇ ଆସ୍ତେ ଆସ୍ତେ ଆଗକୁ ଆସିବା ମାତ୍ରେ ବାଘ ଓ ତା'ର ସ୍ଥାଣୁ ହୋଇ ଠିଆ ହୋଇଥିବା ଭାଇମାନଙ୍କୁ ଦେଖିପାରିଲା। ସେ ଜାଣିପାରିଲା ଏ ବାଘ ସାମାନ୍ୟ ବାଘ ନୁହଁନ୍ତି। ବାଘ ଦେବତା ସ୍ୱୟଂ ଆବିର୍ଭୂତ ହୋଇଛନ୍ତି। ତେଣୁ ସେ ସାନଭାଇମାନଙ୍କୁ କହିଲା, 'ଏ ହେଉଛନ୍ତି ଆମର କଲ୍ୟାଣକାରୀ 'ବଘିଆ ଦେଓ'। ଏ ଆମର କୌଣସି କ୍ଷତି ବା ଅମଙ୍ଗଳ କରିବେନି। ଏ ଆମର ରକ୍ଷାକର୍ତ୍ତା। ଆମେ ତାଙ୍କୁ ଭୁଲି ଯାଇଛୁ ବୋଲି ମନେ ପକେଇ ଦେବାକୁ ସେ ଆବିର୍ଭୂତ ହୋଇଛନ୍ତି। ତେଣୁ ତୁମେ ତାଙ୍କୁ ନଡରି, ଏଇଠି

ହାତଯୋଡ଼ି ତାଙ୍କୁ ପ୍ରାର୍ଥନା କର। ମୁଁ ଯାଉଛି ଗୋଟିଏ ବଣଜନ୍ତୁ ଆଣି ତାଙ୍କ ନିକଟରେ ବଳି ଦେଲେ ସେ ସନ୍ତୁଷ୍ଟ ହେବେ।'

ସାନ ଭାଇମାନଙ୍କୁ ଏମିତି ଆଶ୍ୱାସନା ଦେଇ ବଡ଼ଭାଇ ସେଠୁ ଚାଲିଗଲା। ଜଙ୍ଗଲରେ ଖୋଜି ଖୋଜି ବଣ କୁକୁଡ଼ାଟିଏ ଧରି ଆଣିଲା। ବଘିଆ ଦେଓଙ୍କ ଆଗରେ ବଳି ଦେଲା। ବଳି ଗ୍ରହଣ କରି ବାଘ ଦେବତା ପ୍ରସନ୍ନ ହେଲେ। ସେ ନିଜର ମୁହଁ ଓ ଶରୀରକୁ ହୁଙ୍କା ଭିତରକୁ ଗଳେଇ ଦେଇ ଲୁଚିଗଲେ। କେବଳ ତାଙ୍କର ଲମ୍ୱା ଲାଞ୍ଜଟି ବାହାରକୁ ବାହାରିଥାଏ। ସେ ଖୁସିହେଲେ ବୋଲି ସାତ ଭାଇଙ୍କୁ ଜଣେଇବା ପାଇଁ ତାଙ୍କ ଲାଞ୍ଜଟିକୁ ମାଟିରେ ବାଡ଼େଇଲେ।

ବାଘ ଦେବତାଙ୍କ ଭୟଙ୍କର ରୂପ ଦେଖି ସାନ ଛ' ଭାଇ ଭୟରେ ମୂକ ହୋଇଯାଇଥିଲେ। ଅତ୍ୟଧିକ ଭୟ ଯୋଗୁ ସେମାନେ ପ୍ରକୃତରେ କଥା କହିବାର ଶକ୍ତି ହରେଇ ବସିଥିଲେ। ବାଘ ଦେବତା ପ୍ରସନ୍ନ ହେଲାରୁ ତାଙ୍କର ବାକ୍‌ଶକ୍ତି ସେମାନେ ପୁଣି ଫେରିପାଇଲେ। ଭୂୟୋ ବଘିଆଙ୍କୁ ଭକ୍ତିପୂତ ପ୍ରଣାମ କରି ସାତ ଭାଇଯାକ ଘରକୁ ଫେରିଲେ। ଫେରିଲା ପରେ ନିଜର ବାପା, ମା ଆଉ ସମସ୍ତଙ୍କୁ ବାଘ ଦେବତାଙ୍କ କଥା କହିଲେ। ଏକଥା ଶୁଣି ଜୁଆଙ୍ଗମାନେ ନିଜର ଭୁଲ୍ ବୁଝିପାରିଲେ ଓ ସେଥିପାଇଁ ଅନୁତାପ କରିବା ସଙ୍ଗେ ସଙ୍ଗେ ବାଘ ଦେବତାଙ୍କୁ ପାସୋରି ଦେଇଥିବା ଅପରାଧ ପାଇଁ ଦେବତାଙ୍କ ନିକଟରେ କ୍ଷମା ମାଗିଲେ। ସେଇଦିନଠୁ ସେମାନେ ନିୟମିତ ଭାବେ ଭୂୟୋ ବଘିଆଙ୍କୁ ପୂଜା କରନ୍ତି।

ବିଶେଷକରି 'ଧାନ ନୂଆଖିଆ' ପରବରେ ଜୁଆଙ୍ଗମାନେ ଆନୁଷ୍ଠାନିକ ଭାବେ ପାରମ୍ପରିକ ବିଧିବିଧାନ ପାଳନ କରି ବଘିଆ ଦେଓଙ୍କୁ ପୂଜା କରନ୍ତି। ଜୁଆଙ୍ଗ ଗ୍ରାମର ପୁରୋହିତ ବା 'ଦେହୁରୀ' ଏହି ପୂଜା କାମ କରିଥାଏ।



# ଦେବାଦେବୀଙ୍କ ଆତ୍ମପ୍ରକାଶ (୪)

## ବୁଲାରୀ ବାଉଟୀ ଦେବୀ



ବଣ ଓ କମଣରେ ଆଉ ଜଣେ ଦେବୀ ଅଛନ୍ତି। ତାଙ୍କୁ ଜୁଆଙ୍ଗମାନେ 'ବୁଲାରୀ ବାଉଟୀ' ବୋଲି ସମ୍ବୋଧନ କରନ୍ତି। ସେ ବଣ ଭିତରେ ଜୁଆଙ୍ଗମାନଙ୍କର ମାର୍ଗ ଦର୍ଶକ ଭାବେ କାର୍ଯ୍ୟ କରନ୍ତି। ତାଙ୍କର କୃପା ଥିଲେ କମଣରେ ଭଲ ଫସଲ ଅମଳ ହୁଏ। ଜୁଆଙ୍ଗମାନଙ୍କୁ ହିଂସ୍ରଜନ୍ତୁମାନେ ଆକ୍ରମଣ କରନ୍ତି ନାହିଁ। ଅଝାଡ଼ ଜଙ୍ଗଲ ଭିତରେ କେହି ବାଟବଣା ହୁଅନ୍ତି ନାହିଁ। ଯଦିଓ ଦୈବାତ୍ କେହି ପଥହୁଡ଼ି ଭୁଆଁ ବୁଲୁଥାଏ ସେତେବେଳେ ସେ ବୁଲାରୀ ବାଉଟୀଙ୍କୁ ପ୍ରାର୍ଥନା କଲେ ଦେବୀ ତାଙ୍କୁ ଠିକ୍ ବାଟରେ ଆଣି ଲକ୍ଷ୍ୟସ୍ଥଳରେ ପହଞ୍ଚେଇ ଦିଅନ୍ତି।

ସୃଷ୍ଟିର ଆରମ୍ଭ କାଳରେ ଜୁଆଙ୍ଗ ଜାତିର ଜନକ ଋଷିଙ୍କର ସାତୋଟି ପୁଅ ଥାଆନ୍ତି। ସେମାନେ ଯେତେବେଳେ ବଡ଼ ହେଲେ ଋଷି ତାଙ୍କୁ ବିଭା କରେଇ ଦେଲେ। ସାତ ପୁଅ ଓ ସାତ ବୋହୂ ଏକାଠି ଜଙ୍ଗଲ ଭିତରେ ଋଷି ଓ ଋଷିଆଣୀଙ୍କ ପାଖରେ ରହୁଥାନ୍ତି। କାଳକ୍ରମେ ପୁଅ ବୋହୂମାନଙ୍କର ମଧ୍ୟ ପିଲାପିଲି ହୋଇ

ବଂଶ ବଢ଼ି ବଢ଼ି ଚାଲିଥାଏ। ତାଙ୍କର ଛୋଟ ଛୋଟ ପିଲାମାନଙ୍କୁ ଘରେ ଛାଡ଼ିଦେଇ ପୁଅ ଓ ବୋହୂମାନେ ସକାଳୁ ଜଙ୍ଗଲକୁ ଚାଲିଯାଆନ୍ତି। ଋତୁଚକ୍ର ଅନୁଯାୟୀ ସେମାନେ ଜଙ୍ଗଲକୁ ଯାଇ କମଣ ଚାଷ କରନ୍ତି, ଜଙ୍ଗଲରେ ଜୀବଜନ୍ତୁ ଶିକାର କରନ୍ତି, ଫଳ, ମୂଳ, ଶାଗ, କନ୍ଦା, ମହୁ ଇତ୍ୟାଦି ସଂଗ୍ରହ କରନ୍ତି। ସନ୍ଧ୍ୟା ପୂର୍ବରୁ ଘରକୁ ଫେରିଆସନ୍ତି। ଏମିତି ନିତିଦିନିଆ କାର୍ଯ୍ୟସୂଚୀ ଭିତରେ ହସ ଖୁସିରେ ତାଙ୍କର ସମୟ କଟିଯାଉଥାଏ। ସେମିତି କିଛି ଅସୁବିଧା ନ ଥାଏ।

ଦିନକର ଘଟଣା ଖରାଦିନ ହୋଇଥାଏ। କମଣ ଚାଷ କାମ ସରିଯାଇଥାଏ। ତେଣୁ ଶିକାର ଆଉ ଫଳମୂଳ ସଂଗ୍ରହ କରି ସେମାନେ ଚଳୁଥାନ୍ତି। ସେଦିନ ସକାଳୁ ଉଠି ଋଷିଙ୍କ ସାତ ପୁଅ ଓ ସାତ ବୋହୂ ଋଷି ଓ ଋଷିଆଣୀଙ୍କ ଜିମାରେ ତାଙ୍କର ସାନ ପିଲାମାନଙ୍କୁ ଛାଡ଼ିଦେଇ ଜଙ୍ଗଲକୁ ବାହାରିଗଲେ। ଘରଛାଡ଼ି କିଛିବାଟ ଯିବାପରେ ଜଙ୍ଗଲରେ ଏକ ଝରଣା କୂଳରେ ଥିବା ଡିମିରି ଗଛ ମୂଳେ ପହଞ୍ଚି ସେମାନେ ଦୁଇଟି ଅଲଗା ଦଳ ହୋଇଗଲେ। ଗୋଟିଏ ଦଳରେ ରହିଲେ ସାତ ଭାଇ ଓ ଅନ୍ୟ ଦଳରେ ରହିଲେ ସାତ ବୋହୂ। ସାତ ଭାଇ ତାଙ୍କର ଧନୁ, ତୀର, କାତି ଆଦି ଅସ୍ତ୍ରଶସ୍ତ୍ର ଧରି ଗୋଟିଏ ଦିଗକୁ ଗଲେ ଶିକାର କରିବା ପାଇଁ। କାତି ଓ ଖଣତି ଆଦି ହାତରେ ଧରି ସାତ ବୋହୂଙ୍କ ଦଳ ଫଳ, ମୂଳ, କନ୍ଦା, ଇତ୍ୟାଦି ସଂଗ୍ରହ କରିବାକୁ ଅନ୍ୟ ଦିଗରେ ଗଲେ। ଦୁଇ ଦଳ ଅଲଗା ହୋଇଯିବା ପୂର୍ବରୁ କଥା ହେଲା ଯେ ସନ୍ଧ୍ୟା ପୂର୍ବରୁ ଦୁଇ ଦଳ ଯାକ ଫେରିଆସି ଏଇ ଡିମିରି ଗଛମୂଳେ ଏକାଠି ହୋଇ ଘରକୁ ଫେରିବେ। ଯଦି କୌଣସି ଦଳ ଆଗରୁ ଫେରି ଆସିଥିବ ତେବେ ଏଇ ଡିମିରି ଗଛ ମୂଳେ ଅନ୍ୟ ଦଳ ଫେରିଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବ। ଯଦି ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲା, ବା ଅପେକ୍ଷା କରୁ କରୁ ସନ୍ଧ୍ୟା ସମୟ ପାଖେଇ ଆସିଲା ତେବେ ଏଇ ଡିମିରି ଗଛରେ ଏକ ଦାଗ ଦେଇ ସେ ଦଳଟି ଘରକୁ ଫେରିଯିବ ଆଉ ପଛରେ ଆସି ପହଞ୍ଚିଥିବା ଦଳଟି ଡିମିରି ଗଛର ଦାଗକୁ ଦେଖି ଜାଣିପାରିବ ଯେ ପ୍ରଥମ ଦଳଟି ଘରକୁ ଫେରିଗଲାଣି। ତେଣୁ ସେ ଦଳ ନିଶ୍ଚିନ୍ତ ହୋଇ ଘରକୁ

ଫେରିବ। ଏଇ ନିୟମକୁ ଦୁଇ ଦଳ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ନିଷ୍ପତ୍ତି କରି ଦୁଇ ଦଳ ଅଲଗା ହୋଇ ଜଙ୍ଗଲ ଭିତରେ ଭିନ୍ନ ଭିନ୍ନ ଦିଗରେ ଚାଲିଗଲେ।

ସାତ ବୋହୂ ଜଙ୍ଗଲ ଭିତରେ ପଶି ଫଳମୂଳ ସଂଗ୍ରହ କରି ସଅଳ ସଅଳ ଫେରିଆସିବାକୁ ଘରବାଟ ଧରିଲେ। ଘରେ ପିଲାମାନେ ମା'ମାନଙ୍କୁ ଖୋଜି ତାଙ୍କ ଆସିବା ବାଟକୁ ଚାହିଁ ରହିଥିବେ। ତେଣୁ ବେଳ ବୁଡ଼ିବା ପୂର୍ବରୁ ଯେତିକି ଫଳମୂଳ ପାଇଲେ ସେତିକି ଅଣ୍ଟିରେ ପୂରେଇ ପିଲାମାନଙ୍କ କଥା ମନେ ପକେଇ ସେମାନେ ଫେରିଲେ। ହେଲେ ଜଙ୍ଗଲରେ ସେମାନେ ବାଟବଣା ହୋଇ ଭୁଆଁ ବୁଲିଲେ। ଡିମିରି ଗଛ ପାଖରେ ପହଞ୍ଚି ପାରିଲେ ନାହିଁ।

ଏଣେ ସାତ ଭାଇ ଯାକ ଜଙ୍ଗଲରେ ବୁଲି ବୁଲି ଗୋଟିଏ ହରିଣ ଶିକାର କଲେ। ମଲା ହରିଣଟିକୁ ଭାର କରି ବୋହିଆଣି ଘର ବାହୁଡ଼ା ହେଲେ। ଦିନ ଥାଉଁଥାଉଁ ଆସି ଝରଣା କୂଳର ଡିମିରି ଗଛ ମୂଳେ ପହଞ୍ଚି ଥକ୍କା ମାରିଲେ। ଦେଖିଲେ ତାଙ୍କ ସ୍ତ୍ରୀମାନେ ସେ ପର୍ଯ୍ୟନ୍ତ ସେଠିକି ଆସି ନାହାନ୍ତି। ଡିମିରି ଗଛକୁ ଅନେଇ ଦାଗ ଖୋଜିଲେ। ଦାଗ ନ ଥିଲା। ତେଣୁ ସେମାନେ ଜାଣିଲେ ତାଙ୍କ ସ୍ତ୍ରୀମାନେ ଫେରି ନାହାନ୍ତି। ସେମାନେ ସେଇଠି ଅପେକ୍ଷା କରି ବସିଲେ।

ବେଳ ଗଡ଼ି ଗଡ଼ି ଚାଲିଲା। ସନ୍ଧ୍ୟା ସମୟ ପାଖେଇ ଆସିଲା। ତଥାପି ସ୍ତ୍ରୀମାନେ ଫେରିଲେନି। ସାତ ଭାଇଙ୍କ ମନରେ ଆଶଙ୍କା ହେଲା ଯେ ଏ ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ମାଇପି ଲୋକମାନଙ୍କ ଉପରେ କୌଣସି ବିପଦ ପଡ଼ିଲାକି ? କାଳେ ସେମାନେ ଆଗରୁ ଫେରିଆସି ତରତର ହୋଇ ଘରକୁ ଫେରିଯାଇଛନ୍ତି ଓ ଗଛରେ ଦାଗ ଦେବାକୁ ଭୁଲି ଯାଇଛନ୍ତି ଏକଥା ଭାବି ସାତ ଭାଇଙ୍କ ମଧ୍ୟରେ ସାନ ତିନି ଭାଇ ଧନୁତୀର ଧରି ଘରକୁ ଦେଖିବାକୁ ଗଲେ। ଚାରି ବଡ଼ ଭାଇ ଡିମିରି ଗଛମୂଳେ ସାତ ବୋହୂଙ୍କ ଫେରିବାକୁ ଅପେକ୍ଷା କରି ବସି ରହିଲେ।

ସାନଭାଇମାନେ ଘରକୁ ଫେରି ଦେଖିଲେ ବୋହୂମାନେ ଘରକୁ ସେପର୍ଯ୍ୟନ୍ତ ଫେରି ନାହାନ୍ତି। ତାଙ୍କର ଛୋଟ ଛୋଟ ପିଲାମାନେ ମା'ମାନଙ୍କୁ ଖୋଜୁଛନ୍ତି। ସେମାନେ ସେଠୁ ଚୁପ୍‌ଚାପ୍ ଫେରିଆସି ଜଙ୍ଗଲରେ ଡିମିରି ଗଛତଳେ ବସିଥିବା ବଡ଼ ଭାଇମାନଙ୍କୁ ସବୁକଥା କହିଲେ। ସେତେବେଳେକୁ ମୁହଁ ସଂଜ ବେଳ ହୋଇଯାଇଥାଏ। ସାତ ଭାଇଯାକ ମନେ ମନେ ପ୍ରମାଦ ଗଣୁଥାନ୍ତି।

ସମସ୍ତେ ବିଚାର କରି ସ୍ଥିର କଲେ ଯେ ତାଙ୍କ ସ୍ତ୍ରୀମାନେ ଜଙ୍ଗଲର ଯୋଉ ପଟକୁ ଯାଇଥିଲେ ସେଇ ଦିଗକୁ ସମସ୍ତେ ଯାଇ ତାକୁ ଖୋଜିବେ।

ସନ୍ଧ୍ୟା ହୋଇଆସିଥାଏ। ଜଙ୍ଗଲ ଭିତରେ ଅନ୍ଧାର ମାଡ଼ି ଆସୁଥାଏ। ବିପଦ ଶଙ୍କୁଳ ଭୟଙ୍କର ପରିବେଶ। ନିଜ ଜୀବନକୁ ପାଣି ଛଡ଼େଇ ସାତ ଭାଇଯାକ ଜଙ୍ଗଲ ଭିତରେ ତାଙ୍କ ହଜିଲା ସ୍ତ୍ରୀମାନଙ୍କୁ ଖୋଜିବା ଆରମ୍ଭ କଲେ। ଦୀର୍ଘ ସମୟ ଖୋଜାଖୋଜି କରି ନିରାଶ ହେଲେ। କୌଣସି ଚିହ୍ନ ବର୍ଣ୍ଣ ପାଇଲେନି। ହତାଶା, କ୍ଷୁଧା, ଶ୍ରମ ଓ ମାନସିକ ଅବସାଦ ତାଙ୍କୁ ଗ୍ରାସ କଲା। ଶ୍ରାନ୍ତ କ୍ଳାନ୍ତ ହୋଇ ଗୋଟିଏ ଜାଗାରେ ବସି ପଡ଼ିଲେ। କ'ଣ କରିବେ କିଛି ବୁଦ୍ଧିବାଟ ଦେଖାଯାଉ ନାହିଁ। ତେଣେ ଘରେ ପିଲାମାନେ ଓ ତାଙ୍କ ପିତାମାତା ଅର୍ଥାତ୍ ଋଷି ଓ ଋଷିଆଣୀ ସେମାନଙ୍କ ବାଟ ଚାହିଁ ବସିଥିବେ। ସେମାନଙ୍କ ଅପହଞ୍ଚରେ ଆତଙ୍କିତ ହୋଇ ପଡ଼ିଥିବେ। ନିଜର ସ୍ତ୍ରୀମାନଙ୍କୁ ସାଙ୍ଗରେ ନଧରି ସେମାନେ କୋଉ ମୁହଁ ନେଇ ଘରକୁ ଫେରିବେ। ଋଷି ଓ ଋଷିଆଣୀ ଓ ପିଲାମାନେ ସେମାନଙ୍କ ମା ମାନଙ୍କ କଥା ପଚାରିଲେ ସେମାନଙ୍କୁ କି ଉତ୍ତର ଦେବେ ?

ଏମିତି ମାନସିକ ଯନ୍ତ୍ରଣାରେ ସାତଭାଇଯାକ ଛଟପଟ ହେଉଥିବାବେଳେ ହଠାତ୍ ଜଙ୍ଗଲର ଗଛ ଗହଳି ଭିତରୁ ଏକ ଅସ୍ପଷ୍ଟ ରୂପ ଦେଖାଗଲା। କିଏ ଜଣେ ଧୀରେଧୀରେ ସାତଭାଇଙ୍କ ଆଡ଼କୁ ଆସିଲା। ବିପଦର ଆଶଙ୍କା କରି ସାତଭାଇଯାକ ସେମାନଙ୍କ ଧନୁରେ ତୀର ସଂଯୋଗ କରି ଆତ୍ମରକ୍ଷା କରିବା ପାଇଁ ପ୍ରସ୍ତୁତ ହୋଇ ରହିଲେ।

ସାତ ଭାଇଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଛାୟାମୂର୍ତ୍ତିଟି କିଛି ଦୂରରେ ଅଟକିଗଲା। ଏକ ବାଳିକାର କଣ୍ଠସ୍ୱର ଶୁଣାଗଲା। 'ଧନୁତୀର ରଖିଦିଅ। ମୁଁ ତୁମର କୌଣସି କ୍ଷତି କରିବି ନାହିଁ। ମୁଁ ଜାଣିଛି ତୁମେମାନେ ଘୋର ବିପଦରେ ପଡ଼ିଛ। ସେଥିପାଇଁ ମୁଁ ତୁମକୁ ସାହାଯ୍ୟ କରିବାକୁ ଆସିଛି।' ଏମିତି କହି ବାଳିକାଟି ସାତ ଭାଇଙ୍କ ପାଖକୁ ଆସି ଆଗରେ ବସି ପଡ଼ିଲା।

ସାତ ଭାଇ ଆଶ୍ୱସ୍ତ ହେଲେ। ପଚାରିଲେ 'ତମ ଭଳି ଛୋଟ ପିଲାଜଣେ ଆମକୁ କି ପ୍ରକାରର ସାହାଯ୍ୟ କରିପାରିବ।' ବାଳିକାଟି କହିଲା 'ତମର ସମସ୍ୟା କ'ଣ ମତେ କୁହ ଆଉ ଦେଖ ମୁଁ ତୁମକୁ ପ୍ରକୃତରେ ସାହାଯ୍ୟ କରିପାରୁଛି ନା ନାହିଁ?'

ବାଳିକାଟିର କଥାରେ ସାତ ଭାଇଙ୍କର ସେତେଟା ଭରସା ଆସିଲାନି। ତଥାପି ନଈରେ ଭାସିଯାଉଥିବା ଲୋକଟି କୁଟାକୁ ଆଶ୍ରା କରିବା ଭଳି ସେମାନେ ବାଳିକାଟିକୁ ତାଙ୍କର ସାତଜଣ ସ୍ତ୍ରୀ ଜଙ୍ଗଲ ମଧ୍ୟରେ ହଜିଯାଇଥିବା ବିଷୟରେ ସମସ୍ତ ଘଟଣା କହିଲେ। ବାଳିକାଟି ସାତଭାଇଙ୍କ କଥା ଶୁଣିବା ପରେ ମୁରୁକି ହସା ଦେଇ କହିଲା, 'ଏଇ କଥା ପାଇଁ ତମେ ସାତ ଜଣ ଭେଣ୍ଡିଆ ଏତେ ବ୍ୟସ୍ତ ହେଉଚ। ହଉ ମୁଁ ଯଦି ତୁମକୁ ତମ ହଜିଲା ସ୍ତ୍ରୀମାନଙ୍କର ସନ୍ଧାନ ଦେବି ତାହେଲେ ମତେ କ'ଣ ଦବ?'

ବାଳିକାର କଥାରେ ପୂରା ବିଶ୍ୱାସ ହେଉ ନ ଥିଲେ ବି ସାତ ଭାଇଙ୍କ ମନରେ ଟିକେ ଆଶାର ସଞ୍ଚାର ହେଲା। ସେମାନେ ବାଳିକାକୁ ପିଚାରିଲେ, 'ପ୍ରଥମେ ତମେ କୁହ ତମେ କିଏ? ତମ ନାଁ କ'ଣ? ଆଉ ତମେ ଯଦି ପ୍ରକୃତରେ ଆମ ସ୍ତ୍ରୀମାନଙ୍କ ସନ୍ଧାନ ଦେବ ତା'ହେଲେ ତମେ ଆମଠୁ ପ୍ରତିଦାନରେ କ'ଣ ଆଶା କରୁଛ କୁହ, ଆମର ଦେବାର ଶକ୍ତି ଥିଲେ ଆମେ ନିଶ୍ଚୟ ଦେବୁ।'

ସାତ ଭାଇଙ୍କ କଥା ଶୁଣି ବାଳିକା କହିଲା, 'ମତେ ତୁମେ ଚିହ୍ନି ନାହଁ। ମୁଁ କିଏ ମୋର ପ୍ରକୃତ ରୂପ ଦେଖ।' ଏମିତି କହି ବାଳିକାଟି ସାତ ଭାଇଙ୍କ ଆଗରେ ଏକ ଦେବୀ ରୂପେ ଆବିର୍ଭାବ ହେଲା। ସାତ ଭାଇ ଏ ଅଜଣା ଦେବୀଙ୍କୁ ଦେଖି

ଆଚମ୍ୱିତ ହୋଇଗଲେ। ଦେବୀ ସେମାନଙ୍କୁ କହିଲେ, "ମୁଁ ହେଉଚି 'ବୁଲାରୀ ବାଉଟୀ'। ଏ ଜଙ୍ଗଲର ଦେବୀ। ଜଙ୍ଗଲରେ ବାଟବଣା ହୋଇଥିବା ଲୋକକୁ ବାଟ ଦେଖାଇବା ହେଉଚି ମୋର କାମ। ତୁମେମାନେ ଯଦି ଆଜିଠୁ ନିୟମିତ ଭାବେ ମତେ ପୂଜା ଆରାଧନା କରିବ ତେବେ ଜଙ୍ଗଲରେ କେବେ ବି ବାଟବଣା ହେବ ନାହିଁ କି ତମ ଉପରେ କୌଣସି ବିପଦ ପଡ଼ିବ ନାହିଁ। ଏଥର ତମର ବିଶ୍ୱାସ ହେଲା ତ? ମୋ ସାଙ୍ଗରେ ଆସ ମୁଁ ତମକୁ ନେଇ ତମର ହଜିଲା ସ୍ତ୍ରୀମାନଙ୍କ ପାଖରେ ପହଞ୍ଚେଇ ଦେବି।"

ସାତ ଭାଇଯାକ ଦେବୀଙ୍କୁ ଚିହ୍ନି ନ ପାରି ତାଙ୍କୁ ଅବିଶ୍ୱାସ କରିଥିବାରୁ ନିଜର ଦୋଷ ପାଇଁ କ୍ଷମା ମାଗିଲେ ଓ ଶପଥ କଲେ ଯେ ସେମାନେ ଦେବୀଙ୍କୁ ନିୟମିତ ପୂଜା କରିବେ। ସେଇଠୁ ଦେବୀ ସନ୍ତୁଷ୍ଟ ହୋଇ ସାତ ଭାଇଙ୍କୁ ନେଇ ଜଙ୍ଗଲ ଭିତରର ଏକ ନିଭୃତ କୋଣରେ ବାଟବଣା ହୋଇ ବସିଥିବା ତାଙ୍କର ସାତଜଣ ସ୍ତ୍ରୀଙ୍କ ପାଖରେ ପହଞ୍ଚେଇ ଦେଲେ। ସମସ୍ତେ ଏକାଠି ହେଲାପରେ ଦେବୀଙ୍କୁ କୃତଜ୍ଞତା ଜଣେଇ ଘରକୁ ଫେରିଆସିଲେ। ସେଇ ଦିନଠୁ ଜୁଆଙ୍ଗମାନେ ସବୁ ବର୍ଷ ବୁଲାରୀ ବାଉଟୀ ଦେବୀଙ୍କୁ ପୂଜା କରନ୍ତି।



# ନିଆଁର ଜନ୍ମ

ଜୁଆଙ୍ଗମାନଙ୍କ ମଧ୍ୟରେ ନିଆଁର ସ୍ଥାନ ଖୁବ୍ ଉଚ୍ଚରେ। ପ୍ରକୃତିର ଉପାସକ ଭାବରେ ସେମାନେ ନିଆଁର ପ୍ରଚଣ୍ଡ ଉପକାରୀ ଓ ଧ୍ୱଂସକାରୀ ଶକ୍ତି ସମ୍ପର୍କରେ ଅବଗତ ହେବା ସଙ୍ଗେ ସଙ୍ଗେ ତାର ସାହାଯ୍ୟ ଓ ଆଶୀର୍ବାଦ ଲାଭ କରିବାକୁ ତାକୁ ଏକ ବିଶିଷ୍ଟ ଦେବତାର ସ୍ଥାନରେ ଅଧିଷ୍ଠିତ କରାଇ ବିଭିନ୍ନ ପର୍ବପର୍ବାଣୀରେ ଖୁବ୍ ଭକ୍ତିର ସହ ବଳି ଓ ନୈବେଦ୍ୟ ଅର୍ପଣ ପୂର୍ବକ ପୂଜା ଆରାଧନା କରିଥାନ୍ତି। ସେମାନଙ୍କ ଜୀବିକା ଅର୍ଜନର ପ୍ରଧାନ ଉତ୍ସ ପୋଡୁଚାଷ ନିମନ୍ତେ ନିଆଁର ଭୂମିକା ଅପରିହାର୍ଯ୍ୟ। ପୁଣି ଏହି ନିଆଁ ଦେବତା ସେମାନଙ୍କର ପ୍ରଧାନ ରକ୍ଷାକର୍ତ୍ତା। ଭୂତ, ପ୍ରେତ ଆଦି ଅଶରୀରୀ ଦୁଷ୍ଟ ଶକ୍ତିଙ୍କ ଆକ୍ରମଣରୁ ଏହି ଦେବତା ତାଙ୍କୁ ସୁରକ୍ଷା ପ୍ରଦାନ କରିଥାନ୍ତି। ସେଥିପାଇଁ ପ୍ରତ୍ୟେକ ଜୁଆଙ୍ଗ ଗାଁ ମଝିରେ ଥିବା ମଣ୍ଡଘର ଭିତରେ ତିନିଖଣ୍ଡ ଜଳନ୍ତାକାଠରେ ଏକ ପବିତ୍ର ଧୂନୀ ଅହରହ ଜଳୁଥାଏ। ଜୁଆଙ୍ଗମାନଙ୍କର ଦୃଢ଼ ବିଶ୍ୱାସ ଯେ ଏହି ପବିତ୍ର ଧୂନି ନିର୍ବାପିତ ହୋଇଯିବା ଏକ ଅଶୁଭ ସଙ୍କେତ। ଏପରି ହେଲେ ଗ୍ରାମ ଓ ଗ୍ରାମବାସୀଙ୍କ ଧନ ଜୀବନ ଭୟଙ୍କର ବିପଦଗ୍ରସ୍ତ ହୁଏ। ଏଇ ମଙ୍ଗଳମୟ ନିଆଁ ଦେବତାଙ୍କ ସୃଷ୍ଟି ସମ୍ପର୍କରେ ଜୁଆଙ୍ଗ ମାନଙ୍କ ମଧ୍ୟରେ ଅନେକ ଛୋଟ ବଡ଼ କିମ୍ବଦନ୍ତୀ ମାନ ରହିଛି। ସେଥିରୁ କେତୋଟି ଏଠି ଉପସ୍ଥାପନ କରାଯାଉଛି।



# ନିଆଁର ଜନ୍ମ (୧)

## ନିଆଁ, ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର



ପୃଥିବୀ ସର୍ଜନା ହେବା ଆଦିକାଳରେ ନିଆଁର ସୃଷ୍ଟି ହୋଇନଥିଲା। ସ୍ରଷ୍ଟା ଧରମ ଦେବତା ପୃଥିବୀ ସର୍ଜନା କଲାପରେ ପ୍ରଥମ ମାନବ ରୂପେ ରଷିଙ୍କୁ ସୃଷ୍ଟି କରି ପୃଥିବୀ ଉପରେ ବାସ କରିବାକୁ ଆଦେଶ କଲେ। ରଷି ରହିବା ପାଇଁ ଘର ଖଣ୍ଡେ ନଥିଲା। ଏକ ବିରାଟ ଉଇ ହୁଙ୍କାକୁ ନିଜର ବାସସ୍ଥଳୀ ରୂପେ ବାଛି ନେଇ ସେ ତା' ମଧ୍ୟରେ ରହୁଥିଲେ। ଜନମାନବ ଶୂନ୍ୟ ପୃଥିବୀରେ ସେଥିଲେ ଏକ ନିଃସଙ୍ଗ ମାନବ। ନିଃସଙ୍ଗତାର ଯନ୍ତ୍ରଣାକୁ ଲାଘବ କରିବାକୁ ସେ ନିକଟରେ ଥିବା ଏକ ପ୍ରକାଣ୍ଡ ପଥର ଉପରେ ଅନ୍ୟ ଏକ ଛୋଟ ପଥର ଦ୍ୱାରା ଆଘାତ କରି ନିର୍ଜନ ପୃଥିବୀରେ ଶବ୍ଦ ତରଙ୍ଗ ସୃଷ୍ଟି କରୁଥିଲେ। ଏହା ଥିଲା ତାଙ୍କର ନିତିଦିନିଆ କାମ। ଏହି ପଥର ବାଡ଼େଇବା କାମ ସେ ଦୀର୍ଘ ସମୟ ଧରି ହାଲିଆ ହୋଇଯିବା ପର୍ଯ୍ୟନ୍ତ କରୁଥିଲେ।

ଏମିତି ବାରବର୍ଷ ବିତିଗଲା। ଦିନେ ରଷି ଏମିତି ପଥର ବାଡ଼ଉ ବାଡ଼ଉ, ପଥରରେ ପଥରର ଘର୍ଷଣରୁ ନିଆଁ ଦେବତାଙ୍କ ଜନ୍ମ ହେଲା। ଅଗ୍ନି ଦେବତା

ପ୍ରକାଣ୍ଡ ରୂପ ଧରି ଆବିର୍ଭୂତ ହେଲେ। ଲେଲିହାନ ଶିଖା ବିସ୍ତାର କରି ପୃଥିବୀର ଚାରିଆଡ଼କୁ ମାଡ଼ିଯିବାକୁ ବସିଲେ। ପାହାଡ଼, ପର୍ବତ, ବୃକ୍ଷ, ଲତା ଯାହାକିଛି ତାଙ୍କ ଆଗରେ ପଡ଼ିଲେ ସମସ୍ତଙ୍କୁ ଗ୍ରାସ କରି ଭସ୍ମ କରିବାକୁ ଲାଗିଲେ।

ଆଶ୍ଚର୍ଯ୍ୟ ଚକିତ ଋଷି ନିଆଁଙ୍କର ଏହି ଭୟଙ୍କର ପ୍ରଳୟଙ୍କରୀ ରୂପ ଦେଖି ଭୟରେ ଥରିବାକୁ ଲାଗିଲେ। ନିଜର ପ୍ରାଣ ଓ ପୃଥିବୀକୁ ରକ୍ଷା କରିବା ପାଇଁ ସେ ଧରମ ଦେବତା ଓ ଅନ୍ୟାନ୍ୟ ଦେବଗଣଙ୍କୁ ଆକୁଳ ପ୍ରାର୍ଥନା କଲେ।

ଦେବତାମାନେ ଉପରେ ଥାଇ ଏହି ଦୃଶ୍ୟ ଦେଖୁଥାନ୍ତି। ସେମାନେ କ'ଣ କରିବେ କିଛି କୂଳ କିନାରା ପାଉନଥାନ୍ତି। ଖୁବ୍ ଭୟଭୀତ ହୋଇ ସେମାନେ ଭାବିଲେ ଯଦି ଏହି ପ୍ରଚଣ୍ଡ ଶକ୍ତିଶାଳୀ ନିଆଁ ସାରା ପୃଥିବୀକୁ ଗ୍ରାସ କରିଯିବେ ତେବେ ଧରମ ଦେବତାଙ୍କ ସୃଷ୍ଟି ଧ୍ୱଂସ ପାଇଯିବ। କାରଣ ଏହି ପ୍ରଚଣ୍ଡ ଶକ୍ତିକୁ ଆୟତ୍ତ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ସେମାନେ ସ୍ଥିର କଲେ ଆଉ କାଳ ବିଳମ୍ବ ନକରି ଭକ୍ତିଭାବରେ ନିଆଁଙ୍କର ଶରଣାପନ୍ନ ହୋଇ ତାଙ୍କର କରୁଣା ଭିକ୍ଷା କରିବେ।

ଏପରି ନିଷ୍ପତ୍ତି ନେଇ ସମସ୍ତ ଦେବତା ନତମସ୍ତକ ହୋଇ ନିଆଁକୁ ପ୍ରଣାମ କରି ସ୍ତୁତି କଲେ ଯେ "ହେ ପ୍ରଭୁ! ଆପଣ ସମସ୍ତ ଦେବତାଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ଗ୍ରହଣ କରନ୍ତୁ। ଆଜିଠାରୁ ଆପଣ ଅଗ୍ରପୂଜ୍ୟ ହେଲେ। ଆପଣ ପ୍ରଥମ ପୂଜା ପାଇସାରିଲା ପରେ ଅନ୍ୟ ଦେବତାମାନେ ପୂଜା ଗ୍ରହଣ କରିବେ। ଏବେ ଆପଣ ଶାନ୍ତ ହୁଅନ୍ତୁ ଓ ସୃଷ୍ଟିକୁ ଆପଣଙ୍କ କୋପରୁ ରକ୍ଷା କରନ୍ତୁ। ଏ ପୃଥିବୀ, ମନୁଷ୍ୟ, ବୃକ୍ଷ, ଲତା, ପର୍ବତ ଓ ଦେବଗଣ ସମସ୍ତେ ଆପଣଙ୍କର ଆଶ୍ରିତ। ଏହି ଆଶ୍ରିତମାନଙ୍କୁ ଆପଣ ରକ୍ଷା କରନ୍ତୁ।"

ଦେବଗଣଙ୍କ ପ୍ରାର୍ଥନାରେ ନିଆଁ ଶାନ୍ତ ହେଲେ। ସେ କହିଲେ 'ତୁମମାନଙ୍କ କଥାରେ ମୁଁ ସନ୍ତୁଷ୍ଟ ହେଲି। ହେଲେ ମୁଁ ରହିବି କୋଉଠି। ତମେମାନେ ମୋର ରହିବା ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ କର। ସେ ଏପରି ସ୍ଥାନ ହୋଇଥିବ ଯୋଉଠି କି ମୁଁ ନିରାପଦରେ ଶାନ୍ତ ହୋଇ ରହିଥିବି ଓ ମତେ ଆହ୍ୱାନ କଲେ ବା ଆବଶ୍ୟକସ୍ଥଳେ ମୁଁ ପ୍ରକଟିତ ହୋଇ ସୃଷ୍ଟିର କଲ୍ୟାଣ କାର୍ଯ୍ୟମାନ କରିପାରିବି।'

ଦେବତାମାନେ ଯୋଡ଼ ହସ୍ତ ହୋଇ ବିନୟର ସହ ଉତ୍ତର ଦେଲେ "ହେ ମହାଭାଗ, ଆପଣ ରହିବା ପାଇଁ ବର୍ତ୍ତମାନ କେତେ ସ୍ଥାନ ରହିଛି। ଆପଣ ପଥର ବା ଗଛ ଗଣ୍ଡି ମଧ୍ୟରେ ବାସ କରନ୍ତୁ ବା ଆକାଶରେ ବିଜୁଳି କନ୍ୟା ହୋଇ ରୁହନ୍ତୁ।" ନିଆଁ ଏଥିରେ ସମ୍ମତ ହେଲେ। ସେଇ ଦିନରୁ ପଥରରେ ପଥର ବା ଗଛକୁ ଗଛ ଘଷି ହେଲେ ନିଆଁ ଆତ୍ମପ୍ରକାଶ କରନ୍ତି। ପୁଣି ଘଡ଼ଘଡ଼ି, ଚଡ଼ଚଡ଼ି ଓ ଉଲ୍‌କାପାତ ମାଧ୍ୟମରେ ବିଜୁଳୀ କନ୍ୟା ରୂପେ ନିଜର ପ୍ରଳୟଙ୍କରୀ ରୂପ ଦେଖାନ୍ତି।

ଏକଥା ଏଇଠି ସରିଲାନି। ଏଣେ ଋଷି ଯେଉଁ ଛୋଟ ପଥରଟିକୁ ହାତରେ ଧରି ବଡ଼ ପଥରରେ ବାରବର୍ଷ କାଳ ବାଡ଼େଇ ବାଡ଼େଇ ନିଆଁ ସୃଷ୍ଟିକଲେ ସେଇ ପଥରଟି ନିଆଁଙ୍କ ପ୍ରଧାନ ବାସସ୍ଥଳୀ ହେଲା। ସେଥିରେ ନିଆଁର ସମସ୍ତ ଶକ୍ତି କେନ୍ଦ୍ରୀଭୂତ ହୋଇ ରହିବାରୁ ତାହା ସୂର୍ଯ୍ୟ ଦେବତାଙ୍କ ରୂପ ଧାରଣ କରି ଆକାଶରେ ରହିଲା ଓ ବିଶ୍ୱ ବ୍ରହ୍ମାଣ୍ଡର ଆଲୋକ ତଥା ସକଳ ଶକ୍ତିର ଉତ୍ସ ହେଲା।



ସେଇ ପଥରଟି ବଡ଼ ପଥରରେ ବାଡ଼େଇ ହେଉଥିବା ବେଳେ କେତେକ ଛୋଟ ବଡ଼ ପଥର ଟୁକୁରାମାନ ବାହାରିଥିଲା। ସେଥିରୁ ସବୁଠୁ ବଡ଼ ଟୁକୁରାଟି ଚନ୍ଦ୍ରରେ ପରିଣତ ହେଲା ଯାହାକି ସୂର୍ଯ୍ୟ ଦେବତାଙ୍କ ଠାରୁ ଆଲୋକ ଆହରଣ କରି ରାତିରେ ପୃଥିବୀକୁ ଆଲୋକ ପ୍ରଦାନ କଲା। ଅନ୍ୟ ସବୁ ଛୋଟ ଛୋଟ ପଥର ଟୁକୁରାମାନ ନକ୍ଷତ୍ର ହୋଇ ଆକାଶରେ ଶୋଭା ପାଇଲେ। ଏହିପରି ନିଆଁ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର ମାନଙ୍କର ସୃଷ୍ଟି ହେଲା।



# ନିଆଁର ଜନ୍ମ (୨)

## କାରିକର (ନିଆଁ) ଦେବତା



ସୃଷ୍ଟି ଆରମ୍ଭ କାଳର କଥା । ସେତେବେଳେ ପୃଥିବୀର ପ୍ରଥମ ମାନବ ଦମ୍ପତି ତଥା ମାନବ ଜାତିର ଜନକ ଜନନୀ, ଋଷି ଓ ଋଷିଆଣୀ ଗୋନାସିକା ପାହାଡ଼ ଉପରେ ବାସ କରୁଥାନ୍ତି । ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ନିଜର କ୍ଷୁଧା ନିବାରଣ କରୁଥାନ୍ତି । ସେତେବେଳେ ନିଆଁ ନଥିବାରୁ ସେମାନେ କଞ୍ଚା ଖାଦ୍ୟ ଖାଉଥାନ୍ତି ।

ଦିନକର କଥା । ଋଷି ଓ ଋଷିଆଣୀ ଖାଦ୍ୟ ସଂଗ୍ରହ କରିବାକୁ ଜଙ୍ଗଲ ଭିତରେ ବୁଲୁଥାନ୍ତି । ମାଟି ଭିତରେ ଥିବା ଖାଦ୍ୟ ଉପଯୋଗୀ ଚେର, ମୂଳ ଓ କନ୍ଦା ଖୋଳିବା ପାଇଁ ଗୋଜିଆ କାଠିଟିଏ ଦରକାର ହେଲା । ଋଷି ଚାରିଆଡ଼କୁ ଚାହିଁ ଦେଖିଲେ ଜଙ୍ଗଲଟି ସବୁଜ ଗଛଲତାରେ ଭରପୁର । ତା' ଭିତରେ ଗୋଟିଏ ଥୁଣ୍ଟା

ଶୁଖିଲା ଗଛଟିଏ ଥାଏ। ଗୋଜିଆ କାଠି ତିଆରି କରିବା ପାଇଁ ଋଷି ସେଇ ଶୁଖିଲା ଗଛର ଡାଳଟିଏ ଭାଙ୍ଗିଦେଲେ।

ସେଇ ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା। ସେଇ ଶୁଖିଲା ଡାଳ ଭିତରୁ ନିଆଁଙ୍କର ଆବିର୍ଭାବ ହେଲା। ନିଆଁଙ୍କୁ ଦେଖି ଋଷି ଆଶ୍ଚର୍ଯ୍ୟ ଓ ଭୟଭୀତ ହେଲେ। ସେ ଋଷିଆଣୀଙ୍କୁ ଧରି ସେଠୁ ଦୂରକୁ ପଳେଇଗଲେ।

ଜଙ୍ଗଲ ଭିତରେ ଅନେକ ଦୂର ଗଲାପରେ ଋଷି ସେ ଭଙ୍ଗା ଡାଳରୁ ଗୋଜିଆ କାଠିଟିଏ ତିଆରି କଲେ। ତା'ପରେ ଚେର ମୂଳ ଖୋଳିବା ପାଇଁ କାଠିଟିକୁ ଋଷିଆଣୀଙ୍କୁ ଦେଲେ।

ଋଷିଆଣୀ କାଠିଟିକୁ ଧରି ମାଟି ଖୋଳି କନ୍ଦା ସଂଗ୍ରହ କରୁଥାନ୍ତି। ଏମିତି ଖୋଳୁ ଖୋଳୁ ହଠାତ୍ କାଠିଟି ମାଟି ଭିତରେ ଥିବା ଏକ ପଥର ଦେହରେ ବାଜିଲା। ସେଇ ଘର୍ଷଣରୁ ପୁଣି ସେଠି ନିଆଁ ବାହାରିଲା।

ସେ ନିଆଁ ଆସ୍ତେ ଆସ୍ତେ ପ୍ରକାଣ୍ଡ ରୂପ ଧାରଣ କରି ଜଙ୍ଗଲର ଚାରିଆଡ଼େ ମାଡ଼ିଯିବାକୁ ଲାଗିଲା। ଋଷି ଓ ଋଷିଆଣୀ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେମାନେ ଯେତେ ଜୋର୍‌ରେ ଦୌଡୁଥାନ୍ତି ନିଆଁ ସେତିକି ଜୋର୍‌ରେ ତାଙ୍କ ପଛେ ପଛେ ଗୋଡ଼େଇ ଗୋଡ଼େଇ ଜଙ୍ଗଲକୁ ଧ୍ୱଂସ କରି ଚାଲିଥାଏ।

କିଛି ସମୟ ପରେ ନିଆଁ ଋଷି ଓ ଋଷିଆଣୀଙ୍କୁ ପଛରୁ ଡାକି କହିଲା "ତୁମେମାନେ ଏମିତି ଦୌଡ଼ିଯାଇ ମୋ କବଳରୁ ରକ୍ଷାପାଇ ପାରିବ ନାହିଁ। ମୁଁ ହେଉଛି କାରିକର ଦେବତା। ମୋର ଶକ୍ତି କେତେ ତୁମେ ଜାଣି ନାହଁ। କାରଣ ତୁମେ ମୋତେ ଆଗରୁ କେବେ ଦେଖିନାହିଁ। ମୁଁ ଇଚ୍ଛାକଲେ ସମଗ୍ର ସୃଷ୍ଟିକୁ ଧ୍ୱଂସ କରିଦେବି।"

ନିଆଁ ଦେବତାଙ୍କ ଡାକରା ଶୁଣି ଋଷି ଓ ଋଷିଆଣୀ ସେଇଠି ଅଟକି ଗଲେ। ପଛକୁ ବୁଲିପଡ଼ି ନିଆଁକୁ ଦର୍ଶନ କଲେ। ସାହସ ସଞ୍ଚୟ କରି ଯୋଡ଼ ହସ୍ତହୋଇ ଦେବତାଙ୍କ ନିକଟରେ ନିବେଦନ କଲେ। "ହେ କାରୀକର ଦେବତା, ଆମେ ପ୍ରଥମ କରି ଆପଣଙ୍କୁ ଦେଖିଲୁ। ଆପଣଙ୍କର ଏ ଭୟଙ୍କର ରୂପ

ଓ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି ଦେଖି ଆମେମାନେ ଖୁବ୍ ଭୟଭୀତ ହୋଇଯାଇଛୁ। ଆପଣଙ୍କୁ ବିନୀତ ନିବେଦନ କରୁଛୁ ଯେ ଆପଣ ଦୟାକରି ଶାନ୍ତ ହୁଅନ୍ତୁ ଓ ଏ ପୃଥିବୀକୁ ଧ୍ୱଂସ ହେବାରୁ ରକ୍ଷା କରନ୍ତୁ।"

ନିଆଁ ଦେବତା ଋଷି ଓ ଋଷିଆଣୀଙ୍କ ପ୍ରାର୍ଥନା ସ୍ୱୀକାର କରି କହିଲେ, "ମତେ ଶାନ୍ତ କରି ପୃଥିବୀକୁ ମୋ କୋପରୁ ରକ୍ଷା କରିବାକୁ ତୁମେ ମୋ ପାଖରେ ତୁମ ଜ୍ୟେଷ୍ଠ ପୁତ୍ରକୁ ବଳି ଦିଅ। ଏପରି କଲେ ମୋ କ୍ରୋଧ ପ୍ରଶମିତ ହେବ। ନଚେତ୍ ମୁଁ ଜାଳିପୋଡ଼ି ସବୁ ଭସ୍ମ କରିଦେବି।"

ଏକଥା ଶୁଣି ଋଷି ଓ ଋଷିଆଣୀ କାନ୍ଦି କାନ୍ଦି ଘରକୁ ଫେରିଲେ। ନିଜର ପ୍ରିୟ ଜ୍ୟେଷ୍ଠ ପୁତ୍ରକୁ ସାଙ୍ଗରେ ନେଇ ନିଆଁ ଦେବତାଙ୍କ ପାଖକୁ ଜଙ୍ଗଲ ଭିତରକୁ ଗଲେ ଓ ସେଠାରେ ତାକୁ ବଳିଦେଇ ତାର ରକ୍ତ ଦେବତାଙ୍କୁ ଅର୍ପଣ କଲେ। ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଋଷି ଦମ୍ପତି ଚରମ ତ୍ୟାଗ କଲେ।

ଋଷି ପୁତ୍ରଙ୍କ ରକ୍ତ ପାନକରି ନିଆଁ ଦେବତା ସନ୍ତୁଷ୍ଟ ହେଲେ। ଋଷିଙ୍କୁ ଆଶୀର୍ବାଦ କରି ମାନବ ସମାଜର କଲ୍ୟାଣ ପାଇଁ ନିଜର ଅପାର ଶକ୍ତିକୁ ପ୍ରୟୋଗ କରିବେ ବୋଲି ଆଶ୍ୱାସନା ବାଣୀ ଶୁଣାଇଲେ। ତାପରେ ଋଷିଙ୍କୁ ପଚାରିଲେ, "ମୁଁ କୋଉଠି ରହିବି ମୋ ପାଇଁ ଏକ ସ୍ଥାନ ନିରୂପଣ କର।"

ଋଷି ଦେବତାଙ୍କୁ ନିବେଦନ କଲେ ଯେ ସେ କାଠ ଓ ପଥର ମଧ୍ୟରେ ଅଦୃଶ୍ୟ ଅବସ୍ଥାରେ ରୁହନ୍ତୁ ଓ ଆବଶ୍ୟକ ବେଳେ ଆତ୍ମପ୍ରକାଶ କରନ୍ତୁ। ଦେବତା ଋଷିଙ୍କ କଥାରେ ରାଜିକର ଦେବତା ସେଇ ଦିନଠୁ କାଠ ଓ ପଥର ମଧ୍ୟରେ ରହିଛନ୍ତି।



# ନିଆଁର ଜନ୍ମ (୩)

## ଋଷିପୁତ୍ର ଓ ଅସୁରୀ କନ୍ୟା



ପ୍ରାଚୀନ କାଳର କଥା। ସ୍ରଷ୍ଟା, ଧରମ ଦେବତା ପୃଥିବୀ ସର୍ଜନା କରି ପ୍ରଥମ ମାନବ ଦମ୍ପତି ତଥା ମାନବ ଜାତିର ଜନକ ଜନନୀ ରୂପେ ଋଷି ଓ ଋଷିଆଣୀଙ୍କୁ ଥାପନା କରିଥାନ୍ତି। କରୁଣାମୟ ସୃଷ୍ଟିକର୍ତ୍ତାଙ୍କ ଆଶୀର୍ବାଦରୁ ଋଷି ଓ ଋଷିଆଣୀଙ୍କ ଠାରୁ ଜନ୍ମ ନେଇଥାନ୍ତି ବାରୋଟି ପୁଅ ଓ ତେରୋଟି ଝିଅ। ଖାଦ୍ୟ ପାଇଁ ଋଷି ଦମ୍ପତି ସବୁଦିନ ଜଙ୍ଗଲ ମଧ୍ୟରେ ପଶି ଫଳମୂଳ ସଂଗ୍ରହ କରିଆଣି ସନ୍ଧ୍ୟା ସମୟକୁ ନିଜର କୁଡ଼ିଆକୁ ଆସନ୍ତି ଓ ପିଲାମାନଙ୍କ ମୁହଁରେ ଆହାର ଦିଅନ୍ତି। ଏମିତି ସୁରୁଖୁରୁରେ ଦିନ କଟିଯାଉଥାଏ।

କାଳକ୍ରମେ ପିଲାମାନେ ବଡ଼ ହେଲେ। ସବା ସାନ ଝିଅକୁ ଛାଡ଼ି ଅନ୍ୟ ପୁଅ ଝିଅମାନେ ବଡ଼ ପରିବାରଟିର ଭରଣପୋଷଣ ନିମିତ୍ତ ପିତାମାତାଙ୍କୁ ସାହାଯ୍ୟ କଲେ। ସେମାନେ ମଧ୍ୟ ଜଙ୍ଗଲରେ ବୁଲି ଶିକାର ଓ ଖାଦ୍ୟ ସଂଗ୍ରହ

କରିବାକୁ ଲାଗିଲେ। ଋଷି ଦମ୍ପତିଙ୍କର ସଂସାର ଭାରା ଟିକେ ଲାଘବ ହେଲା। ସେମାନେ ସବା ସାନ ଶିଶୁ କନ୍ୟାଟିର ଲାଳନପାଳନ କରୁଥାନ୍ତି। ଆବଶ୍ୟକ ପଡ଼ିଲେ ମଝିରେ ମଝିରେ ଜଙ୍ଗଲକୁ ଯାଆନ୍ତି।

ଦିନକର କଥା। ଋଷି କୁଡ଼ିଆରେ ଥାଆନ୍ତି। ତାଙ୍କ ସାଙ୍ଗରେ ଥାନ୍ତି ତାଙ୍କର ବାର ଜଣ ପୁଅ ଓ ବାର ଜଣ ଝିଅ। ସେମାନେ ସମସ୍ତେ ଗପସପ କରୁଥାନ୍ତି। ମନ ଖୁସିରେ ଗୀତ ବୋଲୁଥାନ୍ତି ଓ ନାଚ କରୁଥାନ୍ତି। ହଠାତ୍ ଋଷିଆଣୀଙ୍କ ମନ ହେଲା ଟିକେ ଜଙ୍ଗଲ ଭିତରେ ଯାଇ ବୁଲିଆସିବେ। ଅନେକ ଦିନ ଧରି ସେ ଘର ଛାଡ଼ି ବାହାରକୁ ଯାଇ ନାହାନ୍ତି। ପ୍ରକୃତିର ଆକର୍ଷଣ ତାଙ୍କୁ ଅଥୟ କଲା। ଜଙ୍ଗଲର ଆହ୍ୱାନକୁ ସେ ଏଡ଼େଇ ଦେଇ ପାରିଲେନି।

ସବା ସାନ ଝିଅଟିକୁ କାଖେଇ ସେ ଚାଲିଲେ ଜଙ୍ଗଲ ଭିତରକୁ। ଜଙ୍ଗଲର ଗଛପତ୍ର, ଫୁଲ, ଫଳ, ଝରଣା, ପଶୁ, ପକ୍ଷୀ ସବୁଥିଲେ ତାଙ୍କର ଅତିପ୍ରିୟ। ଅତି ଆପଣାର। ତାଙ୍କ ପାଖକୁ ନ ଆସି ସେ କଣ ରହିପାରିଥାନ୍ତେ।

କିଛି ଫୁଲ, ଫଳ, ଚେର, ମୂଳ ଆଦି ସଂଗ୍ରହ କରିସାରି ଘରକୁ ଫେରିବାକୁ ଭାବୁଛନ୍ତି ଏଇ ସମୟରେ ତାଙ୍କର ଦୃଷ୍ଟି ପଡ଼ିଲା ଅଦୂରରେ ଥିବା ଏକ ସୁନ୍ଦର, ଫୁଲଗଛ ଉପରେ। ସୁନ୍ଦର ସୁନେଲୀ ରଙ୍ଗର ଫୁଲ ମାନ ପେନ୍ଥା ପେନ୍ଥା ହୋଇ ଗଛରେ ଲଦି ହୋଇଛି। ସୁଲୁସୁଲିଆ ପବନରେ ଫୁଲର ମଧୁର ସୁବାସ ଜଙ୍ଗଲ ସାରା ଖେଳେଇ ହୋଇଯାଇ ମନରେ ମାଦକ ଭରି ଦେଉଛି।

ସେଇ ସୁନ୍ଦର ଫୁଲ କିଛି ସାଙ୍ଗରେ ନେବାକୁ ତାଙ୍କର ଭାରି ଇଚ୍ଛା ହେଲା। ଗୋଟିଏ ବଡ଼ ଗଛର ଛାଇରେ ପତ୍ର ପାରିଦେଇ ସେ ନିଜର ଶିଶୁ କନ୍ୟାକୁ ସେଠି ଶୁଆଇଦେଲେ। ତାପରେ ଚାଲିଲେ ଫୁଲଗଛ ପାଖକୁ। ଗଛରେ ଚଢ଼ି ଫୁଲ ତୋଳୁ ତୋଳୁ ସେ ଫୁଲର ସୌନ୍ଦର୍ଯ୍ୟ ଓ ସୁବାସରେ ଆତ୍ମହରା ହୋଇଗଲେ। ଅଳ୍ପ ଦୂରରେ ଗଛମୂଳେ ଅସହାୟ ଅବସ୍ଥାରେ ଛାଡ଼ିଦେଇ ଆସିଥିବା ଖିରଖିଆ ଛୋଟ ଝିଅଟି କଥା କିଛି ସମୟ ପାଇଁ ଭୁଲିଗଲେ।

ଅସୁରୁଣୀଟିଏ ସେଇ ଜଙ୍ଗଲରେ ସେତେବେଳେ ଖାଦ୍ୟ ଅନ୍ୱେଷଣରେ ବୁଲୁଥିଲା। ଋଷିଆଣୀଙ୍କ ସୁନ୍ଦର ଗୁଲୁଗୁଲିଆ ଝିଅଟିକୁ ଦେଖି, କଁଅଳିଆ ମାଂସ

ଲୋଭରେ ତା ପାଟିରୁ ଲାଳ ଗଡ଼ିଲା। ଚାରିଆଡ଼କୁ ସତର୍କ ଦୃଷ୍ଟିରେ ଅନେଇ ଦେଖିଲା ଝିଅଟିର ମା ଫୁଲଗଛରେ ଚଢ଼ି ଫୁଲ ତୋଳୁଚି। ତଳେ ଥିବା ଝିଅଟି ପ୍ରତି ତାର ନଜର ନାହିଁ।

ଅସୁରୁଣୀ ଦେଖିଲା ଏହା ଏକ ସୁବର୍ଣ୍ଣ ସୁଯୋଗ। ଲୁଚି ଲୁଚି ସେ ଗଛ ମୂଳକୁ ଯାଇ ଝିଅଟିକୁ ନେଇ ଅନେକ ଦୂର ଚାଲିଗଲା। ଏକ ଝରଣା କୂଳରେ ପହଞ୍ଚି ସେଠି ଝିଅଟିକୁ ମାରି ଖାଇବ ବୋଲି ଅଟକିଲା। ଦେଖିଲା ସୁନ୍ଦର ଝିଅଟି ତା କୋଳରେ ହସି ହସି ଗୋଡ଼ ହାତ ହଲେଇ ଖେଳୁଚି। ଅସୁରୁଣୀର ମାତୃତ୍ୱ ଜାଗି ଉଠିଲା। ଝିଅଟି ପ୍ରତି ତା ହୃଦୟ ମମତାରେ ପୂର୍ଣ୍ଣ ହୋଇଗଲା। ତାକୁ ମାରି ଖାଇବାକୁ ତା ହାତ ଗଲାନି। ତାକୁ ନିଜର ଝିଅ କରି ପାଳିବ ବୋଲି ନିଜ ଘରକୁ ସାଙ୍ଗରେ ନେଇ ଆସିଲା।

ଅସୁରୁଣୀର ଏଗାରଟି ଝିଅ ଥାନ୍ତି। ଏ ଝିଅଟିକୁ ମିଶେଇ ତାର ବାରଟି ଝିଅ ହେଲେ। ତାର ବଡ଼ ବଡ଼ ଝିଅମାନେ ମା' ସାଙ୍ଗରେ ଆଣିଥିବା ଏଇ କୁନି ଝିଅଟିକୁ ଦେଖି ଭାରି ଖୁସିହେଲେ। ଖୁବ୍ ଆଦରରେ ଅଲିଅଳୀ ସାନ ଭଉଣୀ ଭାବେ ତାକୁ ସ୍ନେହ କଲେ।

ଏଣେ ଋଷିଆଣୀ ଫୁଲ ତୋଳି ସାରି ଝିଅକୁ ଛାଡ଼ି ଯାଇଥିବା ସ୍ଥାନକୁ ଆସି ଝିଅକୁ ପାଇଲେନି। ତାଙ୍କ ମୁଣ୍ଡ ଉପରେ ସତେ ଯେପରି ଚଡ଼କ ପଡ଼ିଲା। ନିଜକୁ ଶତ ଧିକ୍କାର କଲେ। ପାଗଳିନୀଙ୍କ ପରି ଜଙ୍ଗଲରେ ଏଣେ ତେଣେ ବୁଲିବୁଲି କେତେ ଖୋଜିଲେ। ହେଲେ କୌଣସି ସ୍ଥାନରେ ପାଇଲେନି। ଶେଷରେ ସଞ୍ଜବେଳକୁ କାନ୍ଦି କାନ୍ଦି ଘରକୁ ଫେରିଲେ। ଋଷି ଓ ପିଲାମାନଙ୍କୁ ସବୁକଥା କହିଲେ। ତାପର ଦିନଠୁ ଋଷି ଓ ତାଙ୍କ ବାରଜଣ ପୁଅ ଓ ଝିଅ ଅନେକ ଦିନ ଧରି ହଜିଲା ଝିଅକୁ ଖୋଜିଲେ। ନ ପାଇ ନିରାଶ ହୋଇ ରହିଲେ।

ଏଣେ ଅସୁରୁଣୀ ଓ ତାର ଆଗରୁ ଥିବା ଏଗାରଟି ଝିଅ, ଅସୁରୁଣୀ ଚୋରେଇ ଆଣିଥିବା ଋଷିଆଣୀଙ୍କ କୁନି ଝିଅଟିକୁ ପାଇ ଭାରି ଖୁସିରେ ଥାନ୍ତି। ଅସୁରୁଣୀ ଖାଦ୍ୟ ସଂଗ୍ରହ କରିବାକୁ ଜଙ୍ଗଲକୁ ନିତିଦିନ ଯାଏ। ତା ଘରେ ତାର ଝିଅମାନେ ରହି କୁନି ଝିଅଟିର ଲାଳନ ପାଳନ ଦାୟିତ୍ୱ ନେଉଥାନ୍ତି। ସେମାନେ ପିଲାଟିକୁ ନିଜ ଭଉଣୀଠୁ ବଳି ଅଧିକ ସ୍ନେହ ମମତା ଦେଇ ବଢ଼ାଉଥାନ୍ତି।

ଅସୁରୁଣୀ ଚରିବୁଲି ଯାହା ଖାଦ୍ୟ ସଂଗ୍ରହ କରି ଆଣେ ତାକୁ ଆଗ ସେ କୁନି ଝିଅଟିକୁ ଖାଇବାକୁ ଦିଅନ୍ତି। ଯାହା ବଳକା ରହେ ତାକୁ ସମସ୍ତେ ବାଣ୍ଟି ଖାଆନ୍ତି। ହସ ଖୁସିରେ ଦିନ କଟିଯାଉଥାଏ।

ସମୟ ତା ବାଟରେ ଗଡ଼ି ଚାଲିଥାଏ। ଅସୁରୁଣୀର ଝିଅମାନେ ବଡ଼ ହେଲେ। ତାଙ୍କ ପଛେ ପଛେ କୁନି ଝିଅଟି ମଧ୍ୟ ବଡ଼ ହୋଇ ଯୌବନରେ ପାଦ ଦେଲା। ଅସୁରୁଣୀ ଓ ତାର ଝିଅମାନେ ଲୁଗାପିନ୍ଧି ଲଜ୍ଜା ନିବାରଣ କରିବା ଜାଣି ନଥିଲେ। ସେମାନଙ୍କ ପରି ସେ ସାନ ଝିଅଟି ମଧ୍ୟ ଲଙ୍ଗଳା ରହୁଥିଲା। ସେ ଜାଣିନଥିଲା ଯେ ସେ ଏକ ମାନବ କନ୍ୟା। ଋଷି-ଋଷିଆଣୀଙ୍କ ଅଲିଅଳ ସାନ ଝିଅ। ଅସୁରୁଣୀମାନଙ୍କ ଗହଣରେ ରହି ସେ ନିଜକୁ ଏକ ଅସୁରୀ କନ୍ୟା ବୋଲି ମନେ କରୁଥିଲା। ଏବଂ ତାଙ୍କର ଆଚାର ବ୍ୟବହାର ଚାଲି ଚଳନକୁ ଅନୁକରଣ କରୁଥିଲା। ଅସୁରୁଣୀମାନଙ୍କ ଠାରୁ ସେ ଅନେକ ମନ୍ତ୍ର, ଯନ୍ତ୍ର ଓ ଐନ୍ଦ୍ରଜାଲିକ ବିଦ୍ୟା ଶିକ୍ଷା କରିଥିଲା।

ଦିନେ ଋଷିଙ୍କର ବାରଜଣଯାକ ଭେଣ୍ଡାପୁଅ ଜଙ୍ଗଲ ଭିତରେ ଶିକାର କରିବାକୁ ବୁଲୁବୁଲୁ ଘରକୁ ଫେରିବାକୁ ବାଟ ହୁଡ଼ିଲେ। ବାଟ ଖୋଜି ଖୋଜି ଜଙ୍ଗଲ ଭିତରେ ରାତି ହୋଇଗଲା। ବାଧ୍ୟହୋଇ ଗୋଟିଏ ଗଛ ମୂଳେ ଆଶ୍ରୟ ନେଲେ। ସେତେବେଳକୁ ସେମାନେ ଶ୍ରାନ୍ତ, କ୍ଳାନ୍ତ ଓ କ୍ଷୁଧାତୁର ହୋଇପଡ଼ିଥାନ୍ତି। ସାଙ୍ଗରେ ତ ଥାଏ ଫଳ, ମୂଳ ଓ ଶିକାର ମାଂସ। ରାତି ବଢ଼ିବା ସଙ୍ଗେ ସଙ୍ଗେ ଜଙ୍ଗଲ ଭିତରଟା ତାଙ୍କୁ ଖାଁ ଖାଁ ହୋଇ ମାଡ଼ି ପଡୁଥାଏ। ଚାରିଆଡ଼େ ହିଂସ୍ରଜନ୍ତୁ ମାନଙ୍କର ରଡ଼ି ଶୁଣାଯାଉଥାଏ। ଗଛମୂଳେ ରହିବା ତାଙ୍କୁ ନିରାପଦ ଲାଗିଲାନି। ଖାଇପିଇ ଥକ୍କା ମେଣ୍ଟେଇବାକୁ, ରାତିଟା ପାଇଁ ଟିକେ ମୁଣ୍ଡ ଗୁଞ୍ଜିବାକୁ ନିରାପଦ ଆଶ୍ରୟ ସ୍ଥଳୀଟିଏ ପାଇବା ପାଇଁ ସେମାନେ ଚାରିଆଡ଼କୁ ଅନିଷା କଲେ।

କିଛି ଦୂରରେ ଥାଏ ଅସୁରୁଣୀର ଗୁମ୍ଫା। ସେଥିରେ ଅସୁରୁଣୀର ଝିଅମାନେ ନିଆଁଜାଳି ହସଖୁସିରେ ମାତିଥାନ୍ତି। ଅସୁରୁଣୀ ଜଙ୍ଗଲକୁ ଚରିବାକୁ ଯାଇଥାଏ। ସେ ପର୍ଯ୍ୟନ୍ତ ଗୁମ୍ଫାକୁ ଫେରିନଥାଏ। ତାର ଝିଅମାନେ ମା'ର ଫେରିବା ବାଟକୁ ଅନେଇ ବସିଥାନ୍ତି। ଗୁମ୍ଫା ମଝିରେ ନିଆଁ ଜାଳି ତାର ଚାରିପଟେ ବସି ସେମାନେ ଖୁସି ଗପ କରୁଥାନ୍ତି। ସେମାନେ ତାଙ୍କର ମନ୍ତ୍ରଶକ୍ତି ଦ୍ୱାରା ନିଆଁ ସୃଷ୍ଟି କରିଥାନ୍ତି।

ଅନ୍ଧାର ମଧ୍ୟରେ ସେଇ ଗୁମ୍ଫାରୁ ଆସୁଥିବା ଆଲୋକ ଶିଖାକୁ ଋଷିପୁତ୍ରମାନେ ଦେଖିପାରିଲେ। ତାଙ୍କ ମନରେ ଆଶାର ସଂଚାର ହେଲା। ସେମାନେ ଭାବିଲେ ନିକଟରେ ନିଶ୍ଚୟ କେହି ଘର କରି ରହିଛି। ସେଠିକି ଗଲେ ଆଶ୍ରୟ ମିଳିଯାଇ ପାରିବ।

ବାରଭାଇ ଯାକ ଖୁବ୍ ଖୁସି ହୋଇ, ମନରେ ବହୁତ ଆଶା ନେଇ ଅନ୍ଧାର ଭିତରେ ଜଙ୍ଗଲର କଣ୍ଟାଝଣ୍ଟାକୁ ଭ୍ରୂକ୍ଷେପ ନ କରି ସେ ନିଆଁ ଆସୁଥିବା ଅସୁରୁଣୀ ଗୁମ୍ଫା ଆଡ଼କୁ ଅଗ୍ରସର ହେଲେ। ସେମାନେ ଆଗରୁ କେବେ ନିଆଁ ଦେଖି ନ ଥିଲେ କି ନିଆଁର ବ୍ୟବହାର ବିଷୟରେ ଜାଣି ନ ଥିଲେ। ପ୍ରଥମ ଥର ପାଇଁ ନିଆଁକୁ ଦେଖିବା ତାଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା। ନିଆଁର ବ୍ୟବହାର ଜାଣିନଥିବାରୁ ସେ ପର୍ଯ୍ୟନ୍ତ ଋଷି ଋଷିଆଣୀ ଓ ତାଙ୍କର ସନ୍ତାନମାନେ ଫଳ, ମୂଳ, ମାଂସ ଆଦି ଖାଦ୍ୟ ସବୁ କଞ୍ଚା ଖାଉଥିଲେ।

ଗୁମ୍ଫାର ଦ୍ୱାରଦେଶରେ ପହଞ୍ଚି ସେମାନେ ଅଟକି ଗଲେ। ଗୁମ୍ଫା ଭିତରକୁ ଉଙ୍କିମାରି ଚାହିଁଲେ। ଝାପ୍ସା ଆଲୁଅରେ ଦେଖିଲେ ବାରଗୋଟି ସୁନ୍ଦରୀ ଝିଅ ନିଆଁ ଚାରିପଟେ ଘେରି ବସିଚନ୍ତି। ଖୁସି ଗପ କରୁଚନ୍ତି। ଭାଇଯାକ ବାହାରେ ଥାଇ ପାଟି କରି କହିଲେ, "ଆମେ ବାରଭାଇ ଜଙ୍ଗଲକୁ ଫଳ, ମୂଳ ସଂଗ୍ରହ କରିବାକୁ ଓ ଶିକାର କରିବାକୁ ଆସିଥିଲୁ। ବାଟବଣା ହୋଇ ଥକ୍କି ପଡ଼ିଚୁ। ଭୋକରେ ଆମ ପେଟ ଜଳୁଚି। ତୁମେମାନେ ଆମକୁ ଆଜି ରାତିକ ପାଇଁ ତୁମ ଗୁମ୍ଫାରେ ଆଶ୍ରୟ ଦେଲେ ଖୁବ୍ ଉପକାର ହୁଅନ୍ତା। ଆମେ ସକାଳୁ ଉଠି ଆମ ବାଟରେ ଚାଲି ଯାଆନ୍ତୁ।"

ମଣିଷମାନଙ୍କର କଣ୍ଠସ୍ୱର ଶୁଣି ବାର ଭଉଣୀଯାକ ଚମକି ପଡ଼ିଲେ। ସେମାନେ ହସ ଖୁସିରେ ଏମିତି ମଜ୍ଜି ଯାଇଥିଲେ ଯେ ବାର ଭାଇ ଯାକ ଗୁମ୍ଫା ପାଖରେ ଆସି ପହଞ୍ଚିଯାଇଥିଲେ ମଧ୍ୟ ଆଗରୁ ସେମାନେ ତାଙ୍କର ପାଦଶବ୍ଦ ଠଉରେଇ ପାରିନଥିଲେ। ସେମାନେ ଉଲଗ୍ନ ଅବସ୍ଥାରେ ରହିଥିବାରୁ ଅଜଣା ପୁରୁଷମାନଙ୍କ ଆଗକୁ ଯିବାକୁ ତାଙ୍କର ନାରୀ ସୁଲଭ ଲଜ୍ଜା ବାଧାଦେଲା। ଲାଜ ଓ ଡରରେ ହତବାକ୍ ହୋଇ ସେମାନେ ଗୁମ୍ଫା ଭିତରେ ଲୁଚିଗଲେ।

ବାରଭାଇ ଯାକ ପୁଣି ତାଙ୍କୁ ଆକୁଳ ନିବେଦନ କଲେ। "ଆମେ ତୁମର କୌଣସି କ୍ଷତି କରିବୁ ନାହିଁ। ତୁମର ଆମକୁ ଡରିବାର ପ୍ରୟୋଜନ ନାହିଁ। ଆମେ ଖାଲି ରାତିଟା ପାଇଁ ଆଶ୍ରୟ ମାଗୁଛୁ।" ଏମିତି କହି ବାର ଭାଇ ଗୁମ୍ଫା ଭିତରକୁ ଆସି ଆଶ୍ଚର୍ଯ୍ୟ ହୋଇ ପ୍ରଥମଥର ପାଇଁ ଦେଖୁଥିବା ନିଆଁ ପାଖରେ ଠିଆ ହେଲେ। ନିଆଁର ଆଲୋକରେ ବାରଟି ନବ ଯୁବକଙ୍କ ସୁନ୍ଦର ସୁଠାମ ଚେହେରା ସୁନାର ରଙ୍ଗପରି ଦାଉ ଦାଉ ହୋଇ ଦିଶୁଥାଏ। ନିଜର ଲୁଚିଥିବା ସ୍ଥାନରୁ ବାର ଭଉଣୀ ସେମାନଙ୍କ ଚେହେରା ଦେଖି ମୋହିତହେଲେ। ଲଜ୍ଜା ସମ୍ବରଣ କରି ବାରଭାଇଙ୍କ ପାଖକୁ ଆସିଲେ। ଆଖିରେ ଆଖି ମିଶିଲା। ପ୍ରେମର ଉଜାଣୀ ଯମୁନା ପ୍ରବାହିତ ହେଲା।

ବାରଭାଇ ସୁନ୍ଦରୀ କନ୍ୟାମାନଙ୍କୁ ଏହି ଆଶ୍ଚର୍ଯ୍ୟ ବସ୍ତୁ ନିଆଁ ବିଷୟରେ ପଚାରିଲେ। ସେମାନେ କହିଲେ, "ଏହା ହେଉଛି ନିଆଁ। ଏହାର ଶକ୍ତି ଅପାର। ଏ ଇଚ୍ଛାକଲେ ନିମିଷକ ମଧ୍ୟରେ ବିଶ୍ୱ ବ୍ରହ୍ମାଣ୍ଡକୁ ଜାଳିପୋଡ଼ି ଭସ୍ମ କରିଦେଇ ପାରିବ। ଏହାକୁ ନିଜର ଆୟତ୍ତାଧିନ କରି ରଖିପାରିଲେ ତୁମେ ଯା ସାହାଯ୍ୟରେ ଅସାଧ ସାଧନ କରିପାରିବ। ନିଜ କାମରେ ଲଗେଇ ପାରିବ। ଖାଦ୍ୟ ପଦାର୍ଥ ଏଥିରେ ସିଦ୍ଧ କରି ଖାଇଲେ ଖୁବ୍ ସୁସ୍ୱାଦୁ ଓ ତୃପ୍ତିକର ହେବ। ଏହାକୁ ଅସମ୍ମାନ କଲେ ଫଳାଫଳ ଭୟଙ୍କର ହେବ।"

ବାରଭାଇ କହିଲେ, "ନିଆଁ ସାହାଯ୍ୟରେ କିପରି ଖାଦ୍ୟ ତିଆରି ହୁଏ ଆମେ ତାହା ଜାଣିନାହୁଁ। ଆମ ପାଖରେ କଞ୍ଚା ଫଳ, ମୂଳ ଓ ଶିକାର ମାଂସ ଅଛି। ତୁମେ ଯାକୁ ନେଇ ଖାଦ୍ୟ ପ୍ରସ୍ତୁତ କର। ଆମେ ଦେଖିଲେ ଶିଖିଯିବୁ। ଖାଦ୍ୟ ପ୍ରସ୍ତୁତ ହେଲେ ଆମେ ସମସ୍ତେ ମିଶି ଖାଇବା। ରାତିଟା ମଉଜ୍ ମଜ୍‌ଲିସ୍ କରି କଟେଇବା।"

ଅସୁରୁଣୀ କନ୍ୟାମାନେ ବାରଭାଇଙ୍କ ପ୍ରେମରେ ପଡ଼ିଯାଇଥିଲେ। ତାଙ୍କ କଥା ମାନି ନିଆଁ ଦ୍ୱାରା ସୁସ୍ୱାଦୁ ଖାଦ୍ୟ ରାନ୍ଧିଲେ। ସମସ୍ତେ ମିଶି ଖାଇଲେ। ମଉଜ କଲେ। ନାଚ ଗୀତରେ ମାତିଲେ।

ଅସୁରୁଣୀ ରାତି ଅଧକୁ ଘରକୁ ଫେରିଲା । ଅସୁରୁଣୀ କନ୍ୟାମାନେ ଦୂରରୁ ଅସୁରୁଣୀ ଆସିବାର ସୂଚନା ପାଇଲେ । ସେମାନେ ମନେ ମନେ ପ୍ରମାଦ ଗଣିଲେ । ଅସୁରୁଣୀ କନ୍ୟାମାନେ ଏଇ କଅଁଳ ଛନ୍‌ଛନ୍ ବାରଭାଇଙ୍କୁ ବାରଟି ମାଛିରେ ପରିଣତ କରି ଗୁମ୍ଫା ଭିତରେ ଲୁଚେଇ ରଖିଲେ ।

ଅସୁରୁଣୀ ଗୁମ୍ଫା ଭିତରକୁ ପଶି ଚାରିଆଡ଼କୁ ଚାହିଁଲା । "ମଣିଷ ଗନ୍ଧ କୋଉଠୁ ଆସୁଛି ?" ଝିଅମାନଙ୍କୁ ପଚାରିଲା । ଝିଅମାନେ ଚମକି ପଡ଼ିଲେ । କଣ କରିବେ । ଧରାପଡ଼ି ଗଲେ ପରିଣାମ ଭୟଙ୍କର ହେବ । ସେମାନଙ୍କ ମଧ୍ୟରେ ସବା ବଡ଼ ଝିଅଟି ଖୁବ୍ ଚାଲାକ ଥିଲା । ଉପସ୍ଥିତ ବୁଦ୍ଧି ଖଟେଇ ଖୁବ୍ ଚତୁରତା ସହ ଉତ୍ତର ଦେଲା "ଆମର ସବା ସାନ ଭଉଣୀଟି ମଣିଷ ପିଲା ନୁହେଁ କି ?" ଯାକୁ ତୁମେ ପରା ଜଙ୍ଗଲ ମଧ୍ୟରୁ ପାଇ ଆଣିଥିଲ !"

ଅସୁରୁଣୀର ସନ୍ଦେହ ଦୂର ହେଲା । ସେ ଖାଇ ପିଇ ଶୋଇ ପଡ଼ିଲା ଓ ସକାଳୁ ଉଠି ସବୁଦିନ ପରି ଜଙ୍ଗଲକୁ ଚରିବାକୁ ଚାଲିଗଲା । ଅସୁରୁଣୀ ବହୁ ଦୂରକୁ ଚାଲିଯିବା ପରେ ଅସୁରୁଣୀ କନ୍ୟାମାନେ ମନ୍ତ୍ରଦ୍ୱାରା ବାରଭାଇଙ୍କୁ ମାଛିରୁ ମଣିଷ ଅବସ୍ଥାକୁ ଆଣିଲେ । ବାର ଭାଇ ଅସୁରୀ କନ୍ୟାମାନଙ୍କୁ କୃତଜ୍ଞତା ଜଣେଇ ଘରକୁ ଫେରିବାକୁ ବାହାରିଲେ । ସେମାନେ କହିଲେ "ଆମର ବାପା ମା, ଋଷି ଓ ଋଷିଆଣୀ ଆମ ବାଟ ଚାହିଁ ବସିଥିବେ । ଆମେ ରାତିରେ ନ ଫେରିଥିବାରୁ ଖୁବ୍ ବ୍ୟସ୍ତ ହେଉଥିବେ । ଆମେ ବର୍ତ୍ତମାନ ଘରକୁ ଫେରିଯାଉଛୁ । ମଝିରେ ମଝିରେ ତୁମ ପାଖକୁ ଆସୁଥିବୁ ।"

ସେତେବେଳକୁ ବାର ଭାଇ ଜାଣି ସାରିଥିଲେ ଯେ ସାନ ଝିଅଟି ତାଙ୍କର ହଜିଲା ସାନ ଭଉଣୀ । ଫେରିବାବେଳେ ତାକୁ ସାଙ୍ଗରେ ନେଇ ଆସିଲେ । ଖଣ୍ଡିଏ ଶୁଖିଲା କାଠରେ ନିଆଁ ଲଗେଇ ସାଙ୍ଗରେ ଆଣିଲେ । ଋଷି ଓ ଋଷିଆଣୀ ତାଙ୍କର ହଜିଲା ଝିଅକୁ ଫେରିପାଇ ଖୁବ୍ ଖୁସି ହେଲେ । ସେଇଦିନଠୁ ସେମାନେ ନିଆଁ ବ୍ୟବହାର କରି ରୋଷେଇ କଲେ ଓ ଜଙ୍ଗଲରେ ପୋଡୁଚାଷ ମଧ୍ୟ କଲେ । ଏମିତି ମଣିଷ ଜାତି ପ୍ରଥମ କରି ନିଆଁର ବ୍ୟବହାର ଆରମ୍ଭ କଲା ।

# ମୃତ୍ୟୁର ଆଗମନ

ଜୁଆଙ୍ଗମାନଙ୍କ ମତରେ ସୃଷ୍ଟିର ଆରମ୍ଭରେ ମଣିଷ ଥିଲା ଅମର। କେବଳ ଦୁର୍ଘଟଣା ବ୍ୟତୀତ ମନୁଷ୍ୟର ମୃତ୍ୟୁ ହେଉ ନ ଥିଲା। କାଳକ୍ରମେ ଲୋକସଂଖ୍ୟା ବଢ଼ିବାରେ ଲାଗିଲା। ସ୍ରଷ୍ଟା ଧରମ୍ ଦେବତା ଚିନ୍ତିତ ହୋଇପଡ଼ିଲେ। ଏହି ସମସ୍ୟାର ସମାଧାନ ପାଇଁ ଧରମ ଦେବତା ଓ ଦେବଗଣ ଏକାଠି ହୋଇ ବିଚାର ଆଲୋଚନା କରି ମୃତ୍ୟୁକୁ ସୃଷ୍ଟି କଲେ ଏବଂ କୂଟକପଟର ଆଶ୍ରୟ ନେଇ ମୃତ୍ୟୁକୁ ପୃଥିବୀପୃଷ୍ଠକୁ ପଠାଇ ଦେଲେ। ମାନବ ସମାଜ ଓ ପ୍ରାଣୀ ଜଗତ ଦେବତାମାନଙ୍କ ଛନ୍ଦ କପଟ ବୁଝି ନ ପାରି ମୃତ୍ୟୁର ଶିକାର ହେଲେ। ତେଣୁ ମୃତ୍ୟୁ ଜୁଆଙ୍ଗମାନଙ୍କ ପାଇଁ ଏକ ରହସ୍ୟମୟ ଅପ୍ରାକୃତିକ ଘଟଣା ହୋଇ ରହିଗଲା। ତେବେ ସେମାନେ ବିଶ୍ୱାସ କରନ୍ତି ଯେ ମୃତ୍ୟୁ ପରେ ଭଲ ଲୋକମାନଙ୍କ ଆତ୍ମା ଉପରକୁ ଚାଲିଯାଇ ଧରମ ଦେବତାଙ୍କ ସାଙ୍ଗେ ଖୁସିରେ ରହେ। ଖରାପ ଲୋକମାନଙ୍କ ଆତ୍ମା ଭୂତପ୍ରେତ ହୋଇ ଉପଦ୍ରବ କରେ। ତେଣୁ ସେହି ଭୂତ ପ୍ରେତ ଓ ପୂର୍ବ ପୁରୁଷମାନଙ୍କୁ ଖୁସି କରିବା ପାଇଁ ବିଭିନ୍ନ ପର୍ବପର୍ବାଣୀ ଓ ସାମାଜିକ ଅନୁଷ୍ଠାନ ମାନଙ୍କରେ ଜୁଆଙ୍ଗମାନେ ବଳିଦେଇ ଓ ଭୋଗ ଅର୍ପଣ କରି ସେମାନଙ୍କୁ ପୂଜା କରିଥାନ୍ତି।



# ମୃତ୍ୟୁର ଆଗମନ (୧)

## ଛଦ୍ମବେଶୀ ସନ୍ନ୍ୟାସୀ



ସୃଷ୍ଟିର ଆରମ୍ଭରେ ଋଷି ଓ ଋଷିଆଣୀ ପୃଥିବୀର ପ୍ରଥମ ମାନବ ଦମ୍ପତି ହୋଇ ମାନବ ଜାତିର ଜନକ ଓ ଜନନୀ ହେଲେ। ସେମାନେ ଅନେକଦିନ ବଞ୍ଚି ରହି ଅସଂଖ୍ୟ ସନ୍ତାନ ସନ୍ତତିଙ୍କୁ ଜନ୍ମ ଦେଲେ। ଏଇ ସନ୍ତାନମାନେ ବଡ଼ ହୋଇ ବିବାହ କଲେ ଏବଂ ସେମାନଙ୍କଠାରୁ ଅନେକ ସନ୍ତାନ ଜାତ ହେଲେ। ଏମିତି ସେମାନେ ବଂଶ ବିସ୍ତାର କରିଚାଲିଲେ। ସେତେବେଳେ ମନୁଷ୍ୟମାନେ ସତ୍ୟ ଓ ଧର୍ମରେ ଚଳୁଥିଲେ ତେଣୁ ଅମର ଥିଲେ। ଫଳରେ ପୃଥିବୀରେ ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାକୁ ଲାଗିଲା।

ଏହା ଦେଖି ପରମପିତା ଧରମ ଦେବତା ମହାପରବୁ ବଡ଼ ଚିନ୍ତାରେ ପଡ଼ିଲେ। ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପୃଥିବୀରେ ମନୁଷ୍ୟମାନଙ୍କ କ୍ରମବର୍ଦ୍ଧମାନ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯିବ ତାହା ଏକ ଜଟିଳ ସମସ୍ୟା ହୋଇ ଠିଆ ହେଲା। ଏ ବିଷୟରେ ବିଚାର ଆଲୋଚନା କରିବା ପାଇଁ ସେ ଦେବତାମାନଙ୍କୁ ଡାକିଲେ। ଦୀର୍ଘ ଆଲୋଚନା ପରେ ସ୍ଥିର ହେଲା ଯେ ମଣିଷମାନଙ୍କ ସଂଖ୍ୟା କମେଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କିଛି ମଣିଷଙ୍କ ଶରୀରରୁ ଜୀବନ କାଢ଼ି ନେବାକୁ ପଡ଼ିବ। ଏହି ପ୍ରକ୍ରିୟାର ନାମ ହେବ ମୃତ୍ୟୁ। ଏହି ପରି ମୃତ୍ୟୁର ପରିକଳ୍ପନା କରାଗଲା। ହେଲେ ଏଇ କାମ କେମିତି ଆରମ୍ଭ କରାଯିବ ସେଥିପାଇଁ ମଧ୍ୟ ବିଭିନ୍ନ ପ୍ରକାରର ଯୋଜନା ତିଆରି କରାଗଲା।

ପ୍ରଥମେ ଜଣେ ଦେବତା ଜଣେ ସନ୍ନ୍ୟାସୀର ଛଦ୍ମ ବେଶ ଧାରଣ କରି ପୃଥିବୀକୁ ଆସିଲେ। ସେ ଚାରିଆଡ଼େ ବୁଲି ବୁଲି ଘୋଷଣା କଲେ ଯେ ସେ ଆସିଛନ୍ତି ମଣିଷର ଜୀବନକୁ ଶେଷ କରିଦେବା ପାଇଁ। ମଣିଷ ସମାଜରେ ଆତଙ୍କ ଖେଳିଗଲା। ଏକଥା ଶୁଣି ଡରରେ କେହି ସେ ସନ୍ନ୍ୟାସୀଙ୍କ ଆଗକୁ ଆସିଲେନି। ସେ ଯୁଆଡ଼େ ଗଲେ ତାଙ୍କ ଆସିବାର ଖବର ପାଇବା ମାତ୍ରେ ଲୋକମାନେ ଗାଁ ଗଣ୍ଡା ଛାଡ଼ି ପଳେଇଲେ। ଘଞ୍ଚ ଜଙ୍ଗଲରେ ଲୁଚିଲେ। ସମସ୍ତେ ରାତିରେ ଲୁଚି ଛପି ମାନବ ଜାତିର ମହାନ ପିତା ଋଷିଙ୍କୁ ଏକଥା ଜଣେଇଲେ। ଋଷି କହିଲେ "ହଉ ତମେମାନେ ବ୍ୟସ୍ତ ହୁଅନି, ମୁଁ ସେକଥା ବୁଝିବି। ତୁମେମାନେ ଖାଲି ସେ ସନ୍ନ୍ୟାସୀଙ୍କୁ କୁହ ମୋ ପାଖକୁ ଆସିବାକୁ।"

ଛଦ୍ମବେଶୀ ସନ୍ନ୍ୟାସୀଙ୍କ ପାଖରେ ଏ ଖବର ପହଞ୍ଚିଲା। ସେ ଏଇ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ମନେ ମନେ ଖୁବ୍ ଖୁସିହେଲେ ଯେ ତାଙ୍କ ଯୋଜନାଟି ଠିକ୍ କାମ କରିଛି। ସତର୍କ ଭାବେ କାମ କଲେ ତାଙ୍କ ଉଦ୍ଦେଶ୍ୟ ସଫଳ ହେବ। ଏମିତି ଭାବି ଭାବି ସେ ଋଷିଙ୍କ କୁଡ଼ିଆ ପାଖରେ ପହଞ୍ଚିଲେ ଓ ଋଷିଙ୍କୁ ବାହାରକୁ ଆସିବାକୁ ଆହ୍ୱାନ କଲେ।

ଋଷି କୁଡ଼ିଆ ବାହାରକୁ ଆସି ଆଗନ୍ତୁକଙ୍କୁ ସାକ୍ଷାତ କଲେ। ଛଦ୍ମବେଶୀ ସନ୍ନ୍ୟାସୀ କହିଲେ "ଏ ପୃଥିବୀର ମଣିଷମାନେ ଆପଣଙ୍କୁ ସବୁଠୁ ବଡ଼ ଓ ମହାନ୍ ମଣିଷ ବୋଲି ମାନୁଛନ୍ତି। ଏହା ସେମାନଙ୍କର ଏକ ଭ୍ରମଧାରଣା। ଏପରି ଶୁଣି ଶୁଣି ଆପଣ ମଧ୍ୟ ଗର୍ବ କରୁଛନ୍ତି। କିନ୍ତୁ ଆପଣ ନିଜେ ଏବଂ ଆପଣଙ୍କ ଅନୁଗତ ମଣିଷମାନେ ଜାଣି ନାହାନ୍ତି ଯେ ଏଠି ଆପଣଙ୍କଠାରୁ ଅଧିକ ବଡ଼ ଓ ମହାନ ଆତ୍ମା ଅଛନ୍ତି। ସେ ଜଣକ ହେଉଛି ମୁଁ ନିଜେ। ମୋ ପାଖରେ ଏମିତି ଶକ୍ତି ଅଛି ଯେ, ମୁଁ ମଣିଷମାନଙ୍କର ଜୀବନ ନାଶ କରିଦେଇ ପାରିବି। ତେଣୁ ଆପଣ ସ୍ୱୀକାର କରନ୍ତୁ ଯେ, ମୁଁ ଆପଣଙ୍କ ଠାରୁ ବଡ଼ ଏବଂ ସେଥିପାଇଁ ଆପଣ ମୋର ବଶତା ସ୍ୱୀକାର କରନ୍ତୁ।"

ଋଷି ସନ୍ନ୍ୟାସୀଙ୍କ କଥା ଶୁଣି ରାଗିଗଲେ। ସେ କହିଲେ "ଯେ ସୃଷ୍ଟି କରେ ସେ ବଡ଼। ଏଇ ପୃଥିବୀର ଅସଂଖ୍ୟ ଲୋକଙ୍କୁ ମୁଁ ଜନ୍ମ ଦେଇଛି। ତେଣୁ ତମେ ଯିଏ ବିନାଶ କରିବା ପରି ନୀଚ କାମ କରିବା କଥା କହୁଚ କେମିତି ମୋ ଠାରୁ ବଡ଼ ହେବ ?"

ସନ୍ନ୍ୟାସୀ ଏକଥା ଶୁଣି ମନେ ମନେ ହସିଲେ । କହିଲେ "ଠିକ୍ ଅଛି ଯଦି ତମେ ଜନ୍ମଦାତା ହିସାବରେ ମୋ ଠାରୁ ଉଚ୍ଚସ୍ଥାନ ଦାବି କରୁଛ, ତେବେ ତୁମ ସନ୍ତାନମାନଙ୍କ ମଧ୍ୟରୁ ଜଣଙ୍କର ମାଂସ ଖାଇ ମତେ ଦେଖେଇ ଦେଇପାରିବ । ତୁମେ ଯଦି ତାଙ୍କର ପ୍ରକୃତ ସୃଷ୍ଟିକର୍ତ୍ତା ତେବେ ତାଙ୍କ ଉପରେ ଯେ, ତୁମର ସମ୍ପୂର୍ଣ୍ଣ ଅଧିକାର ଅଛି ତାହା ତୁମେ ଜଣକର ମାଂସ ଭକ୍ଷଣ କରିବା ଦ୍ୱାରା ଯାଇଁ ପ୍ରମାଣିତ ହେବ । ତେବେ ଯାଇଁ ମୁଁ ସ୍ୱୀକାର କରିବି ଯେ ତୁମେ ବାସ୍ତବରେ ମନୁଷ୍ୟ ଜାତିର ଜନକ ଏବଂ ସେଥିପାଇଁ ତୁମେ ମୋ ଠାରୁ ବଡ଼ ।"

ସେତେବେଳକୁ ସରଳ ଧର୍ମପରାୟଣ ଋଷି ଖୁବ୍ ରାଗିଯାଇଥିଲେ । ରାଗରେ ତାଙ୍କର ବିଚାର ବୁଦ୍ଧି ଲୋପ ପାଇଯାଇଥିଲା । ସେ ଅବସ୍ଥାରେ ସନ୍ନ୍ୟାସୀ ବେଶଧାରୀ ଛଦ୍ମବେଶୀ ଦେବତାଙ୍କ କପଟ ସେ ବୁଝିପାରିଲେ ନାହିଁ । ସେ ଦେବତାଙ୍କ ଆହ୍ୱାନର ମୁକାବିଲା କରିବା ପାଇଁ ତାଙ୍କର ଜଣେ ସନ୍ତାନକୁ ଆଣି ସନ୍ନ୍ୟାସୀଙ୍କ ଆଗରେ ତାକୁ ଜୀଅନ୍ତା ଖାଇଗଲେ ।

ଦେବତାଙ୍କ ଯୋଜନା ସଫଳ ହେଲା । ସେ ଋଷିଙ୍କୁ କହିଲେ "ବର୍ତ୍ତମାନ ଆପଣ ଯେଉଁ ସନ୍ତାନଟିକୁ ଭକ୍ଷଣ କଲେ ତାକୁ ପୁଣି ଜୀବିତ କରି ଦେଇପାରିବେ ?"

ଋଷି ଚମକି ପଡ଼ିଲେ । ସେ ନିଜର ବୋକାମି ବୁଝିପାରିଲେ । ହେଲେ ସେତେବେଳକୁ ଅନେକ ଡେରି ହୋଇଯାଇଥିଲା । ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିଲା । ସେ ଉପଲବ୍ଧି କଲେ ଯେ ସେ ଅସଂଖ୍ୟ ମଣିଷଙ୍କୁ ଜନ୍ମ ଦେଇପାରିବେ ହେଲେ ଜଣେ ବି ମଣିଷର ଜୀବନ ନାଶ କରି ତା ଶରୀରକୁ ନଷ୍ଟକରିବା ପରେ ତାକୁ ଆଉ ସେ ପୁର୍ନଜୀବିତ କରାଇ ପାରିବେ ନାହିଁ । କ୍ରୋଧରେ ଅଜ୍ଞାନ ହୋଇ ସନ୍ନ୍ୟାସୀଙ୍କ କପଟ ବୁଝିନପାରି ସେ ନିଜର ସନ୍ତାନକୁ ଖାଇଦେବା ପରି ଯେଉଁ ଅକ୍ଷମଣୀୟ ଅପରାଧ କରିଛନ୍ତି ସେଥିପାଇଁ ସେ ଦୁଃଖ ଓ ଅନୁତାପରେ ଭାଙ୍ଗିପଡ଼ିଲେ । ଖୁବ୍ ଅସହାୟ ହୋଇ ସେ ସନ୍ନ୍ୟାସୀଙ୍କ ମୁହଁକୁ ଚାହିଁ ରହିଲେ ।

ସନ୍ନ୍ୟାସୀଙ୍କ ମୁହଁରେ ବିଜୟର ହସ । ସେ କହିଲେ "ମୁଁ ଯୋଉ କାମ କରିବାକୁ ଆସିଥିଲି ତାକୁ ତମ ଦ୍ୱାରା କରେଇ ଦେଲି । ମୋର ଲକ୍ଷ୍ୟ ପୂରଣ ହେଲା । ଏଣିକି ମଣିଷମାନେ ଆଉ ଆଗପରି ଅମର ହୋଇ ରହିପାରିବେ ନାହିଁ । ଏତିକି କହି ସେ ସେଠୁ ଉଭାନ୍ ହୋଇଗଲେ । ଦୁଃଖ, ଗ୍ଲାନି ଓ ଅନୁଶୋଚନା ଜର୍ଜରିତ ଋଷି ସେଠି ସେମିତି ନିର୍ବାକ୍ ହୋଇ ଠିଆ ହୋଇଥାନ୍ତି ।

# ମୃତ୍ୟୁର ଆଗମନ (୨)

## ଝିଣ୍ଟିକାରୂପୀ ମୃତ୍ୟୁଦୂତ



ପୁରାକାଳର କଥା। ପୃଥିବୀରେ ମଣିଷମାନେ ଅମର ହୋଇ ରହିଥିବାରୁ ଏବଂ କାଳକ୍ରମେ ବଢ଼ି ବଢ଼ି ଚାଲିଥିବାରୁ ମଣିଷମାନଙ୍କ ସଂଖ୍ୟା କମେଇବା ପାଇଁ ଧରମ ଦେବତା ଓ ଦେବଗଣ କୁଟ କପଟରେ ପୃଥିବୀରେ ମରଣକୁ ପ୍ରବେଶ କରିବା ପାଇଁ ଯୋଜନା କରୁଥାନ୍ତି। ସେହି ଯୋଜନା ଅନୁସାରେ ଜଣେ ଦେବତା ଏକ ଝିଣ୍ଟିକା ରୂପରେ ଆସିଲେ।

ସେତେବେଳେ ଗୋଟିଏ ଅଜଣା ଜୁଆଙ୍ଗ ପଲ୍ଲୀରେ ଗୋଟିଏ ଗରିବ ଲୋକ ରହୁଥାଏ। ତାକୁ ବହୁତ ବୟସ ହୋଇଯାଇଥାଏ। କାମ ଦାମ କରି ଜୀବିକା ଅର୍ଜନ କରିବାର ଶକ୍ତି ତାର ନଥାଏ। ତେଣୁ ସେ ସକାଳୁ ଉଠି ଗାଁକୁ ଗାଁ ବୁଲି ଭିକ ମାଗେ। ଯାହାପାଏ ତାକୁ ଆଣି ତା କୁଡ଼ିଆରେ ରାନ୍ଧିବାଢ଼ି ଖାଇ କଷ୍ଟେ ମଷ୍ଟେ ଚଳିଯାଏ।

ଦିନେ ସେ ସକାଳୁ ଘରୁ ବାହାରି ଅନେକ ଗାଁ ବୁଲି ଭିକ ମାଗିବାକୁ ଗଲା। ସେତେବେଳେ ବର୍ଷା ଋତୁ ଆରମ୍ଭ ହୋଇଥାଏ। ଲୋକେ ଘରୁ ବାହାରି ଚାଷ କରିବାକୁ ବା ଫଳମୂଳ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇ ପାରୁନଥାନ୍ତି। ବର୍ଷା ଚାରିମାସ ସବୁବେଳେ ସେମାନେ ଅଭାବ, ଅନାଟନ, ଅନାହାର ବା ଅର୍ଦ୍ଧାହାରରେ କଟାଇଥାନ୍ତି। ଏଇ ଝଡ଼ି ବରଷା ସମୟରେ ଭିକାରୀଟି ଭିକ ପାଇଲାନି। ଶ୍ରାନ୍ତ କ୍ଳାନ୍ତ ଅସହାୟ ଅବସ୍ଥାରେ ନିଜ ଗାଁକୁ ବାହୁଡ଼ିଲା। ଜଙ୍ଗଲ

ଭିତର ଦେଇ ଆସିବା ବେଳେ ଏକ କୁଡ଼ିଆ ଘର ଦେଖି ଥକ୍କା ମାରିବାକୁ ଘରର ବାରଣ୍ଡାରେ ଟିକେ ବସି ପଡ଼ିଲା ଓ ପାଟିକରି କହିଲା "ଘର ଭିତରେ କିଏ ଅଛ, ପାଣି ମୁନ୍ଦାଏ ଦିଅ।"

ଭିକାରୀର ପାଟି ଶୁଣି ଘର ଭିତରୁ ବୁଢ଼ୀଟିଏ ବାହାରି ଆସିଲା। ଭିକାରୀକୁ ପାଣି ପିଇବାକୁ ଦେଲା। କହିଲା "ଆମ ଘରେ ତିନିଦିନ ହେଲା କିଛି ଖାଇବାକୁ ନାହିଁ। ଭୋକ ଉପାସରେ ପଡ଼ିପଡ଼ି ମୋର ପୁଅ ଓ ବୋହୂମାନେ ଫଳମୂଳ ସଂଗ୍ରହ କରିବାକୁ ଯାଇଛନ୍ତି। ତମକୁ ମୁଁ କଣ ବା ଦେଇପାରିବି। ହଉ ତମେ ବସିଥା ମୁଁ ଯାଇଁ ଦେଖୁଚି କ'ଣ ଅଛି।" ବୁଢ଼ୀ ତା ଘରର ଗୋଟିଏ ମାଠିଆ ଭିତରେ ଦି ମୁଠା ଚାଉଳ ଓ ମୁଠାଏ ମହୁଲ ଫୁଲ ଗୋଟିଏ କନା ପୁଡ଼ିଆରେ ବାନ୍ଧି ଲୁଚେଇ ରଖିଥିଲା। ନିହାତି କଷ୍ଟ ସମୟ ପଡ଼ିଲେ ତାକୁ କାଢ଼ିଥାନ୍ତା। ଭିକାରୀଟିର ଅବସ୍ଥା ଦେଖି ତା ମନରେ ଦୟାଭାବ ଆସିଯାଇଥିଲା। ସେ ଭାବିଲା ତାର ପିଲାମାନେ କେବେ ଖାଲି ହାତରେ ଘରକୁ ଫେରିବେନି। ନିଶ୍ଚୟ ସାଙ୍ଗରେ କିଛି ନା କିଛି ନେଇ ଆସିବେ। ତାକୁ ସେ ରାନ୍ଧି ଖାଇ ତାର ତିନି ଦିନର ଭୋକ ମେଣ୍ଟେଇବ। ହେଲେ ସେମିତି ଆଣି ଦବାକୁ ବିଚରା ଭିକାରୀ ବୁଢ଼ାର କେହି ନିଜର ଲୋକ ନାହାନ୍ତି। ସେ କଅଣ ବା ଖାଇବାକୁ ପାଇବ। ସେ ପରଘରୁ ମାଗି ଖାଇ ଚଳୁଚି। ଏ ଅଭାବ ସମୟରେ ସମସ୍ତେ ତାକୁ ଦୁଆରରୁ ଖାଲି ହାତରେ ଫେରେଇ ଦେଲେ। ତାର କିଏ ଆଉ ଅଛି ଯେ ଖାଇବାକୁ ଦେବ। ତେଣୁ ଏ ଖାଦ୍ୟ ପୁଡ଼ିଆ ସେ ଭିକାରୀ ବୁଢ଼ାକୁ ଦେଇଦେବ। ତା ନିଜ କଥା ବୁଝିବାକୁ ତାର ପିଲାମାନେ ଅଛନ୍ତି। ଭିକାରୀର କେହି ନାହାନ୍ତି ତେଣୁ ତାକୁ ଏତକ ଦେଇଦେଲେ ସେ ସେତକ ଖାଇ ଆଜି ଦିନଟା ଅନ୍ତତଃ ଚଳିଯିବ।

ଦୟାଳୁ ବୁଢ଼ୀ ନିଜର ତିନି ଦିନର ଭୋକ ଉପାସ କଥା ଭୁଲିଗଲା। ପୁଡ଼ିଆଟି ଧରି କୁଡ଼ିଆ ଭିତରୁ ବାହାରକୁ ଆସିଲା। ଭିକାରୀ ହାତକୁ ପୁଡ଼ିଆଟି ବଢ଼େଇ ଦେଲା। କହିଲା "ଦୁର୍ଦ୍ଦିନ ପାଇଁ ଏତିକି ଲୁଚେଇ ରଖିଥିଲି। ଏଥିରେ ତୁମର ଆଜି ଦିନଟା ଚଳିଯିବ। ଯାକୁ ନେଇ ଚାଲିଯାଅ।"

ଭୋକ ଆଉ ହତାଶାର ଅନ୍ଧାର ଭିତରେ ଉବୁଟୁବୁ ହେଉଥିବା ଭିକାରୀ ପୁଡ଼ିଆଟି ପାଇବା ପରେ ଖୁସିରେ ଆତ୍ମହରା ହୋଇଗଲା। ଧରମ ଦେବତା ତମର

ମଙ୍ଗଳ କରନ୍ତୁ ବୋଲି ବୁଢ଼ୀକୁ କହି ଘରକୁ ଫେରି ଆସିଲା । ଘରେ ପହଞ୍ଚି ପୁଡ଼ିଆଟି ଖୋଲି ଦେଖିଲା । ଭାବିଲା ଏବେ ତ ଅଭାବ ସମୟ ଚାଲିଛି । ସବୁତକ ଏକାଥରେ ଖାଇଦେଲେ ବି ତାର ଭୋକ ମେଣ୍ଟିବ ନାହିଁ । କିନ୍ତୁ ଆଜି ସବୁତକ ଏକଥରକେ ଖାଇ ଦେଲେ କାଲି ଯଦି କିଛି ନ ମିଳିଲା ତେବେ କଣ କରିବ ? ତେଣୁ ଆଜି ଚାଉଳ ବା ମହୁଲ ଯେକୌଣସି ଗୋଟିଏ ଖାଇବ । ଆଉ ଯୋଉ ଗୋଟିକ ବଳିବ ତାକୁ ସେ କାଲି ଖାଇବ । ତେବେ ଆଜି କୋଉଟା ରାନ୍ଧି ଖାଇବ ? ଚାଉଳ ନା ମହୁଲ ?



ସେଇ ସମୟରେ ଝିଣ୍ଟିକା ରୂପଧାରୀ ଦେବତା ସେଠି ଆସି ପହଞ୍ଚିଲେ । ସେତେବେଳେ ସତ୍ୟ ଓ ଧର୍ମ୍ମର ଯୁଗ ଚାଲିଥାଏ । ଜୀବଜନ୍ତୁ କୀଟ ପତଙ୍ଗ ଆଦି ସବୁ ପ୍ରକାର ପ୍ରାଣୀ ମାନଙ୍କର ମଣିଷ ପରି କଥା କହିବାର ଶକ୍ତି ଥାଏ । ଝିଣ୍ଟିକା ଭିକାରୀକୁ ପଚାରିଲା "ଭାଇ କଣ କରୁଛ ?" ଝିଣ୍ଟିକା କଥା ଶୁଣି ଭିକାରୀ ଚିଡ଼ିଯାଇ କହିଲା "ଧେତ୍ ତୁ ଏତିକିବେଳେ ଆସି ମତେ ବ୍ୟସ୍ତ କରନା । ତୁ କଣ ଦେଖିପାରୁ ନାହୁଁ ଉପାସ ରହି ରହି ଭୋକରେ ମୋର ପ୍ରାଣ ଚାଲିଯିବା ଉପରେ । କଣ ଟିକେ ରାନ୍ଧି ନ ଖାଇଲେ ମୋର ଜୀବ ଛାଡ଼ିଯିବ ।"

ଝିଣ୍ଟିକା କହିଲା "ତମେ ଏଇ ଜୀବ ଛାଡ଼ିଯିବ ବୋଲି ଗୋଟେ ନୂଆକଥା କହିଲ ଯେ ତା ଅର୍ଥ କ'ଣ ଜାଣିଚ ? ତାର ଅର୍ଥ ହେଉଚି ମରଣ ।" ଭିକାରୀ କହିଲା "ମରଣ ? ମରଣ କଣ ? ସେ କେମିତିକା ଜିନିଷ ମୁଁ ତ ଜାଣିନି ।"

ଝିଣ୍ଟିକା ଉତ୍ତର ଦେଲା "ତମେ ସିନା ମରଣ କଣ ଜାଣିନ । ହେଲେ ମୁଁ ଜାଣିଛି । ତମେ ଦେଖିବାକୁ ଚାହୁଁଚ ମରଣ କେମିତି ହୁଏ ? କହିଲେ ମୁଁ ସାଙ୍ଗେ ସାଙ୍ଗେ ତମକୁ ଏଇନେ ଦେଖେଇ ଦେଇ ପାରିବି ।" ଝିଣ୍ଟିକା କଥା ଶୁଣି ଭିକାରୀ ମନରେ କୌତୁହଳ ଜାତ ହେଲା । "ହଉ ମରଣ କେମିତି ହୁଏ ମତେ ଟିକେ ଜଣେଇ ଦେଲୁ ?" ସେ କହିଲା ।

ଝିଣ୍ଟିକା ଚାଳ ଉପରକୁ ଚଢ଼ିଯାଇ ସେଠୁ ତଳକୁ ଡେଇଁ ପଡ଼ିଲା । ମାଟି ଉପରେ ପଡ଼ି ତାର ଶରୀର ଖଣ୍ଡ ଖଣ୍ଡ ହୋଇଗଲା । ଗୋଡ଼ହାତ ମୁଣ୍ଡ ସବୁ ଛିଣ୍ଡିଯାଇ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଲା । ସେ ସବୁରେ ଜୀବନ ନ ଥିଲା । କିଛିସମୟ ପରେ ସେ ସବୁପୁଣି ଏକାଠି ଯୋଡ଼ି ହୋଇଗଲା । ନିର୍ଜୀବ ଶରୀରରେ ଜୀବନର ସଂଚାର ହେଲା । ଝିଣ୍ଟିକା ଝାଡ଼ି ଝୁଡ଼ି ହୋଇ ଉଠି ବସିଲା ।



ଭିକାରୀ ବୁଢ଼ା ଆଶ୍ଚର୍ଯ୍ୟ ଚକିତ ହୋଇ ଏସବୁ ଘଟଣା ଦେଖୁଥାଏ । ସେ କିଛି ବୁଝିପାରୁ ନଥାଏ । ଝିଣ୍ଟିକା ମୁରୁକି ହସମାରି ଭିକାରୀକୁ ଅନେଇଲା ଆଉ କହିଲା "ଦେଖିଲ ତ ମରଣ କେମିତି ହୁଏ । ଏଥରକ ତମେ ମୋ ପରି କରିବାକୁ ଚେଷ୍ଟାକର ନିଜେ ଅନୁଭବ କରିପାରିବ ମରଣ କଣ ବୋଲି ।"

ଭିକାରୀ ବୁଢ଼ା କୌତୂହଳୀ ହୋଇ ସେମିତି କରିବାକୁ ରାଜି ହେଲା । ସେ ତାର ଘରର ଉଚ୍ଚପିଣ୍ଡା । ଉପରେ ଠିଆ ହୋଇ ତଳକୁ ଡେଇଁ ପଡ଼ିଲା । ତଳେ ପଡ଼ି ତାକୁ ଖୁବ୍ କଷ୍ଟ ହେଲା । କିନ୍ତୁ ଝିଣ୍ଟିକା ପରି ତାର ଶରୀର ଖଣ୍ଡ ଖଣ୍ଡ ହେଲାନାହିଁ । ଏଇ ସମୟରେ ଝିଣ୍ଟିକା ବେଶଧାରୀ ଛଦ୍ମବେଶୀ ଦେବତା ଏକ ବିରାଟକାୟ ଝିଣ୍ଟିକା ହୋଇ ତାଙ୍କର ଶକ୍ତ ଗୋଡ଼ରେ ଭିକାରୀ ବୁଢ଼ାର ଶରୀରରେ ଏକ ବଜ୍ରପରି ପ୍ରଚଣ୍ଡ ପାହାର ପକେଇଲେ । ସେ ଆଘାତ ସହି ନପାରି ଭିକାରୀ ବୁଢ଼ାର ଶରୀର ଖଣ୍ଡ ଖଣ୍ଡ ହୋଇଗଲା ଓ ତାର ଜୀବନ ଛାଡ଼ିଗଲା । ସେଇଦିନଠୁ ପୃଥିବୀରେ ମରଣ ପ୍ରବେଶ କଲା ।



# ମୃତ୍ୟୁର ଆଗମନ (୩)

## ମହାପରବୁଙ୍କ ଲୀଳା



ଆଦିମ କାଳର କଥା। ଧରମ ଦେବତା ପୃଥିବୀ ସର୍ଜନା କଲେ। ମଣିଷ ଜୀବଜନ୍ତୁ, ବୃକ୍ଷଲତା, ନଈ, ନାଳ, ପାହାଡ଼ ଆଦି ତିଆରି କଲେ। ସେତେବେଳେ ମଣିଷମାନେ ଥିଲେ ଅମର। ସମୟ କ୍ରମେ ମଣିଷମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଲା। ବଢ଼ନ୍ତା ଲୋକ ସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପ୍ରାକୃତିକ ସନ୍ତୁଳନ ରକ୍ଷା କରାଯାଇ ପାରିବ ସେ ବିଷୟରେ ଧରମ ଦେବତା ଖୁବ୍ ଚିନ୍ତାରେ ପଡ଼ିଲେ। ସେ ଦେବତାମାନଙ୍କ ସଙ୍ଗେ ଏ ସମସ୍ୟା ଉପରେ ଦୀର୍ଘ ବିଚାର ଆଲୋଚନା କରି ଏକ ଉପାୟ ବାହାର କଲେ। ଏହାର ନାମ ହେଲା ମୃତ୍ୟୁ। ଏମିତି ମୃତ୍ୟୁକୁ ସୃଷ୍ଟି କରାଗଲା ଓ ତାକୁ ପୃଥିବୀକୁ ପଠାଇବା ପାଇଁ ଗୋପନୀୟ ଯୋଜନା ମଧ୍ୟ ପ୍ରସ୍ତୁତ କରାଗଲା।

ପୃଥିବୀ ପୃଷ୍ଠର ଏକ ଘନ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳରେ ଥାଏ ଗୋଟିଏ ଅଜଣା ଜୁଆଙ୍ଗ ବସ୍ତି। ସେଇ ବସ୍ତିରେ ବୁଢ଼ାବୁଢ଼ୀ ଦିଜଣ କୁଡ଼ିଆ କରି ରହୁଥାନ୍ତି। ତାଙ୍କର ଥାଆନ୍ତି ସାତଟି ଭେଣ୍ଡା ପୁଅ, ବୋହୂ ଆଉ ଗୋଟିଏ ଛୋଟ

ନାତି। ନାତିଟି ହେଉଚି ବଡ଼ ପୁଅ ଆଉ ବଡ ବୋହୂଙ୍କ ପିଲା। ଅନ୍ୟ ଛ ପୁଅ ଆଉ ବୋହୂଙ୍କର ସେ ପର୍ଯ୍ୟନ୍ତ କିଛି ପିଲାପିଲି ହେଇନଥାନ୍ତି।

ପରିବାରର ସମସ୍ତେ କାମଧନ୍ଦା କରି ସୁରୁଖୁରୁରେ ଚଳୁଥିଲେ। କମଣ ଚାଷକରି, ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଓ ଶିକାର କରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର କୌଣସି ଅଭାବ ନଥିଲା, ହସଖୁସିରେ ସେମାନଙ୍କ ଦିନ କଟିଯାଉଥିଲା। କଅଁଳିଆ ଛନଛନ ନାତିଟୋକାଟିକୁ ସମସ୍ତେ ଏତେ ଭଲପାଉଥିଲେ ଯେ ସତେ ସେ ଯେମିତି ଥିଲା ପରିବାରର ପ୍ରାଣକେନ୍ଦ୍ର, ସମସ୍ତଙ୍କ ଆଦରର ଗଣ୍ଠିଧନ। ବିଶେଷକରି ବୁଢ଼ାବୁଢ଼ୀଙ୍କ ଜୀବନ ନାତିଟୋକା ଉପରେ ଅଟକି ରହିଥିଲା। ତା ସାଙ୍ଗରେ ଖେଳି ତାକୁ ଗେଲ କରିକରି ତାଙ୍କର ସମୟ କଟି ଯାଉଥିଲା। ବେଳେବେଳେ ସେମାନେ ଭାବୁଥିଲେ ଯେ ଯଦି ଏ ନାତି ଟୋକାଟି ନଥାନ୍ତା ସେମାନେ କେମିତି ବଞ୍ଚିଥାନ୍ତେ।

ଉପରେ ଥାଇ ଧରମ ଦେବତା ଏସବୁ ଦେଖିପାରୁଥିଲେ। ଦିନେ ସେ ଜଣେ ଦେବୀଙ୍କୁ ପାଖକୁ ଡକାଇ କହିଲେ "ଟିକେ ତଳକୁ ଅନେଇଁ ଦେଖ, ସେ ଜୁଆଙ୍ଗ ପଲ୍ଲୀରେ ଯୋଉ କଅଁଳିଆ କୁନି ପିଲାଟି ତାର ଜେଜେବାପା ଓ ମାଙ୍କ ସାଙ୍ଗରେ ଖେଳୁଚି ତାକୁ ଦେଖିପାରୁଚ ତ?" ଦେବୀ ତଳକୁ ଅନେଇଁ ପିଲାଟିକୁ ଦେଖିଲେ। ଡଉଲ ଡାଉଲ ସୁନ୍ଦର ପିଲାଟିଏ। ତାଙ୍କର ହୃଦୟ ମମତାରେ ଭରିଗଲା। ଧରମ ଦେବତା ପୁଣି କହିଲେ "ଏବେ ତମେ ଛଦ୍ମବେଶରେ ସେଠିକି ଯାଅ। ମୋର ସେ କୁନିପିଲାଟି ସାଙ୍ଗେ ଖେଳିବାକୁ ଇଚ୍ଛା ହେଉଛି। ତମେ ଯାଇ କୌଣସି ପ୍ରକାରେ ସେ ପିଲାଟିକୁ ମୋ ପାଖକୁ ନେଇଆସ।"

ଏ କଥା ଶୁଣି ଦେବୀ ଚମକି ପଡ଼ିଲେ। ତାଙ୍କ ମନରେ ଧରମ ଦେବତାଙ୍କ ଉଦ୍ଦେଶ୍ୟ ବିଷୟରେ ଆଶଙ୍କା ଜାତହେଲା। ସେ ପ୍ରକାଶ୍ୟରେ କହିଲେ "ଏହା ସମ୍ଭବ ହେଲାପରି ଲାଗୁନାହିଁ। ତାର ବାପା ମା ଜେଜେ, ଜେଜେମା ତାକୁ ମୁହୂର୍ତ୍ତକ ପାଇଁ ତାଙ୍କ ଆଖି ଆଢୁଆଳରୁ ଛାଡ଼ିଦେଉ ନାହାନ୍ତି। ତାଙ୍କ ଆଖିକୁ ଧୁଳିଦେଇ ପିଲାଟିକୁ କେମିତି ଆଣିବି? ପୁଣି ଯଦିବା କୌଣସି ପ୍ରକାରେ ଆଣି

ପାରିଲି ତେବେ ଏତେ କଅଁଳ ଶିଶୁଟି କଣ ମୋ ସାଙ୍ଗରେ ଏତେବାଟ ଆସି ଆପଣଙ୍କ ପାଖେ ସଶରୀରେ ପହଞ୍ଚି ପାରିବ ?"

ଧରମ ଦେବତା ଜିଦ୍‌ଧରି କହିଲେ "ନାଁ ମୁଁ ତୁମର କୌଣସି ଆପତ୍ତି ଶୁଣିବି ନାହିଁ। ଯେମିତି ହେଲେ ମୋର ସେ ପିଲାଟି ଦରକାର। ତମକୁ ଯାଇ ସେ ପିଲାଟିକୁ ଆଣିବାକୁ ପଡ଼ିବ। କେମିତି ଆଣିବ ସେ କଥା ତମେ ବୁଝିବ।"

ଦେବୀ ଧର୍ମସଙ୍କଟରେ ପଡ଼ିଲେ। କୁନି ପିଲାଟି କଥା ଭାବିଲେ ଆଉ ତାର ପରିବାରର ଲୋକଙ୍କର ତା ପ୍ରତି ଆଦରର କଥା ଚିନ୍ତାକଲେ। ପିଲାଟିକୁ ଆଣିବାକୁ ତାଙ୍କ ବିବେକ ତାଙ୍କୁ ବାଧା ଦେଉଥିଲା। ଏଣେ ଧରମ ଦେବତାଙ୍କ ଆଦେଶ ତାକୁ ଯେମିତି ହେଲେ ଆଣିବାକୁ। ତାହା ସେ ଅମାନ୍ୟ କରିପାରିବେ ନାହିଁ। ନିରୁପାୟ ହୋଇ ସେ ପୃଥିବୀକୁ ଆସିଲେ।

ପୃଥିବୀକୁ ଆସି ଦେବୀ ଏକ ବୁଢ଼ୀ ବେଶ ଧରିଲେ। ଥର ଥର ବୁଢ଼ୀଟିଏ ହୋଇ; ବାଡ଼ିଟିଏ ଧରି, ଧୀରେ ଧୀରେ ଚାଲି ଚାଲି, କୁନି ପିଲାଟିର ଘରକୁ ଆସିଲେ। ସେ ଘରେ ଯୋଉ ବୁଢ଼ାବୁଢ଼ୀ ଦିଜଣ ଥାଆନ୍ତି ତାଙ୍କର ପୁଅ ଓ ବୋହୂମାନେ ଜଙ୍ଗଲକୁ ଫଳମୂଳ ସଂଗ୍ରହ କରିବାକୁ ଯାଇଥାନ୍ତି। ଘରେ ଥାଆନ୍ତି ଖାଲି ବୁଢ଼ା ବୁଢ଼ୀ ଦିଜଣ ଆଉ ତାଙ୍କ ଅତି ଆଦରର ଅଲିଅଳ ନାତି ଟୋକାଟି। ଖୁବ୍ ସୁନ୍ଦର ଆଉ ଡଉଲ ଡାଉଲ ନାତି ଟୋକାଟି ଦାଣ୍ଡରେ ଖେଳୁଥାଏ। ଆଉ ବୁଢ଼ା ବୁଢ଼ୀ ଦିଜଣ ଦାଣ୍ଡ ବାରଣ୍ଡାରେ ବସି ତାଙ୍କ ଆଦରର ନାତିଟିକୁ ଦେଖୁଥାନ୍ତି।

ଏ ଦୃଶ୍ୟ ଦେଖି ବୁଢ଼ୀ ବେଶରେ ଆସିଥିବା ଦେବୀଙ୍କ ହୃଦୟ ବାତ୍ସଲ୍ୟ ମମତାରେ ଭରିଗଲା। ସେ ଦେଖିଲେ ନାତିଟି ଯେମିତି ପରିବାରର ଓ ବିଶେଷକରି ବୁଢ଼ା ବୁଢ଼ୀ ଦିଜଣଙ୍କ ଜୀବନର ଧନ। ତା ବିନା ସେମାନେ ଘଡିଏ ବି ପ୍ରାଣଧରି ରହିପାରିବେ ନାହିଁ। ତାକୁ ଯଦି ସେ ହରଣ କରି ନେଇଯିବେ ତେବେ ସେମାନେ ସମସ୍ତେ ତାକୁ ଝୁରି ଝୁରି ମରିଯିବେ। ତେଣୁ ସେ ଏ ନିଷ୍ଠୁର କାର୍ଯ୍ୟ କରିପାରିବେ ନାହିଁ। ବରଂ ସେ ଧରମ ଦେବତାଙ୍କ ପାଖକୁ ଫେରିଯିବେ ଓ ତାଙ୍କୁ ନେହୁରା ହୋଇ କହିବେ ତାଙ୍କର ଆଜ୍ଞା ଫେରେଇ ନେବାକୁ।

ଏହା ମନେମନେ ଚିନ୍ତାକରି ଦେବୀ ଫେରିଗଲେ । ଧରମ ଦେବତାଙ୍କୁ ସବୁକଥା ବୁଝେଇ, ବିକଳ ହୋଇ ନିବେଦନ କଲେ ତାଙ୍କ ଆଦେଶ ଫେରେଇ ନେବାକୁ । ଧରମ ଦେବତା ନିଜ ଜିଦ୍‌ରେ ଅଟଳ ରହିଲେ । ପୁଣି ଦେବୀ କହିଲେ "ପୃଥିବୀ ଠାରୁ ସ୍ୱର୍ଗ ବହୁତ ଦୂର । ଏତେ କୁନି ପିଲାଟିଏ କ'ଣ ଏତେବାଟ ମୋ ସାଙ୍ଗରେ ଆସି ଏଠି ପହଞ୍ଚି ପାରିବ ? ଆପଣ ଯଦି ମତେ ବାଧ କରୁଛନ୍ତି ତାକୁ ଏଠିକି ଯେମିତି ହେଲେ ନେଇ ଆସିବାକୁ ତେବେ କେମିତି ତାକୁ ଏତେଦୂର ଆଣି ଆପଣଙ୍କ ପାଖରେ ପହଞ୍ଚେଇବି ତାର ଉପାୟ ଦୟାକରି ବତେଇ ଦିଅନ୍ତୁ ।"

ଧରମ ଦେବତା ମହାପରବୁ ଦେବୀଙ୍କ କଥା ଶୁଣି ଚିଡି ଉଠିଲେ । ସେ ଜାଣି ପାରିଲେ ଏ କାମ ନ କରିବାକୁ ଦେବୀ ବାହାନା ଖୋଜୁଛନ୍ତି । ମହାପରବୁ କହିଲେ "ତମେ ଏକଥା ମତେ ଆଗରୁ ମଧ କହିସାରିଚ । ମୁଁ ତମର କୌଣସି ବାହାନା ଶୁଣିବି ନାହିଁ । ତମେ ଶୀଘ୍ର ଯାଇ ମତେ ପିଲାଟିକୁ ଆଣିଦିଅ । ଆଉ ଏଥର ତମେ ଯେମିତି ଖାଲି ହାତରେ ଫେରିନଆସ ।" ଦେବୀ ମହାପରବୁଙ୍କ କ୍ରୋଧ ଦେଖି ଆତଙ୍କିତ ହୋଇଗଲେ । ସେ ଖୁବ୍ ବିନୟ ହୋଇ ହାତଯୋଡ଼ି କହିଲେ "ହେ ମହାପରବୁ ! ଆପଣ ଏ ଜଗତର ସ୍ରଷ୍ଟା । ଆପଣ କେଉଁ ଉଦ୍ଦେଶ୍ୟରେ ମତେ ଏପରି ନିଷ୍ଠୁର କାର୍ଯ୍ୟ କରିବାକୁ ଆଜ୍ଞା ଦେଉଛନ୍ତି ତାହା କେବଳ ଆପଣଙ୍କୁ ଜଣା । ତେବେ ମତେ କୌଣସି ବୁଦ୍ଧିବାଟ ଦେଖାଯାଉ ନାହିଁ ବୋଲି ମୁଁ ଆପଣଙ୍କୁ ମାର୍ଗଦର୍ଶନ କରିବାକୁ ଅନୁରୋଧ କରୁଛି । ଆପଣ ମତେ ଉପାୟ ବତାଇ ଦେଲେ ମୁଁ କାର୍ଯ୍ୟଟି ସୁରୁଖୁରୁରେ କରିପାରନ୍ତି । ଆପଣଙ୍କ ଆଜ୍ଞାକୁ ଅବଜ୍ଞା କରିବାର ଶକ୍ତି ମୋର ନାହିଁ ।"

ଦେବୀଙ୍କ ଗୁହାରି ଶୁଣି ମହାପରବୁ ଶାନ୍ତ ହେଲେ । ସେ ଚୁପ୍ ହୋଇ କିଛିସମୟ ଚିନ୍ତାକଲେ । ତାପରେ ଦେବୀଙ୍କ କାନରେ ମୁହଁ ଲଗାଇ ଫୁସ୍ ଫୁସ୍ ହୋଇ କ'ଣ କହିଲେ "ମୁଁ ତୁମକୁ ଯେଉଁ କଥା କହିଲି ତାକୁ ଗୁପ୍ତ ରଖିବ ଓ ସେଇ ଅନୁସାରେ କାମ କଲେ ତମେ ସଫଳ ହେବ । ଏଥର ତୁମେ ପୃଥିବୀକୁ ଯାଅ ଆଉ କାମଟି ସାରି ଯଥାଶୀଘ୍ର ଫେରିଆସ । ମୁଁ ତୁମ ଫେରିଆସିବା ବାଟକୁ ଅନେଇଁ ରହିଲି ।"

ଦେବୀଙ୍କ ପାଖରେ ଏଥିରୁ ମୁକୁଳିବା ପାଇଁ ଆଉ କୌଣସି ଉପାୟ ନଥିଲା। ସେ ଜାଣିଲେ ତାଙ୍କୁ ଏ କାମ ନିଶ୍ଚୟ କରିବାକୁ ପଡ଼ିବ। ଏ ନିଷ୍ଠୁର କାର୍ଯ୍ୟ ସମ୍ପାଦନ କରିବାକୁ ସେ ମାନସିକ ପ୍ରସ୍ତୁତି କରିନେଲେ ଓ ପୃଥିବୀପୃଷ୍ଠକୁ ଆସିଲେ। ପିଲାଟିର ଘର ପାଖକୁ ଆସି ଦେଖିଲେ ପିଲାଟି ଦାଣ୍ଡରେ ଧୂଳି ଖେଳରେ ବ୍ୟସ୍ତ। ତାର ଜେଜେ ଓ ମା ତାଙ୍କୁ ବାରଣ୍ଡା ଉପରୁ ଥାଇ ଦେଖୁଛନ୍ତି। କିଛି ସମୟପରେ କଣ କାମ ପଡ଼ିଲା ବୋଲି ବୁଢ଼ାବୁଢ଼ୀ ଦିଜଣ ଘର ଭିତରକୁ ଗଲେ। ପିଲାଟି ସେମିତି ବାହାରେ ଖେଳୁଥାଏ।

ଦେବୀ ଏମିତି ଏକ ସୁଯୋଗ ଖୋଜୁଥିଲେ। ଧରମ ଦେବତା ତାଙ୍କୁ କହିଥିବା ଗୁପ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାର ବେଳ ଆସିଗଲା ବୋଲି ସେ ଜାଣିଲେ। କିଛି ସମୟ ଅପେକ୍ଷା କରି ଦେଖିଲେ ବୁଢ଼ାବୁଢ଼ୀ ଘର ଭିତରେ ରହିଥାନ୍ତି, ବାହାରେ ପିଲାଟି ବ୍ୟତୀତ ଆଉ କେହି ନ ଥାନ୍ତି।

ଦେବୀ ନିଜକୁ ଏକ ବିରାଟକାୟ କାଳିଗାଈରେ ପରିଣତ କଲେ। ତୀବ୍ର ବେଗରେ ଦୌଡ଼ିଆସି ଖେଳୁଥିବା ପିଲାଟିକୁ ଶିଙ୍ଗରେ କେଞ୍ଚି ମାରିଦେଲେ ଓ ସେଠାରୁ ଚାଲିଯାଇ ଅଦୃଶ୍ୟଭାବେ ଦୂରରେ ରହି ଦେଖିଲେ।

ଗାଈ ପିଲାଟିକୁ ଆକ୍ରମଣ କଲାବେଳେ ପିଲାଟି ଖୁବ୍ ଜୋରରେ ଚିତ୍କାର କରିଥିଲା। ତାର ଆକୁଳ ଚିତ୍କାର ଶୁଣି ବୁଢ଼ାବୁଢ଼ୀ ଦିଜଣ ଘର ଭିତରୁ ବାହାରକୁ ଧାଇଁ ଆସିଲେ, କିନ୍ତୁ ସେତେବେଳକୁ ସବୁ ଶେଷ। ପିଲାଟିର ନିର୍ଜୀବ ଶରୀର ଧୂଳିରେ ଲୋଟୁଥିଲା। ଏ ଦୃଶ୍ୟ ଦେଖି ବୁଢ଼ାବୁଢ଼ୀଙ୍କର ଛାତି ଫାଟିଗଲା। ଦୁଃଖରେ କାନ୍ଦି କାନ୍ଦି ସେମାନେ ମୃତପ୍ରାୟ ହୋଇଗଲେ। ସନ୍ଧ୍ୟାବେଳକୁ ତାଙ୍କର ପୁଅବୋହୂମାନେ ଜଙ୍ଗଲରୁ ଫେରିଆସି ଏସବୁ ଜାଣିଲେ। ପିଲାଟିର ମୃତ ଶରୀରକୁ ଧରି କାନ୍ଦିକାନ୍ଦି ସାରା ପରିବାର ଧୂଳିରେ ଗଡ଼ିବାକୁ ଲାଗିଲେ।

ଦେବୀ ଅଦୃଶ୍ୟଭାବେ ରହି ସବୁ ଦେଖୁଥାନ୍ତି। ସେ ମଧ୍ୟ ଦୁଃଖରେ ମ୍ରିୟମାଣ ହୋଇଯାଇଥାନ୍ତି। ଏପରି ନିଷ୍ଠୁର କାମ କରିଥିବା ଯୋଗୁ ମନେ ମନେ ନିଜକୁ ଧିକ୍କାର କରୁଥାନ୍ତି, କିନ୍ତୁ କ'ଣ କରିବେ ଧରମ ଦେବତାଙ୍କ ଆଜ୍ଞା ପାଳନ କରିବାକୁ ଯାଇ ବାଧହୋଇ ତାଙ୍କୁ ଏ କାମ କରିବାକୁ ପଡ଼ିଛି।

ଅନେକ ସମୟ କନ୍ଦାକଟା କରିବା ପରେ ପିଲାଟିର ପରିବାରର ଲୋକମାନେ ପିଲାର ଶବଟିକୁ ନେଇ ଜଙ୍ଗଲରେ ଫୋପାଡ଼ି ଦେଇ ଆସିଲେ। ଦେବୀ ତାଙ୍କ ପଛେ ପଛେ ଯାଇ ସେମାନେ ଫେରିଆସିବା ପରେ ପିଲାର ଶବକୁ ନେଇ ଆସିଲେ ଓ ତାକୁ ଧରି ଧରମ ଦେବତାଙ୍କ ପାଖକୁ ଆସିଲେ। ଧରମ ଦେବତା ପିଲାର ମୃତଶରୀର ଦେଖି ଖୁସିହୋଇଗଲେ। ତାଙ୍କ କଥାମାନି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଦେବୀଙ୍କୁ ଅନେକ ପ୍ରଶଂସା କଲେ। ନିଜର ଦିବ୍ୟଶକ୍ତି ଦ୍ୱାରା ମୃତ ଶିଶୁଟିକୁ ଜୀବଦାନ ଦେଲେ।

ପିଲାଟି ଜୀବଦାନ ପାଇ ଝାଡ଼ିଝୁଡ଼ି ହୋଇ ଉଠିବସିଲା ଓ ନିଜକୁ ଏକ ଭିନ୍ନ ପରିବେଶରେ ଦେଖି ଭୟଭୀତ ହେଲା। ତାର ନିଜର ଜେଜେ ମା ଓ ବାପା ବୋଉ ଆଦିକୁ ନଦେଖି ବିକଳ ହୋଇ କାନ୍ଦିଲା। ଧରମ ଦେବତା ତାକୁ କୋଳକୁ ନେଇ ଅନେକ ବୁଝାସୁଝା କଲେ, ତାକୁ ଅନେକ ପ୍ରକାରର ଭଲ ଭଲ ଜିନିଷ ସବୁ ଖାଇବାକୁ ଦେଲେ, ଅନେକ ଖେଳନା ଦେଲେ ଖେଳିବାକୁ ଓ ପାଖରେ ବସେଇ ମଜାଗପ କହିଲେ।

ଧୀରେଧୀରେ ପିଲାଟି ବୁଝିଗଲା। ମହାପରବୁଙ୍କ ସ୍ନେହପୂର୍ଣ୍ଣ ବ୍ୟବହାରରେ ତାର ମନ ପରିବର୍ତ୍ତନ ହୋଇଗଲା। ଧୀରେଧୀରେ ସେ ନିଜର ଆତ୍ମୀୟମାନଙ୍କ କଥା ପାଶୋରିଯାଇ ମହାପରବୁଙ୍କ ସାଙ୍ଗେ ମିଶିଗଲା। ଧରମ ଦେବତା କଅଁଳିଆ ପିଲାଟିକୁ ଦେଖିବାବେଳୁ ତାକୁ ଏତେ ଭଲପାଇଯାଇଥିଲେ ଯେ ତାକୁ ମୁହୂର୍ତ୍ତେ ମଧ୍ୟ ଛାଡ଼ିବାକୁ ଇଚ୍ଛା କରୁନଥିଲେ। ପିଲାଟି ତାଙ୍କ ସାଙ୍ଗେ ମିଶିଯିବାପରେ ତାକୁ ଛାତିରେ ଜାକିଧରି ଅନେକ ଗେଲକଲେ। ସୁନ୍ଦର ସୁନ୍ଦର କାହାଣୀମାନ ଶୁଣେଇଲେ। କେତେ ଭଲ ଭଲ ଜିନିଷ ସବୁ ଖୁଆଇଲେ। ଧରମ ଦେବତା ପିଲାଟିକୁ ପାଇ ସବୁକଥା ଭୁଲିଗଲେ। ସୃଷ୍ଟିକର୍ତ୍ତା ହିସାବରେ ଏ ବିଶ୍ୱବ୍ରହ୍ମାଣ୍ଡର ସୁପରିଚାଳନା ପାଇଁ ତାଙ୍କର ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ କଥା ଭୁଲିଯାଇ ପିଲାଟି ସାଙ୍ଗରେ ଖେଳିବାରେ ମାତିଗଲେ। ଏଣେ ଅନ୍ୟାନ୍ୟ ଦେବାଦେବୀମାନେ ମନେ ମନେ ପ୍ରମାଦ ଗଣିଲେ। ବିଭିନ୍ନ କଥାନେଇ ସେମାନେ ମହାପରବୁଙ୍କ ପାଖକୁ ଯାଇ ତାଙ୍କର ଦେଖା ନପାଇ ନିରାଶ ହୋଇ ଫେରିଲେ। ସେମାନେ ଭାବିଲେ

ଯଦି ଏମିତି ଆଉକିଛି ଦିନ ଚାଲେ ତେବେ ବିଶ୍ୱର ଅବସ୍ଥା ଅସମ୍ଭାଳ ହୋଇପଡ଼ିବ। ସୃଷ୍ଟି ଲୋପ ହୋଇଯିବ।

ଏ ପରିସ୍ଥିତିରେ କଣ କରିବେ ବୋଲି ଦେବଗଣ ଏକାଠି ହୋଇ ବିଚାର କଲେ। ଯେଉଁ ଦେବୀ ଜଣକ ଧରମ ଦେବତାଙ୍କ ଆଜ୍ଞାରେ ଯାଇ ପିଲାଟିକୁ ପୃଥିବୀରୁ ଆଣିଥିଲେ ତାଙ୍କୁ ଡାକି ଦେବଗଣ ତାଙ୍କ ସାହାଯ୍ୟ ଲୋଡ଼ିଲେ। ତାଙ୍କୁ କହିଲେ "ବିଶ୍ୱକୁ ଧ୍ୱଂସମୁଖରୁ ରକ୍ଷା କରିବାପାଇଁ ଓ ମହାପରବୁଙ୍କୁ ପିଲାର ନିଶାଛଡ଼େଇ ସ୍ୱାଭାବିକ ଅବସ୍ଥାକୁ ଫେରେଇ ଆଣିବା ପାଇଁ ଆମେ ଆପଣଙ୍କୁ ଅନୁରୋଧ କରୁଛୁ। ଆପଣ କୌଣସି ପ୍ରକାରେ ଧରମ ଦେବତାଙ୍କ ଠାରୁ ସେ ପିଲାକୁ ଦୁରେଇ ନିଅନ୍ତୁ।"

ଦେବୀ ପୁଣି ଅଡୁଆରେ ପଡ଼ିଲେ। ସେ ଜାଣିଛନ୍ତି ଯେ ଧରମ ଦେବତାଙ୍କ ଜିଦ୍‌ଯୋଗୁ ସେ କେମିତି ଏ ନିଷ୍ଠୁର କାମ କରିଛନ୍ତି। ପୁଣି ପିଲାଟିକୁ ଧରମ ଦେବତାଙ୍କ ପାଖରୁ ଛଡେଇ ନେବେ କେମିତି ? ମହାପରବୁ ପିଲାଟିର ପ୍ରେମରେ ଏମିତି ମଜ୍ଜି ଯାଇଛନ୍ତି ଯେ ତାକୁ ସେ ଘଡ଼ିଏ ବି ଛାଡ଼ିବାକୁ ନାରାଜ। ଏପରି ପରିସ୍ଥିତିରେ ପିଲାଟିକୁ ତାଙ୍କଠୁ ଛଡ଼େଇ ଆଣିବାକୁ ଚେଷ୍ଟାକଲେ ପରିଣାମ ଭୟାବହ ହୋଇପାରେ। ମହାପରବୁଙ୍କ କ୍ରୋଧାଗ୍ନି ବିଶ୍ୱକୁ ଧ୍ୱଂସ କରିଦେଇପାରେ। ଏଣେ ମହାପରବୁଙ୍କ ଠାରୁ ପିଲାଟିର ନିଶା ନଛଡ଼େଇଲେ ସୃଷ୍ଟି ଟଳମଳ ଅବସ୍ଥାରେ। ପୁଣି ଦେବଗଣଙ୍କ ଅନୁରୋଧ ମଧ୍ୟ ଭାଙ୍ଗିପାରିବାର କଥାନୁହେଁ। ସବୁକଥା ଚିନ୍ତାକରି ସେ ମନେ ମନେ ନିଶ୍ଚିତ କଲେ ଯେ ଜଗତର କଲ୍ୟାଣପାଇଁ ତାଙ୍କୁ ନିଶ୍ଚୟ କିଛି କରିବାକୁ ପଡ଼ିବ। ପରିଣାମ ଯାହାହେଉ ପଛେ। ସେ ପ୍ରକାଶ୍ୟରେ କହିଲେ "ହଉ ଆପଣମାନେ ତ ସବୁକଥା ଜାଣିଛନ୍ତି। ଏପରି କଲେ ଧରମ ଦେବତାଙ୍କ କୋପରେ ଭୟାବହ ପରିଣତି ଭୋଗିବାକୁ ପଡ଼ିପାରେ। ତେବେ ମୁଁ ଚେଷ୍ଟା କରି ଦେଖେ।"

କେମିତି ଏ କାମଟିକୁ କରିବେ ମନେ ମନେ ଚିନ୍ତାକରି ଦେବୀ ମହାପରବୁଙ୍କ ଘରଆଡ଼େ ଗଲେ। ଦୁରରୁ ରହି ଦେଖିଲେ ମହାପରବୁ ପିଲାଟି ସାଙ୍ଗେ ଖେଳରେ ମାତିଯାଇଛନ୍ତି। କିଛି ସମୟପରେ ହଠାତ୍ କଣ ମନହେଲା

କେଜାଣି ମହାପରବୁ ପିଲାଟିକୁ ଏକୁଟିଆ ଛାଡ଼ି ଅଳ୍ପ ସମୟପାଇଁ ବାହାରକୁ ଗଲେ। ଦେବୀଙ୍କ ପାଇଁ ଏ ଥିଲା ମାହେନ୍ଦ୍ର ବେଳା। ଏ ସୁଯୋଗର ସଦ୍‌ବ୍ୟବହାର ନ କଲେ ଆଉ ଏମିତି ଏକ ସମୟ ନ ମିଳିପାରେ। ଦେବୀ ପିଲାପାଖକୁ ଗଲେ। ନିଜର ଦୈବୀଶକ୍ତି ଦ୍ୱାରା ପିଲାଟିକୁ ଅଚେତ୍ କରିଦେଇ ତାକୁ କୋଳରେ ଧରି ଅତିଶୀଘ୍ର ପୃଥିବୀ ପୃଷ୍ଠରେ ଅବତରଣ କଲେ। ପିଲାଟି ମରିଯିବା ପରେ ତାର ଆତ୍ମୀୟସ୍ୱଜନମାନେ ତାର ମୃତଶରୀରକୁ ଜଙ୍ଗଲ ମଧ୍ୟରେ ଯୋଉ ସ୍ଥାନରେ ଫିଙ୍ଗିଦେଇ ଯାଇଥିଲେ ସେଇଠି ତାକୁ ଅଚେତ ଅବସ୍ଥାରେ ରଖିଦେଲେ।

ତାପରେ ନିଜର ରୂପ ବଦଳେଇ ଦେବୀ ଏକ ଭିକାରୁଣୀ ବୁଢ଼ୀର ବେଶ ଧରିଲେ। ବାଡ଼ିଟିଏ ହାତରେ ଧରି ଥରିଥରି ପିଲାଟିର ଘରେ ପହଞ୍ଚିଲେ। ସେପର୍ଯ୍ୟନ୍ତ ତାର ପରିବାରର ଲୋକମାନେ ତାଙ୍କର ଆଦରର ପିଲାଟିର ମୃତ୍ୟୁଜନିତ ଦାରୁଣ ଦୁଃଖରେ ଜର୍ଜରିତ ହୋଇ ରହିଥାନ୍ତି। ତାକୁ ଝୁରି ଝୁରି ଖିଆପିଆ ଭୁଲି ମୃତ ପ୍ରାୟ ହୋଇପଡ଼ିଥାନ୍ତି। ବେଶି ସାଙ୍ଘାତିକ ଅବସ୍ଥାରେ ଥାଆନ୍ତି ବୁଢ଼ାବୁଢ଼ୀ ଦିଜଣ। ଏସବୁ ଦେଖି ଦେବୀଙ୍କ ମନ ଦୁଃଖ ଓ ଅନୁଶୋଚନାରେ ଭରିଗଲା। ଏସବୁର କାରଣ ସେ ନିଜେ ବୋଲି ନିଜକୁ ଦୋଷଦେଇ ଭାରି ଅନୁତାପ କଲେ।

କିଛି ନ ଜାଣିଲା ପରି ଦେବୀ ଘରର ଲୋକମାନଙ୍କୁ ତାଙ୍କର ଏ ଅବସ୍ଥା କାହିଁକି ହୋଇଚି ବୋଲି ପଚାରିଲେ। ପ୍ରଥମେ ଲୋକମାନେ ଦେବୀଙ୍କୁ କିଛି ଉତ୍ତର ନ ଦେଇ ଖାଲି କାନ୍ଦିଲେ। ଦେବୀ ବହୁତ ବୁଝାସୁଝା କଲାପରେ ସେମାନେ ତାଙ୍କ ଆଦରର ପିଲାଟି କେମିତି ମଲା ଆଉ ତାର ଶବକୁ କେମିତି ସେମାନେ ନେଇ ଜଙ୍ଗଲରେ ପକାଇ ଦେଇ ଆସିଛନ୍ତି ସେସବୁ ଘଟଣା କହିଲେ।

ଦେବୀ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ "ହଉ ଠିକ୍ ଅଛି। ଏଇ କଥାତ ? ତମେ ପିଲାର ଶବଟିକୁ କେଉଁଠି ପକେଇଚ ମତେ ଟିକେ ନେଇ ଦେଖେଇ ଦିଅତ, ମୁଁ ତାକୁ ବଞ୍ଚାଇ ଦେବି।"

ପିଲାଟିର ଘରର ଲୋକମାନଙ୍କର ଦେବୀଙ୍କ କଥାରେ ବିଶ୍ୱାସ ହେଲାନି। ଏ ଥରଥର ଭିକାରୁଣୀ ବୁଢ଼ୀ କ'ଣ ସତରେ ତାଙ୍କ ପିଲାଟିକୁ ବଞ୍ଚେଇ

ଦେଇପାରିବ ? ତେବେ ଦେବୀ ତାଙ୍କୁ ବାଧ କରିବାରୁ ସେମାନେ ତାଙ୍କୁ ସାଙ୍ଗରେ ନେଇ ଜଙ୍ଗଲକୁ ଯାଇ ପିଲାଟିର ଶବଟିକୁ ଦେଖାଇଦେଲେ। ସେଠି ଦେବୀ ତାଙ୍କର ଶକ୍ତି ପ୍ରୟୋଗ କରି ଅଚେତ ହୋଇପଡ଼ିଥିବା ପିଲାକୁ ଚେତା କରେଇ ଦେଲେ। ପିଲାଟି ଝାଡ଼ିଝୁଡ଼ିହୋଇ ଉଠି ବସିଲା, ସତେ ଯେମିତି ଅନେକ ସମୟ ଧରି ଶୋଇ ପଡ଼ିଥିଲା। ନିଜର ଆତ୍ମୀୟସ୍ୱଜନ ମାନଙ୍କୁ ଦେଖି ତାଙ୍କ କୋଳକୁ ଡେଇଁ ପଡ଼ିଲା। ତାର ଘରର ଲୋକମାନେ ଏକଥାରେ ଆଶ୍ଚର୍ଯ୍ୟ ହୋଇଗଲେ। ପିଲାଟିକୁ ଫେରିପାଇ ଖୁସିରେ ଆତ୍ମହରା ହୋଇଗଲେ। ବୁଢ଼ାବୁଢ଼ୀଙ୍କ ପିଣ୍ଡରେ ଯେମିତି ପ୍ରାଣ ପଶିଲା। ସମସ୍ତେ ପିଲାଟିକୁ ଧରି ଗେଲ କରିବାରେ ଲାଗିଗଲେ। ଏପରି କିଛିସମୟ ପରେ କୃତଜ୍ଞତା ଜଣେଇବାକୁ ଭିକାରୁଣୀ ବୁଢ଼ୀକୁ ଖୋଜିଲାବେଳକୁ ସେ ନାହିଁ। ଦେବୀ ସେତେବେଳକୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ପିଲାଟି ତାର ନିଜର ଲୋକମାନଙ୍କୁ ପାଖରେ ପାଇ ଖୁସିହେଲା ସତ, ହେଲେ ମହାପରବୁଙ୍କ ସାନିଧ୍ୟର ସୁଖ ସେ ଭୁଲିପାରିଲାନି। ସେ ସବୁବେଳେ ମହାପରବୁଙ୍କୁ ଝୁରି ଝୁରି ଖାଇବା ପିଇବା ଛାଡ଼ିଦେଲା। ନ ଖାଇ ନ ପିଇ ତାର ଶରୀର କ୍ଷୀଣ ହେବାକୁ ଲାଗିଲା। ଏମିତି କିଛିଦିନ ପରେ ତାର ପିଣ୍ଡରୁ ପ୍ରାଣ ଚାଲିଗଲା ଓ ତାର ଆତ୍ମା ପୁଣି ମହାପରବୁଙ୍କ ପାଖକୁ ଫେରିଗଲା।

ସେଇଦିନଠୁ ପୃଥିବୀରେ ମୃତ୍ୟୁର ପ୍ରବେଶ ହେଲା।



# ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ସମୟଙ୍କ ସୃଷ୍ଟି

## (ଆଜି, ଗତକାଲି ଓ ଆସନ୍ତାକାଲି)ର ସୃଷ୍ଟି



ଆଦିମ କାଳର କଥା। ମହାପରବୁ ପୃଥିବୀରେ ଋଷି ଓ ଋଷିଆଣୀଙ୍କୁ ସୃଷ୍ଟି କଲେ। ଋଷି ସରାଇ ଗଛରୁ ସୂର୍ଯ୍ୟ ଏବଂ ଚନ୍ଦନ ଗଛରୁ ଚନ୍ଦ୍ରଙ୍କର ପ୍ରତିମୂର୍ତ୍ତି ତିଆରି କଲେ। ଗଛର ଅବଶିଷ୍ଟାଂଶରୁ ତାରାମାନଙ୍କର ପ୍ରତିମୂର୍ତ୍ତି ତିଆରି କଲେ। ପ୍ରତିମୂର୍ତ୍ତିଗୁଡ଼ିକ ତିଆରି ସରିବାପରେ ସେମାନଙ୍କର ପ୍ରାଣପ୍ରତିଷ୍ଠା ପାଇଁ ସେ ମହାପରବୁଙ୍କ ନିକଟରେ ପୂଜାଅର୍ଚ୍ଚନା କଲେ। ସେଥିନିମନ୍ତେ ସେ ଉଲଗ୍ନ ହୋଇ ନାଳରେ ସ୍ନାନ କଲେ ଓ ସ୍ନାନପରେ ମହାପରବୁଙ୍କୁ କୁକୁଡ଼ାଟିଏ ବଳିପ୍ରଦାନ କଲେ। ଏହି ପୂଜାରେ ମହାପରବୁ ସନ୍ତୁଷ୍ଟ ହୋଇ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କର ପ୍ରତିମୂର୍ତ୍ତିଙ୍କୁ ଜୀବନଦାନ କଲେ।

ଋଷି ଆନନ୍ଦ ହୋଇ ସେସବୁଙ୍କୁ ମହାପରବୁଙ୍କୁ ସମର୍ପଣ କରିଦେଲେ। ସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତି ପୁରୁଷ, ଚନ୍ଦ୍ର ଓ ତାରାଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ସ୍ତ୍ରୀ ରୂପେ ଗଢ଼ିଥିବାରୁ ଜୀବଦାନ ପାଇବାପରେ ସେମାନଙ୍କୁ ମହାପରବୁ ସ୍ୱର୍ଗରେ ରଖିଲେ।

କିଛିଦିନ ପରେ ଋଷି ଓ ଋଷିଆଣୀଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମହେଲା। ସେମାନେ ପୃଥିବୀରେ ରହୁଥାଆନ୍ତି। ସେମାନଙ୍କୁ ଦେଖିବାପାଇଁ

ମଝିରେ ମଝିରେ ମହାପରବୁ ସେମାନଙ୍କ ପାଖକୁ ଆସୁଥାଆନ୍ତି। ଆସି ପହଞ୍ଚିବାପରେ- "ମୁଁ କେବେ ଆସିଲି ବୋଲି ପଚାରିଲେ।" 'ଆଜି' ବୋଲି ଋଷି ଓ ଋଷିଆଣୀ ଉତ୍ତର ଦିଅନ୍ତି। ଗତକାଲି ଆସନ୍ତାକାଲିର ପ୍ରୟୋଗ ସମ୍ବନ୍ଧରେ ତାଙ୍କର ଧାରଣା ନଥାଏ।

ପିଲାମାନେ ଛୋଟରୁ ବଡ଼ ହେଲେ। ବାହାହେବା ବୟସ ହେଲା। ମହାପରବୁ ସୂର୍ଯ୍ୟଙ୍କ ସହିତ ଋଷିଙ୍କର ଝିଅକୁ ଏବଂ ଚନ୍ଦ୍ରଙ୍କ ସହିତ ଋଷିଙ୍କର ପୁଅକୁ ବାହା କରିବାକୁ ବିଚାର କଲେ। ପ୍ରଥମେ ସେ ସୂର୍ଯ୍ୟଙ୍କୁ ଋଷିଙ୍କ ଘରକୁ ପଠାଇଲେ। ସୂର୍ଯ୍ୟଙ୍କର ଭୟଙ୍କର ଉଜ୍ଜ୍ୱଳ ରୂପ ଦେଖି ଋଷିଆଣୀ ଡରିଗଲେ। ତେଣୁ ସେ ନିଜର ଝିଅକୁ ଲୁଚାଇ ରଖି ସୂର୍ଯ୍ୟଙ୍କୁ ଦେଖାଇଲେ ନାହିଁ।

ଏହି ସମୟରେ ମହାପରବୁ ଚନ୍ଦ୍ରଙ୍କୁ ଋଷିଙ୍କ ପୁଅକୁ ବାହା ହେବାକୁ ପଠାଇଲେ। ଚନ୍ଦ୍ର ରାତିରେ ଆସିଲେ। ସେ ଆସୁଥିବା ବାଟରେ ସୂର୍ଯ୍ୟଙ୍କ ସହିତ ଭେଟ ହେଲା। ସୂର୍ଯ୍ୟ, ଋଷିଙ୍କ ଘରୁ ବିଫଳ ହୋଇ ଫେରୁଥିବା ସମୟରେ ଚନ୍ଦ୍ରଙ୍କୁ ଦେଖି ବିବାହ ପାଇଁ ପ୍ରସ୍ତାବ ଦେଲେ। ଚନ୍ଦ୍ର ଏତେ କଥା ଜାଣିନଥିଲେ। ସେ ସୂର୍ଯ୍ୟଙ୍କୁ ବିଭାହେବା ପାଇଁ ରାଜି ହୋଇଗଲେ। ଉଭୟ ବିବାହ ହୋଇ ସ୍ୱାମୀ ସ୍ତ୍ରୀ ଭାବରେ ରହିଲେ।

କିଛିଦିନ ପରେ ସୂର୍ଯ୍ୟ, ଋଷି ଓ ଋଷିଆଣୀଙ୍କ ଘରକୁ ବୁଲି ଆସିବା ବେଳେ ତାଙ୍କର ଝିଅକୁ ଦେଖିଲେ। ଋଷିଙ୍କର ଝିଅ ବହୁତ ସୁନ୍ଦର ଥିଲେ। ତାଙ୍କ ରୂପରେ ମୁଗ୍ଧ ହୋଇ ସୂର୍ଯ୍ୟ ତାଙ୍କୁ ବିବାହ ହେବାକୁ ଆଗ୍ରହ ପ୍ରକାଶ କଲେ। ସେ ସମୟରେ ଋଷି ଘରେ ନଥିଲେ। ତେଣୁ ତାଙ୍କୁ ପ୍ରସ୍ତାବ ଦେବା ନିମନ୍ତେ ସୂର୍ଯ୍ୟ ଋଷିଙ୍କୁ ଅପେକ୍ଷା କରି ପୃଥିବୀରେ ରହିଲେ।

ସୂର୍ଯ୍ୟଙ୍କୁ ନ ପାଇ ଚନ୍ଦ୍ର ପୃଥିବୀକୁ ଆସିଲେ ଏବଂ ଋଷିଙ୍କ ଘରୁ ସବୁ ବିଷୟ ଜାଣିଲେ। ତାଙ୍କୁ ବିବାହ କରିସାରିବା ପରେ ପୁଣି ଋଷିଙ୍କ ଝିଅକୁ ବିବାହ କରିବାକୁ ଚାହୁଁଥିବାରୁ ସେ ସୂର୍ଯ୍ୟଙ୍କ ଉପରେ ରାଗ କଲେ। ସୂର୍ଯ୍ୟ ମଧ୍ୟ ନିଜ

ଜିଦ୍‌ରେ ଅଟଳ ରହିଲେ। ଏହା ମହାପରବୁଙ୍କ ଆଦେଶ ବୋଲି ସେ ଜଣାଇଦେଲେ। ଏଥିନେଇ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଧ୍ୟରେ ବିବାଦ ଆରମ୍ଭ ହେଲା। ଉଭୟଙ୍କର କଥା କଟାକଟି ହୋଇ ଘୋର ଝଗଡ଼ାରେ ପରିଣତ ହେଲା। ଏଥିରେ ସୂର୍ଯ୍ୟ ଭୟଙ୍କର ଭାବରେ ରାଗିଗଲେ। ସେ ତତକ୍ଷଣାତ୍ ଖଣ୍ଡା ବାହାରକରି ଚନ୍ଦ୍ରଙ୍କର ମୁଣ୍ଡକୁ ହାଣିଦେଲେ।

ମହାପରବୁ, ସୂର୍ଯ୍ୟ ଓ ଚନ୍ଦ୍ର ଉଭୟଙ୍କୁ ସ୍ୱର୍ଗରେ ନ ଦେଖି ପୃଥିବୀକୁ ଆସିଲେ। ସେ ଋଷିଙ୍କ ଘରେ ପହଞ୍ଚି ଚନ୍ଦ୍ରଙ୍କର ମୁଣ୍ଡ କଟା ହୋଇଥିବାର ଦେଖିଲେ। ଏହା କେବେ ହୋଇଛି ବୋଲି ପଚାରିବାରୁ ଋଷି "ଗତକାଲି ହୋଇଛି" କହିଲେ। ମାନବ ମନରେ ଅତୀତ କାଳର ଜ୍ଞାନ ସୃଷ୍ଟି ହୋଇଛି ଜାଣି ମହାପରବୁ ଖୁସି ହେଲେ। ସେ ଆଜି ପରେ ହେଉଥିବା ଦିନକୁ "ଆସନ୍ତା କାଲି", ବୋଲି ଶିକ୍ଷାଦେଲେ। ଏହାପରେ ସେ ଚନ୍ଦ୍ରର ମୁଣ୍ଡକୁ ଦେହରେ ଯୋଡ଼ି ଜୀବଦାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବାରୁ ଉଭୟେ ଆକାଶର ବିପରୀତ ଦିଗରେ ଅଲଗା ଅଲଗା ରହିବାକୁ ପରାମର୍ଶ ଦେଲେ।

ସେହିଦିନଠାରୁ ଚନ୍ଦ୍ର ଓ ସୂର୍ଯ୍ୟ ଆକାଶରେ ଅଲଗା ଅଲଗା ରହୁଛନ୍ତି।



# ବଣ ଝରଣାର ଜନ୍ମ



ସୃଷ୍ଟିର ଅୟମାରମ୍ଭ ବେଳ । ଚଉଦିଗରେ ବଣଜଙ୍ଗଲପୂର୍ଣ୍ଣ । ସତେ ଯେପରି ଧରଣୀ ବୁକୁରେ ସବୁଜ ଗାଲିଚା ବିଛା ହୋଇଛି । ତାରିକୋଳରେ ଠାଏ ଠାଏ ଝରଣାକୂଳକୁ ଲାଗି ଛୋଟିଆ ଛୋଟିଆ ଜନବସତି । ଜଙ୍ଗଲ ଲୋକମାନଙ୍କର ସବୁକିଛି । ସେଥିରୁ ସେମାନେ ଫଳମୂଳ ଆଣି ଓ ଶିକାର କରି ପେଟ ପୋଷନ୍ତି ।

ଜଙ୍ଗଲର ଗୋଟେକଡ଼କୁ ଋଷି ଓ ଋଷିଆଣୀ ଘରକରି ରହିଥାଆନ୍ତି । ସାଥିରେ ତାଙ୍କର ଦୁଇ ପୁଅ । ବଡ଼ ପୁଅଟି ଭେଣ୍ଡିଆ ହୋଇଗଲାଣି । ଗଲାସନ ତାପାଇଁ କନିଆଟିଏ ପସନ୍ଦ ହେଇଚି । ଏବର୍ଷ ଆମ୍ବନୂଆ ପରବ ସଇଲେ ବାହାଘର ହେବ । ସାନ ପୁଅତ ଛୁଆଟିଏ । କୋଳପୋଛା ପିଲାଯୋଗୁଁ ଭାରି ଗେଲବସର । ବଡ଼ଭାଇକି ଆଦରି ଯାଇଛି, ଯୁଆଡ଼େ ଗଲେ ତା ପଛେ ପଛେ ଗୋଡ଼େଇଥିବ । ବଣକୁ ଗଲେ କୋଳି ତୋଳିଦେବାକୁ ଅଝଟ କରିବ ।

ନିଗିଡ଼ା ପୁଷମାସ । ପୁଷମାସିଆ ହାଡ଼ଥରା ଜାଡ଼ ପଡ଼ିଥାଏ । ରାତିରେ କାଠଗରଣ୍ଡାରେ ନିଆଁ ନ ଜାଳିଲେ ଭିଷଣ ଶୀତରେ ଶୋଇ ହେବନି । ଘରେ ଜାଳକାଠ ନ ଥାଏ । ଋଷି ବଡ଼ ପୁଅକୁ ବଣରୁ ଯାଇ କାଠ ଗୋଛାଏ ଆଣିବାକୁ ବରାଦ କଲେ ।

ବଡ଼ ପୁଅ ଟାଙ୍ଗିଆଟିଏ ଧରି କାଠ ଆଣିବାକୁ ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲା । ସାନ ପୁଅ ଖେଳୁଥିଲା । ବଡ଼ ଭାଇ ଜଙ୍ଗଲକୁ ବାହାରିବାରୁ ସାଙ୍ଗରେ ଯିବାପାଇଁ ଜିଦ୍‌କଲା । ଋଷିଆଣୀ ସାନପୁଅକୁ ଜଙ୍ଗଲକୁ ନଯିବାକୁ ଯେତେ ବୁଝାଇଲେ ବି ସେ ମାନିଲା ନାହିଁ ।

ସେ ସମୟରେ ଜଙ୍ଗଲରେ ପିଇବା ପାଇଁ ପାଣିର ବହୁତ ଅଭାବ । ବର୍ଷା ପରେ ପାଣିସବୁ ତଳକୁ ବୋହିଯାଏ । ତେଣୁ ପାହାଡ଼ ଜଙ୍ଗଲରେ ବର୍ଷା ଛାଡ଼ିଯିବା ପରେ ପାଣିର ସଙ୍କଟ । ମଣିଷଙ୍କ କଥା ଛାଡ଼, ଜଙ୍ଗଲରେ ଜୀବଜନ୍ତୁମାନେ ମଧ୍ୟ ପାଣି ଟୋପେ ପିଇବା ପାଇଁ ବହୁ ଦୂରରେ ଥିବା ପାହାଡ଼ତଳ ନାଳକୁ ଯାଆନ୍ତି ।

ସାନ ପିଲାଟି ଜଙ୍ଗଲକୁ ଯିବାକୁ ଅଳି କରିବାରୁ ଋଷିଆଣୀ ଭାବିଲେ, ପିଲାତ ଅବୁଝା । ଜଙ୍ଗଲକୁ ଯିବାକୁ କହୁଛି ମାନେ, ନିଶ୍ଚୟ ଯିବ । ଜଙ୍ଗଲରୁ କୋଳି ଖାଇ ଭୋକ ମେଣ୍ଟାଇଦେବ ସିନା, ମାତ୍ର ପାଣି ଟୋପାଏ ପିଇବାକୁ ପାଇବ ନାହିଁ । ଶୋଷରେ ତହଳ ବିକଳ ହେବ । ତଣ୍ଟି ଅଠା ଅଠା ହୋଇଯିବ । ମା' ମନ ବୁଝୁଛି କେତେ । ଏ ଅସୁବିଧା ଦୂର କରିବାକୁ ସେ ବଡ଼ ପୁଅକୁ ଡାକି କହିଲେ, "ପୁଅରେ, ପାଣି ପିଇବାକୁ ଦରକାର ହେଲେ, ମୋ ନାଁ ଧରି ପାହାଡ଼ରୁ ବଡ଼ ପଥରଟିଏ ତଳକୁ ଗଡ଼ାଇ ଦେବୁ, ତା ତଳୁ ପାଣି ବାହାରିବ ।"

ତାପରେ ଦୁଇ ଭାଇ ଜଙ୍ଗଲକୁ ଗଲେ । ବଡ଼ ଭାଇ କାଠ ହାଣି ବଡ ଗୋଛାଟିଏ କଲା । ସାନ ପିଲାଟି ବଣରେ ବୁଲି କୋଳି ତୋଳି ଖାଉଥାଏ । ରଙ୍ଗବେରଙ୍ଗ ଚଢ଼େଇ ଦେଖୁଥାଏ ଓ ପ୍ରଜାପତି ଧରିବାକୁ ଗୋଡ଼ାଉଥାଏ । ଏହିପରି ତାର ଖେଳ ଚାଲିଥାଏ । ଛାଇ ନେଉଟା ବେଳ ହେଲାରୁ ତାକୁ ଶୋଷ ହେଲା । ବଡ଼ ଭାଇକୁ ପିଇବା ପାଇଁ ପାଣି ମାଗିଲା । ବଡ଼ଭାଇର ମା କହିଥିବା କଥା ମନେ ପଡ଼ିଲା । ସେ ଋଷିଆଣୀଙ୍କ ନାମ ଧରି ପାହାଡ଼ ଉପରୁ ଗୋଟିଏ ବଡ଼ ପଥର ଗଡ଼ାଇବାକୁ ଚେଷ୍ଟା କଲା । ତା ଦେହରେ ସେ ସମୟରେ ଏକ ଅଦ୍ଭୁତ ଶକ୍ତି ଆସିଲା । ସେ ପଥରଟି ଅକ୍ଳେଶରେ ତଳକୁ ଗଡ଼ିଆସିଲା ଓ ତା ତଳୁ ଝରଣାଟିଏ ସୃଷ୍ଟି ହୋଇ କୁଳୁକୁଳୁ ନାଦରେ ପାଣିର ସୁଅ ତଳକୁ ଅବିରାମ ଗତିରେ ବହି ଚାଲିଲା । ଏହା ହିଁ ପୃଥିବୀ ପୃଷ୍ଠରେ ପ୍ରଥମ ପ୍ରାକୃତିକ ବଣ ଝରଣା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବଣମୂଳକରେ ଝରଣା ସୃଷ୍ଟି ହୋଇ ନିତିଦିନ ପାଣିବୋହି ଚାଲିଛି ।

# ମଣ୍ଡଘରର ସୃଷ୍ଟି



ଆଦିମ କାଳର କଥା। ମହାପରବୁ ପୃଥିବୀରେ ଋଷି ଓ ଋଷିଆଣୀଙ୍କୁ ସୃଷ୍ଟି କରି ବଣଜଙ୍ଗଲଘେରା ପାହାଡ଼ ପର୍ବତ ମୂଳକରେ ବାସକରିବାକୁ ଆଦେଶ ଦେଲେ। ଋଷି ବାସସ୍ଥାନଟିଏ ନିର୍ମାଣ କରିବା ପାଇଁ ଗୋନାସିକା ଅଞ୍ଚଳକୁ ଉପଯୁକ୍ତ ବୋଲି ଭାବିଲେ। ଏହାର ସବୁଜ ବନରାଜି, କୁଳୁକୁଳୁ ଧ୍ୱନିକରି ବୋହିଯାଉଥିବା ଚୀରସ୍ରୋତା ଝରଣା, ସୁଶୀତଳ ଜଳବାୟୁ, ଔଷଧୀୟ ବନଲତା ଓ ସର୍ବୋପରି ଜୀବନଧାରଣ ନିମନ୍ତେ ବଣର ଫଳମୂଳ ଓ ଶିକାରର ସୁଲଭତା ଋଷିଙ୍କୁ ଆକୃଷ୍ଟ କଲା। ତେଣୁ ସେଠାରେ ସେ କୁଟୀର ନିର୍ମାଣକରି ଋଷିଆଣୀଙ୍କ ସହିତ ଘର ସଂସାର କରି ରହିଲେ।

ଦିନ ଗୁଡ଼ିକ ସୁରୁଖୁରୁରେ କଟିଯାଉଥାଏ। ଋଷିଙ୍କର ବାରଟି ପୁଅ ଓ ବାରଟି ଝିଅ ଜନ୍ମ ହେଲେ। ସେମାନଙ୍କର ପ୍ରତିପୋଷଣ ପାଇଁ ଋଷିଙ୍କର ଚିନ୍ତା

ନଥାଏ । କାରଣ ଘରପାଖର ଜଙ୍ଗଲରୁ ହିଁ ପରିବାର ଚଳାଇବା ନିମନ୍ତେ ଯଥେଷ୍ଟ ଫଳମୂଳ, ଶିକାର ଓ ପିନ୍ଧିବା ପାଇଁ ପତ୍ର ପ୍ରଭୃତି ମିଳିଯାଉଥାଏ । ମାତ୍ର ଗୋଟିଏ ପରିବାରର ଏତେଗୁଡ଼ିଏ ଲୋକ ଏକାଠି ଗୋଟିଏ ଘରେ ରହିବାକୁ ଋଷିଙ୍କୁ ଅସ୍ୱଭାବିକ ମନେହେଲା । ତେଣୁ ସେ ପିଲାମାନଙ୍କର ରହିବା ପାଇଁ ଘର ପାଖରେ ଅଲଗା ଘର ତିଆରି କରିଲେ ତାକୁ ସେ 'ମଣ୍ଡ ଘର' ବା 'ଦରବାର ଘର' ବୋଲି ନାମଦେଲେ । ତାପରଠାରୁ ନୂଆ ମଣ୍ଡଘରେ ତାଙ୍କ ପିଲାମାନେ ଚଳିଲେ ।

ଏତିକିରେ କିନ୍ତୁ ଋଷି ଓ ଋଷିଆଣୀଙ୍କର ଅସୁବିଧା ଦୂର ହେଲା ନାହିଁ । ପିଲାମାନେ ଛୋଟରୁ ବଡ଼ ହେଲେ । ସେମାନଙ୍କ ଭିତରୁ କେତେକ ଯୌବନରେ ପହିଲି ପାଦ ଦେଲେ । ଋଷି ଭାବିଲେ ଭେଣ୍ଡିଆ ପୁଅ ଝିଅ ଏକାଘରେ ରହିବା ଓ ଏକାଠି ଶୁଆବସା କରିବା ଭଲ ନୁହେଁ । ତେଣୁ ସେ ପୁଅମାନଙ୍କୁ ମଣ୍ଡଘର ଭିତରେ ଓ ଝିଅମାନଙ୍କୁ ଅଲଗା ଏକ ଘରେ ରାତ୍ରିଯାପନ ପାଇଁ ଆଦେଶ ଦେଲେ । ଋଷି ଓ ଋଷିଆଣୀ ନିଜେ ଗୋଟେ ଅଲଗା ଘରେ ବାସ କରିବାକୁ ଲାଗିଲେ ।

ଏତେ ବ୍ୟବସ୍ଥା କଲାପରେ ମଧ୍ୟ ଋଷି କିଛି ଅଭାବ ରହିଗଲା ବୋଲି ଅନୁଭବ କରୁଥାନ୍ତି । ପରିବାରର ଜଞ୍ଜାଳ ଭିତରୁ ମୁକୁଳି ନିଜ ସ୍ତ୍ରୀଙ୍କ ସହିତ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ସୁଖ ଦୁଃଖ ଓ ଆଳାପ ଆଲୋଚନା କରି କଟାଇବାକୁ ଋଷି ଚିନ୍ତା କରୁଥାନ୍ତି । କିନ୍ତୁ ଘର ଭିତରେ ପିଲାମାନଙ୍କର ଅବାଧ ଚଳପ୍ରଚଳରେ ସେତକ ସୁବିଧାରେ ସମ୍ଭବ ହେଉନଥାଏ । ନିଜର ପ୍ରିୟ ସନ୍ତାନମାନଙ୍କୁ ନିଜ ପାଖକୁ ଆସିବା ନିମନ୍ତେ ବାରଣ କରିବାକୁ ସେ ସଙ୍କୋଚ କଲେ ।

ଋଷି ଚିନ୍ତାକଲେ ପରିବାରର ବିଭିନ୍ନ ସମସ୍ୟାରେ ସେ ଦିନଯାକ ବ୍ୟସ୍ତ ରହୁଛନ୍ତି । ତେଣୁ ନିଜ ପତ୍ନୀଙ୍କ ସହିତ ମିଳାମିଶା କରିବା ନିମନ୍ତେ ରାତି ହେଉଛି ଉପଯୁକ୍ତ ଓ ଏକମାତ୍ର ସମୟ । ଏହି ସମୟରେ ପିଲାମାନଙ୍କୁ ଦୂରେଇ ରଖିବାକୁ ହେଲେ ସେମାନଙ୍କ ପାଇଁ କିଛି ଉପଭୋଗ୍ୟ ଆମୋଦପ୍ରମୋଦର ବ୍ୟବସ୍ଥା କରିବା ଉଚିତ ବୋଲି ଭାବିଲେ । ଏସବୁ କଥା ଭଲଭାବରେ ଚିନ୍ତାକରି ସେ ଗୀତ ଓ ନାଚର ସୃଷ୍ଟି କଲେ ଓ ପିଲାମାନଙ୍କୁ ଏହା ଶିକ୍ଷାଦେଲେ । ଏହାକୁ ଆନନ୍ଦଦାୟକ କରିବା ନିମନ୍ତେ ସେ ଚାଙ୍ଗୁ ବାଜା ତିଆରି କରି ପିଲାମାନଙ୍କୁ ଏହା ବଜାଇବା

ଶିଖାଇଲେ ଓ ନାଚ ଗୀତ ସମୟରେ ବାଜା ତାଳରେ ଗୀତଗାଇ ନାଚି ଆନନ୍ଦ ଉପଭୋଗ କରିବା ପାଇଁ କହିଲେ। ଏହାସବୁ ଦରବାର ଘରେ ରହିଲା।

ଦରବାର ଘରେ ଅବିବାହିତ ପୁଅମାନେ ରହିଲେ। ଅବିବାହିତ ଝିଅମାନେ ତାଙ୍କ ଅଲଗା ଘରେ ରାତିରେ ଶୋଇଲେ। ରାତିରେ ପୁଅ ଝିଅମାନେ ଦରବାର ଘରେ ଆଗରେ ଏକାଠି ହୋଇ ନାଚଗୀତରେ ମଜ୍ଜିଯାଆନ୍ତି। ତାପରେ ସେମାନେ ହାଲିଆ ହୋଇ ନିଜ ନିଜ ବସାରେ ଶୋଇ ପଡ଼ନ୍ତି। ବାପା ମାଙ୍କ ସମୟ ନଷ୍ଟ କରନ୍ତି ନାହିଁ। ଏଣୁ ଏହି ସମୟରେ ପରିବାର ଜଞ୍ଜାଳ ଭିତରେ ଛନ୍ଦି ହୋଇଥିବା ବାପା ମା' ସେମାନଙ୍କ ଦାମ୍ପତ୍ୟ ଜୀବନରେ ଅନ୍ତରଙ୍ଗ ହେବାପାଇଁ ସୁଯୋଗ ପାଆନ୍ତି।

ଏହି ପ୍ରଥା ଏବେ ମଧ୍ୟ ଜୁଆଙ୍ଗ ସମାଜରେ ଚଳି ଆସୁଅଛି। ପ୍ରତ୍ୟେକ ଜୁଆଙ୍ଗ ଗ୍ରାମ ମଝିରେ ଏକ 'ମଣ୍ଡଘର' ବା 'ମଜାଙ୍ଗ' ରହିଚି। ନୂତନ ଜାଗାରେ ବସତି ସ୍ଥାପନ କଲାବେଳେ ଜୁଆଙ୍ଗ ଯୁବକ ଯୁବତୀମାନେ ଗ୍ରାମର ମୁଖ୍ୟବ୍ୟକ୍ତିଙ୍କ ପରାମର୍ଶରେ ପ୍ରଥମେ ମଣ୍ଡଘର ନିର୍ମାଣ କରନ୍ତି ଓ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଅନ୍ତି। ଏହି ଘରଟିର ଆଗପଟ ଖୋଲାଥାଏ ଓ ଏହା ଗ୍ରାମର ସବୁଠାରୁ ଆକାରରେ ବଡ଼ ଓ ଦର୍ଶନୀୟ ଘର ହୋଇଥାଏ। ଏହି ଘର ଗ୍ରାମସଭା, ଅତିଥି ସତ୍କାର ଓ କୋଠ ଶସ୍ୟ ଭଣ୍ଡାର ରୂପେ ବ୍ୟବହୃତ ହୁଏ। ଏହି ଘର ମଧ୍ୟରେ ଅହରହ ଏକ ପବିତ୍ର ଧୁନୀ ଜଳୁଥାଏ। ଜୁଆଙ୍ଗଙ୍କ ପୂଜାରୀ-'ଦେହୁରୀର' ପବିତ୍ର କୁରାଢ଼ୀ ଏହି ଦରବାରରେ ରହେ। ଦରବାର ଜୁଆଙ୍ଗମାନଙ୍କର ଏକ ପବିତ୍ର ଓ ଅବିଚ୍ଛେଦ୍ୟ ସାଂସ୍କୃତିକ ଅନୁଷ୍ଠାନ।



# ପ୍ରଥମ ପୋଷାକର ସୃଷ୍ଟି



ଅନେକ ଯୁଗ ତଳର କଥା । ସେତେବେଳେ ପାଣ୍ଡବମାନେ ବନବାସ କରୁଥାଆନ୍ତି । କେତେକେତେ ବଣମୂଳକ, ପାହାଡ଼ ପର୍ବତ ବୁଲି ବୁଲି ସେମାନେ ଗୋନାସିକା ଅଞ୍ଚଳକୁ ଆସିଲେ । ଶୀତଦିନ ହୋଇଥାଏ । ସୁନ୍ଦର ପାହାଡ଼, ପର୍ବତ, ଝରଣା ଓ ଘଞ୍ଚ ଜଙ୍ଗଲର ମନମୁଗ୍ଧକର ଶାନ୍ତ ପରିବେଶ ସେମାନଙ୍କୁ ଆକୃଷ୍ଟ କଲା । ତେଣୁ ସେଠାରେ କୁଟୀର ନିର୍ମାଣ କରି, କିଛିଦିନ ରହିବା ପାଇଁ ସେମାନେ ଠିକ୍ କଲେ । ଝରଣାକୂଳରେ ଭଲ ଜାଗାଟିଏ ଦେଖି ସେମାନେ କୁଡ଼ିଆ ଘରଟିଏ ତିଆରି କରିବାରେ ଲାଗିପଡ଼ିଲେ ।

କାମଟି ସରୁ ସରୁ ବେଳ ବୁଡ଼ିଗଲା । ଶୀତଦିନ, ଅଳ୍ପସମୟ ପରେ କୁହୁଡ଼ି ସାଙ୍ଗକୁ ପବନର ଲହରି ମାଡ଼ିଆସିଲା । ଚଉଦିଗ ଶୁନ୍‌ଶାନ୍ । ବଣ ମୂଳକର ଅମାଅନ୍ଧକାର । ଭାଇମାନେ ଠିକ୍‌କଲେ ଘର ଭିତରେ ନିଆଁ ଜାଳିଲେ ଶୀତ ଦାଉରୁ ରକ୍ଷା ମିଳିବ ଓ ଘର ମଧ୍ୟ ଆଲୋକିତ ହେବ ।

ପାଣ୍ଡବମାନଙ୍କର ପାଞ୍ଚଭାଇ ଭିତରେ ଭୀମ ବହୁତ ବଳୁଆ । ତେଣୁ ବଡ଼ ଭାଇ ଯୁଧିଷ୍ଠିର ଭୀମକୁ ଡାକି ପାଖ ଗାଁରୁ ନିଆଁ ଆଣିବା ପାଇଁ ପଠାଇଲେ । ବରାଦମତେ, ଭୀମ ଜଙ୍ଗଲ ଭିତରେ ବାଟ ଖୋଜି ଖୋଜି, ନିଆଁ ଆଣିବା ପାଇଁ ଶୀଘ୍ର ବାହାରି ପଡ଼ିଲେ ।

ପାହାଡ଼ର କଡ଼ରେ କୁଆଙ୍ଗ ଗାଁଟିଏ ଥାଏ । ଦିନ ଯାକର କାମ ସାରି ଲୋକମାନେ ଘରେ ବିଶ୍ରାମ ନେଉଥାନ୍ତି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଘର ମଝିରେ କାଠଗର ରଖି ନିଆଁ ଲଗାଇଥାନ୍ତି । ସେଇ ନିଆଁର ଝଲକ ଦୂରକୁ

ଦେଖାଯାଉଥାଏ । ଜଙ୍ଗଲର ମଝିରୁ ରାତି ଅନ୍ଧାରରେ ଭୀମ ଏହି ଆଲୋକ ଶିଖାକୁ ଦେଖିପାରିଲେ ଓ ସେଠାରୁ ନିଆଁ ମିଳିପାରିବ ଜାଣି ସେଠି ପହଞ୍ଚିଲେ ଓ ବାହାରେ ଛିଡ଼ାହୋଇ ନିଆଁ ମାଗିଲେ ।

ସେ ସମୟରେ ଘରେ ଝିଅପିଲାଟିଏ ଥିଲା । ତାକୁ ପନ୍ଦର ପୂରି ଷୋହଳ ଚାଲିଥାଏ । ନୂଆ ହୋଇ ଯୌବନରେ ପାଦ ଦେଇଥାଏ । ମାତ୍ର ଯୌବନକୁ ଢାଙ୍କିବା ପାଇଁ ତା ଦେହରେ ଖଣ୍ଡେ ହେଲେ ଲୁଗା ନଥାଏ । ଡାକ ଶୁଣି ସେ ଦରଜା ଫାଙ୍କରେ ଦେଖିଲା ରାଜକୁମାର ପରି ଜଣେ ହୃଷ୍ଟପୃଷ୍ଟ ସୁନ୍ଦର ଯୁବକ ବାହାରେ ଛିଡ଼ାହୋଇ ନିଆଁ ମାଗୁଛନ୍ତି । ଏ ତାଙ୍କ ସମାଜର କେହି ନୁହଁନ୍ତି । ତେଣୁ ଏପରି ନଗ୍ନ ଅବସ୍ଥାରେ ତାଙ୍କ ନିକଟକୁ ନିଆଁ ନେଇଯିବାକୁ ସେ ସଙ୍କୋଚ କଲା । ଘର ଭିତରେ ରହି ନିଜର ଅସୁବିଧା କଥା ଭୀମଙ୍କୁ କହିଲା ।

ଭୀମ ବାସ୍ତବକଥାକୁ ବୁଝିପାରି ବଣକୁ ଗଲେ ଓ ବଡ଼ ବଡ଼ ପତ୍ରରେ ଏକ ପରିଚ୍ଛଦ ତିଆରି କରି ବାଳିକାଟିକୁ ପିନ୍ଧିବାକୁ ଦେଲେ । ତାପରେ ପତ୍ର ତିଆରି ସେଇ ଆଭୂଷଣଟି ପିନ୍ଧି ସେ ଭୀମଙ୍କୁ ନିଆଁ ଆଣି ଦେଲା । ଭୀମ ଖୁସିହୋଇ ନିଆଁ ନେଇ ନିଜ କୁଡ଼ିଆକୁ ଫେରି ଆସିଲେ । ଯୁଧିଷ୍ଠିର ଭୀମଙ୍କୁ ନିଆଁ ଆଣିବାକୁ ଡେରି ହେବାର କାରଣ ପଚାରିବାରୁ ସେ ସବୁକଥା ବୁଝାଇ କହିଲେ । ସବୁକଥା ଶୁଣି ଯୁଧିଷ୍ଠିର ମତଦେଲେ "ନାରୀର ଲଜ୍ୟା ନିବାରଣ ପାଇଁ ବସ୍ତ୍ରଦାନ କରିଥିବା ବ୍ୟକ୍ତି ନ୍ୟାୟରେ ସେ ଯୁବତୀର ସ୍ୱାମୀ । ତେଣୁ ଭୀମ ସେ ଆଦିବାସୀ ଯୁବତୀକୁ ବିବାହ କରିବା ଉଚିତ ।"

ବଡ଼ ଭାଇଙ୍କ ଠାରୁ ନିର୍ଦ୍ଦେଶ ପାଇଁ ଭୀମ ସେ ଯୁବତୀକୁ ବିବାହ ହେବାପାଇଁ ଗଲେ । ଭୀମ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଯୁବତୀର ବାପା ଏ ପ୍ରସ୍ତାବରେ ଅମଙ୍ଗ ହେଲେ । ସେ ସର୍ତ୍ତ ରଖିଲେ ଯେ ଭୀମ ତାଙ୍କୁ ଯୁଦ୍ଧରେ ପରାସ୍ତ କରିପାରିଲେ ଯାଇ ତାଙ୍କ ଝିଅକୁ ବିବାହ କରିପାରିବେ । ଭୀମ ତାଙ୍କର ଆହ୍ୱାନ ଗ୍ରହଣ କରି ତାଙ୍କ ସହ ଯୁଦ୍ଧକରି ତାଙ୍କୁ ପରାସ୍ତ କଲେ ଓ ତାପରେ ଆଦିବାସୀ ଯୁବତୀକୁ ବିବାହ କଲେ ।

ସେ ଯୁବତୀଟି ପ୍ରଥମକରି ପତ୍ରର ପୋଷାକ ପିନ୍ଧିଥିବାରୁ "ପତର ସଉରୁଣୀ" ନାମରେ ନାମିତ ହେଲେ । ଏହାପରେ ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ପତ୍ର ପୋଷାକ ପିନ୍ଧିବାର ପ୍ରଚଳନହେଲା । ସେଥିପାଇଁ ଜୁଆଙ୍ଗ ମାନଙ୍କୁ 'ପାଟୁଆ' ବୋଲି କୁହାଯାଉଥିଲା ।



## ଗୁଣିବିଦ୍ୟାର ସୃଷ୍ଟି

ଅନେକ ଦିନ ତଳର କଥା। ବଣମୂଳକରେ ଋଷି ଓ ଋଷିଆଣୀ ରହୁଥାଆନ୍ତି। ବଣର ଦାଢ଼ରେ ଝରଣାଟିଏ କୁଳୁକୁଳୁ ଗୀତ ଗାଇ ବହିଯାଉଥାଏ। ତାରି କୂଳରେ କୁଡ଼ିଆଟିଏ କରି ସେମାନେ ରହୁଥାଆନ୍ତି। ଅଭାବ ବୋଲି କିଛି ନଥାଏ। ବଣରୁ ଫଳମୂଳ ସଂଗ୍ରହ ଓ ଶିକାର କରି ସେମାନଙ୍କର ଦିନମାନ ଆନନ୍ଦରେ କଟିଯାଉଥାଏ।

ହେଲେ ଋଷିଙ୍କର ଗୋଟିଏ ଦୁଃଖ ଥାଏ। ସେ ନିଜେ ଯେତିକି ସରଳ ଓ ଦୟାବାନ୍, ତାଙ୍କର ସ୍ତ୍ରୀ ସେତିକି କଳହପ୍ରିୟା ଓ ନିଷ୍ଠୁରା। ଋଷିଆଣୀଙ୍କର ଜିଭ ବହୁତ ଲମ୍ବା ଓ ସବୁବେଳେ ମୁହଁର ବାହାରକୁ ଲମ୍ବହୋଇ ବାହାରିଥାଏ। ଏହାବାଦ୍ ସେ ଜିଭରେ ଭାଲୁ ଦେହପରି କଳା କଳା ଲୋମ ବଢ଼ି ତାହାକୁ ଅଧିକ କୁତ୍ସିତ ଓ ଭୟଙ୍କର କରିଥାଏ। ତେଣୁ ଋଷିଆଣୀ ଜିଭକୁ ପାଟି ଭିତରକୁ ନ ରଖି ସବୁବେଳେ ମୁହଁ ବାହାରକୁ ରଖୁଥାଆନ୍ତି। ଏହି ସମୟରେ ସେ କୌଣସି ମଣିଷ ବା ଜୀବଜନ୍ତୁଙ୍କୁ ଦେଖିଲେ "ମରିଯାଆ, ନିଆଁରେ ପୋଡ଼ି ହୋଇଯା, ରୋଗ ହୋଇଯାଉ" କହି ନିଷ୍ଠୁର ଅଭିଶାପ ଦିଅନ୍ତି। ତାଙ୍କର ଏହି ଅଭିଶାପ ଅବିଳମ୍ବେ କାର୍ଯ୍ୟକାରୀ ହୋଇଥାଏ। ଏହାଫଳରେ ଋଷିଙ୍କର ସୁନାମରେ ଆଞ୍ଚ ଆସେ। ମଣିଷମାନେ ଭୟରେ ଋଷିଙ୍କ ପାଖକୁତ ଆସିବା ଦୂରର କଥା, ତାଙ୍କ ଘର ନିକଟ ଦେଇ ଯିବା ଆସିବା ମଧ୍ୟ କରନ୍ତି ନାହିଁ।

ଏସବୁ ବିଷୟ ଦେଖି ଋଷିଙ୍କ ମନରେ ବହୁତ ଦୁଃଖ ହେଲା। ନିଜ ସ୍ତ୍ରୀ ଋଷିଆଣୀଙ୍କର ଦେହକୁ ଆରୋଗ୍ୟ କରିବାକୁ ସେ ବହୁତ ଚେଷ୍ଟାକଲେ ଓ ଚିକିତ୍ସା ମଧ୍ୟ କଲେ। କିନ୍ତୁ କିଛିବି କାମ ଦେଲା ନାହିଁ। ସବୁ ଚେଷ୍ଟା ବିଫଳ ହେବା ପରେ ସେ

ମହାପରବୁଙ୍କ ନିକଟକୁ ଯାଇ ସବୁ ବିଷୟ ବର୍ଣ୍ଣନା କରି କହିଲେ ଏବଂ ଋଷିଆଣୀଙ୍କ ଜିଭକୁ ଭଲ ଓ ସୁନ୍ଦର କରିବା ସହିତ ତାଙ୍କର ଆଚାର ଓ ବ୍ୟବହାରକୁ ମଧ୍ୟ ଉତ୍ତମ କରିବା ନିମନ୍ତେ ମହାପରବୁଙ୍କ ନିକଟରେ ନିବେଦନ କଲେ ।

ଏସବୁ ଶୁଣି ମହାପରବୁ ଗଭୀର ଚିନ୍ତା କଲେ । ସେ ଭାବିଲେ ଏପରି ହେଲେ ଋଷିଆଣୀ ତାଙ୍କର ପ୍ରିୟ ସୃଷ୍ଟିକୁ ଧ୍ୱଂସ କରିଦେବେ । ତେଣୁ ସେ ଋଷିଆଣୀଙ୍କ ନିକଟରେ ପହଞ୍ଚି ତାଙ୍କ ଜିଭକୁ ଟାଣିଧରି ସେଥିରୁ ସମସ୍ତ ବାଳକୁ ଉପାଡ଼ି ଦେଲେ । କିନ୍ତୁ ଏହା କିଛି ଫଳ ଦେଲାନି । ସେ ଜିଭରେ ପୁନର୍ବାର ବାଳ ଉଠି ପୂର୍ବପରି କଦାକାର ହୋଇଗଲା । ମହାପରବୁ ଚିନ୍ତାରେ ପଡ଼ିଲେ । ତାପରେ ସେ ଜଙ୍ଗଲରୁ ଗୋଟିଏ ବଡ଼ ନାଲିଆ ତେଲୁଣୀ ପୋକକୁ ଆଣି ଋଷିଆଣୀଙ୍କୁ ଖୁଆଇ ଦେଲେ । ଏହା ସଙ୍ଗେ ସଙ୍ଗେ କାମ ଦେଲା । ଋଷିଆଣୀଙ୍କ ଜିଭ, ବାଳଶୂନ୍ୟ ଓ ଛୋଟ ହୋଇଯାଇ ପାଟି ଭିତରେ ଲୁଚିକରି ରହିଲା ଓ ସେ ଏ ଅବସ୍ଥାରେ ଅନ୍ୟକୁ ଅଭିଶାପ ଦେଲେ ତାହା କାର୍ଯ୍ୟକାରୀ ହେଲା ନାହିଁ ।

ଏହିପରି କିଛି ଦିନ ଭଲରେ ଚାଲିଲା । ଋଷିଆଣୀଙ୍କର ପ୍ରକୃତି ମଧ୍ୟ ଧୀରେ ଧୀରେ ବଦଳିଗଲା । ମାତ୍ର କିଛିଦିନ ପରେ ଋଷିଆଣୀଙ୍କ ଜିଭରେ ପୁନର୍ବାର ବାଳ ଉଠିଲା । ମାତ୍ର ଏଥରକୁ ତାଙ୍କ ଜିଭରେ ମାତ୍ର ଗୋଟିଏ ବାଳ ଉଠିଲା । ଏହାପରେ ସେ ପୁଣି ଗାଳିଦେବା ଓ ଅଭିଶାପ ଦେବାକୁ ଲାଗିଲେ । ଋଷି ଏ ବିଷୟ ମହାପରବୁଙ୍କୁ ଜଣାଇଲେ । ମହାପରବୁ କହିଲେ, "ଏବେ ଦୁନିଆରେ ଅନେକ ଖଳ ଓ ମନ୍ଦ ପ୍ରକୃତିର ଲୋକ ଜାତ ହେବେ ଓ ଜଗତର ଅମଙ୍ଗଳପାଇଁ ଅଶୁଭ କାମ କରିବେ । କେବଳ ଋଷିଆଣୀ ନୁହଁ ସବୁ ଦୁଷ୍ଟ ଆତ୍ମାଙ୍କୁ ଜବତ କରିବା ଦରକାର ।" ମନ୍ଦ ଆତ୍ମା ସବୁଙ୍କୁ ଆୟତ୍ତ କରିବା ପାଇଁ ସେ ପ୍ରଥମ କରି ସିନ୍ଧୋଗୁରୁ ଓ ପାନ୍ତୋଗୁରୁ ନାମକ ଦୁଇ ଜଣ ଗୁଣିଆଙ୍କୁ ସୃଷ୍ଟି କଲେ । ସେମାନେ ଥିଲେ ଗୁଣି ଗାରେଡ଼ି ବିଦ୍ୟାରେ ପାରଙ୍ଗମ । ତାକୁ ପ୍ରୟୋଗକରି ସେମାନେ ମନୁଷ୍ୟ ଓ ପ୍ରାଣୀ ମାନଙ୍କୁ ଦୁଷ୍ଟ ଶକ୍ତିମାନଙ୍କ ଦୌରାତ୍ମ୍ୟରୁ ରକ୍ଷାକଲେ । ପରେ ତାଙ୍କ ଠାରୁ ଗୁଣିବିଦ୍ୟା ଶିକ୍ଷା କରି ପୃଥିବୀର ଲୋକମାନେ ଏବେ ମଧ୍ୟ ମନ୍ଦ ଆତ୍ମାସବୁଙ୍କୁ ଜବତ କରୁଛନ୍ତି ଓ ସୁଖ ଶାନ୍ତି ଫେରାଇ ଆଣୁଛନ୍ତି ।



# ପୃଥିବୀରେ ପ୍ରଥମ ଉଲ୍‌କାପାତ

ଅନେକ ଦିନ ତଳର କଥା। ମହାପରବ୍ରୁ ପୃଥିବୀକୁ ପ୍ରଥମେ ସୃଷ୍ଟି କରି ତାପରେ ସମସ୍ତ ଜୀବଜନ୍ତୁଙ୍କୁ ସୃଷ୍ଟି କଲେ। ମଣିଷ ସମସ୍ତଠାରୁ ଶ୍ରେଷ୍ଠ ଥିଲା। ପୃଥିବୀରେ ରୋଗ, ଶୋକ, ଭୋକ, ଭୟ, ପ୍ରଭୃତି କିଛି ନଥିଲା। ସମସ୍ତ ଜୀବଜନ୍ତୁ ମହାପରବ୍ରୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ଭାଇଚାରା ଥିଲା। କେହି କାହାର ଅନିଷ୍ଟ କରୁନଥିଲେ। ସଭିଏଁ ନିୟମମାନି ଧର୍ମମାର୍ଗରେ ଚାଲୁଥିଲେ। ପୃଥିବୀରେ ଚାରିଆଡ଼େ ଶାନ୍ତି ବିରାଜମାନ କରୁଥିଲା। ପାପର ନାଁ ଗନ୍ଧ ନଥିଲା। ସମସ୍ତେ ସୁଖ ଶାନ୍ତିରେ ରହୁଥିଲେ।

ପାହାଡ଼ ଜଙ୍ଗଲ ଘେରା ମୂଲକ। ତା କୋଳରେ ଛୋଟିଆ ଜୁଆଙ୍ଗ ଗାଁଟିଏ। ସେଇ ଗାଁରେ ଗୋଟିଏ ପରିବାରରେ ସ୍ୱାମୀ ସ୍ତ୍ରୀ ଏବଂ ତାଙ୍କର ଛୋଟିଆ ପୁଅଟିଏ ରହୁଥାଆନ୍ତି। ଗୋଟିଏ ବୋଲି ପୁଅ ହୋଇଥିବାରୁ ପିଲାଟି ଦିନରୁ ସେ ବହୁତ ଗେଲବସରରେ ବଢୁଥାଏ। ତାର ସମସ୍ତ ଅଳୀ ଅଝଟ ବାପ ମା ସାଙ୍ଗେ ସାଙ୍ଗେ ପୂରଣ କରୁଥାନ୍ତି। ଏପରି ବଢୁଥିବାରୁ ସେ ବଡ଼ ହୋଇ ଯୁବକ ହେବାବେଳକୁ ମନ ମୋଟିଆ ହୋଇଗଲା। ତାର ଭଲମନ୍ଦ ବିଚାର କରିବା ଶକ୍ତି ରହିଲା ନାହିଁ। ସେ ସମାଜରେ ଭଲ କାମ କେବେ ବି କଲା ନାହିଁ, ମାତ୍ର ହିଂସା, ଗଣ୍ଡଗୋଳ, ଲୁଟ୍‌ତରାଜ ପ୍ରଭୃତି ଅପରାଧ ଓ ପାପ କାମ ସବୁବେଳେ କରିବାରେ ଲାଗିଲା।

ଦିନକୁ ଦିନ ଯୁବକଟିର ଅପରାଧ ମନୋବୃତ୍ତି ବଢ଼ିବାରେ ଲାଗିଲା। ପ୍ରଥମେ ପ୍ରଥମେ ତାର ମନ୍ଦକାମ ଗୁଡ଼ିକ ଗାଁର ମୁଖିଆ ବିଚାର କରୁଥିଲେ ଓ ତାର ଦୋଷ ପାଇଁ ବିଧିମୁତାବକ ଦଣ୍ଡ ଦେଉଥିଲେ। କିନ୍ତୁ ଏଇ କୋହଳ ଦଣ୍ଡକୁ ସେ ଖାତିର କରୁ ନଥିଲା। କିଛିଦିନ ପରେ ସେ ଜାଣିଶୁଣି ବଡ଼ ବଡ଼ ଗଣ୍ଡଗୋଳ ଓ ଗର୍ହିତ ଅପରାଧ ସବୁ କରିବାକୁ ଆରମ୍ଭ କଲା।

ଯୁବକଟିର ପାପକାମ ଚରମସୀମାରେ ପହଞ୍ଚିଲା । ସେ ଗଣ୍ଡଗୋଳରେ ମାତି ଜଣେ ଲୋକକୁ ହତ୍ୟା କଲା । ଗ୍ରାମର ମୁଖିଆ ସେ ବିଷୟ ନେଇ ରାଜାଙ୍କ ଦରବାରରେ ଫେରାଦ୍ ହେଲେ । ରାଜା ସମସ୍ତ ବିବରଣୀ ଶୁଣି ବିଚାର କରି ତାକୁ ଫାଶିଦଣ୍ଡ ଆଦେଶ ଦେଲେ ।

ଫାଶି ପାଇ ମରିବା ପରେ ଯୁବକଟିର ଆତ୍ମା ସ୍ୱର୍ଗରେ ମହାପରବୁଙ୍କ ଦରବାରରେ ପହଞ୍ଚିଲା । ସେହି ଆତ୍ମାର ବେକରେ ଫାଶି ଦଉଡ଼ିଟି ପୂର୍ବପରି ଓହଳିଥାଏ । ସେ ସେଥିରୁ ମୁକୁଳି ପାରୁନଥାଏ । ମହାପରବୁ ଏହା ଦେଖିଲେ । ଆତ୍ମାଟି ତାର ଜୀବଦ୍ଦଶାରେ ଦୁଷ୍ଟଚରିତ୍ର ଓ ପାପୀ ବୋଲି ସେ ଜାଣି ପାରିଲେ ।



ତାକୁ ସେଠାରେ ଦେଖିବା ମାତ୍ରେ ମହାପରବୁ ବହୁତ ରାଗିଲେ । ସେ କହିଲେ, "ରେ ଦୁଷ୍ଟପାପୀ, ମୋର ଏହି ପବିତ୍ର ଦରବାରରେ ତୋପରି କଳଙ୍କିତ ଆତ୍ମାର ସ୍ଥାନ ନାହିଁ ।" ଏହାକହି ସେ ନଷ୍ଟ ଚରିତ୍ର ଆତ୍ମାକୁ ଧରି ସ୍ୱର୍ଗରୁ ତଳକୁ ଫିଙ୍ଗିଦେଲେ । ତାହା ଆକାଶରେ ଜଳିଜଳି ପୃଥିବୀ ଉପରକୁ ଫେରି ଆସିଲା ଓ ଭୂତ ହୋଇ ରହିଲା ।

ତାହାଥିଲା ପୃଥିବୀର ପ୍ରଥମ ଉଲ୍‌କାପାତ । ମହାପରବୁ ତାଙ୍କ ପବିତ୍ର ଦରବାରରେ ପାପୀ ଆତ୍ମାକୁ ସ୍ଥାନ ଦିଅନ୍ତି ନାହିଁ । ପୃଥିବୀରେ ପାପକାମ କରି ମରିବା ପରେ ଆତ୍ମା ସ୍ୱର୍ଗକୁ ଗଲେ ମହାପରବୁ ତାକୁ ରାଗରେ ତଳକୁ ଫୋପାଡ଼ି ଦିଅନ୍ତି । ସେମାନଙ୍କର ଆତ୍ମା ଆକାଶରେ ଜଳିଯିବା ବେଳେ ପୃଥିବୀର ଲୋକମାନେ ଦେଖିପାରନ୍ତି । ସେହି ନଷ୍ଟ ଆତ୍ମାମାନେ ସେମାନଙ୍କର ଜୀବନକାଳର ପାପକର୍ମ ପାଇଁ ଭୂତ ହୋଇ ଦଣ୍ଡ ପାଆନ୍ତି ।

ଏବେ ମଧ୍ୟ ପବିତ୍ର ସ୍ୱର୍ଗ ରାଜ୍ୟରେ ନଷ୍ଟ ଆତ୍ମା ପ୍ରବେଶ କଲେ, ଧରମ ଦେବତା ମହାପରବୁ ସେମାନଙ୍କୁ ତିରସ୍କାର କରି ପୃଥିବୀ ଉପରକୁ ରାଗରେ ନିକ୍ଷେପ କରନ୍ତି । ସ୍ୱର୍ଗ ବିଚ୍ୟୁତ ହେବାପରେ ସେମାନେ ସେମାନଙ୍କର ପାପର ଦଣ୍ଡ ପାଇ ଜଳିଜଳି ପୃଥିବୀପୃଷ୍ଠକୁ ଖସନ୍ତି । ଏହି ଦୃଶ୍ୟକୁ ପୃଥିବୀବାସୀ ଉଲକାପାତ ବୋଲି କହନ୍ତି ।



# ଇନ୍ଦ୍ରଧନୁର ସୃଷ୍ଟି



ଆଦିମ କାଳର କଥା। ଚଉଦିଗରେ ବଣ ଜଙ୍ଗଲ, ପାହାଡ଼ ପରିପୂର୍ଣ୍ଣ। ତାରି ଭିତରେ ଜୁଆଙ୍ଗ ବସତି। ବଣ ଜଙ୍ଗଲରୁ ଫଳମୂଳ ସଂଗ୍ରହ ଓ ଶିକାର କରି ପେଟ ପୋଷିବା ସେମାନଙ୍କର ପ୍ରଧାନ ଜୀବିକା। କିଏ କେମିତି ପାହାଡ଼ ତଳିଆ ଜମି ଖଣ୍ଡେ ଖଣ୍ଡେ ପୋଡ଼ି ସଫାକରି ଧାନ, ମାଣ୍ଡିଆ, ରାଶି, ସୋରିଷ, ମକା, ଝୁଡଙ୍ଗ, ଅଦା, ହଳଦୀ ପ୍ରଭୃତି ଚାଷ କରନ୍ତି। ପାହାଡ଼ ବଣ ଜଙ୍ଗଲ ସେମାନଙ୍କର ଘର ଓ ସୁଖଦୁଃଖର ସାଥି। ଜଙ୍ଗଲ, ଜୀବନଧାରଣର ପ୍ରଧାନ ମାଧ୍ୟମ ହୋଇଥିବାରୁ, ସକାଳୁ ଉଠିଲେ ଲୋକମାନେ ଜଙ୍ଗଲକୁ ନଗଲେ ନ ଚଳେ।

ସେଇ ଗାଁରେ ଗୋଟିଏ ପରିବାରରେ ଦୁଇଟି ଭାଇ ରହୁଥାନ୍ତି। ପିଲାଟି ଦିନୁ ସେମାନଙ୍କର ବାପା ମା ମରିଯାଇ ଥାଆନ୍ତି। ସାନଭାଇ ଛୁଆଟିଏ। ଦେଖାରଖା କରିବାକୁ କେହି ନଥାନ୍ତି। ତେଣୁ ବଡ଼ ଭାଇ ମୁଣ୍ଡରେ ଭରଣପୋଷଣର ସବୁତକ ବୋଝ। ବାପା ମା ନଥିବାରୁ ସାନଭାଇକୁ ସେ ବହୁତ

ଭଲ ପାଉଥାଏ। ପିଲାଟି ଦିନରୁ ସେ ତାକୁ କାଖେଇ କୋଳେଇ ଓ ଖୁଆଇ ପିଆଇ ମଣିଷ କରିଥାଏ। ତେଣୁ ସାନଭାଇଟି ବି ବଡ଼କୁ ଆଦରି ଯାଇଥାଏ। ଯୁଆଡ଼େ ଗଲେ ତା ପଛେ ପଛେ ଗୋଡ଼ାଏ।

ପହିଲି ଆଷାଢ଼ ବେଳ। ରାତି ପାହି ଫରଚା ହୋଇଆସୁଥାଏ। ପୂରୁବ ଆକାଶରେ ସିନ୍ଦୁରା ଫାଟି ଆସୁଥାଏ। ତା ସାଙ୍ଗକୁ ଖଣ୍ଡିଆ ଖଣ୍ଡିଆ କଳା ବାଦଲ ଏଣେତେଣେ ଭାସିବୁଲି ଛାଇ ଆଲୁଅର ଖେଳ ଦେଖାଉଥାନ୍ତି। ବଣୁଆ ଫୁଲର ମହକ ସକାଳୁଆ ଶୀତଳ ପବନରେ ମିଶି ଚଉଦିଗକୁ ସୁଗନ୍ଧିତ କରୁଥାଏ। ପକ୍ଷୀ କୂଳର କାକଳୀ ବଣମୂଲକରେ ମଧୁର ସଙ୍ଗୀତ ସୃଷ୍ଟି କରୁଥାଏ। ବଣ କୁକୁଡ଼ାଟି ରହି ରହି କଃ କଃ ରାବରେ ରାତି ପାହିବାର ସୂଚନା ଦେଉଥାଏ।

ଭାଇ ଦୁଇଜଣ ସକାଳୁ ଉଠି ନିତ୍ୟକର୍ମ ସାରିଦେଲେ। ଘରେ ଖାଇବା ପାଇଁ ବିଶେଷ କିଛି ନଥାଏ। ବଣକୁ ଯାଇ କିଛି ଫୁଲମୂଳ ନ ଆଣିଲେ ନଚଳେ। ଅଦିନିଆ ପାଣି ପବନ ପାଇ ବଣକନ୍ଦା ଗୁଡ଼ିକ ଗଜେଇ ଥିବ। ଖୋଜିବାକୁ ବେଶି ଡେରିହେବ ନାହିଁ। ସକାଳୁ ସକାଳୁ ବାହାରିଗଲେ ଛାଇ ଲେଉଟାଣି ବେଳକୁ ଖୋଳାଖୋଳି କରି ଦିଓଳି ଚଳିବାକୁ ଢେର କନ୍ଦମୂଳ ମିଳିଯିବ। ପାଚିଲା କେନ୍ଦୁ ଅଣ୍ଡିଏ ହେବ ତୋଳିଦେଲେ ସାନଭାଇ ମନବୋଧକରି ଖାଉଥିବ। ଏଇଆ ବିଚାରି ବଡ଼ଭାଇଟି ସାନକୁ ସାଙ୍ଗରେ ଧରି ଜଙ୍ଗଲକୁ ବାହାରି ପଡ଼ିଲା।

ଗାଁ ମୁଣ୍ଡରୁ ଜଙ୍ଗଲ ଆରମ୍ଭ। ଜଙ୍ଗଲର ମଝିରେ ସରୁ ଚଲାବାଟ ସାପପରି ବଙ୍କେଇ ଟଙ୍କେଇ ଜଙ୍ଗଲ ଭିତରକୁ ଲମ୍ବି ଯାଇଛି। ଦିଭାଇ ଯାକ ମନଖୁସିରେ ଜଙ୍ଗଲ ଆଡ଼କୁ ମୁହାଁଇଥାନ୍ତି। ଚାରିଆଡ଼ ଶୁନ୍‌ଶାନ୍। ସକାଳୁ ସକାଳୁ ଲୋକବାକ କେହି କୁଆଡ଼େ ନଥାନ୍ତି। ବଡ଼ଭାଇ ଆଗେ ଆଗେ ବାଟ କଢ଼ାଇ ଚାଲିଥାଏ। ପାହାଡ଼ ଝରଣାଟିଏ ବାଟ ଦାଢ଼େ ଦାଢ଼େ କୁଳୁକୁଳୁ ନାଦକରି ବହିଯାଉଥାଏ। ଆଗମୋଡ଼ରେ ଆତୁଣ୍ଡି ଲତାଟିଏ ଝରଣା କୂଳରୁ ବାହାରି ପାଖ ଜଙ୍ଗଲିଆ ବୁଦା ଉପରେ କୁଞ୍ଜପରି ଲଟେଇ ଥାଏ।

ଆତୁଣ୍ଡିଲତା ଗହଳରେ ବାଘଟିଏ ଲୁଚିକରି ବସିଥିଲା। ଭାଇ ଦୁଇଜଣ ବୁଲାଣିମୁଣ୍ଡରେ ସେଇ ବୁଢ଼ା ପାଖରେ ପହଞ୍ଚିବା ମାତ୍ରେ ବାଘଟି ଝେପାମାରି ବଡ଼ଭାଇର ବେକକୁ କାମୁଡ଼ି ଧରି ମାରିଦେଲା। ସାନ ତ ଛୁଆଟିଏ। ସେ ବାଘକୁ ଦେଖି ଭୟରେ ଚିତ୍କାର କରି ଦଉଡ଼ିଲା। ବାଘଟି ଚିତ୍କାର ଶୁଣି ପିଲାଟି ପଛରେ ଦଉଡ଼ି ତାକୁ ଗୋଡ଼ଆଡ଼ୁ ଧରି ପକାଇଲା ଏବଂ ମାରି କରି ଖାଇଦେଲା। ଭାଇ ଦୁଇଜଣ ଏହିପରି ମରିଯିବା ପରେ ସେମାନଙ୍କର ଆତ୍ମା ସ୍ୱର୍ଗକୁ ଗଲେ। ଦୁଇ ଭାଇ ପରସ୍ପରକୁ ଭଲପାଉଥିଲେ। ସେମାନଙ୍କର ରକ୍ତଭିଜା ଆତ୍ମା ସ୍ୱର୍ଗରେ ଏକାଠି ମିଳିତ ହେଲେ। ସୂର୍ଯ୍ୟଙ୍କ କିରଣ ଦୁଇଭାଇଙ୍କ ରକ୍ତରଞ୍ଜିତ ଆତ୍ମାକୁ ଭେଦକରି ଆକାଶରେ ଅପୂର୍ବ ବର୍ଣ୍ଣାଳୀ ସୃଷ୍ଟି କଲା। ଏହା ହେଲା ସୃଷ୍ଟିର ପ୍ରଥମ ଇନ୍ଦ୍ରଧନୁ।



ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ପୂର୍ବ ଦିଗରେ ଇନ୍ଦ୍ରଧନୁ ଦେଖାଦେଲେ ବହୁତ ବର୍ଷା ହୁଏ, ଫସଲ ଭଲ ହୁଏ। ପଶ୍ଚିମ ଦିଗରେ ଇନ୍ଦ୍ରଧନୁ ଦେଖାଦେଲେ ସେ ବର୍ଷ ମରୁଡ଼ି ହୁଏ।



# କମଣ (ପୋଡୁ)ଚାଷର ଆରମ୍ଭ



ଆଦିମ କାଳର କଥା । ମହାପରବୁ ପୃଥିବୀ ସୃଷ୍ଟିକରି ତା ଉପରେ ପାହାଡ଼, ପର୍ବତ ଝରଣା, ନଦୀ ନାଳ, ବୃକ୍ଷଲତା ଓ ପଶୁପକ୍ଷୀ ପ୍ରଭୃତି ସୃଷ୍ଟିକରି ଏହାକୁ ଅଧିକ ସୁନ୍ଦର କଲେ । ତାପରେ ମାନବ ସୃଷ୍ଟି କରିବା ପାଇଁ ତାଙ୍କର ଆଗ୍ରହ ହେଲା । ତାଙ୍କର ଇଚ୍ଛାରୁ ପୃଥିବୀର ପ୍ରଥମ ମାନବ ରୂପେ ଋଷି ଜନ୍ମଲାଭ କଲେ । ମହାପରବୁ ଋଷିଙ୍କୁ ବିବାହିତ ଜୀବନଯାପନ କରି ମାନବ ସୃଷ୍ଟି କରିବା ପାଇଁ ଆଦେଶ ଦେଲେ । ଋଷି ମହାପରବୁଙ୍କ ଆଦେଶ ମୁତାବକ ପୂର୍ବଦିଗକୁ ଜୀବନ ସଙ୍ଗିନୀ ଅନ୍ୱେଷଣରେ ବାହାରି ପଡ଼ିଲେ । ଏହାପରେ ମହାପରବୁ ଋଷିଆଣୀଙ୍କୁ ସୃଷ୍ଟି କରି ସେହିପରି ଆଦେଶ ଦେବାରୁ ସେ ସାଥୀ ଯୋଗାଡ଼ରେ ପଶ୍ଚିମ ଦିଗକୁ ଗଲେ । ଉଭୟେ ବୁଲି ବୁଲି ଗୋନାସିକାରେ ପରସ୍ପରକୁ ଭେଟିଲେ ।

ଜୀବନସାଥି ବାଛିବା ପାଇଁ ଦୁହେଁ ତାଙ୍କ ଭ୍ରମଣକାଳରେ ଅନେକ ଜୀବଜନ୍ତୁଙ୍କ ସହ ସାକ୍ଷାତ କରିଥିଲେ । କିନ୍ତୁ କାହାକୁ ବି ଉପଯୁକ୍ତ ବୋଲି ଭାବି ନଥିଲେ । ମାତ୍ର ପ୍ରଥମ ସାକ୍ଷାତରେ ଉଭୟେ ଉଭୟଙ୍କୁ ଦେଖୁ ଦେଖୁ ଆଶ୍ଚର୍ଯ୍ୟ ହୋଇ ଅନେଇ ରହିଲେ । ମହାପରବୁଙ୍କ ସୃଷ୍ଟିର ସେମାନେ ପ୍ରଥମ ମନୁଷ୍ୟ । ପ୍ରଥମ ଦେଖାରେ ହିଁ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହୋଇ ବିବାହ କଲେ । ଏହା

ପୂର୍ବରୁ ସେମାନେ ଭୋକ କଷ୍ଟ ଜାଣି ନଥିଲେ। ମାତ୍ର ଏହାପରେ ଭୋକ ତାଙ୍କ ଶରୀରରେ ପ୍ରବେଶ ହେବାରୁ ସେମାନେ କଣ କରିବେ ଜାଣି ନପାରି ବିକଳରେ କାନ୍ଦିବାକୁ ଲାଗିଲେ।

ସେମାନଙ୍କର କରୁଣ କ୍ରନ୍ଦନ ମହାପରବୁ ଶୁଣି ପାରିଲେ। ସେ ସଙ୍ଗେ ସଙ୍ଗେ ସେମାନଙ୍କ ନିକଟରେ ପହଞ୍ଚି ଗୋଟିଏ ସୁନାର ଖୁରୁପୀ ଦେଲେ ଓ ଜଙ୍ଗଲରେ ଥିବା କନ୍ଦାକୁ ଚିହ୍ନାଇ ଦେଇ ଭୋକ ହେଲେ ଖୋଳି ଖାଇବା ପାଇଁ ଉପଦେଶ ଦେଲେ।

ଏହାପରେ ଋଷି ଓ ଋଷିଆଣୀଙ୍କର ଖାଇବା ସମସ୍ୟା ଦୂର ହୋଇଗଲା। ସେହିଦିନଠାରୁ ସେମାନେ ଜଙ୍ଗଲରେ ବୁଲି ବୁଲି ବିଭିନ୍ନ କନ୍ଦା ଖୋଳି ଖାଇ ନିଜର ଭୋକ ମେଣ୍ଟାନ୍ତି। ମହାପରବୁଙ୍କ ଦ୍ୱାରା ପ୍ରଦତ୍ତ ସୁନା ଖୁରୁପୀ ସାହାଯ୍ୟରେ ଖୋଳାଯାଉଥିବାରୁ କନ୍ଦା ଗୁଡ଼ିକ ସୁସ୍ୱାଦୁ ହେଉଥାଏ। ସେମାନଙ୍କର ଆଉ କିଛି ଅସୁବିଧା ନଥାଏ। ଦିନ ଗୁଡ଼ିକ ଖୁସିରେ କଟି ଯାଉଥାଏ। ଏହିପରି କିଛିଦିନ ଗଲା।

ଦିନେ ଋଷିଆଣୀ ନିଜେ କନ୍ଦା ଖୋଳିବାକୁ ଜଙ୍ଗଲକୁ ଗଲେ। ସେଦିନ ସେ ସୁନାଖୁରୁପୀକୁ ନେଇନଥାନ୍ତି। ତେଣୁ ଜଙ୍ଗଲରୁ ଖଣ୍ଡେ କାଠ ସଂଗ୍ରହ କରି ଗୋଜଣାଟିଏ ତିଆରି କଲେ ଓ ସେଥିରେ କନ୍ଦା ଖୋଳିଲେ। କନ୍ଦାଗୁଡ଼ିକ ସୁନାଖୁରୁପୀ ଦ୍ୱାରା ଖୋଳା ହୋଇନଥିବାରୁ ସୁସ୍ୱାଦୁ ହେଲା ନାହିଁ। ଋଷିଆଣୀଙ୍କୁ ଭୋକ ହେବାରୁ ସେ ଖୋଳିଥିବା କନ୍ଦାରୁ କିଛି ଖାଇଲେ। ଏଗୁଡ଼ିକ ପୂର୍ବପରି ସ୍ୱାଦଯୁକ୍ତ ହୋଇନଥିବାରୁ ସେ ବିରକ୍ତ ହୋଇ ସେଥିରେ ଛେପ ପକାଇ ଘୃଣାର ସହିତ ଦୂରକୁ ଫିଙ୍ଗି ଦେଲେ। ଫଳରେ ପୃଥିବୀରେ ଉପୁଜୁଥିବା କନ୍ଦାଜାତୀୟ ଫସଲ ଗୁଡ଼ିକ ତାପରଠାରୁ ପିତା ହୋଇଗଲା।

କିଛି ସମୟପରେ ଋଷିଘରକୁ ଫେରିଲେ। ତାଙ୍କୁ ବହୁତ ଭୋକ ହେଉଥାଏ। ସେ ଋଷିଆଣୀଙ୍କୁ ଖାଇବାକୁ ମାଗିଲେ। ଋଷିଆଣୀ ରାଗରେ, ଖୋଳିକରି ଆଣିଥିବା କନ୍ଦାଗୁଡ଼ିକ ଆଣି ଓଜାଡ଼ି ଦେଲେ। ଋଷି ତାକୁ ଖାଇବା ପରେ ଜାଣିଲେ ଯେ ସେଗୁଡ଼ିକ ପିତା ଓ ଖାଇବା ପାଇଁ ଅରୁଚିକର। ସେ ତାହା

ନଖାଇ ଉପାସ ରହିଲେ। କିଛି ନ ଖାଇ ଋଷି ଓ ଋଷିଆଣୀ ଉପାସ ରହିବା ପରେ ଦୁର୍ବଳ ହୋଇଗଲେ। ଆଉ ଭୋକ ସହିନପାରି ଶେଷରେ ମହାପରବୁଙ୍କୁ ନିଜର ଦୁଃଖ ଜଣାଇଲେ ଓ ସେମାନଙ୍କର ଖାଇବା ପାଇଁ ଅନ୍ୟକିଛି ବ୍ୟବସ୍ଥା କରିବା ପାଇଁ ଗୁହାରି କଲେ।

ମହାପରବୁ ସବୁକଥା ଶୁଣି କହିଲେ, "ଯଦି କନ୍ଦା ଖାଇବା ପାଇଁ ଇଚ୍ଛା ହେଉ ନାହିଁ। ତେବେ ଜଙ୍ଗଲରେ କମଣ ଚାଷ କର।" ଏହା କହି ସେ ଚାଲିଗଲେ। ଚାଷ କଣ ଋଷି ଜାଣି ନଥାନ୍ତି। ପୁଣି କମଣ ଚାଷ ସମ୍ବନ୍ଧରେ ତାଙ୍କର ଜ୍ଞାନ ବା କେତେ ? କେଉଁ କେଉଁ ଫସଲ ଖାଦ୍ୟ ଉପଯୋଗୀ ଓ ତାହାର ମଞ୍ଜି ସେ କେଉଁଠାରୁ ପାଇବେ ଓ ଏହା କେଉଁ ସମୟରେ ଚାଷ କରାଯିବ ସେ ବିଷୟ ସେ ନ ଜାଣିଥିବାରୁ ବହୁତ ଚିନ୍ତିତ ହେଲେ। ସେ କଥା ଭାବି ଭାବି ସେ ଜଙ୍ଗଲରେ ଋଷିଆଣୀଙ୍କ ସହିତ ଏଣେତେଣେ ବୁଲିବାରେ ଲାଗିଲେ।

ଏହିପରି କିଛି ଦିନଗଲା। ଋଷି ଓ ଋଷିଆଣୀ ନ ଖାଇ ନ ପିଇ ଉପାସରେ ଜଙ୍ଗଲ ଭିତରେ ବୁଲୁଥାନ୍ତି। ଅନେକ ଦିନଧରି ଖାଇ ନଥିବାରୁ ଭୋକରେ ସେମାନଙ୍କ ହଂସା ଉଡୁଥାଏ। ବୁଲି ବୁଲି ପାହାଡ଼ର ତଳ ଆଡ଼କୁ ଆସିଲେ। କିଛି ଦୂରରୁ ଦେଖିଲେ ତାଙ୍କରି ଭଳି ଦେଖାଯାଉଥିବା ଜଣେ ବୁଢ଼ା ମଣିଷ ଗଛ ଉପରେ ଚଢ଼ି ବସିଛି। ସେ ଗଛତଳେ ଜଙ୍ଗଲ ହଣା ହୋଇ ପୋଡ଼ା ହୋଇଛି ଓ ତାର ତଳେ ବିଭିନ୍ନ ପ୍ରକାରର ଗଛ ଲଗା ହୋଇଛି। ସେ ଗଛ ଗୁଡ଼ିକରେ ଜାତିଜାତିକା ଫଳ ପାଚିକରି ଖଞ୍ଜି ହୋଇଛି। ଋଷି ଓ ଋଷିଆଣୀ ଏହା ପୂର୍ବରୁ ଅନ୍ୟ କୌଣସି ମଣିଷ ଦେଖି ନଥିଲେ, ଭୋକ ବି ପ୍ରବଳ ହେଉଥିଲା ଏବଂ ଚାଷ ବିଷୟରେ ଜାଣିବାପାଇଁ ମଧ୍ୟ ଚାହୁଁଥିଲେ। ଏସବୁକଥା ସେହି ମଣିଷ ପାଖକୁ ଗଲେ ସମାଧାନ ହୋଇପାରିବ ଭାବି ସେଠାକୁ ଗଲେ।



ଋଷି ଓ ଋଷିଆଣୀ ଶସ୍ୟକ୍ଷେତ୍ର ପାଖରେ ପହଞ୍ଚୁ ପହଞ୍ଚୁ ଗଛଡାଳରେ ବସିଥିବା ବୁଢ଼ା ଲୋକଟି ପାଚିକରି

କହିଲା, "ସାବଧାନ ମୋ କ୍ଷେତରୁ ଫସଲ ଖାଅ ନାହିଁ।" ସେତେବେଳକୁ ଋଷି ଓ ଋଷିଆଣୀଙ୍କ ଅବସ୍ଥା ଅସମ୍ଭାଳ। ଭୋକ ଉପାସରେ ସେମାନଙ୍କର ଜୀବନ ଯିବା ଉପରେ। ବାଟ ଚାଲି ପାରୁନଥାନ୍ତି। କେବଳ ମାଟି ଉପରେ ଘୋଷାରି ହୋଇ କ୍ଷେତ ପାଖରେ ପହଞ୍ଚିଲେ। ବୁଢ଼ାଲୋକଟି କ୍ଷେତ ଫସଲକୁ ଖାଇବା ପାଇଁ ମନା କରୁଥିବାରୁ କ୍ଷେତର ଫସଲ ଖାଇବା ଯୋଗ୍ୟ ବୋଲି ଜାଣିପାରି ଜୀବନ ବଞ୍ଚାଇବା ପାଇଁ ବୁଢ଼ାର ବାରଣ ସତ୍ତ୍ୱେ ସେଥିରୁ ଖାଇଲେ।



ଏହାପରେ ବୁଢ଼ାଟି ଗଛ ଉପରୁ ତଳକୁ ଓହ୍ଲାଇ ଆସିଲା। ଋଷି ଓ ଋଷିଆଣୀଙ୍କ ପାଖରେ ପହଞ୍ଚି କହିଲା, "ଦେଖ ଏସବୁ ଫସଲ ଉତ୍ପନ୍ନ କରିବା ହେଉଛି କମଣ ଚାଷ। ପାହାଡ଼ ଉପର ଜଙ୍ଗଲକୁ କାଟି ପୋଡ଼ି ସେଥିରେ ମୁଁ ଏସବୁ ଫସଲ କରିଛି ଏଥିରେ ମାଣ୍ଡିଆ, ଧାନ, ଜାଲି, ଗଙ୍ଗେଇ, କାଙ୍ଗୁ, ରାଶି, ତୁକୋ, ବିରି ଓ କୋଳଥ ପ୍ରଭୃତି ଫସଲ ବୁଣିଛି। ମୁଁ ବୁଢ଼ା ହୋଇ ଏପରି ଫସଲ କମେଇ ପାରିଲି ଅଥଚ ତୁମେ ଭେଣ୍ଡିଆ ହୋଇ କାହିଁକି କରିପାରିବ ନାହିଁ। ତୁମେ ଦୁଇଜଣ ଯାକ ଭୋକିଲା ଅଛ। ମନବୋଧ କରି ପ୍ରଥମେ ଖାଅ। ଏ ଫସଲ କ୍ଷେତ ତୁମକୁ ଦାନ କରି ଦେଲି। ଏ ଫସଲରୁ ବିହନ ରଖି କମଣ ଚାଷକରି ଚଳିବ।"

ଏହା କହି ବୁଢ଼ା ଚାଲିଗଲା। ଋଷି ଜାଣିପାରିଲେ ସେ ହେଉଛନ୍ତି ନିଜେ ଦୟାଶୀଳ ମହାପରବୁ। ତାଙ୍କର ମହାନ୍ ଉପଦେଶକୁ ପାଳନ କରି ଋଷି ଜଙ୍ଗଲ ସଫା କରି କମଣ ଚାଷ କଲେ। ତାଙ୍କର ସନ୍ତାନ ଜୁଆଙ୍ଗମାନେ ବଣ ପାହାଡ଼ ଘେରା ଅଞ୍ଚଳରେ ଏବେ ମଧ୍ୟ ପରିବାରର ଭରଣପୋଷଣ ପାଇଁ କମଣ ଚାଷ ବା ତଇଲା ଚାଷ କରୁଛନ୍ତି।



# ଅନ୍ୟାନ୍ୟ କାହାଣୀ

# ଟିକି ଚଢ଼େଇ ଓ ଛେଳି ଜଗୁଆଳୀ ପିଲା କଥା



ବଣ ପାହାଡ଼ଘେରା ଅଞ୍ଚଳ। ତାରି ଭିତରେ ଜୁଆଙ୍ଗ ଗାଁଟିଏ। ସେଇ ଗାଁରେ ଗୋଟିଏ ପରିବାରରେ ବୁଢ଼ୀଟିଏ ଓ ତାର ଛୋଟ ପୁଅଟିଏ ରହୁଥାନ୍ତି। ବହୁତ ଗରିବ। ଜମିବାଡ଼ି କିଛି ନଥାଏ। ଛେଳି ପଲଟିଏ ଥାଏ। ପିଲାଟି ଛେଳି ପଲକୁ ସବୁଦିନ ବଣକୁ ଚରାଇବାକୁ ନିଏ। ଛେଳିମାନେ ବଣରେ ଛୋଟ ଛୋଟ ବଣବୁଦାରୁ ପତ୍ର ଠୁଙ୍କି ଚରୁଥିବାବେଳେ ପିଲାଟି ବଣରୁ କୋଳି ଓ ବଣୁଆ ଫଳ ତୋଳି ଖାଏ ଓ ଛେଳିମାନଙ୍କୁ ଦେଖାରଖା କରେ।

ଦିନକର କଥା। ପିଲାଟି ଛେଳି ପଲକୁ ବଣରେ ଚରିବାକୁ ଛାଡ଼ି ଦେଇଥାଏ। ଦିପହର ବେଳ। ଖରା ତେଜରୁ ରକ୍ଷା ପାଇବାପାଇଁ ଗୋଟିଏ ବଡ଼ ବଣୁଆ କେନ୍ଦୁ ଗଛର ଛାଇତଳେ ବସିଥାଏ। ସେଇ ଗଛର ଗୋଟିଏ ଡାଳରେ ଗୋଟିଏ ସୁନ୍ଦର ରଙ୍ଗିଲା ଚଢ଼େଇ ଛୁଆଟିଏ ବସିଥାଏ। ଏହି ସମୟରେ ସେ ତାର

ଡେଣାକୁ ଝାଡ଼ିଦେଇ ସଳଖି ହୋଇ ବସିଲା ଓ ସୁନ୍ଦର ସ୍ୱରରେ ଗୀତ ଗାଇବା ଆରମ୍ଭ କରିଦେଲା । ଚଢ଼େଇଟି ଗାଇଲା–



ଟିକି ଚଢ଼େଇ ମୋ ସରୁ ସରୁ ହାତ ଗୋଡ଼
ଥଣ୍ଟ ମୋ ଗୋଜିଆ ମୁଣ୍ଡଟି ଅଟଇ ବଡ଼ ।
ପେଟୁଆ ପେଟରେ କୁଳାଏ ଦରବ ଧରେ
ଗଛଡାଳେ ମୁହିଁ କିଚିରି ମିଚିରି କରେ ।

ଟିକି ଚଢ଼େଇଟି ଏହିପରି ଗଛଡାଳରେ ବସି ଗୀତର ସ୍ୱର ଲହରି ଛୁଟାଇ ଦେଇଥାଏ ଓ ରଙ୍ଗ ବେରଙ୍ଗ ଡେଣା ହଲାଇ ଡାଳରୁ ଡାଳକୁ ଡେଇଁ ନାଚୁଥାଏ । ଗଛତଳେ ଛେଳି ଜଗୁଆଳୀ ପିଲାଟି ଅଛି ବୋଲି ତାର ନଜର ନଥାଏ । ତେଣୁ ସେ ଏକୁଟିଆ ଅଛି ଭାବି ଆନନ୍ଦ ମନରେ ନାଚ ଗୀତରେ ମଜ୍ଜି ଯାଇଥାଏ ।

ଏହି ସମୟରେ ଏଣେତେଣେ ବୁଲୁଥିବା ଛେଳି ପଲକୁ ଏକାଠି କରିବାକୁ ପିଲାଟି ଗଛ ମୂଳରୁ ଉଠିଲା । ପିଲାଟିକୁ ଚଢ଼େଇ ଛୁଆଟି ଦେଖିପାରିଲା । ସେ ଗାଉଥିବା ଗୀତ ପିଲାଟି ଶୁଣିଥିବ ଭାବି ତାକୁ ବହୁତ ଲାଜ ଲାଗିଲା । ସେ ପିଲାଟି ପାଖକୁ ଆସି କହିଲା, "ଭାଇ ! ମୋ ନାଚ ଦେଖିଲ, ଗୀତ ବି ଶୁଣିଲ । କିନ୍ତୁ ସେସବୁ କାହାଆଗରେ ପ୍ରକାଶ କରିବ ନାହିଁ । ଅନ୍ୟମାନେ ଏହା ଶୁଣିଲେ ମୋତେ ଟାହିଟାପରା କରିବେ । ତୁମକୁ ମୋ ରାଣ ରହିଲା । ଅନ୍ୟ ଆଗରେ ପ୍ରକାଶ କଲେ ମୁଁ ଜୀବନ ହାରିଦେବି ।"



ଏକଥା ଶୁଣି ପିଲା କହିଲା, "ଚଢ଼େଇ ଭାଇ ! ତୁମ ନାଚ ଗୀତ ଶୁଣି ମୁଁ ବହୁତ ଖୁସିହେଲି । ଏକଥା କାହା ଆଗରେ କହିବି ନାହିଁ । ତୁମେ ମୋ ଉପରେ ଭରସା ରଖ ।" ଏକଥା ଶୁଣି ଚଢ଼େଇ ଛୁଆଟି ଖୁସୀ ହେଲା ।

ସଞ୍ଜ ନଇଁ ଆସିଲା । ଛେଳି ଜଗୁଆଳୀ ପିଲାଟି ଛେଳି ପଲକୁ ଏକାଠି କରି ଘରମୁହାଁ ଫେରିଲା । ତା ମନ ବହୁତ ଖୁସିଥାଏ । ସେ ଛେଳିପଲକୁ ଘରଆଡ଼େ ଅଡ଼ଉଥାଏ ଓ ଗୁଣୁଗୁଣୁ ହୋଇ ଚଢ଼େଇଛୁଆ ଗାଇଥିବା ଗୀତଟି ସ୍ୱରଧରି ଦୋହରଉଥାଏ । ଚଢ଼େଇ ଛୁଆ ଏକଥା ଶୁଣିପାରିଲା । ତେଣୁ ସେ ପିଲାଟି ପଛେ ପଛେ ଉଡି ଉଡି ତା ଗାଁ ଆଡ଼େ ଆସିଲା ।



ଗାଁ ମୁଣ୍ଡରେ ପହଞ୍ଚିବା ପରେ ଗାଁର ପିଲାଏ ତା ପାଖକୁ ଆସି ପଚାରିଲେ, "ଏ କେଉଁ ଗୀତ ଗାଉଛୁ ।" ପିଲାଟି ତାର ପୂର୍ବପ୍ରତିଶ୍ରୁତି ଭୁଲିଯାଇ ସବୁ ସତକଥା କହିଦେଲା । ଚଢ଼େଇ ଛୁଆଟି ଏକଥା ଶୁଣି ବହୁତ ମନଦୁଃଖ କଲା । ସେ ସେହି ରାତିରେ ପିଲାର ଘରେ ଖଜୁରୀ ପଟିଟିଏ ବେକରେ ଓହଳାଇ ମରିଗଲା । ସକାଳୁ ପିଲାଟି ମଲା ଚଢ଼େଇ ଛୁଆଟିକୁ ଦେଖି ସବୁକଥା ବୁଝିପାରିଲା । ତାର ବେପରୁଆ ପଣିଆଁ ଯୋଗୁ ଚଢ଼େଇଟି ମଲା ବୋଲି ଜାଣି ବହୁତ କାନ୍ଦିଲା ।



# ଦୁଇ ସଙ୍ଗାତ କଥା



ଅଗନା ଅଗନି ବନସ୍ତ। ଚଉଦିଗରେ ଅଖଣ୍ଡ ନିରବତା। ବଣ ମୂଳକରେ ରକମ ରକମର ପଶୁପକ୍ଷୀ ବହୁତ ସୁଖଶାନ୍ତିରେ ବସବାସ କରୁଥାନ୍ତି। ବଣର ଗୋଟିଏ କଡ଼ରେ ଜୁଆଙ୍ଗ ପଲ୍ଲିଟିଏ। ତଇଲା ଚାଷ, ଫଳମୂଳ ସଂଗ୍ରହ, ଶୀକାର ଓ ପଶୁପାଳନ କରି ସେମାନେ ଚଳୁଥାନ୍ତି।

ସେଇ ଗାଁରେ ବୁଢ଼ାଟିଏ ଥାଏ। ତାର ଗୋଟିଏ ବୋଲି ପୁଅ। ପୁଅଟି ଛୋଟିଆ ପିଲାଟିଏ। ଜନମ ହେଲାକାଲୁ ମା ମୁହଁ ଦେଖି ନାହିଁ। ବୁଢ଼ା ବହୁତ ଗରିବ। ବୟସ ଅଧିକା ହେଲାରୁ ଏଣିକି ଚାଷବାସ ପ୍ରଭୃତି ଭିଡ଼କାମ କରିପାରୁ ନାହିଁ। ଘରେ ଗାଈ, ପୋଢ଼ ଓ ଛେଳି ପଲେ ଅଛନ୍ତି। ସେତକ ଦେଖାରଖା କରେ। ଏଣିକି ଅଣ୍ଟା ନଇଁ ଗଲାଣି ଓ ଆଖିକି ମଧ୍ୟ ଭଲ ଭାବରେ ଦେଖାଯାଉ ନାହିଁ।

ଧୀରେ ଧୀରେ ପିଲାଟି ବଡ଼ ହେଲା। ବୁଢ଼ା ତାକୁ ଗାଈଗୋରୁ ଓ ଛେଳି ଚରାଇବାର ଦାୟିତ୍ୱ ଦେଲା। ପିଲାଟି ସକାଳୁ ଉଠି ଖିଆପିଆ ସାରିଦେଇ ଗାଈ

ଗୋଠକୁ ବଣ ଭିତରକୁ ଚରେଇବାକୁ ନିଏ। ସାଙ୍ଗରେ ନେଇଥାଏ ବଇଁଶିଟିଏ। ମନଖୁସିରେ ବଜାଉଥାଏ। ତାର ସ୍ୱରରେ ଗୋଠଭିତରେ ଥିବା ଗାଈ, ପୋଢ଼ ଓ ଛେଳି ତା ପଛେ ପଛେ ବାଟ ଚାଲନ୍ତି ଓ ଗୋଟିଏ ଜାଗାରେ ଚରନ୍ତି। କେହି ଜଙ୍ଗଲରେ ବାଟବଣା ହୋଇ ହଜି ଯାଆନ୍ତି ନାହିଁ। ଏହିପରି ଦିନଗୁଡ଼ିକ ତାର ଭଲରେ କଟିଯାଉଥାଏ।

ବଣ ଭିତରେ ଗୋଟିଏ ବଡ଼ କେନ୍ଦୁଗଛ ଥାଏ। ଭାରି ଝଙ୍କାଳିଆ। ଦ୍ୱିପହର ଟାଣ ଖରାବେଳେ ପିଲାଟି ସେ ଗଛମୂଳେ ବିଶ୍ରାମକରେ। ସେ ଗଛରେ ଗୋଟିଏ ଏଣ୍ଡୁଅ ବାସ କରୁଥାଏ। ସେ ସବୁଦିନ ପିଲାଟିକୁ ଦେଖେ। ବଂଶୀ ବଜାଇଲେ ଶୁଣେ। ପିଲାଟିର ପାଖକୁ ଆସେ। ପିଲାଟି ମଧ୍ୟ ଏଣ୍ଡୁଅର କିଛି ଅନିଷ୍ଟ କରେ ନାହିଁ। ସେ ତାର ଦେହର ରଙ୍ଗ ବଦଳାଇବାକୁ ବହୁତ ଭଲପାଏ। ଏହିପରି ଦୁଇଜଣଙ୍କ ଭିତରେ ଚିହ୍ନାପରିଚୟ ହୋଇ ବନ୍ଧୁତାରେ ପରିଣତ ହେଲା। ଦୁଇଜଣଯାକ ସଙ୍ଗାତ ବସିଲେ।

ସେ ଗଛପାଖରୁ ନାଳ ବହୁତ ଦୂର। ତେଣୁ ଖରାରେ ଶୋଷ ହେଲେ ପାଣି ପିଇବାକୁ ବହୁତ ଦୂରବାଟ ଯିବାକୁ ପଡ଼େ। ଏଇ ଅସୁବିଧା ଦୂରକରିବାକୁ ଦୁଇସାଙ୍ଗ ବିଚାରକରି ସେ ଗଛମୂଳରେ ଗୋଟିଏ କୂଅ ଖୋଳିଲେ। ପିଲାଟି ଗାଈ ଚରାଇବାକୁ ଗୋଠ ପଛେ ପଛେ ବଣଭିତରେ ଏପଟସେପଟ ହୋଇ ବୁଲୁଥାଏ। ତେଣୁ କୂଅ ଜଗିବାର ଦାୟିତ୍ୱ ପୁରାପୁରି ଏଣ୍ଡୁଅର। ସେ ଗଛଉପରେ ରହି କୂଅକୁ ଜଗେ। ବଣର ପଶୁପକ୍ଷୀଙ୍କୁ ସେଥିରୁ ପାଣି ପିଇବାକୁ ଦିଏନାହିଁ। ଏକଥା ବଣର ସମସ୍ତେ ଜାଣିଯାଇଥାଆନ୍ତି। ତେଣୁ ସେମାନେ କୂଅକୁ ପାଣିପିଇବାକୁ ଆସନ୍ତି ନାହିଁ।

ଦିନେ ବାଘଟିଏ ଶୀକାର ପଛରେ ଗୋଡ଼େଇ ଗୋଡେଇ ହାଲିଆ ହୋଇଗଲା। ତାକୁ ଭାରି ଶୋଷହେଲା। ସେ କୂଅରେ ପାଣିଥିବା ଦେଖି ସେଥିରୁ ପାଣି ପିଇବାକୁ ଆସିଲା। ଏଣ୍ଡୁଅ ଗଛ ଉପରେ ଥିଲା। ଏକଥା ଦେଖି ସେ ଆପତ୍ତି କଲା। ସେ କୂଅ ତାର ଓ ତା ସାଙ୍ଗର ନିଜ ସମ୍ପତ୍ତି। ତେଣୁ ସେ କୂଅରୁ ପାଣି ପିଇବା ପାଇଁ ବାଘକୁ ସେ ମନାକଲା। ବାଘକି ଛାଡ଼ିବା ଜନ୍ତୁ। ସେ ବଣମୂଳକର ରାଜା। ଛାର ଏଣ୍ଡୁଅଟା ତାକୁ ମନାକରିବାକୁ କିଏ ? ସେ ଜବରଦସ୍ତ କୂଅରୁ ପାଣି ପିଇଲା।

ଏ ଘଟଣାରେ ଏଣ୍ଡୁଅ ରାଗିଗଲା। ମାନସମ୍ମାନର କଥା। ଆଜି ବାଘ ତା ବାରଣ ନମାନି କୂଅରୁ ପାଣି ପିଇଲେ ତା ଦେଖାଦେଖି ବଣମୂଲକର ସଭିଏ କାଲିଠୁ କୂଅମୂଳକୁ ଧାର ଲାଗିବେ। ବାଘର ଉଦ୍ଧତପଣିଆଁ ପାଇଁ ତାକୁ ଉଚିତ ଶିକ୍ଷାଦେବାକୁ ସେ ଗଛଉପରୁ ବାଘ ଉପରକୁ ଡେଇଁ ପଡ଼ିଲା ଓ ଚଟ୍‌କରି ତା କାନଭିତରେ ପଶିଯାଇ କାମୁଡ଼ିଲା। ବାଘ ଯନ୍ତ୍ରଣାରେ ଘୋର ଗର୍ଜନ କଲା। ପାଖରେ ପିଲାଟି ଗାଈ ଚରାଉଥିଲା। ସେ ଏ ଗର୍ଜନ ଶୁଣି ପାଖକୁ ଆସି ସବୁକଥା ଦେଖିଲା। ସେ ବାଘକୁ ଛାଡ଼ିଦେବାକୁ ଏଣ୍ଡୁଅକୁ କହିଲା। ସାଙ୍ଗର କଥା ମାନି ବାଘକୁ ଛାଡ଼ି ଏଣ୍ଡୁଅ ଗଛ ଉପରକୁ ଗଲା।

ବାଘ ପିଲାଟି ଉପରେ ଖୁସି ହେଲା। ସେ ହରୀଣଟିଏ ଶିକାର କରି ପିଲାକୁ ବହୁତ ମାଂସ ଦେଲା। ତାପରି ବଳବାନ୍ ଜନ୍ତୁ ଛାର ଏଣ୍ଡୁଅ ଦ୍ୱାରା ହାରି ଜୀବନ ବିକଳରେ ଆର୍ତ୍ତଚିତ୍କାର କରୁଥିଲା, ଏକଥା ପ୍ରଘଟ ହେଲେ ତାର ମାନ ସମ୍ମାନରେ ଆଞ୍ଚ ଆସିବ ଭାବି ସେ ଏ ବିଷୟରେ କାହାକୁ ନ କହିବାପାଇଁ ପିଲାଟିକୁ ଅନୁରୋଧ କଲା ଓ ଏହା ବଦଳରେ ତାକୁ ସବୁଦିନ ଶିକାର ମାଂସ ଦେବ ବୋଲି କହିଲା। ପିଲାଟି ଏଥିରେ ରାଜିହେଲା। କିଛିଦିନ ସେ କଥାକୁ ନିଜ ପେଟଭିତରେ ରଖିଲା। ଦିନେ ସାଙ୍ଗସାଥି ମେଳରେ ଗପସପ ହେବା ଭିତରେ କଥାଟା ତା ପାଟିରୁ ବାହାରିଗଲା। ତୁଣ୍ଡକୁ ତୁଣ୍ଡ ହୋଇ ସାରା ମୂଲକରେ ପ୍ରଚାର ହୋଇଗଲା। ବାଘ କାନରେ ଏକଥା ପଡ଼ିଲାରୁ ସେ ଲଜ୍ଜିତ ହୋଇ ବିଶ୍ୱାସଘାତକତା କରିଥିବାରୁ ପିଲାଟି ଉପରେ ଖୁବ୍ ରାଗିଯାଇ ବଣରେ ଗାଈ ଚରାଉଥିବା ବେଳେ ତାକୁ ଆକ୍ରମଣ କଲା। ଠିକ୍ ସେତିକିବେଳେ ଏଣ୍ଡୁଅ ବାଘ କାନରେ ପଶି କାମୁଡ଼ି ତାକୁ ମାରିଦେଲା। ତାପରେ ଦୁଇସାଙ୍ଗ ଖୁସିରେ ଜଙ୍ଗଲରେ ରହିଲେ।



# ମୂଷାଛୁଆ କଥା



ଅନେକଦିନ ତଳର କଥା। ନିଘଞ୍ଚ ଜଙ୍ଗଲ ଭିତରେ ମୂଷାଛୁଆଟିଏ ବାସ କରୁଥାଏ। ପିଲାଟି ଦିନରୁ ତା ପରିବାରର ସମସ୍ତେ ବଣବିରାଡ଼ି ଓ ଚିଲମାନଙ୍କର ଶୀକାର ହୋଇ ଲୋପ ପାଇଯାଇଥାନ୍ତି। ତେଣୁ ତା ସହିତ କଥାବାର୍ତ୍ତା, ସ୍ନେହ ଆଦର ବା ଖେଳସାଥି ହେବାକୁ କେହି ନଥାନ୍ତି। ବଣ ଭିତରେ ଝରଣାକୂଳକୁ ଲାଗି ଗୋଟିଏ ଝଙ୍କାଳିଆ ଭାଲିଆ ଗଛ ମୂଳରେ ଗାତଟିଏ କରି ସେ ରହୁଥାଏ। ସେ ଗାତ ମୁହଁରେ ଥିବା ମାଟିର ଗୋଟିଏ ଟେକା ଓ ଗୋଟିଏ ଶୁଖିଲା ଭାଲିଆ ପତ୍ରକୁ ସେ ତାର ଖେଳସାଥୀ କରିଥାଏ। ଛୁଆମାନେ ତ ଖେଳପ୍ରିୟ। ତେଣୁ ସବୁଦିନ ସକାଳୁ ଉଠିଲେ ଗାତ ମୁହଁରେ ଥିବା ମାଟିର ସେ ଟେକା ଓ ପତର ସାଥିରେ ଖେଳ କଉତୁକ ହୋଇ ମନର ଓରମାନ ମେଣ୍ଟାଏ। ଏମିତି ତା ଦିନଗୁଡ଼ିକ ସୁଖରେ କଟିଯାଉଥାଏ।

ଦିନେ ସେ ବାଟଦେଇ ଦଳେ ବାଟୋଇ ଦୂରଗାଁ ହାଟକୁ ଯାଉଥାଆନ୍ତି। ଦିନ ଦିପହର ହୋଇଥାଏ। ବାଟ ଚାଲି ଚାଲି ଥକିଯିବାରୁ ସେ ଗଛମୂଳେ ବିଶ୍ରାମ କଲେ। ସାଙ୍ଗରେ ଆଣିଥିବା ଚାଉଳ, ପରିବା ଓ ଡାଲି ରୋଷେଇକରି ଖାଇଲେ। ମୂଷା ଛୁଆଟି ଗାତ ଭିତରୁ ମୁହଁ ବାହାରକରି ଏସବୁ ଦେଖୁଥାଏ। ରୋଷେଇବାସ ସାରି ବାଟୋଇମାନେ ଏକାଠି ବସି ଖାଇଲେ ଓ କିଛିସମୟ ଖୁସିରେ ଗପସପକରି ପଥଶ୍ରମ ଦୂରହେବା ପରେ ଚାଲିଗଲେ।

ସେମାନେ ଯାଇସାରିବା ପରେ ମୂଷା ଛୁଆଟି ଭାବିଲା ନିଜର ସାଙ୍ଗ ଟେକା ଓ ପତର ସହିତ ସେ ମଧ ଭୋଜିଭାତ କଲେ ବହୁତ ମଜା ହୁଅନ୍ତା। ଭୋଜି ରାନ୍ଧିବା ପାଇଁ ନିଆଁ ପାଣିର ଦରକାର। ମୂଆଛୁଆଟି ଶୁଖିଲା ପତ୍ରକୁ ବାଟୋଇ ମାନଙ୍କ ଚୁଲିରୁ ଜଳୁଥିବା ନିଆଁ ଆଣିବାକୁ ପଠାଇଲା। ଏହିସମୟରେ ପବନ ହେବାରୁ ପତ୍ରଟି ଉଡ଼ିଉଡି ନିଆଁରେ ପଡ଼ିଲା ଓ ସେଥିରେ ନିଆଁ ଲାଗିଯିବାରୁ ଜଳିପୋଡ଼ି ପାଉଁଶ ହୋଇଗଲା। ମାଟି ଟେକାକୁ ଝରଣାରୁ ପାଣି ଆଣିବାକୁ କହି ଠେଲିଦେଲା। ମାଟିଟେକାଟି ଗଡ଼ିଗଡ଼ିଯାଇ ଝରଣାପାଣିରେ ପଡ଼ିଲା ଓ ସଙ୍ଗେ ସଙ୍ଗେ ବତୁରିଯାଇ ପାଣିସୁଅରେ ମିଳାଇଗଲା।

ମୂଷାଛୁଆ ଗାତ ପାଖରେ ଅପେକ୍ଷା କରିଥାଏ। ସାଙ୍ଗମାନେ ଆସିଲେ ସେ ରୋଷେଇବାସ ଆରମ୍ଭ କରିବ। ତାପରେ ସାଙ୍ଗମାନଙ୍କ ସହିତ ଖୁସିରେ ଗପସପ କରି ଖେଳିବ। ମାତ୍ର ବହୁତ ସମୟଧରି ଅପେକ୍ଷାକଲା ପରେ କେହି ନ ଫେରିବାରୁ ସେ ଝରଣାକୂଳକୁ ଯାଇ ପାଣିକି ପଚାରିଲା, "ପାଣି ! ମୋ ମାଟିଟେକା ତୋ ପାଖକୁ ଆସିଥିଲା କୁଆଡ଼େ ଗଲା ?" ପାଣି କହିଲା, "ସେ ମୋ ପାଖକୁ ଆସିଥିଲା ସତ ମାତ୍ର ସେ ନିଜେ ବତୁରିଯିବାରୁ ମିଳାଇଯାଇ ଭାସିଗଲା। ତୁ ତା ବଦଳରେ ଗୋଟିଏ ମାଛ ନେ।" ଏହାକହି ପାଣି ମୂଷାଛୁଆକୁ ଗୋଟିଏ ମାଛ ଦେଲା।

ମାଛଟି ବହୁତ ବଡ଼ ଥିଲା। ମୂଷାଛୁଆ ବହୁତ କଷ୍ଟରେ ତାକୁ ବୁହାଇ ବୁହାଇ ଗୋଟେ ଥୁଣ୍ଟା ଗଛପର୍ଯ୍ୟନ୍ତ ଆଣିଲା। ସେତେବେଳେକୁ ସେ ହାଲିଆ ହୋଇଯାଇଥିଲା। ମାଛକୁ ଗଛମୂଳରେ ଥୋଇ ଗଛକୁ କହିଲା, "ଭାଇ ଟିକେ ମାଛକୁ ଜଗିଥାଅ।" ଏହାକହି ସେ ବିଶ୍ରାମ କଲା। ଗଛଛାଇ ଓ ଥଣ୍ଡାପବନ ବାଜି ସେ ଢୁଲେଇ ପଡ଼ିଲା। କିଛି ସମୟପରେ ହାଲିଆମାରି ସେ ବସାକୁ ଯିବାକୁ ବାହାରିଲା। ଗଛକୁ ମାଛଟି ମାଗିଲା। ସେତେବେଳକୁ ଗଛ ମୂଳରୁ ମାଛକୁ କିଏ ନେଇଯାଇଥାଏ। ଗଛ କହିଲା, "ମାଛଟିକୁ ତ କିଏ ନେଇଗଲା। ତା ବଦଳରେ ମୋଠାରୁ ଖଣ୍ଡେ କାଠନେ।" ଏହାକହି ଗଛ ଖଣ୍ଡିଏ କାଠ ଦେଲା।

ମୂଷାଛୁଆ କାଠଖଣ୍ଡିକ ନେଇ ଗୋଟିଏ ବୁଢ଼ୀଘରେ ରଖିଲା। ବୁଢ଼ୀ ଚକୁଳି ପିଠା କରୁଥିଲା। ତାର କାଠ ନିଅଣ୍ଟ ହେବାରୁ ସେ ସେହିକାଠ ଖଣ୍ଡିକ ଜାଳି ପିଠା ତିଆରି କରିବାପାଇଁ ଚୂଲିରେ ଜଳାଇଦେଲା। ପରେ ମୂଷାଛୁଆ କାଠଖଣ୍ଡ ମାଗିବାରୁ ସେ ତାକୁ କାଠ ବଦଳରେ ଦୁଇଟି ଚକୁଳିପିଠା ଦେଲା।

ମୂଷାଛୁଆ ଚକୁଳି ପିଠାନେଇ ପଡ଼ିଶା ଘର ଝିଅପିଲାଙ୍କ ହେପାଜତରେ ଦେଲା । ସେମାନେ ପିଠାକୁ ଖାଇଦେଇ ତା ବଦଳରେ ମୂଷା ଛୁଆକୁ ପାନିଆଟିଏ ଦେଲେ । ସେ ପାନିଆକୁ ନେଇ ପୁଅମାନଙ୍କୁ ଦେଇ ରଖିବାକୁ କହିଲା । ପୁଅମାନେ ପାନିଆଟିକୁ ରଖି ତା ବଦଳରେ ମୂଷାଛୁଆକୁ ଗୋଟେ ସୁନ୍ଦର ବଂଶୀ ଦେଲେ । ମୂଷାଛୁଆ ବଂଶୀଟିକୁ ନେଇ ଗାଁ ଶେଷରେ ଥିବା ଗଉଡ଼ ଘରକୁ ଗଲା । ଗଉଡ଼ ଜିମାରେ ବଂଶୀଟି ଦେଇ ସେ ଟିକେ ଶୋଇପଡ଼ିଲା । ସକାଳୁ ଉଠି ନିଜ ବସାକୁ ବାହାରିଲା ଓ ଗଉଡ଼କୁ ବଂଶୀଟି ମାଗିଲା । ଗଉଡ଼ର ବଂଶୀଟି ରଖିବାକୁ ଲୋଭ ହେଲା । ସେ ମୂଷାଛୁଆକୁ ତା ବଦଳରେ ମଇଁଷିଟିଏ ଦେଇ ବଂଶୀଟିକୁ ରଖିଲା ।

ମୂଷାଛୁଆ ମଇଁଷିଟିକୁ ନେଇ ନିଜ ଘର ଆଡ଼କୁ ଗଲା । ଗାଁଠାରୁ ଅନେକ ଦୂରରେ ଡମ୍ବମାନଙ୍କ ଘର । ସେଠାରେ ପହଞ୍ଚି ସେ ମଇଁଷିଟିକୁ ଜଣେ ଡମ୍ବକୁ ଦେଇ ତାର ଦେଖାରଖା କରିବାକୁ କହି ନିଜ ବସାକୁ ଗଲା । ଏତେବଡ଼ ମଇଁଷିଟିକୁ ସେ' ବା କିପରି ପୋଷିବ । ତେଣୁ ବହୁତଦିନ ଧରି ମଇଁଷିକୁ ଆଣିବାକୁ ଗଲା ନାହିଁ । ଡମ୍ବଲୋକଟି ମଇଁଷଟିକୁ ରଖି ନିଜ ଚାଷକାମରେ ଲଗାଇଲା । ପରେ ମଇଁଷିଟି ବୁଢ଼ା ହୋଇଯାଇ କାମକୁ ଅପାରଗ ହେଲାରୁ ତାକୁ ମାରି ମାଁସ କରି ଖାଇଦେଲା ।

କିଛିଦିନ ପରେ ମୂଷାଛୁଆର ମଇଁଷି କଥା ମନେ ପଡ଼ିଲା । ସେ ଡମ୍ବ ପାଖକୁ ଯାଇ ମଇଁଷିଟି ଫେରାଇଦେବାକୁ କହିବାକୁ ସେ ମଇଁଷିଟି ମରିଗଲା ବୋଲି କହିଲା ଓ ତା ବଦଳରେ ଗୋଟିଏ ଢୋଲ ଦେଲା । ମୂଷା ଛୁଆଟି ଢୋଲଟି ଧରି ମନଖୁସିରେ ବଜାଇବାକୁ ଚେଷ୍ଟାକଲା । ଏ ସମୟରେ ଢୋଲଟି ଗଡ଼ିଗଲା ଓ ତା ଉପରେ ମାଡ଼ିଯିବାରୁ ସେ ଦଳିହୋଇ ମରିଗଲା ।



# ବୁଢ଼ା ବୁଢ଼ୀଙ୍କ କଥା



ପାହାଡ଼ ଜଙ୍ଗଲ ଘେରା ମୂଲକ। ତାରି କୋଳରେ ଜୁଆଙ୍ଗ ଗାଁଟିଏ। ସେଇ ଗାଁରେ ଗୋଟିଏ ପରିବାରରେ ବୁଢ଼ାଟିଏ ତାର ସ୍ତ୍ରୀ ଓ ଗୋଟିଏ ପୁଅ ରହୁଥାନ୍ତି। ପାହାଡ଼ ଉପରେ କମଣ ଚାଷ, ବଣରୁ ଫଳମୂଳ ସଂଗ୍ରହ ଓ ଶିକାର କରି ସେମାନେ ଚଳୁଥାନ୍ତି। ପୁଅଟି ଭେଣ୍ଡିଆ ହୋଇଗଲାଣି। ପାଞ୍ଚ ହାତର ମରଦ। ଦେହ ହାତ କୁନ୍ଦିଲା ପରି। ସବୁ କାମକୁ ଆଗୁସାର। ବାପ ମା ବୁଢ଼ା ହୋଇଯାଇଥିବାରୁ ସେମାନଙ୍କୁ କାମ କରାଇ ଦେଉନଥାଏ। ସବୁକାମ ନିଜେ ନିଜେ କରୁଥାଏ। ବୁଢ଼ାବୁଢ଼ୀଙ୍କୁ ଭାରି ହେପାଜତ କରୁଥାଏ।

ପହିଲି ଫଗୁଣ। ଶୀତ ଛାଡ଼ି ଛାଡ଼ି ଆସିଲାଣି। ଦମକାଏ ଦମକାଏ ଦକ୍ଷିଣା ପବନ ବହି ଦେହକୁ ଆରାମ ଲାଗୁଥାଏ। ଆମ୍ବ ଗଛରେ ବଉଳ ମଣ୍ଡି ହୋଇଥାଏ। ମହୁମାଛି ଓ ଭଅଁର ଗଛକୁ ଗଛ ଉଡ଼ି ଗୁଣୁଗୁଣୁ ଗୀତ ଗାଇ ମହୁ ସଂଗ୍ରହ କରିବାରେ ଲାଗିଥାନ୍ତି। ଆମ୍ବଡାଳରେ ଲୁଚି ରହି କୋଇଲିଟି ମଧୁର ସ୍ୱରରେ କୁହୁକୁହୁ ଗାନ କରୁଥାଏ। କିଛି କାମତ ନଥାଏ। ବୁଢ଼ା ଦାଣ୍ଡପିଣ୍ଡାରେ କଅଁଳ ଖରାରେ ବସିଥାଏ।

ବୁଢ଼ୀ ଘରଭିତରୁ ବାହାରି ଆସିଲା। ବୁଢ଼ା ପାଖରେ ବସି ବୁଢ଼ାକୁ ଖଣ୍ଡେ ପିକା ଦେଲା। କାଠରେ ନିଆଁଖଣ୍ଡକ ଆଣି ବୁଢ଼ାକୁ ପିକାରେ ନିଆଁ ଲଗାଇବାକୁ ସାହାଯ୍ୟ କଲା। ବୁଢ଼ା ଦୁଇ ଚାରିଦମ୍ ପିକା ଟାଣିବାପରେ ସଳଖି ହୋଇ ବସିଲା ଓ ବୁଢ଼ୀକୁ ପଚାରିଲା, "କଣ ବିଶେଷ କାମଥିଲା କି ? ଆଜିତ ଭାରି ସୁହାଗ।"

ବୁଢ଼ୀ ଜାଣିଲା ବୁଢ଼ା ତାର ଉଦ୍ଦେଶ୍ୟ ବୁଝି ପାରିଛି। ସେ କହିଲା "କିଛି କାମ ନାହିଁ ଯେ, ପୁଅ ଆମର ଭେଣ୍ଡିଆ ହେଲାଣି। ଗୋଟିଏ ବୋଲି ପୁଅ। ସାଧବ ଘରୁ ଭଲ ଚମଡ଼ା ଖଣ୍ଡେ ବାଛିକରି ତାପାଇଁ ଆଣୁନ।"

ବୁଢ଼ାତ ସକାଳୁ ସକାଳୁ ବଢ଼ିଆ ମିଜାଜରେ ଥିଲା। ବୁଢ଼ୀର ବରାଦ୍ ପାଇବା ମାତ୍ରେ ବଙ୍କୁଲି ବାଡ଼ିଟି ଧରି ସାଧବ ଘରକୁ ଗଲା। ସାଧବ ବୁଢ଼ାକୁ ଦେଖାକରି ମୂଲଚାଲ କଲା। କଉଡ଼ି ଦେଇ ଭଲ ଚମଡ଼ା ଖଣ୍ଡେ କିଣିଲା ଓ ସେ ଖଣ୍ଡକ ଗୁଡ଼ିଆଗୁଡ଼ିକରି କାଖରେ ଜାକିଧରି ଘରମୁହାଁ ଫେରିଲା। ବୁଢ଼ୀ ବୁଢ଼ାର ବାଟକୁ ଅନେଇ ବସିଥାଏ। ବୁଢ଼ା ଦୁଆର ମୁହଁରେ ପହଞ୍ଚି ବୁଢ଼ୀକୁ ଚମଡ଼ା ଖଣ୍ଡକ ଖୁସିରେ ଧରେଇ ଦେଲା।

ବୁଢ଼ୀ ଚମଡ଼ା ଖଣ୍ଡକୁ ଦେଖି ରାଗରେ ବୁଢ଼ା ଉପରକୁ ଫୋପାଡ଼ି ଦେଲା। କହିଲା, "ଓଲାବୁଢ଼ା, କଥାଟା ନବୁଝି ଯାହା ଶୁଣିବ ସେଇଆ କରିବ। ଭେଣ୍ଡିଆ ପୁଅ ଚମଡ଼ାଟିକୁ କଣ କରିବ? ତାପାଇଁ ଖପରାଟିଏ ଦରକାର। ଏତିକି ବୁଝିପାରିଲନି।"

ବୁଢ଼ୀର ତାଗିଦ୍ ଶୁଣି ବୁଢ଼ା ବଙ୍କୁଲୀ ବାଡ଼ିଟି ଧରି ପୁଣି ସାଧବ ଘରକୁ ବାହାରିଲା। ସାଧବ ବୁଢ଼ାକୁ ଭେଟି ଖପରା ଖଣ୍ଡେ ମାଗିଆଣି ଘରକୁ ଲେଉଟିଲା। ବୁଢ଼ୀ ଅପେକ୍ଷା କରିଥାଏ। ଖପରା ଖଣ୍ଡିକୁ ବୁଢ଼ୀକୁ ଖୁସିମନରେ ଧରାଇଦେଲା। ଖପରା ଖଣ୍ଡକ ଦେଖି ବୁଢ଼ୀ ଆଉରି ବେଶି ରାଗିଗଲା। ଖପରାକୁ ତଳେ ଫୋପାଡ଼ି ଦେଇ କହିଲା, "ଓଲା ବୁଢ଼ା। ବଅସ ବଢ଼ିଗଲେ ସଂସାର ବୁଦ୍ଧି ଅଧିକ ପାକଳ ହେବା କଥା। ଏତିକି ମାତ୍ର ବୁଝିପାରୁନ ଭେଣ୍ଡିଆ ପୁଅର କଣ ଦରକାର। ସୁନ୍ଦର ଚମଡ଼ା ମାନେ ସୁନ୍ଦର କନିଆ। ଖପରାମାନେ ବୋହୂପିଲା। ଯାଅ ପୁଅପାଇଁ ସାଧବ ଘରୁ ସୁନ୍ଦର କନିଆଟେ ବୋହୂପିଲା କରିବାକୁ ମାଗ।"

ବୁଢ଼ା ସବୁକଥା ଏଥର ବୁଝିଗଲା। ସାଧବ ଘରକୁ ଯାଇ ପୁଅପାଇଁ ତାଙ୍କ ସୁନ୍ଦର ଝିଅକୁ ବାହା କରିବାକୁ ପ୍ରସ୍ତାବ ଦେଲା। ସାଧବ ଏକଥାରେ ଆନନ୍ଦରେ ନିଜର ସମ୍ମତି ପ୍ରଦାନକରି ନିଜର ଝିଅକୁ ବୁଢ଼ା ପୁଅ ସହିତ ବାହାଘର କରିବାକୁ ଯାନି ଯଉତୁକ ସହିତ ସଜବାଜ କରି ପଠାଇଲେ। ବୁଢ଼ା ସାଧବ ଝିଅକୁ ବୋହୂକରି ଆଣି ଘରେ ପହଞ୍ଚିଲା। ବୁଢ଼ୀ ସେହିପରି ଅପେକ୍ଷା କରିଥାଏ। ଆନନ୍ଦ ମନରେ ବୋହୂକୁ ବନ୍ଦାଣ କରି ଘରକୁ ନେଲା। ଘରେ ଖୁସିର ଲହରି ଖେଳିଗଲା।

# ଚଷା ପୁଅର ପ୍ରତାରଣା



ଆଦିମ ଯୁଗର କଥା । ମହାପରବୁ ମନୁଷ୍ୟଙ୍କୁ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତାର ଭରଣପୋଷଣ ନିମନ୍ତେ ସବୁପ୍ରକାରର ସୁବିଧା ସୁଯୋଗ ଖଞ୍ଜିଦେଲେ । ସେ ରଷି ଓ ରଷିଆଣୀଙ୍କୁ ଗୋଟିଏ ସୁନାର ଖୁରୁପୀ ଦେଲେ ଏବଂ କହିଲେ, "ଏ ଖୁରୁପୀ ସାଙ୍ଗରେ ନେଇ ଜଙ୍ଗଲକୁ ଗଲେ ଭଲ ଖାଇବା ପଦାର୍ଥ ପ୍ରଚୁର ପରିମାଣରେ ମିଳିବ ।" ସେହିଦିନଠାରୁ ରଷି ଓ ରଷିଆଣୀ ଜଙ୍ଗଲକୁ ଗଲେ ସାଥୀରେ ଖୁରୁପୀ ନେଇ ଯାଆନ୍ତି । ତା ସାହାଯ୍ୟରେ ସେମାନେ ଜଙ୍ଗଲରୁ ବହୁତ ମିଠା ମିଠା କନ୍ଦା ଓ ଜଙ୍ଗଲୀ ଆଳୁ ଖୋଳିକରି ଖାଇବା ପାଇଁ ଆଣନ୍ତି । ସେବେଠାରୁ ତାଙ୍କର ଖାଇବା ପଦାର୍ଥର ଅଭାବ ଅସୁବିଧା ନଥାଏ ।

ରଷି ଓ ରଷିଆଣୀଙ୍କ ବସାଘରଠାରୁ କିଛି ଦୂରରେ ଗୋଟିଏ ଚଷାବସ୍ତି ଥାଏ । ଚଷାମାନେ ଚାଷବାସ କରନ୍ତି ଓ ଅଭାବ ଅନାଟନ ସମୟରେ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଚଳନ୍ତି । କିନ୍ତୁ ଜଙ୍ଗଲରୁ ସେମାନଙ୍କୁ ମିଠା କନ୍ଦମୂଳ କିମ୍ବା

ସୁଆଦିଆ ବଣଆଳୁ ମିଳେ ନାହିଁ । ତେଣୁ ଅଭାବ ସମୟରେ ପିତା ବଣଆଳୁ ପରି ନିକୃଷ୍ଟ ଧରଣର ଆଳୁ ଖାଇ ସେମାନେ ପେଟ ପୋଷନ୍ତି ।

ଭୋଦୁଅ ମାସର ଶେଷ ସମୟ । ଅଭାବ ଅନାଟନର ବେଳ । ଚାଷବାସରୁ ଆମଦାନୀ ଖାଦ୍ୟଶସ୍ୟରେ ପରିବାର ଗୁଜୁରାଣ ଯେନତେନ ପ୍ରକାରେ ସାତ ଆଠମାସ କାଳ ଚଳିଗଲା । ଏବକୁ ଘରେ ଖାଇବା ପାଇଁ ଦାନା ମୁଠିଏ ବି ନାହିଁ । ପରିବାର ଚଳେଇବାକୁ କେବଳ ଜଙ୍ଗଲ ହିଁ ଭରସା ।

ଚଷା ପୁଅଟିଏ କନ୍ଦା ଖୋଳିବା ପାଇଁ ସକାଳୁ ସକାଳୁ ଜଙ୍ଗଲକୁ ବାହାରି ପଡ଼ିଲା । କନ୍ଦା ଖୋଳିସାରି କାନିରେ ବାନ୍ଧି ଦିନ ଦିପହର ବେଳକୁ ଘରକୁ ଫେରୁଥାଏ । ଭୋଦୁଅ ମାସର ପାଣିଖରା । ଖରାତେଜରେ ଦେହମୁଣ୍ଡ ସିଝିଗଲା ପରି ଲାଗୁଥାଏ । ସକାଳ ପହରୁ ପେଟରେ ଦାନା ମୁଠେ ପଡ଼ି ନାହିଁ । ତା ସାଙ୍ଗକୁ ପାହାଡ଼ ଜଙ୍ଗଲରେ କନ୍ଦା ଖୋଳିବାପରି ପରିଶ୍ରମ କାମ । ଭୋକ ଶୋଷରେ ଚଷା ପୁଅର ହଂସା ଉଡ଼ିଯାଉଥାଏ । ଫେରିବା ବାଟରେ ଋଷିଙ୍କ ଘର ପଡ଼ିବ । ତାଙ୍କ ଘରୁ ପାଣିମୁନ୍ଦେ ପିଇ ଶୋଷ ମେଣ୍ଟେଇବାକୁ ଆଶାକରି, ଚଷାପୁଅଟି ଶୀଘ୍ର ଶୀଘ୍ର ଗୋଡ଼ ପକେଇଲା ।

ବେଳ ମୁଣ୍ଡ ଉପରେ ହେଲାଣି । ଋଷି ଖାଇବା ପାଇଁ ବାହାରୁ ଥାଆନ୍ତି । ଏହି ସମୟରେ ଦୁଆର ମୁହଁରେ ପହଞ୍ଚି ଚଷାପୁଅଟି ପିଇବା ପାଇଁ ପାଣି ମୁନ୍ଦେ ମାଗିଲା । ଋଷି ଭାବିଲେ ଖାଇବା ସମୟରେ ଘରେ ପହଞ୍ଚିଥିବା ଲୋକଜଣକ ବିଶେଷ କୁଣିଆ । ତେଣୁ ତାକୁ କେବଳ ପାଣି ପିଇବାକୁ ଦେଇ ନିଜେ ଖାଦ୍ୟ ଖାଇବା ଅସୁନ୍ଦର କଥା । ଏହାଭାବି ସେ ଚଷାପୁଅକୁ ଡାକି, ଖାଇବାକୁ କିଛି କନ୍ଦମୂଳ ଓ ପିଇବା ପାଇଁ ପାଣିଆଣି ଦେଲେ ।

କଠିନ ପରିଶ୍ରମ କରି ହାଲିଆ ଓ ଭୋକଶୋଷ ହେଉଥିବା ସମୟରେ ଅଯାଚିତ ଭାବରେ ଋଷିଙ୍କ ତରଫରୁ ମିଳିଥିବା ଖାଦ୍ୟକୁ ଚଷାପୁଅଟି କୃତକୃତ୍ୟ ହୋଇ ଗ୍ରହଣ କଲା ଓ ଖୁସି ମନରେ ଖାଇଲା । ସେ ସେପରି ମିଠା କନ୍ଦମୂଳ ଆଗରୁ କେବେ ଖାଇନଥିଲା । କନ୍ଦମୂଳ ଏପରି ସୁସ୍ୱାଦୁ ଲାଗିବାର କାରଣ କଣ ବୋଲି

ପଚାରିବାରୁ ଋଷି ଏହା ମହାପରବୁ ଦେଇଥିବା ସୁନାଖୁରୁପୀର କରାମତି ବୋଲି ଜଣେଇ ଦେଲେ। ଚଷାପୁଅ, ଜଙ୍ଗଲରୁ କେବଳ ପିତା କନ୍ଦା ପାଉଛି ଓ ତା ପରିବାର ସେହି ନିକୃଷ୍ଟ ଧରଣର ଖାଦ୍ୟ ଖାଇ ବଞ୍ଚିଛନ୍ତି ବୋଲି ଋଷିଙ୍କୁ ଜଣାଇଲା।

ଋଷି ସାଧୁ ପ୍ରକୃତିର ଲୋକ। ଚଷାପୁଅର ଏ ପ୍ରକାର ଅଭାବ ଅସୁବିଧା ଶୁଣି ତାଙ୍କ ମନରେ ତା ପ୍ରତି ଦୟାହେଲା। ସେ ତାଙ୍କ ଘରୁ ବଳକା କନ୍ଦା ଗୁଡ଼ିକ ଆଣି ତା ପରିବାରର ଲୋକଙ୍କ ପାଇଁ ଖାଇବାକୁ ଦେଲେ ଓ ଏଣିକି ସବୁଦିନ ଭଲକନ୍ଦା ସଂଗ୍ରହ ପାଇଁ ତାଙ୍କ ସହିତ ଜଙ୍ଗଲକୁ ଯିବା ପାଇଁ ପରାମର୍ଶ ଦେଲେ। ଚଷାପୁଅର ଆନନ୍ଦ କହିଲେ ନସରେ। ଏହାପରଠାରୁ ସେ ସବୁଦିନ ଋଷିଙ୍କ ସହିତ ସାଥୀହୋଇ ଜଙ୍ଗଲକୁ କନ୍ଦା ଖୋଳିବାକୁ ଯାଏ ଓ ଋଷିଙ୍କ ସୁନାଖୁରୁପୀରେ କନ୍ଦା ଖୋଳେ। ତାଫଳରେ ତାକୁ ଯଥେଷ୍ଟ ମିଠା କନ୍ଦା ମିଳେ। ମିଳାମିଶା ହେବାରୁ ଧୀରେ ଧୀରେ ଋଷିଙ୍କ ସହିତ ଚଷାପୁଅର ସମ୍ପର୍କ ବଢ଼ିଲା। ସେ ସୁନାଖୁରୁପୀର କରାମତି ଭଲଭାବରେ ଜାଣିଲା। ତାଦ୍ୱାରା ତାକୁ ହାତେଇବା ପାଇଁ ତା ମନରେ ଲୋଭ ହେଲା। ସେ ମନେ ମନେ ଭାବିଲା; ଯଦି ସୁନାଖୁରୁପୀଟି ତା ଘରେ ଥାଆନ୍ତା, ତା ପରିବାର ସବୁଦିନ ଯଥେଷ୍ଟ ମିଠା କନ୍ଦା ଖାଇବାକୁ ପାଉଥାଆନ୍ତେ ଓ ତାକୁ ଋଷିଙ୍କ ଗୋଡ଼ାଣିଆ ହେବାକୁ ପଡ଼ନ୍ତା ନାହିଁ।

ପୁରୁବ ଆକାଶ ସିନ୍ଦୁରା ଫାଟିଲାଣି। ଚଷାପୁଅ ଭୋରୁ ଭୋରୁ ନିତ୍ୟକର୍ମ ସାରିଦେଇ ଋଷିଙ୍କ ଘରେ ପହଞ୍ଚିଲା। ସେଠାରୁ ଦୁଇଜଣଯାକ ସାଥିହୋଇ ଜଙ୍ଗଲକୁ କନ୍ଦା ଖୋଳିବାକୁ ଗଲେ। ସେଦିନ ସେମାନେ ବହୁତ କନ୍ଦା ଖୋଳିଲେ। ମୁଣ୍ଡ ଉପରେ ବେଳ ହେଲାରୁ କନ୍ଦାଗୁଡ଼ିକ ଭାରକରି ଦୁହେଁ ଘରମୁହାଁ ଲେଉଟିଲେ। ଭାର ଗୁଡ଼ିକ ବହୁତ ଓଜନିଆ ହୋଇଥାଏ। ଚଷାପୁଅଟି ଭେଣ୍ଡିଆ। ସେ ତା ଭାରଟି ମୁଣ୍ଡାଇ କାଇଦାରେ ବାଟ ଚାଲୁଥାଏ। ଋଷି ବୁଢ଼ା ଲୋକ। କନ୍ଦା ବୋଝ ସାଙ୍ଗକୁ ଓଜନିଆ ସୁନାଖୁରୁପୀ ଓ ପାହାଡ଼ିଆ ଗଡ଼ା ଉଠା ବାଟ। ଋଷି ବୋଝ ମୁଣ୍ଡାଇ ବାଟ ଚାଲିପାରୁ ନଥାନ୍ତି। ବହୁକଷ୍ଟରେ ଘାଟି ପାଖରେ ପହଞ୍ଚି ହାଲିଆ ହୋଇ ବିଶ୍ରାମ କଲେ। ଥକ୍କାମେଣ୍ଟାଇ ସାରି କିଛି ସମୟପରେ ପୁଣି ଘାଟି ଚଢ଼ିଲେ। ଘାଟି ଅଧ ବେଳକୁ ମୁଣ୍ଡଉପର ବୋଝରେ ତାଙ୍କ ଅବସ୍ଥା ଅସମ୍ଭାଳ ହେଲା। ଚଷାପୁଅ କିଛି

ସାହାଯ୍ୟ କରିବାକୁ ଚାହିଁବାରୁ ଋଷି ତାକୁ ଓଜନିଆ ସୁନାଖୁରୁପୀଟି ଧରିବାପାଇଁ ଦେଲେ । ଏହାପରେ ଘାଟି ଉତୁରି ଦୁହେଁ ଘରମୁହାଁ ଫେରିଲେ ।

ସୁନାଖୁରୁପୀଟି ହାତରେ ପାଇ ଚଷା ପୁଅଟିକୁ ପୂର୍ବର ଲୋଭ ଘାରିଲା । ସେଇଟି ହାତେଇବାକୁ ତା ମନ ଅଥୟ ହେଲା । ବୋଝମୁଣ୍ଡାଇ ଚାଲିପାରୁ ନଥିବା ଋଷିଙ୍କୁ ଅପେକ୍ଷା ନ କରି ଅଧାବାଟରେ ଛାଡ଼ି ସେ ଶୀଘ୍ର ଶୀଘ୍ର ଘରକୁ ଫେରି ଆସିଲା । ସୁନା ଖୁରୁପୀଟି ତା ପାଖରେ ରହିଗଲା । ସେ ତାକୁ ଋଷିଙ୍କୁ ଆଉ ଫେରାଇଲା ନାହିଁ । ନିଜେ ସାଇତି ରଖିଲା । ଋଷି ଅନେକଥର ମାଗିଲେ । ଚଷାପୁଅ ଆଉ ଦେଖାବି ଦେଲା ନାହିଁ । ଶେଷକୁ ଋଷି ସୁନା ଖୁରୁପୀର ଆଶା ବି ଛାଡ଼ିଦେଲେ ।

ମହାପରବୁଙ୍କ ସୃଷ୍ଟ ସୁନାଖୁରୁପୀଟି ଚଷା ପୁଅର ଭାଗ୍ୟ ବଦଳେଇ ଦେଲା । ଏହାଫଳରେ ତାକୁ କେବଳ ଭଲ ସୁସ୍ୱାଦୁ ମିଠାକନ୍ଦା ସବୁଦିନ ଯଥେଷ୍ଟ ପରିମାଣରେ ମିଳିଲା । ଅଭାବ ଅସୁବିଧା ଦୂର ହୋଇଗଲା ଓ ଧନ ସମ୍ପତ୍ତି, ଗାଈଗୋରୁ ବଢ଼ିବାରେ ଲାଗିଲେ । ତାପରେ ତା ବଂଶଧରମାନେ ମଧ୍ୟ ସମାଜରେ ଧନୀହୋଇ ବସବାସ କଲେ । ସୁନା ଖୁରୁପୀ ହରେଇବା ପରେ ଋଷିଙ୍କ ଅବସ୍ଥା ଖରାପ ହେବାରେ ଲାଗିଲା । ତାପରଠାରୁ ତାଙ୍କୁ ଆଉ ମିଠା କନ୍ଦା ଖାଇବାକୁ ମିଳିଲା ନାହିଁ । ଅଭାବ ଅସୁବିଧା ଲାଗି ରହିଲା ଓ ଦିନକୁ ଦିନ ସେ ଗରିବ ହୋଇଗଲେ । ସେ ଜଙ୍ଗଲରୁ କେବଳ ପିତା କନ୍ଦା ଖୋଳିକରି ପରିବାର ଚଳେଇଲେ । ତାଙ୍କ ଅନ୍ତେ ତାଙ୍କର ବଂଶଧର ଜୁଆଙ୍ଗମାନେ ମଧ୍ୟ ଜଙ୍ଗଲରୁ ପିତାକନ୍ଦା ଖୋଳି ଅଭାବ ଅନାଟନରେ ଖାଇ ପେଟ ପୋଷୁଛନ୍ତି । ଚଷା ପୁଅର ସେହି ଦିନର ଠକାମିରେ ଫଳ ସେମାନେ ଏବେ ମଧ୍ୟ ଭୋଗୁଛନ୍ତି ।



# ମଉଁଷିର ପ୍ରତିଦାନ



ପାହାଡ଼ ପର୍ବତ ଘେରା ଅଞ୍ଚଳ । ପାହାଡ଼ତଳ ଅଞ୍ଚଳରେ ଜୁଆଙ୍ଗ ବସତି । ସେଇ ବସତିରେ ବୁଢ଼ାଟିଏ ଘରଦ୍ୱାର କରି ରହିଥାଏ । ତାର ଅଚଳାଚଳ ସମ୍ପତ୍ତି । ବୁଢ଼ାର ଦୁଇ ପୁଅ । ବଡ଼ଟି ପାରିଲାର ହେଲାଣି । ଏବେ ଚାଷବାସ କଥା ଓ ଘରର ଭଲମନ୍ଦ ଦାୟିତ୍ୱ ବଡ଼ପୁଅକୁ ବୁଝିବାକୁ ଦେଇ ବୁଢ଼ା ଏଣିକି ବିଶ୍ରାମ କରିବାକୁ ଠିକ୍ କଲା ।

ପୁଅଟି ଚାଷକାମରେ ନୂଆ ହୋଇ ମୁକରିର ହୋଇଥାଏ । ତାର ସେତେ ଭଲ ଅଭିଜ୍ଞତା ନଥାଏ । ତେଣୁ ସେବର୍ଷ ଫସଲ ଅମଳ କମିଗଲା । ବୁଢ଼ା ସେ ଅଞ୍ଚଳର ସବୁଠୁ ଭଲ ଚାଷୀ । ତା ଅମଳରେ ସେ କ୍ଷେତରୁ ଷୋଳପଣ ଫସଲ କମାଏ । ତା ଦେଖନ୍ତାରେ କ୍ଷେତରୁ ଫସଲ ନିଅଣ୍ଟ ହେବା ତାକୁ ଭାରି ବାଧିଲା । ସେ ଦିନରାତି ସେଇକଥା ଭାବି ଘାରି ହେଉଥାଏ ।

ବୁଢ଼ା ରାତିରେ ଖାଇ ପିଇ ଶୋଇଲା । ପାହାନ୍ତା ପହର । ବୁଢ଼ାକୁ ଛାଇ ନିଦ ଘାରିଚି । ଏଇ ସମୟରେ ସେ ଏକ ଅଦ୍ଭୁତ ଭୂତ ସ୍ୱପ୍ନ ଦେଖିଲା । ଗୋଟିଏ ହାଣ୍ଡିକଳା ରଙ୍ଗରର ବାବନଟିଏ; ଦେହଠାରୁ ମୁଣ୍ଡ ବଡ଼, ଆଖି ଯୋଡ଼ିକ ନିଆଁ ଅଙ୍ଗାର ପରି ଜଳୁଛି, ବୁଢ଼ାକୁ କହିଲା, "ମୁଁ ପାହାଡ଼ ତଳେ ତୋ କ୍ଷେତ ଦାଢ଼ରେ ଥିବା ମହୁଲ ଗଛରେ ରହୁଛି । ତୋ ବଡ଼ ପୁଅକୁ ମୋତେ ଦେ । ତେବେ ଯାଇ ତୋ କ୍ଷେତରୁ ଅଧିକ ଅମଳ ହେବ ।" ସପନ ଦେଖି ବୁଢ଼ାର ନିଦ ଭାଙ୍ଗିଗଲା ।

ସକାଳ ହେଲା । ବୁଢ଼ା କଣ କରିବ, କଣ ନ କରିବ ଭାବି ଅନ୍ୟମନସ୍କ ଥାଏ । ଏହି ସମୟରେ ବଡ଼ ପୁଅ ଆସି କଣ କାମ ହେବ ପଚାରିବାରୁ ବୁଢ଼ା କହିଲା, "ପାହାଡ଼ ତଳ କ୍ଷେତକୁ ମଇଁଷିଙ୍କୁ ଯୋଚି ହଳ କରିବାକୁ ଯା ।" ପୁଅଟି ଏକଥା ଶୁଣି ଗୁହାଳକୁ ମଇଁଷିଙ୍କୁ ସଜ କରିବା ପାଇଁ ଗଲା । ସେ ମଇଁଷି ଦୁହିଁଙ୍କୁ ବହୁତ ହେପାଜତ କରେ । ହଳ କରିବା ବହୁତ ପରିଶ୍ରମ କାମ । ତେଣୁ ହଳରେ ଯୋଚିବା ଆଗରୁ ସେ ସେମାନଙ୍କୁ ସତେଜ ହେବାପାଇଁ ଖାଇବାକୁ ଦିଏ । ମଇଁଷି ଦୁଇଟି ମନ ଖୁସିରେ ଖାଦ୍ୟ ଖାଇଲେ । ସେମାନେ ଜାଣିଥିଲେ ବଡ଼ ପୁଅଟି ସେମାନଙ୍କୁ କେତେ ଭଲ ପାଏ ।

ଖୁଆଇ ସାରିବା ପରେ ବଡ଼ ପୁଅ ମଇଁଷି ମାନଙ୍କୁ ଯୋଚି ପାହାଡ଼ତଳ ଜମିକୁ ହଳ ନେବାକୁ ବାହାରିଲା । ଏହି ସମୟରେ ସେମାନଙ୍କ ଭିତରୁ ଜଣେ କହିଲା, "ବାବୁରେ ! ଆଜି ତୋର ବିପଦର ଦିନ । କ୍ଷେତର ମହୁଲ ଗଛରେ ଭୂତଟିଏ ଅଛି । ଆଜି ସେ ଜାଗାକୁ ଗଲେ, ଭୂତ ତୋତେ ମାରିଦେବ ।" ଏ କଥାଶୁଣି ପୁଅଟି ଡରିଗଲା । ସେ ପଚାରିଲା, "ତେବେ ସେଥିରୁ ମୁଁ କିପରି ବଞ୍ଚିବି ମୋତେ ବତାଅ ।" ମଇଁଷି କହିଲା, "ତୁ ଘରୁ ଢାଳେ ପାଣି, ଗୋଟେ ବାଉଁଶ ଓ ଜଳନ୍ତା ନିଆଁଖୁଣ୍ଟାଟିଏ ଆଣ । ଠିକଣା ସମୟରେ ତୋତେ ମୁଁ ଉପାୟ ବତେଇ ଦେବି ।" ତାଠାରୁ ଏକଥା ଶୁଣି ବଡ଼ପୁଅ ଘରୁ ଆବଶ୍ୟକ ସକଳ ପଦାର୍ଥ ଧରି ହଳ କରିବାକୁ କ୍ଷେତକୁ ବାହାରିଲା ।



ପାହାଡ଼ ପାଖରେ ପହଞ୍ଚିବାକୁ କିଛିଦୂର ଅଛି ପୁଅଟି ଦେଖିଲା ଦୁଇଟି ଜଳନ୍ତା ଅଙ୍ଗାର ପରି କଣ ଗୋଟାଏ ତା ଆଡ଼କୁ ମାଡ଼ି ଆସୁଛି । ସେ ଡରିଯାଇ କଣ କରିବାକୁ ହେବ ପଚାରିବାରୁ ମଇଁଷି କହିଲା, "ଭୂତ ଆସୁଛି, ତୁ ତା ବାଟରେ ବାଉଁଶଟିକୁ ପକାଇ ଦେ ।" ପୁଅଟି ସେପରି କରିବାରୁ ଭୂତ ବାଉଁଶର ନଳ ଭିତରେ ପଶି ଆବଦ୍ଧ ହୋଇଗଲା । ସେ ବହୁତ କଷ୍ଟରେ ବାଉଁଶର ନଳକୁ ଭେଦକରି ଆରପଟରେ ବାହାରିଲା ବେଳକୁ ମଇଁଷିର ଉପଦେଶରେ ପୁଅଟି ବାଉଁଶ ନଳାର ଉପର ମୁଣ୍ଡରେ ପାଣି ଢାଳ ଓଜାଡ଼ି ଦେଲା । ତାଫଳରେ ଭୂତଟି ପାଣି ସୁଅରେ ତଳମୁହାଁ ଭାସିଗଲା । ପୁଣି ଚେଷ୍ଟାକରି ଭୂତ ବାଉଁଶ ନଳରେ ଉପର ମୁଣ୍ଡକୁ ଆସି ପଦାକୁ ବାହାରିବାକୁ ଚେଷ୍ଟା କରିବାବେଳକୁ ପୁଅଟି ମଇଁଷିକୁ ଭୂତ କବଳରୁ ରକ୍ଷା ପାଇବାପାଇଁ ଉପାୟ ବତାଇବାକୁ କହିଲା ।

ମଇଁଷି କହିଲା, "ବାଉଁଶ ଅଗରେ ନିଆଁ ଲଗାଇ ଦେ।" ପୁଅଟି ଏଥର ବାଉଁଶ ଅଗିଲାରେ ଘରୁ ଆଣିଥିବା ନିଆଁଖୁଣ୍ଟାକୁ ଫୁଙ୍କି ନିଆଁ ଲଗାଇ ଦେଲା। ତାହା ଧୁ ଧୁ ହୋଇ ଜଳିବାରୁ ଭୂତଟି ଜୀବନବିକଳରେ ସେ ଜାଗା ଛାଡ଼ି ପଳାଇଲା। ତାପରେ ପୁଅଟି ଖୁସିମନରେ ହଳକାମ ସାରି ବେଳ ବୁଡ଼ୁକୁ ଘରକୁ ଫେରିଲା। ବୁଢ଼ା ପୁଅକୁ ହଳକୁ ପଠାଇ ବଡ଼ ବ୍ୟସ୍ତ ହେଉଥାଏ। ପୁଅ ହଳ କାମ ସାରି ଭଲଭାବରେ ଫେରି ଆସିବା ଦେଖି ବହୁତ ଆନନ୍ଦିତ ହେଲା।

କିଛିଦିନ ପରେ ପୁଅଟି ବାହାଡୋଳା ହେଲା। ଦିନେ ସେ ଜଙ୍ଗଲକୁ ମଇଁଷିଙ୍କୁ ଚରାଇବାକୁ ନେଇଥାଏ। ଏହି ସମୟରେ ରାଜା ସେ ଜଙ୍ଗଲକୁ ଶିକାର କରିବାକୁ ଆସିଲେ। ତାଙ୍କ ଶିକାର ଇଲାକାରେ ପୁଅଟି ମଇଁଷି ଚରାଉଥିବା ଦେଖି ସେ ବହୁତ ରାଗିଗଲେ। ସେ ପିଲାକୁ ଦଣ୍ଡଦେବା ପାଇଁ ତାଙ୍କ ସୈନିକମାନଙ୍କୁ ଆଦେଶ ଦେଲେ। ରାଜାଙ୍କ ଆଦେଶ ପାଇବା ମାତ୍ରେ ସୈନିକମାନେ ପୁଅକୁ ବାନ୍ଧିବାକୁ ଆଗେଇ ଆସିଲେ। ଏହା ଦେଖି ମଇଁଷି ଦୁଇଟି ରାଗରେ ରାଜାଙ୍କ ସୈନ୍ୟଦଳ ଭିତରେ ପଶି ଶିଙ୍ଗରେ ଭୂସି ଆକ୍ରମଣ କଲେ। ଏହା ରାଜାଙ୍କ ରାଗକୁ ଦ୍ୱିଗୁଣିତ କରିଦେଲା। ସେ ତାଙ୍କର ସମସ୍ତ ସୈନ୍ୟମାନଙ୍କୁ ଡାକି ଦୁଇଟି ଯାକ ମଇଁଷି ଓ ପିଲାଟିକୁ ମାରିବା ପାଇଁ କଡ଼ା ଆଦେଶ ଦେଲେ। ଏହାଫଳରେ ସବୁଯାକ ସୈନିକ ମଇଁଷି ଓ ପିଲାଟିକୁ ଅସ୍ତ୍ର ଶସ୍ତ୍ର ଧରି ଆକ୍ରମଣ କରିବାକୁ ବାହାରି ପଡ଼ିଲେ। ମଇଁଷି ଦୁଇଟି ବିପଦ ବୁଝିପାରିଲେ। ପାଖ ଗଛ ଡାଳରେ ବଡ଼ ମହୁଫେଣାଟିଏ ଥିଲା। ବୁଦ୍ଧିଆ ମଇଁଷିଟି ସେ ଗଛ ପାଖକୁ ଯାଇ ତା ଶକ୍ତ ଶିଙ୍ଗରେ ସେ ଗଛକୁ ବାରମ୍ବାର ଢିରା ମାରିଲା। ସେ ମାଡ଼ରେ ମହୁଫେଣାଟି ଭାଙ୍ଗିଯିବାରୁ ସେଥିରୁ ହଜାର ହଜାର ମହୁମାଛି ବାହାରି ରାଗରେ ରାଜା ଓ ତାଙ୍କ ସୈନ୍ୟମାନଙ୍କୁ ଗୋଡ଼େଇ ଗୋଡେଇ ନାହୁଡ଼ ମାରିଲେ। ଏହାଫଳରେ ସେମାନେ ଅସ୍ତବ୍ୟସ୍ତ ହୋଇ ଜୀବନରକ୍ଷା କରିବା ପାଇଁ ଜଙ୍ଗଲ ଛାଡ଼ି ଦୌଡ଼ି ପଳାଇଲେ। ଏହିପରି ମଇଁଷି ଦୁଇଟି ସେମାନଙ୍କୁ ଭଲ ପାଉଥିବା ସ୍ନେହୀ ପିଲାଟିକୁ ମରଣ ମୁହଁରୁ ବଞ୍ଚାଇଲେ।



# ଭାଗ୍ୟର ଖେଳ



ପାହାଡ଼ ତଳେ ଜୁଆଙ୍ଗ ଗାଁଟିଏ। ସେ ଗାଁରେ ଗୋଟିଏ ପରିବାରରେ ବୁଢ଼ାଟିଏ ଥାଏ। ତା'ର ଝିଅ, ପୁଅ ଦୁଇଟି ଥାଆନ୍ତି। ସେ ବୁଢ଼ା ସବୁଦିନ ଜଙ୍ଗଲକୁ ଘାସ କାଟିବାକୁ ଯାଏ। ଦିନେ ବୁଢ଼ାଟି ଘାସ ଆଣି ଘରକୁ ଫେରିବା ବେଳକୁ ଜଙ୍ଗଲରେ ଦାଆଟିକୁ ଛାଡ଼ି ଚାଲି ଆସିଲା। ଜଙ୍ଗଲରେ ଦାଆ ଛାଡ଼ି ଆସିବା କଥା ତା'ର ଘରେ ମନେ ପଡ଼ିଲା। ତେଣୁ ସେ ଆଉଥରେ ଜଙ୍ଗଲକୁ ଯାଇ ଦାଆ ଖୋଜି ଆଣିବ ବୋଲି ଭାବିଲା।

ବୁଢ଼ା ଆଉଥରେ ଜଙ୍ଗଲକୁ ଗଲା। ଦାଆ ଖୋଜୁ ଖୋଜୁ ସଞ୍ଜ ହୋଇଗଲା। କିନ୍ତୁ ସେ ଆଉ ଦାଆ ପାଇଲା ନାହିଁ। ସେତେବେଳେ ସେ ବଡ଼ ପାଟିରେ ଡାକିକରି କହିଲା, "ଭିତରେ କିଏ କେଉଁଠି ଅଛ ପଦାକୁ ଆସ। ମୋର ଦାଆ କେଉଁଠି ଅଛି ଦେଖାଇ ଦେଲେ ମୁଁ ତୁମକୁ ମୋର ଝିଅକୁ ଦେବି।"

ବୁଢ଼ାର ଏକଥା ଶୁଣି ଜଙ୍ଗଲ ଭିତରୁ ବାଘଟିଏ ବୁଢ଼ା ପାଖକୁ ବାହାରି ଆସିଲା। ବାଘ ବୁଢ଼ାକୁ ପଚାରିଲା, "କ'ଣ କହୁଥିଲ ?" ବୁଢ଼ା କହିଲା– "ମୁଁ କହୁଥିଲି ଯିଏ ମୋତେ ମୋର ଦାଆ ଖୋଜି ଦେବ, ତାକୁ ମୁଁ ମୋର ଝିଅକୁ ଦେବି।" ଏ କଥା ଶୁଣି ବାଘ କହିଲା, "ବୁଢ଼ା ! ଦାଆ ତୁମ ଗୋଡ଼ତଳେ ଅଛି। ତୁମ ଦାଆଟିକୁ ନିଅ ଏବଂ ନିଜର କଥା ମୁତାବକ ମୋତେ ତୁମ ଝିଅଟିକୁ ଦିଅ।" ବୁଢ଼ା ଦାଆଟିକୁ ଧରି ବାଘକୁ କହିଲା, "ଚାଲ ଆମ ଘରକୁ ଯିବା, ସେଠାରେ ପହଞ୍ଚିଲେ ମୁଁ ତୁମକୁ ମୋ

ଝିଅକୁ ଦେବି ।" ବୁଢ଼ା ପଛେ ପଛେ ବାଘ ମଧ୍ୟ ଚାଲିଲା । ସେମାନେ ଗାଁରେ ପହଞ୍ଚିଲେ । ବୁଢ଼ା ବାଘକୁ କହିଲା, "ତୁମେ ପାଣି ଘାଟକୁ ଯାଅ । ମୁଁ ଘରକୁ ଯାଇ ଝିଅକୁ ପଠାଇବି ।" ବୁଢ଼ା କଥା ଶୁଣି ବାଘ ପାଣି ଘାଟ ପାଖକୁ ଯାଇ ଜଗିଲା । ସେ ସେଠି ବର ବେଶ ହୋଇ ବସିଥାଏ ।

ଘରକୁ ଆସି ବୁଢ଼ା ତା'ର ଝିଅକୁ ନାଳକୁ ଯାଇ ପାଣି ଆଣିବା ପାଇଁ କହିଲା । କହିଲା, "ତୁ ପାଣି ଆଣିଲେ ମୁଁ ଗୋଡ଼ହାତ ଧୋଇ ଭାତ ଖାଇବି ।" ଝିଅ କହିଲା, "ବାପା ! ଘରେ ଆମର ଦରକାର ଠାରୁ ଯଥେଷ୍ଟ ଅଧିକ ପାଣି ଅଛି । ତୁମେ ପୁଣି ଆଣିବା ପାଇଁ କ'ଣ କହୁଛ ।" ବାପା କିନ୍ତୁ ମାନିଲା ନାହିଁ । ଝିଅ ଦେଖିଲା ନଗଲେ ନ ଚଳେ । ତାପରେ ସେ କହିଲା, "ହଉ ବାପା, ତୁମ କଥା ମାନି ମୁଁ ପାଣି ପାଇଁ ଯାଉଛି ।"

ତା'ପରେ ସେ ପାଣି ଆଣିବା ପାଇଁ ବାହାରିଲା । ଯିବା ସମୟରେ ତା'ର ସାନ ଭାଇ ଦେଖିପାରି କହିଲା, "ନାନୀ କୁଆଡ଼େ ଯାଉଛ ?" ଝିଅଟି କହିଲା, "ବାପା କହିବାରୁ ମୁଁ ପାଣି ପାଇଁ ଯାଉଛି ।" ସାନ ଭାଇ କହିଲା, "ଏତେ ଅନ୍ଧାର ହେଲାଣି ତୁ ଏକୁଟିଆ ଯିବୁ । ଚାଲ ମୁଁ ସାଙ୍ଗରେ ଯିବି ।" ଏହାପରେ ଭାଇ ଭଉଣୀ ଦୁଇଜଣ ପାଣି ଆଣିବାକୁ ଗଲେ । ଭାଇ ଦେଖିଲା ପାଣିଖିଆ ଘାଟରେ ବାଘଟିଏ ବସିଛି । ସାନ ଭାଇ ପାଖରେ ଧନୁତୀର ଥିଲା । ସେ ଧନୁରେ ତୀର ଖଞ୍ଜି ବାଘକୁ ଲକ୍ଷ୍ୟ କରି ମାରିଲା । ତୀର ଯାଇ ବାଘ ଆଖିରେ ବାଜିଗଲା । ଝିଅଟି ଏବେ ସବୁକଥା ବୁଝିପାରିଲା । ସେ କହିଲା, "ଏଇଥିପାଇଁ ବାପା ମୋତେ ପାଣି ଆଣିବାକୁ ପଠାଇଥିଲେ । ସାନଭାଇ, ଆଜି ତୁ ମୋ ଜୀବନ ବଞ୍ଚେଇଲୁ । ତୁ ନ ଥିଲେ ମୋର ଜୀବନ ଯାଇଥାଆନ୍ତା ।"

ଆଉ ବାପାଙ୍କ ପାଖକୁ ନ ଯାଇ ଅନ୍ୟ ରାଜ୍ୟକୁ ଯିବାପାଇଁ ସେମାନେ ବିଚାର କରି ସେହି ରାତିରେ ଘରଛାଡ଼ି ଚାଲିଗଲେ । ସେମାନେ ସାଥିରେ ବାଘର ଆଖି ଦୁଇଟିକୁ ତାଡ଼ି ନେଇଥିଲେ । ସେ ଆଖି ଦୁଇଟିରୁ ଅନେକ ବଳିଆ କୁକୁର ଜନ୍ମ ହେଲେ । ସେହି ବଳିଆ କୁକୁରମାନଙ୍କ ସାହାଯ୍ୟରେ ସେମାନେ ରାଜ୍ୟ ଜୟକରି ନୂଆ ରାଜ୍ୟଟିଏ ଗଢ଼ିଲେ । ପୁଅଟି ଭଉଣୀକୁ ଗୋଟିଏ ରଜାପୁଅ ସହିତ ବିବାହ ଦେଲା ଓ ନିଜେ ଗୋଟିଏ ରଜା ଝିଅକୁ ବାହା ହୋଇ ସୁଖରେ ରହିଲା । ଏସବୁ ଭାଗ୍ୟର ଖେଳ ।





# ଠକ ବୁଢ଼ା

ଅନେକ ଦିନ ତଳର କଥା । ଗୋଟିଏ ଜୁଆଙ୍ଗ ଗାଁରେ ବୁଢ଼ାଟିଏ ତା'ର ସ୍ତ୍ରୀ ସହ ବାସ କରୁଥିଲା । ତାଙ୍କର ଗୋଟିଏ ଝିଅ ଥିଲା । ଝିଅଟି ବାହାଯୋଗ୍ୟ ହେଲାରୁ ସେମାନେ ତାକୁ ବାହା କରିଦେଲେ ।

ଝିଅ ବାହା ହୋଇଯିବା ପରେ ସେମାନେ ବିଚାର କଲେ ଆମେ ତ ବୁଢ଼ାବୁଢ଼ୀ ହେଲେଣି, ଝିଅ ତ ପରଘରକୁ ଗଲା । ବୁଢ଼ା ଦିନରେ ଆମକୁ ଦେଖାଶୁଣା କରିବାକୁ ଆଉ କେହି ନାହାନ୍ତି । ଗୋଟିଏ ଚଢ଼େଇ ପୋଷିବା । ସେ ଆମକୁ ମାଆ ବାପା ଡାକିବ । ଏକଥା ଠିକ୍ କରି ସେମାନେ ଚଢ଼େଇଟିଏ ପାଳିଲେ । ତା'ର ନାମ ଦେଲେ 'ଢଚିରା ସିଂ' । ତାକୁ ପଞ୍ଜୁରୀରେ ରଖିଲେ ।

ଚଢ଼େଇର ବହୁତ ହେପାଜତ କରୁଥାଆନ୍ତି । ମାତ୍ର ଚଢ଼େଇ କିଛି ଡାକ ଶିଖିଲା ନାହିଁ । ଏଥିରେ ବିରକ୍ତ ହୋଇ ବୁଢ଼ୀ କହିଲା, "ଚଢ଼େଇକୁ ଛାଡ଼ି ଦେବା ।" ବୁଢ଼ା କହିଲା, "ନାହିଁ ତାକୁ ସବୁଦିନ ଭାତ ଓ ମାଂସ ଦେବା ତା'ହେଲେ ସେ ଆମକୁ ମାଆ ବାପା ଡାକିବ, ନ ହେଲେ ଡାକିବ ନାହିଁ ।" ବୁଢ଼ୀ ଏକଥାରେ ବିଶ୍ୱାସ କଲା । ସେଦିନଠାରୁ ସେମାନେ ଚଢ଼େଇର ସ୍ୱତନ୍ତ୍ର ଚର୍ଚ୍ଚା କଲେ । ବୁଢ଼ା ଚଢ଼େଇକୁ ଛେଳି, କୁକୁଡ଼ା ମାଂସ ଖୁଆଇବାକୁ ବ୍ୟବସ୍ଥା କଲା । ଏଥିପାଇଁ ତାର ବହୁତ ଖର୍ଚ୍ଚ ହେଉଥାଏ । ସବୁଦିନ ଘରେ ମାଂସ ରନ୍ଧା ହେଉଥାଏ । ପଇସା ନିଅଣ୍ଟ ହେଲେ ବୁଢ଼ା ଜମିବାଡ଼ି ବିକ୍ରୀ କରୁଥାଏ । ବୁଢ଼ୀ ଏସବୁ କଥା ଜାଣି ନଥାଏ ।

ବୁଢ଼ୀ ଦିନେ ଭାବିଲା ଢଚିରା ସିଂ ଚଢ଼େଇ କଣ ଖାଉଛି ଦେଖିବି । ବୁଢ଼ାର ଧନ ସମ୍ପତ୍ତି ସବୁ ସରିଯାଇଥିଲେ ମଧ ସେ ସେଦିନ ଗୋଟିଏ ଛେଳି ମାରି ତାର ମାଂସ ଓ ଭାତ ନେଇ ଚଢ଼େଇ ପାଖରେ ପହଞ୍ଚିଲା । ବୁଢ଼ୀ ଛପିକରି ଦେଖିଲା ବୁଢ଼ା ଚଢ଼େଇକୁ ଅଳ୍ପ ଭାତ ଓ ମାଂସ ଦେଇ ନିଜେ ବସି ସବୁ ଖାଉଛି । ସେ ବୁଢ଼ାର କାରସାଦି ଜାଣିପାରିଲା । ବୁଢ଼ା ନିଜେ ଘରେ ବସି ରୋଜଗାର ନ କରି ଏପରି ବଦଖର୍ଚ୍ଚ କରୁଛି ଓ ସମ୍ପତ୍ତି ସାରୁଛି । ସେ ରାଗିକରି ଆସି ଚଢ଼େଇକୁ ପିଞ୍ଜରାରୁ ବାହାର କରି ଉଡାଇ ଦେଲା । ବୁଢ଼ାର ଠକାମୀ ଆଉ କାମ ଦେଲାନି ।

# ଜୁଆଙ୍ଗ ଝିଅର ଆତ୍ମ ସମ୍ମାନ



ବଣ ପାହାଡ଼ଘେରା ଅଞ୍ଚଳରେ ଜୁଆଙ୍ଗ ଗାଁଟିଏ । ସେ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ଥିଲେ । ତାଙ୍କର ପାଞ୍ଚଟି ପୁଅ ଓ ଗୋଟିଏ ଝିଅ । ପିଲାମାନେ ବଡ଼ ହେଲାରୁ ବୁଢ଼ାବୁଢ଼ୀ ବଡ଼ ଚାରିପୁଅଙ୍କର ବାହାଘର କାମ ସାରିଦେଲେ । ସବା ସନାପୁଅ ଓ ଝିଅ ଛୋଟପିଲା । ପୁଅଟି ବଣକୁ ଛେଳି ଚରାଇବାକୁ ନିଏ ଓ ଝିଅଟି ଘରେ ରହି ମା'କୁ ଘର ପାଇଟିରେ ସାହାଯ୍ୟ କରେ । ସେମାନଙ୍କର ଦିନ ଖୁସିରେ କଟିଯାଉଥାଏ ।

ଦିନକର କଥା । ଚଇତ ମାସର ବେଳ । ହାଲ୍‌କା ହାଲ୍‌କା ଦକ୍ଷିଣା ପବନ ଦେହମନ ଉଲ୍ଲସିତ କରୁଥାଏ । ସାନପୁଅଟି ସକାଳୁ ସକାଳୁ ଉଠି ନିତ୍ୟକର୍ମ ସାରି ବଣକୁ ଛେଳି ଚରାଇବାକୁ ବାହାରି ପଡ଼ିଲା । ବସନ୍ତ ପବନର ପରଶରେ ବଣବୁଦା ଗୁଡ଼ିକ କଅଁଳିଆ ପତ୍ରରେ ମଣ୍ଡି ହୋଇଥାନ୍ତି । ଛେଳିଗୁଡ଼ିକ ମନଖୁସିରେ ବୁଦା ଗହଳିରେ ବୁଲି ବୁଲି କଅଁଳ ପତ୍ରକୁ ଠୁଙ୍କୁ ଥାଆନ୍ତି । ପିଲାଟି ଛେଳି ପଛରେ ଏପଟସେପଟ ହଉହଉ ବଣୁଆ ଗଛରୁ ପାଚିଲା କୋଳି ତୋଳି କରି ଖାଉଥାଏ ।

ବେଳବୁଡ଼ ହେଲା । ପିଲାଟି ଘର ଲେଉଟାଣି ହେବାକୁ ଏଣେତେଣେ ବୁଲୁଥିବା ଛେଳିପଲକୁ ଏକାଠି କଲା । ଏଇ ସମୟରେ ସେ ଦେଖିଲା ଗୋଟିଏ ବଣୁଆ ଆମ୍ବଗଛରେ ଆଗୁଆ ହୋଇ ଆମ୍ବସବୁ ପାଚିଯାଇଛି । ସେତେବେଳକୁ ଅନ୍ୟ କେଉଁଆଡ଼େ ଆମ୍ବ ପାଚିନଥାଏ । ସେ ଗଛରେ ଆମ୍ବଗୁଡ଼ିକ ପାଚିଥିବା ଦେଖି ସେ ବହୁତ ଖୁସି ହୋଇଗଲା । ଗଛସାରା ଆମ୍ବଗୁଡ଼ିକ ପାଚି ଲାଲ ଟହ ଟହ ହୋଇ ଓହଳିଥାଏ । ପିଲାଟି ଆନନ୍ଦ ମନରେ ଗଛରେ ଚଢ଼ି ଡାଳଗୁଡ଼ିକ ହଲାଇଲା । ପାଚିଲା ଆମ୍ବଗୁଡ଼ିକ ଗଛତଳକୁ ଗୋଟିଏ ପରେ ଗୋଟିଏ ଟପ୍ ଟପ୍ ହୋଇ ଝଡ଼ିପଡ଼ିଲା । ତାପରେ ପିଲାଟି ଗଛରୁ ଓହ୍ଲାଇଲା ଓ ଭଲ ଭଲ ଆମ୍ବଗୁଡ଼ିକ ବାଛିକରି ଖାଇଲା । ସେ ଆମ୍ବଗୁଡ଼ିକ ଭାରି ସୁଆଦିଆ ଲାଗିଲା । ତେଣୁ ପେଟ ପୂରିଗଲା ପରେ ବଳକା ଆମ୍ବଗୁଡ଼ିକ ଗୋଟେଇ ଗଣ୍ଠିଲିକରି ଘରକୁ ଖାଇବା ପାଇଁ ସାଙ୍ଗରେ ନେଇ ଫେରିଲା ।

ଘରେ ପହଞ୍ଚି ଆମ୍ବ ଗଣ୍ଠିଲିଟିକୁ ମା'କୁ ଦେଇ ପିଲାଟି କହିଲା, "ଏ ଆମ୍ବଗୁଡ଼ିକ ମୁଁ ବଣରୁ ଆଣିଛି । କାହାକୁ ଦେବ ନାହିଁ ।" ତାପରେ ସେ ଧୁଆଧୋଇ ହୋଇ ମାଣ୍ଡିଆଜାଉ ଖାଇଲା ଓ ଗାଁରେ ପିଲାଙ୍କ ସହିତ ଖେଳିବା ପାଇଁ ବାହାରିଗଲା । ଝିଅଟି ସେ ସମୟରେ ଘରେ ନଥାଏ । ସେ ପାଣି ଆଣିବାକୁ ନାଳକୂଳକୁ ଯାଇଥାଏ । କିଛି ସମୟପରେ ସେ ପାଣିଆଣି ଘରକୁ ଫେରିଲା । ଘର ମୁହଁରେ ପହଞ୍ଚୁ ପହଞ୍ଚୁ ପାଚିଲା ଆମ୍ବର ମହକ ତା ନାକରେ ବାଜିଲା । ସେ ଘରେ ପାଣି ରଖିଦେଇ ପାଚିଲା ଆମ୍ବ କେଉଁଠି ଅଛି ଖୋଜିଲା । ଘରେ ଗଣ୍ଠିଲିଏ ପାଚିଲା ଆମ୍ବଥିବା ଦେଖି ସେ ବହୁତ ଖୁସିହେଲା । ସୁଆଦିଆ ଆମ୍ବଗୁଡ଼ିକ ଗୋଟିଏ ଗୋଟିଏ ଖାଉ ଖାଉ ଝିଅଟି ସବୁତକ ଆମ୍ବ ଖାଇଦେଲା ।

ରାତି ପହରକୁ ପିଲାଟି ଖେଳିସାରି ଘରକୁ ଫେରିଲା । ତା ମନଟି ତ ଆମ୍ବ ଉପରେ, ତେଣୁ ସେ ପ୍ରଥମେ ଗଣ୍ଠିଲିଟି ଖୋଲିବାକୁ ଗଲା । ଯାହା ଦେଖିଲା ସେଥିରେ ତା ହଂସା ଉଡ଼ିଗଲା । ଦେଖିଲା ଗଣ୍ଠିଲିଟି ଖୋଲା । ସେଥିରେ ଗୋଟିଏ ବି ଆମ୍ବ ନାହିଁ । ଆମ୍ବଗୁଡ଼ିକ କ'ଣ ହେଲା ବୋଲି ସେ ଘରେ ପଚାରିଲା । ସମସ୍ତେ ଆମ୍ବ ଖାଇ ନାହାନ୍ତି ବୋଲି କହିଲେ । କିନ୍ତୁ ଝିଅଟି ଆମ୍ବଗୁଡ଼ିକ ଖାଇଦେଇଛି ବୋଲି ମାନିଲା ।

ଝିଅଟିର ଉତ୍ତର ଶୁଣି ପିଲାଟି ବହୁତ ରାଗିଲା । ତାକୁ ବହୁତ ଗାଳିମନ୍ଦ କଲା । ସେ ସମୟରେ ତାର ହିତାହିତ ଜ୍ଞାନ ରହିଲା ନାହିଁ । ସେ ଯେ ତାର ଅତି ଗେହ୍ଲା ଭଉଣୀ, ସେକଥା ସେ ଭୁଲିଗଲା । ସେ କହିଲା, "ମୋର ସବୁତକ ଆମ୍ବ ଖାଇଦେଲୁ, ତୁ ଘାସିଘରେ ବାହାହେବୁ ।"



ଝିଅଟି ସବୁତକ ଆମ୍ବ ଖାଇ ଦେଇଥିବାରୁ ମନେ ମନେ ଦୁଃଖ କରୁଥିଲା । ସେଥିପାଇଁ ଭାଇ ତାକୁ ଗାଳିମନ୍ଦ କଲେବି ସେ ନୀରବରେ ଶୁଣୁଥିଲା । କିଛି ଉତ୍ତର ଦେଉନଥିଲା । କିନ୍ତୁ ଭାଇର ଶେଷ ଗାଳି ପଦକ ସହିବା ତା ପକ୍ଷରେ ଅତି କଷ୍ଟକର ହେଲା । ସେ ଜୁଆଙ୍ଗ ଘରର ଝିଅ । ପିଲା ହେଲେ ବି ଜୁଆଙ୍ଗ ଘରର ମାନ ମହତ କଥା ସେ କିଛି ଜାଣିଚି । ଜୁଆଙ୍ଗ ସମାଜର ନୀତି ନିୟମ ଅନୁସାରେ ଜୁଆଙ୍ଗ ଝିଅ କେବଳ ଏକ ବନ୍ଧୁ ଗାଁର ଜୁଆଙ୍ଗ ପୁଅକୁ ବାହା ହୋଇପାରିବ । ଘାସି ଛୋଟ ଜାତି । ଏପରି ଛୋଟ ଜାତିର ପୁଅକୁ ବାହା ହେଲେ ଜୁଆଙ୍ଗ ସମାଜ ତଥା ନିଜ ପରିବାର ଓ ଜ୍ଞାତିକୁଟୁମ୍ବ ମାନଙ୍କୁ ଘୋର ଅପମାନ ହେବ । ଏପରି କରିବା ଅପେକ୍ଷା ନିଜେ ମରିଯିବା ଭଲ ।

ଭାଇର ଶେଷ କଥା ପଦକ ତା ମରମକୁ ଢେର ବାଧିଲା । ସେ ନୀରବରେ ଘରୁ ବାହାରି ଯାଇ ପାହାଡ଼ ଉପରେ ଚଢ଼ିଲା । ପାହାଡ଼ର ଟିଖ ଉପରେ ପହଞ୍ଚି ତଳକୁ ଡେଇଁ ପଡ଼ିଲା । ଭାଇମାନେ ଏପରି କିଛି ହେବ ବୋଲି ଚିନ୍ତା କରି ନଥାନ୍ତି । ସେମାନେ ଭଉଣୀ କୁଆଡ଼େ ଗଲା ବୋଲି ରାତିସାରା କେତେ ଖୋଜିଲେ । ମାତ୍ର କେଉଁଠାରେ ବି ପାଇଲେ ନାହିଁ । ସକାଳୁ ଉଠି ଦେଖିଲେ ପାହାଡ଼ ଧାରରେ ଭଉଣୀର ମଲାଦେହ ପଡ଼ିଛି ।

ସାନଭାଇର ରାଗ ଏତେବେଳକୁ ବିଲ୍‌କୁଲ୍ ନଥାଏ । ତା ଅତି ଆଦରର ଭଉଣୀର ମଲାଦେହ ଦେଖି ସେ ନିଜର ଭୁଲ ବୁଝିପାରିଲା । ସେ ବହୁତ କାନ୍ଦିଲା ଓ ଦୁଃଖ ଓ ଅନୁଶୋଚନାରେ ନିଜେ ମଧ୍ୟ ପାହାଡ଼ ଶିଖକୁ ଚଢ଼ି ତଳକୁ ଡେଇଁ ପଡ଼ିଲା । ଭଉଣୀର ମଲାଦେହ ପାଖରେ ତାର ପ୍ରିୟ ଭାଇର ମଲା ଦେହ ପଡ଼ି ରହିଲା ।



# ସାହାଡ଼ା କନିଆଁ କଥା

ପାହାଡ଼ ଘେରା ବଣ ରାଇଜ। ସେ ମୂଳକରେ ଗୋଟିଏ ଜୁଆଙ୍ଗ ଗାଁ। ଗାଁକୁ ଲାଗି ଜଙ୍ଗଲ ଦାଡ଼ରେ ନାଳଟିଏ। ସେ ନାଳ କୂଳରେ ବଡ଼ ସାହାଡ଼ା ଗଛଟିଏ ଥାଏ। ଗାଁରେ ଗୋଟିଏ ଧନୀ ପରିବାର ଥାଏ। ତାଙ୍କର ପଲେଛେଳି ଥାଆନ୍ତି। ସବା ସାନ ପୁଅଟି ଛେଳି ଜଗିବା କାମରେ ମୁକରିର ହୋଇଥାଏ। ଛେଳିଆ ପିଲାଟି ଗୋଠକୁ ଚରେଇବାକୁ ନେବା ସମୟରେ ବେଳେ ବେଳେ ନାଳକୂଳର ସେହି ସାହାଡ଼ା ଗଛ ମୂଳରେ ଟିକିଏ ବସେ।

ସେହି ସାହାଡ଼ା ଗଛରେ ଗୋଟିଏ ଦେବୀ କନିଆଁ ବାସ କରୁଥାଆନ୍ତି। ତାଙ୍କର ନାଁ ସାହାଡ଼ା କନିଆଁ। ସେ ଛେଳିଆ ପିଲାଟିକୁ ସବୁଦିନ ଦେଖନ୍ତି। ପିଲାଟି ଛେଳି ଚରାଇବା ସମୟରେ, ଗଛତଳେ ଛାଇରେ ବିଶ୍ରାମ କଲାବେଳେ ମଧୁର କଣ୍ଠରେ ଗୀତ ଗାଏ, ବଂଶୀ ବଜାଏ। ଏହା ସାହାଡ଼ା କନିଆଁକୁ ବହୁତ ଭଲ ଲାଗେ। ଛେଳିଆ ପିଲାର ସରଳ ଜୀବନ ଓ ମଧୁର ସଙ୍ଗୀତ ସାହାଡ଼ା କନିଆଁକୁ ଆକୃଷ୍ଟ କଲା।

ଦିନକର କଥା। ବଇଶାଖ ମାସ ବେଳ। ବଇଶାଖୀ ଝାଞ୍ଜି ଖରାରେ ଡହଳ ବିକଳ ହୋଇ ଛେଳିଆ ପିଲାଟି ଗୋଠକୁ ବଣରେ ଚରିବାକୁ ଛାଡ଼ିଦେଇ ସାହାଡ଼ା ଗଛଛାଇରେ ବିଶ୍ରାମ ନେଲା। ଗଛତଳ ଶୀତଳ ପବନରେ ତା ଆଖିପତା

ବୁଜିହୋଇ ଆସିଲା । ସେ ଘୁମଉଁ ଘୁମଉଁ ଥଣ୍ଡାପବନ ପରଶ ପାଇ ଗଭୀର ନିଦରେ ଶୋଇପଡ଼ିଲା । ସକାଳ ପହରୁ ପେଟରେ ଦାନା ପଡ଼ିନଥାଏ । ବେଳ ଘଡିକଠେଇ ଭୋକରେ ନିଦ ଭାଙ୍ଗିଗଲା । ସେ ଉଠି ଦେଖେତ ତା ମୁଣ୍ଡ ପାଖରେ ଗୋଟିଏ ପତ୍ର ଦନାରେ ପାଚିଲା ଆମ୍ବ, ପଣସ, କେନ୍ଦୁ ପ୍ରଭୃତି ଫଳ ଓ ତା ପାଖରେ ବିଡ଼ି ଦିଆସିଲି ଥୁଆ ହୋଇଛି ।



ନିଛାଟିଆ ଜଙ୍ଗଲ ଭୁଇଁ । ଆଖପାଖରେ କେହି କୁଆଡ଼େ ନାହାଁନ୍ତି । ଏସବୁ ଜିନିଷ କିଏ ଆଣି ତା ପାଖରେ ଥୋଇଲା ବୋଲି ଛେଳିଆ ପିଲାଟି ଭାବିହେଲା । ସେ ଆଶ୍ଚର୍ଯ୍ୟ ହୋଇ ଚାରିଆଡ଼େ ଖୋଜିଲା, କାହାକୁ ବି ଦେଖିଲା ନାହିଁ । ଭାରି ଭୋକ ହେଉଥାଏ । ତେଣୁ ଖାଇବା ଜିନିଷ ରଖି ଜଙ୍ଗଲ ଭିତରକୁ କିଏ ଯାଇଥିବ ଭାବି ବଡ଼ ପାଟିରେ ଡାକ ପକାଇଲା । ବହୁତ ସମୟ ଅପେକ୍ଷା କରିବା ପରେ କେହି ନ ଆସିବାରୁ ସେ ଫଳ ଗୁଡ଼ିକୁ ଖାଇଲା ଓ ଖାଇ ସାରିବା ପରେ ବିଡ଼ି ଟାଣିଲା । ସଞ୍ଜ ବୁଡୁବୁଡୁ ଛେଳିପଲ ନେଇ ଘରକୁ ଲେଉଟିଲା ।

ଏଣିକି ଖରାବେଳେ ସେ ଗଛମୂଳରେ ଶୋଇପଡ଼ିଲେ ଉଠିଲା ବେଳକୁ ତା ମୁଣ୍ଡ ପାଖରେ ତଟକା ପାଚିଲା ଫଳ ଓ ବିଡ଼ି ଦିଆସିଲି ପତ୍ର ଦନାରେ ସଜଡ଼ା ହୋଇ ରଖା ହୋଇଥାଏ । କିଏ ତା ପାଇଁ ଏସବୁ ଆଣି ରଖୁଛି ସେକଥା ସେ ଜାଣିପାରେ ନାହିଁ । ଏମିତି ସବୁବେଳେ ହେଉଥିବାରୁ ତା ମନରେ ସନ୍ଦେହ ହେଲା । ସେ ମନ ଭିତରେ ଘାଣ୍ଟିଚକଟି ହେଉଥାଏ, ସବୁବେଳେ ଏଇକଥା ଚିନ୍ତାକରୁଥାଏ । ବହୁତ ଭାବିବାପରେ ତା ମୁଣ୍ଡରେ ଗୋଟିଏ ଉପାୟ ଜୁଟିଲା ।

ସେଦିନ ସେ ବେଳ ସଅଳ ଛେଳିପଲଙ୍କୁ ନେଇ ଜଙ୍ଗଲକୁ ଗଲା । ଜଙ୍ଗଲରେ ଛେଳିପଲକୁ ଚରିବାକୁ ଛାଡ଼ିଦେଇ ସାହାଡ଼ା ଗଛମୂଳରେ କନାଖଣ୍ଡେ ପାରି ମିଛରେ ଗାଲେଇ କରି ଶୋଇଲା । କେତେବେଳେ କ'ଣ ହେଉଛି ଜାଣିବାପାଇଁ ସତର୍କ ରହିଥାଏ । ବିଶେଷ କରି ସାହାଡ଼ାଗଛ ମୂଳକୁ ଛପିଛପି ନଜର ରଖିଥାଏ । ଏହିପରି କିଛି ସମୟ ଗଲା । ହଠାତ୍ ସାହାଡ଼ା ଗଛରୁ ଏକ

ଅପୂର୍ବ ସୁନ୍ଦରୀ କନିଆଁ ବାହାରି ଆସିଲା। ହାତରେ ତାର ପତ୍ର ଦନାରେ ସଜା ହୋଇଥିବା ତଟକା ପାଚିଲା ଫଳ। ସେଗୁଡ଼ିକ ସେ ଛେଳିଆ ପିଲାଟିର ମୁଣ୍ଡ ଉପରେ ରଖିଲା।

ସେହି ଦିବ୍ୟ ସୁନ୍ଦର କନିଆଁଟିକୁ ଦେଖି ଛେଳିଆ ପିଲାଟି ଶୋଇବା ସ୍ଥାନରୁ ଉଠି ଛିଡ଼ା ହୋଇଗଲା। କନିଆଟିର ସୁନ୍ଦର ରୂପରେ ବଣ ମୂଳକ ଝଟକୁଥାଏ। ସାକ୍ଷାତ ଲକ୍ଷ୍ମୀ ପ୍ରତିମା। ପିଲାଟି ଆଶ୍ଚର୍ଯ୍ୟଚକିତ ହୋଇ ଅନାଇ ରହିଥାଏ। କନିଆଁ ଉପରୁ ଆଖି ଫେରାଇ ପାରୁନଥାଏ। କିଛି କଥାବାର୍ତ୍ତା ନ ହୋଇ ଉଭୟେ ନିରବରେ ଛିଡ଼ା ହୋଇଥାଆନ୍ତି। କିଛି ସମୟ ପରେ ହୋସ୍ ଫେରିପାଇ ପିଲାଟି କନିଆଁଟିକୁ ଧରିବାପାଇଁ ହାତ ବଢ଼ାଇଲା। ସେହି ମୁହୂର୍ତ୍ତରେ କନିଆଁଟି ଆଖିପିଛୁଳାକେ ସାହାଡ଼ା ଗଛରେ ଅଦୃଶ୍ୟ ହୋଇଗଲା।

ଛେଳିଆ ପିଲାଟି କେତେ ଖୋଜିଲା, କେତେ ଡାକିଲା, କିନ୍ତୁ କିଛି ଫଳ ହେଲାନି। ହତାଶରେ ସଞ୍ଜବୁଡ଼କୁ ଘରକୁ ନେଉଟିଲା। ଘରେ ନଖାଇ ନପିଇ ଛେଳିଗୁହାଳରେ କନାଟିଏ ପାରି ଶୋଇଲା। ତାକୁ ନଦେଖି ଘରର ଲୋକମାନେ ଗାଁସାରା ଖୋଜିଲେ। କେଉଁଠାରେବି ପାଇଲେ ନାହିଁ। ଶେଷରେ ଦେଖିଲା ବେଳକୁ ଛେଳି ଗୁହାଳରେ ମୂଷାମାଟି ପଣପଣ, ଛେଳିମୂତ ଭଣଭଣ, ପିଲାଟି ସେ ଯାଗାରେ ମୁହଁ ମାଡ଼ି କନା ଖଣ୍ଡକରେ ଶୋଇଛି। ତାକୁ ସମସ୍ତେ ଉଠାଉଠି କଲେ। ହେଲେ ସେ କାହାକଥା ମୋଟେ ଶୁଣିଲା ନାହିଁ। ଶେଷକୁ ତାର ସାନଭାଉଜ ଯାଇ ଡାକିବାରୁ ସେ କହିଲା, "ଯଦି ସାହାଡ଼ା କନିଆଁ ସାଥିରେ ମୋର ବାହାଘର କାଲି କରିବ ତେବେ ମୁଁ ଉଠିବି, ନ ହେଲେ ଜୀବନ ହାରିଦେବି।"

ଏକଥାରୁ କେହିକିଛି ବୁଝି ପାରିଲେ ନାହିଁ। ସାହାଡ଼ା କନିଆଁ କିଏ, ସିଏ କେମିତି ଦେଖିବାକୁ, କୋଉ ଗାଁ'ର, କାହାର ଝିଅ, ତାର ବାପା ମା' ବାହାଘର ପ୍ରସ୍ତାବରେ ରାଜି କି ଅରାଜି, କେତେ ପଣ ଦାବି କରୁଛନ୍ତି ଇତ୍ୟାଦି ଅନେକ ପ୍ରଶ୍ନର ଉତ୍ତର ଜଣା ନାହିଁ। ଶେଷକୁ ବନ୍ଧୁ, କୁଟୁମ୍ବ ଓ ଗାଁ ଭାଇଏ ସମସ୍ତେ ପଚରାଉଚୁରା କଲାରୁ ଛେଳିଆ ପିଲାଟି ସାହାଡ଼ା କନିଆଁ ବିଷୟରେ ଜାଣିଥିବା ସବୁକଥା କହିଲା, "କନିଆଁ ସାହାଡ଼ା ଗଛ ଦେହରେ ରହୁଛି, ତେଣୁ ମୋତେ ସାହାଡ଼ା ଗଛ ସହିତ ବିଭାଘର କର।"

ପିଲାଠାରୁ ଏକଥା ଶୁଣି ସଭିଏଁ ମୁଣ୍ଡରେ ହାତ ଦେଲେ। ଜୁଆଙ୍ଗ ସମାଜରେ କେତେ ଭଲ ସୁନ୍ଦର କନିଆଁ ଅଛନ୍ତି। ସେମାନଙ୍କ ସହିତ ବିବାହ କରିବା ପାଇଁ ପ୍ରସ୍ତାବ ଦେବାରୁ ପିଲାଟି ରୋକ୍‌ଠୋକ୍ ମନାକଲା। ସେଇ ଗୋଟିଏ ଜିଦ୍, ସାହାଡ଼ା ଗଛକୁ ବାହା ହେବ। ଏକଥା ଶୁଣି ଗାଁ'ଟାସାରା ତାକୁ ଛି' ଛାକର କଲେ। ତାର ସାଙ୍ଗସାଥିମାନେ କେତେ ଟାହି ଟାପରା କଲେ। ହେଲେ କୋଉ କଥାରେ ପିଲାଟି ଟଳିଲା ନାହିଁ। ସେଇ ଏକାକଥା, ସାହାଡ଼ା ଗଛକୁ ବାହା ହେବ, ନ ହେଲେ, ଜୀବନ ହାରିବ। ବାପା ମା' କୁଳ କୁଟୁମ୍ବ ଭାବିଲେ, ପିଲାଲୋକ, ଜିଦ୍ କରୁଛି, କଥା ନ ରଖିଲେ କ'ଣ ନାଇଁ କ'ଣ କରିବସିବ। ଅର୍ଥରୁ ଅନର୍ଥ ହେବ; ତେଣୁ ସବୁକଥା ଭାବିଚିନ୍ତି, ତା କଥାରେ ରାଜିହୋଇଗଲେ।

ଶେଷକୁ ପିଲାଟି କଥା ରହିଲା। ସାହାଡ଼ା ଗଛ ସହିତ ଛେଳିଆ ପିଲାଟିର ବାହାଘର ହେଲା। ବିଭାଘର ପରେ ମଧ୍ୟ ସାହାଡ଼ା କନିଆଁକୁ କେହିହେଲେ ଦେଖିପାରିଲେ ନାହିଁ, କିନ୍ତୁ ବୋହୂ ହିସାବରେ କନିଆ ତାର କାମ ସୁଚାରୁ ରୂପେ ତୁଲଉଥାଏ। ରାତି ପାହିବା ମାତ୍ରେ କେହି ଶେଯରୁ ନଉଠୁଣୁ ଘରଦ୍ୱାର ସଫାସୁତୁରା ହୋଇଯାଏ; ବାସନକୁସନ ମଜାମଜି ହୋଇ ଚିକ୍ ଚିକ୍ ହୋଇ ଚମକୁଥାଏ, ଘରଦ୍ୱାର ଲିପାପୋଛା, ଗୁହାଳ ସଫା, ପାଣି ଆଣିବା ଏପରିକି ରୋଷେଇବାସ ମଧ୍ୟ ପାହାନ୍ତା ପହରୁ ସରି ଠିକ୍‌ଠାକ୍ ହୋଇ ଠିକଣା ଜାଗାରେ ରହିଥାଏ। କିଏ ଏସବୁ କରୁଛି କେହିବି ଟେର୍ ପାଆନ୍ତି ନାହିଁ।

ଛେଳିଆ ପିଲାଟି ସବୁକିଛି ଅନୁମାନ କରୁଥାଏ। ଏହାର ସମାଧାନ ପାଇଁ ସେ ମନେମନେ ଉପାୟ ଖୋଜି ହେଉଥାଏ। ଦିନେ ସେ ରାତିରେ ଶୋଇଲା ନାହିଁ। ସଜାଗ ହୋଇ ଚେଇଁ ରହିଲା। ଅଧରାତି ବେଳକୁ ଘରର ଦ୍ୱାର ଆପଣାଛାଏଁ ଖୋଲିଗଲା। ଘର ମହମହ ହୋଇ ବାସିଉଠିଲା। ବିଜୁଳି ପରି ଚମକୁଥିବା ସୁନ୍ଦରୀ ନାରୀଟିଏ ଘର ଭିତରକୁ ପ୍ରବେଶ କଲା। ସେ ଘରର ବାସିପାଇଟି କାମରେ ଲାଗିପଡ଼ିଲା। ପିଲାଟି ଜାଣିଲା ସେ ସାହାଡ଼ା କନିଆଁ ବ୍ୟତୀତ ଅନ୍ୟ କେହି ନୁହଁ।

ସାହାଡ଼ା କନିଆଁ ଘରକାମରେ ଲାଗିଥିବା ବେଳେ ପିଲାଟି ଚୁପ୍‌ଚାପ୍ ଟାଙ୍ଗିଆଧରି ନାଳକୂଳକୁ ଚାଲିଗଲା। ନାଳକୂଳରେ ପହଞ୍ଚି ସାହାଡ଼ା ଗଛଟିକୁ ହାଣିବାକୁ ଟାଙ୍ଗିଆ ଉଞ୍ଚେଇଲା ବେଳେ ଗଛଟି ଗୀତ ବୋଲିଲା-

"ଅଗରେ ମୂଳରେ ହାଣିବ
ମଝି ଗଣ୍ଡିଟିକୁ ନେଇ ଖଞ୍ଜାରେ ରଖିବ।"

ପିଲାଟି ସେଇପରି କଲା ଓ ସାହାଡ଼ା ଗଣ୍ଡିକୁ ଆଣି ଘରକୁ ଫେରି ଆସିଲା। ସେତେବେଳକୁ ଢେର ଅନ୍ଧାର। ପାହାନ୍ତା ହେବାକୁ କିଛିସମୟ ବାକିଅଛି। ସାହାଡ଼ାକନିଆଁ ଘରକାମ ସାରି ରୋଷେଇ ଆରମ୍ଭ କରିବାକୁ ଚୁଲିରେ ଜାଳଦେଲା ଓ ରୋଷେଇ ପାଇଁ ପାଣି ଆଣିବାକୁ ନାଳକୂଳକୁ ଗଲା। କିନ୍ତୁ ଏ କଅଣ, ତା ବସାଘର ସାହାଡ଼ା ଗଛକୁ କିଏ ହାଣି ଦେଇଥିବା ଦେଖି ସେ କାନ୍ଦିବାକୁ ଲାଗିଲା। ଛେଳିଆ ପିଲାଟି ଲୁଚିଲୁଚି ତା ପଛରେ ଆସି ସବୁ ଦେଖୁଥାଏ। ଏ ସମୟରେ ସେ ସାହାଡ଼ା କନିଆଁର ହାତଧରି ବୁଝାଇଲା, ତା ଲୁହ ପୋଛି ଦେଲା ଓ ତାହା ସହିତ ସ୍ୱାମୀ ସ୍ତ୍ରୀ ଭାବରେ ତାଙ୍କ ନିଜ ଘରେ ରହିବାପାଇଁ କନିଆଁକୁ ମଙ୍ଗେଇଲା। ସାହାଡ଼ା କନିଆଁ ଏପ୍ରସ୍ତାବରେ ରାଜି ହେବାରୁ ଦୁହେଁ ଖୁସିରେ ସାଥିହୋଇ ଘରକୁ ଫେରିଲେ।

ଦିନେ ଛେଳିଆପିଲା ଇରାମତୀ ଶାଢ଼ି ଆଣିବାପାଇଁ ବଜାରକୁ ଗଲା। ବୈଶାଖ ମାସ, ଟାଣ ଖରା ହେଉଥାଏ। ନଣନ୍ଦ ଭାଉଜ ମିଶି ଗାଧୋଇବାକୁ ଗଲେ। ଗାଧୋଇବା ସମୟରେ ସାହାଡ଼ା କନିଆଁର ମୁଣ୍ଡରୁ ଗୋଟିଏ ଚୁଟି ଛିଣ୍ଡିଗଲା। ସେ ଭାବିଲା ଚୁଟିଟି ପାଣିରେ ପକାଇଲେ ମାଛ ବାନ୍ଧିହୋଇ ମରିଯିବେ, ପଦାକୁ ପକେଇଲେ ଉଈ ଖାଇଦେବେ। ଏହି ସମୟରେ ଡିମ୍ବିରି ଫଳଟିଏ ଭାସି ଭାସି ଆସୁଥାଏ। ସେହି ଡିମ୍ବିରି ଫଳକୁ ଚିରିଦେଇ ସେଥିରେ ଚୁଟିଟିକୁ ରଖି ଫଳଟିକୁ ପାଣିରେ ଭସେଇ ଦେଲା।

ସେହି ସମୟରେ ରାଜ୍ୟର ରାଜା ପାରିଧି କରିବାକୁ ଆସିଥାନ୍ତି। ରାଜାଙ୍କ ସେବକମାନେ ପାଣି ପିଇବାକୁ ନାଳକୁ ଆସି ଦେଖିଲେ ଗୋଟିଏ ଡିମ୍ବିରି ଫଳ ଭାସି ଭାସି ଆସୁଛି। ଫଳଟିକୁ ଧରି ଦେଖିଲେ ସେଥିରେ ଗୋଟିଏ ବାରହାତ ଲମ୍ବର ଚୁଟିଟିଏ ଅଛି। ତା'ପରେ ଉପର ଭାଗରେ କିଏ ଗାଧୋଉଛନ୍ତି ବୋଲି ସେମାନେ ଦେଖିବାକୁ ଆସିଲେ। ସେମାନେ ଅନିନ୍ଦ୍ୟ ସୁନ୍ଦରୀ ସାହାଡ଼ା କନିଆଁକୁ ଗାଧୋଉଥିବାର ଦେଖିଲେ। ଫେରି ଯାଇ ରାଜାଙ୍କୁ କହିଲେ "ଆପଣଙ୍କ ରାଜ୍ୟରେ ଗୋଟିଏ ଅତି ସୁନ୍ଦରୀ କନିଆଁ ଅଛି ଯିଏକି ଆପଣଙ୍କ ପାଇଁ ଯୋଗ୍ୟ ହେବ।" ରାଜା ତାକୁ ଆଣିବାପାଇଁ ଆଦେଶ ଦେଲେ। ସେବକମାନେ ତାକୁ

ଆଣିବାପାଇଁ ଗଲେ। ଆଣିବା ସମୟରେ ସାହାଡ଼ା କନିଆଁ ତା ନଣନ୍ଦକୁ ଚାହିଁ ଗୀତଟିଏ ବୋଲିଲା-



"ବାଟ ଛାଡ଼ିଦିଅ ଗୋ ମୁଇଁ ଯାଉଛି
ନାକର ଫୁଲଟି ନିଅତ ମୁଇଁ ଯାଉଛି
କାନର ଫୁଲଟି ନିଅତ ମୁଇଁ ଯାଉଛି
ଗୋଡ଼ର ପାଉଁଜି ନିଅତ ମୁଇଁ ଯାଉଛି
ମୋତେ ହେଲେ ନେଇ ଯାଅତ ମୁଇଁ ଯାଉଛି।"

ସାହାଡ଼ା କନିଆଁକୁ ରାଜାଙ୍କ ସେବକମାନେ ଧରି ନେଇଯିବାରୁ ମନ ଦୁଃଖରେ ଛେଳିଆର ଭଉଣୀ ଏକୁଟିଆ ଘରକୁ ଫେରି ଆସିଲା। ଭାଇ ତାର ଶାଢ଼ି ଧରି ବଜାରରୁ ଫେରି ଆସିଲା। ଭଉଣୀ କହିଲା, "ଭାଇ ! ତୁମେ ଭାତ ଖାଇ ସାର, ତୁମକୁ ଗୋଟିଏ କଥା କହିବି।" ଛେଳିଆ ପିଲା ବାଧ କରିଲେ ମଧ୍ୟ କହିଲା ନାହିଁ। ଭାତ ଖାଇଲା ପରେ ଭଉଣୀ କହିଲା, "ଭାଉଜକୁ ରାଜାଙ୍କ ଲୋକେ ନେଇଗଲେ।"

ଏକଥା ଶୁଣି ଛେଳିଆ ପିଲା ଦୁଃଖରେ ଭାଙ୍ଗି ପଡ଼ିଲା। ପାଗଳ ପରି ହୋଇ ସେ ବଜାରରୁ ଆଣିଥିବା ଶାଢ଼ିଟିକୁ ଚିରି ଦେଇ ମୁଣ୍ଡରେ ବାନ୍ଧିଲା। ସେ ଯୋଗୀବେଶ ହୋଇ ସାରଙ୍ଗୀ ବଜାଇ ଗୀତ ବୋଲି ବୋଲି ଚାରିଆଡ଼େ ବୁଲିଲା।

"ସୁନ୍ଦରୀ ସାହାଡ଼ା କନିଆଁ ମୁଇଁ ବଜାରକୁ ଗଲି,
ତୋରି ଲାଗି ସାହାଡ଼ା ଲୋ ଯୋଗୀବେଶ ହେଲି।"

ଏମିତି ଗୀତ ଗାଇଗାଇ ରାଜାଙ୍କ ଉଆସ ପାଖରେ ପହଞ୍ଚିଲା। ଏଇ କରୁଣ ରାଗିଣୀ ରାଣୀଙ୍କ କାନରେ ବାଜିଲା। ଗୀତ ଶୁଣି ରାଣୀ ରାଜାଙ୍କୁ କହିଲେ, "କିଏ ସାରଙ୍ଗୀ ବଜାଇ ଗୀତ ବୋଲୁଛି ତାକୁ ଟିକିଏ ଡାକି ଆଣ, ମୁଁ ଗୀତ ଶୁଣିବି।" ସେବକମାନେ ଯୋଗୀକୁ ଡାକିବାକୁ ଗଲେ। କହିଲେ "ଯୋଗୀ ଆସ, ତୁମକୁ ଆମ ରାଣୀମାଆ ଡାକୁଛନ୍ତି। ତାଙ୍କୁ ତୁମ ସାରଙ୍ଗୀ ବଜାଇ ଗୀତ ଶୁଣାଇବ।" ଯୋଗୀ କହିଲେ, "ମୁଁ ଏ ବେଶରେ ରାଜଦ୍ୱାରକୁ କିପରି ଯିବି ? ମୋର ଦେହରେ ଗଞ୍ଜି ନାହିଁ, କାନ୍ଧରେ ଗାମୁଛା ନାହିଁ, ପାଦରେ ଚପଲ ନାହିଁ।" ସେବକମାନେ ଯାଇ ରାଜା ଓ ରାଣୀଙ୍କୁ ଏକଥା କହିଲେ। ଯୋଗୀ ଯାହା ଚାହୁଁଥିଲେ ରାଣୀ ସେସବୁ ଜିନିଷ ଦେଲେ। ତା'ପରେ ଯୋଗୀ ଉଆସ ଭିତରକୁ ଆସିଲା।

ଯୋଗୀ ସେଠି ନିଜର ପ୍ରିୟତମା ସାହାଡ଼ା କନିଆଁକୁ ରାଣୀଙ୍କ ରୂପରେ ଦେଖିଲା। ସାହାଡ଼ା କନିଆଁ ମଧ ତାର ପ୍ରଥମ ସ୍ୱାମୀଙ୍କୁ ଚିହ୍ନିପାରିଲା। ଯୋଗୀ ପୁଣି ସେହି ଗୀତ ବୋଲିଲା।

"ସାହାଡ଼ା ସୁନ୍ଦରୀ କନିଆଁ ମୁଇଁ ବଜାରକୁ ଗଲି,
ତୋର ଲାଗି ସାହାଡ଼ା ଲୋ ଯୋଗୀ ବେଶ ହେଲି।"

ରାଣୀ ଯୋଗୀକୁ ଖାଇବା ଜିନିଷ ଦେଲେ। ମୁଢ଼ି ଦେଲେ ଯେ ମୁଢ଼ିକୁ ପବନ ଉଡାଇ ନେଲା। ହାଣ୍ଡି ଦେଲେ ରୋଷେଇ କରିବାକୁ ଯେ ସେଥିରୁ ପାଣି ଗଳିଲା। ଦୁଖରେ ଓ ଭୋକରେ ସେଠାରେ ଯୋଗୀ ମରିଗଲା। ରାଜା ସେବକମାନଙ୍କୁ କହିଲେ, "ନେଇଯାଅ ଯୋଗୀକୁ ପୋତିଦେବ।" ରାଣୀ କହିଲେ, "ନାଇଁ ଯୋଗୀକୁ ପୋଡ଼ାଯିବ।" ରାଣୀଙ୍କ କଥା ରହିଲା, ଯୋଗୀକୁ ପୋଡ଼ିବାକୁ ନିଆଗଲା। ତାର ଶବଦାହ ଦେଖିବାପାଇଁ ରାଜା-ରାଣୀ ଦୁଇଜଣ ଗଲେ। ରାଣୀଙ୍କୁ ଧରି ଘୋଡ଼ା ପିଠିରେ ସବାର ହୋଇ ରାଜା ଆଦେଶ ଦେଲେ-

"ଚାଲ ଚାଲ ଛୁଟି ଘୋଡ଼ା ଯୋଗୀ ପୋଡ଼ା ଦେଖି।"

ସାହାଡ଼ା କନିଆଁ ଜଣେ ଦେବୀ। ସେ ରାଜାଙ୍କ ବାହୁବଳ, ରାଜ ବିଭବ, ଧନ ସମ୍ପତ୍ତି ପ୍ରଭୃତିରେ ଆକୃଷ୍ଟ ନଥିଲେ। ସାଧାରଣ ଗରିବ ଛେଳିଆ ପିଲାର ନିଷ୍କପଟ ସରଳ ଜୀବନ, ତାର ମଧୂର ବଂଶୀବାଦନ ଓ ତାର ହୃଦୟର ଗଭୀର ପ୍ରଣୟ ନିକଟରେ ନିଜକୁ ଉତ୍ସର୍ଗ କରିଥିଲେ। ଜୁଇ ଉପରେ ସେଇ ସରଳ, ନିଷ୍ପାପ ଓ ସୁନ୍ଦର ପ୍ରେମୀକଟିର ମରଶରୀର ଜଳିପୋଡ଼ି ପାଉଁଶ ହୋଇଯାଉଥିବାର ଦେଖି ତାଙ୍କର ଆତ୍ମା ଦୁଃଖରେ ବିଳପି ଉଠିଲା।

ଯୋଗୀଙ୍କ ଜୁଇ ପାଖରେ ପହଞ୍ଚି ରାଣୀ ରାଜାଙ୍କୁ କହିଲେ, "ଦେଖତ କ'ଣ ସବୁ ଆକାଶରେ ଉଡି ବୁଲୁଛନ୍ତି।" ରାଜା ଉପରକୁ ଚାହୁଁ ଚାହୁଁ ରାଣୀ ଯୋଗୀଙ୍କ ଜୁଇର ନିଆଁକୁ ଡେଇଁ ପଡ଼ିଲେ। ନିଆଁରେ ଯୋଗୀଙ୍କ ମରଶରୀର ସହିତ ରାଣୀ ସାହାଡ଼ା କନିଆଁଙ୍କ ଶରୀର ଦଗ୍ଧ ହୋଇ ଏକାକାର ହୋଇଗଲା। ସ୍ୱର୍ଗରେ ଦୁଇ ପ୍ରେମୀଙ୍କ ଆତ୍ମାର ମିଳନ ହେଲା।



# ସ୍ୱତନ୍ତ୍ର ଶବ୍ଦର ଟିପ୍ପଣୀ

ଆଗମୁତ୍ରୀ - ଜୁ, ବି, ଏକ ଗଛ ବିଶେଷ, ଋଷିଙ୍କ ଦ୍ୱାରା ଅଗ୍ନି ଦେବତାଙ୍କୁ ପ୍ରଦତ୍ତ ବାସସ୍ଥାନ ବୃକ୍ଷ।

ଓଡ଼ିରିଆ - ଜୁ, ବି, ଜୁଆଙ୍ଗମାନଙ୍କର ଏକବଂଶ(ବକ୍), ଏକ ସ୍ଥାନବିଶେଷ।

କପ୍ତାଡିହା - ବି, ଏକ ଗ୍ରାମ ବିଶେଷ, କପୋତପକ୍ଷୀକୁ ନିଜ ବଂଶର ପ୍ରଭୁ ରୂପେ ମାନୁଥିବା ଜୁଆଙ୍ଗ ବଂଶର ଆଦିଗ୍ରାମ

କପିଳା - ସଂ-ବି, କାମଧେନୁ ଗାଭୀ ବିଶେଷ, ସୃଷ୍ଟି ସର୍ଜ୍ଜନା ନିମନ୍ତେ ଜୁଆଙ୍ଗ ଋଷିଙ୍କ ଦ୍ୱାରା ବଳିପଡ଼ିଥିବା ଗାଈ।

କମଣ - ବି, ପୋଡୁ ଚାଷ।

କାରୀକର - ଜୁ, ବି, ନିଆଁ ଦେବତା

କିରିଆରୀ - ଜୁ, ବିଂ, ଜୁଆଙ୍ଗମାନଙ୍କର ଏକ ବଂଶ (ବକ୍)

କିଲି - ଜୁ, ବିଂ, ଜୁଆଙ୍ଗମାନଙ୍କର ବଂଶ

କିଶାନ୍ - ବିଂ, ଏକ ଜନଜାତିର ନାମ

କୋରୁଆ - ବିଂ, ଏକ ଜାନଜାତିର ନାମ

କୋହ୍ଲ - ବିଂ, ଏକ ଜନଜାତିର ନାମ

କୋଲ୍ - ବିଂ, ଏକ ଜନଜାତିର ନାମ

ଖଡ଼ିଆ - ବିଂ, ଏକ ଜନଜାତିର ନାମ

ଗଣଶର - ଜୁ, ବି, ଆଦିମାନବ ଋଷିଙ୍କ ଠାରୁ ଜାତ ଏକ ଜନଜାତି ଗୋଷ୍ଠୀ।

ଗୁଆରିମୁଣ୍ଡ ବଗିଆ- ଜୁ, ବି, ଆଦିଋଷିଙ୍କ ପୁଅ

ଗୁପ୍ତଗଙ୍ଗା - ବି, ବୈତରଣୀ ନଦୀ ଅନ୍ତସଲିଳା ହୋଇଥିବା ସ୍ଥାନର ନାମ, ଏକ ଗ୍ରାମ ବିଶେଷ

ଗୋନାସିକା - ବି, ଏକ ସ୍ଥାନ ବିଶେଷ- ବୈତରଣୀ ନଦୀର ଉତ୍ପତ୍ତିସ୍ଥଳି

ଚିରିଆଟୋକା - ଜୁ, ବି- ଏକ ପାହାଡ଼ ବିଶେଷ, ଗୋପାଳକ

| | | |
|---|---|---|
| ଛେଲିଆ | - | ଜୁ, ବିଂ, ଛେଳି ଜଗାଳୀ |
| ଜରା | - | ସଂ, ବିଂ, ଶବର ଜନଜାତିର ଏକ ଗୋଷ୍ଠୀ। |
| ଜେଟୁଆ | - | ଜୁ, ବିଂ, ଜେଟୁଆ ଗଛ ନାମରେ ନାମିତ ଜୁଆଙ୍ଗ ମାନଙ୍କର ଏକ ବଂଶର ନାମ। |
| ଟମକ ଗିରି | - | ଜୁ, ବି, ଏକ ପାହାଡ଼ ବିଶେଷ, ସୃଷ୍ଟିର ପ୍ରଥମ ପାହାଡ଼। |
| ଡୁମୁରିଆ | - | ଜୁ, ବିଂ, ଡିମିରିଗଛ ନାମରେ ନାମିତ ଜୁଆଙ୍ଗ ମାନଙ୍କର ଏକ ବଂଶର ନାମ। ଏକ ଜୁଆଙ୍ଗ ଗ୍ରାମର ନାମ। |
| ତୁପାର ଗିରି | - | ଜୁ, ବି, ଏକ ପାହାଡ଼ ବିଶେଷ, ସୃଷ୍ଟି ସମୟର ଆଦି ପାହାଡ଼। |
| ଦନୁଶର | - | ଜୁ, ବି, ଆଦି ମାନବ ରଷିଙ୍କର ଏକ ପୁତ୍ର। |
| ଦୁକୁ ନାଇକ | - | ଜୁ, ବି, ଆଦିମାନବ ରଷିଙ୍କର ଏକ ପୁତ୍ର। |
| ଦେହୁରୀ | - | ଜୁଆଙ୍ଗମାନଙ୍କ ପୂଜାରୀ, ପୁରୋହିତ। |
| ଧରମ ଦେବତା | - | ବି, ଈଶ୍ୱର, ସୃଷ୍ଟି କର୍ତ୍ତା, ସୂର୍ଯ୍ୟ ଦେବତା। |
| ନାଟିମ୍‌କ୍ | - | ଜୁ, ବିଂ, ଜୁଆଙ୍ଗମାନଙ୍କର ଏକ ବଂଶର ନାମ। |
| ନୀଳଗିରି | - | ବି, ଏକ ସ୍ଥାନ ବିଶେଷ, ଜୁଆଙ୍ଗମାନଙ୍କର ସୃଷ୍ଟି ସମୟର ପ୍ରଥମ ପାହାଡ଼। |
| ପରିଆବକ୍ | - | ଜୁ, ବିଂ, ଜୁଆଙ୍ଗମାନଙ୍କର ଖଜୁରୀ ଗଛକୁ ଇଷ୍ଟଦେବତା ରୂପେ ମାନୁଥିବା ଏକ ବଂଶ। |
| ପାଟୁଆ | - | ଦେ, ବିଂ, ପତ୍ର ପୋଷାକ ପିନ୍ଧୁଥିବାରୁ ଜୁଆଙ୍ଗମାନଙ୍କର ଏକ ଉପନାମ। |
| ବକ୍ | - | ଜୁ, ବିଂ, ବଂଶ |
| ବଓରା ପରବତ | - | ବି, ସୃଷ୍ଟିର ଆଦିକାଳର ଏକ ପର୍ବତର ନାମ। |
| ବଘିଆଦେଓ | - | ଜୁ, ବି, ବାଘ ଦେବତା |
| ବନଦୁରୁଗା | - | ଜୁ, ବି, ବଣ ଦେବତୀ |
| ବନରାଈ | - | ଜୁ, ବି, ବଣଦେବୀ |
| ବସୁମାତା | - | ବି- ଧରଣୀ ଦେବୀ। |

| | | |
|---|---|---|
| ବାଘ ଋଷି | - | ଜୁ, ବି, ସୃଷ୍ଟିର ଆଦି ପୁରୁଷ, ବାଘଠାରୁ ଉତ୍ପତ୍ତି ଜୁଆଙ୍ଗମାନଙ୍କର ଆଦିମାନବ। |
| ବାନିଙ୍ଗ | - | ଜୁ, ବିଂ- ଭାଲୁକୁ ଇଷ୍ଟଦେବତା ମାନୁଥିବା ଜୁଆଙ୍ଗମାନଙ୍କର ଏକ ବଂଶ (କିଲି)। |
| ବିରାନ୍‌ମୁଣ୍ଡା | - | ଜୁ, ବି, ସୃଷ୍ଟିର ଆଦିକାଳର ଏକ ପର୍ବତ ବିଶେଷ |
| ବୁଲାରୀ ବାଉଟୀ | - | ଜୁ, ବି, ବନଦେବୀ, ବାଟ ଭୁଲିଥିବା ପଥିକକୁ ପଥପ୍ରଦର୍ଶକ ଦେବୀ। |
| ବେଲା | - | ଜୁ, ବି, ସୂର୍ଯ୍ୟ। ଜୁଆଙ୍ଗମାନଙ୍କର ଈଶ୍ୱର (ମହାପରବୁ)ଙ୍କର ଏକ ସ୍ତ୍ରୀ। |
| ବୈତରଣୀ | - | ଏକ ନଦୀ ବିଶେଷ |
| ଭୂଇତାଣୀ | - | ଜୁ, ବିଂ, ନଦୀ ନାମରେ ଜୁଆଙ୍ଗମାନଙ୍କର ଏକ ବଂଶର ନାମ (ବକ୍) |
| ଭୂୟୋବଘିଆ | - | ଜୁ, ବି, ବାଘ ଦେବତା। |
| ଭୂୟାଁ | - | ବି, ଏକ ଜନଜାତି, ବାଘ ଋଷିଙ୍କ ବଡ଼ପୁଅ ଓ ଜୁଆଙ୍ଗ ମାନଙ୍କର ବଡ଼ଭାଇ। |
| ମହାପରବୁ | - | ଜୁ, ବି, ଈଶ୍ୱର, ସୃଷ୍ଟିକର୍ତ୍ତା, ଧରମ ଦେବତା। ଜୁଆଙ୍ଗ ମାନଙ୍କର ସର୍ବୋଚ୍ଚ ଦେବତା। |
| ମହାଶର | - | ଜୁ, ବିଂ, ଆଦି ମାନବ ଋଷିଙ୍କ ପୁତ୍ର। |
| ମାର୍କଣ୍ଡ | - | ସଂ, ବି, ଋଷିଙ୍କ ନାମ, ସୃଷ୍ଟିର ପ୍ରଥମ ମାନବ, ଜୁଆଙ୍ଗମାନଙ୍କ ଆଦି ପୁରୁଷ। |
| ମାଲ୍ୟଗିରି | - | ଦେ, ବି, ସୃଷ୍ଟିକାଳର ପ୍ରଥମ ପର୍ବତ। |
| ମୁଣ୍ଡା | - | ବି, ଏକ ଜନଜାତି। |
| ମୁଣ୍ଡିଆରୀ | - | ଜୁ, ବିଂ, ଜୁଆଙ୍ଗମାନଙ୍କର ମହୁଲଗଛକୁ ଇଷ୍ଟ ମାନୁଥିବା ଏକ ବଂଶ (ବକ୍)ର ନାମ। |
| ରାକେବକ୍ | - | ଜୁ, ବିଂ, ଜୁଆଙ୍ଗମାନଙ୍କର ଏକ ବଂଶର ନାମ। |
| ରସେର ବକ୍ | - | ଜୁ, ବିଂ, ଛତୁକୁ ଇଷ୍ଟ ମାନୁଥିବା ଜୁଆଙ୍ଗମାନଙ୍କର ଏକ ବଂଶ (କିଲି)। |
| ରୁଣ୍ଡାଲିବକ୍ | - | ଜୁ, ବିଂ, ମଞ୍ଜାକୁ ଇଷ୍ଟ ମାନୁଥିବା ଜୁଆଙ୍ଗମାନଙ୍କର ଏକ ବଂଶ (କିଲି)। |

ରଷି ଟାଙ୍ଗର - ଜୁ, ବି, ସୃଷ୍ଟି ସମୟର ଏକ ଟାଙ୍ଗର ଭୂଇଁ।
ଶଙ୍ଖଗିରି - ଜୁ, ବି, ସୃଷ୍ଟିକାଳର ପ୍ରଥମ ପାହାଡ଼।
ଶିଆଳୀ - ବି, ଏକଲତା ବିଶେଷ।
ସର୍ଜ୍ଜନା - କ୍ରି, ବିଂ ବିଶ୍ୱ ନିର୍ମାଣ।
ସଇଁଆବୁଢ଼ା - ଜୁ, ବି, ସୃଷ୍ଟିର ପ୍ରଥମ ପୁରୁଷ, ରଷିଙ୍କ ଅନ୍ୟନାମ।
ସଇଁ ବୁଢ଼ୀ - ଜୁ, ବି, ସୃଷ୍ଟିର ପ୍ରଥମ ସ୍ତ୍ରୀ ରଷିଆଣୀଙ୍କ ଅନ୍ୟ ନାମ।
ସରିଆବକ୍ - ଜୁ, ବିଂ, ଶାଳଗଛକୁ ଇଷ୍ଟ ମାନୁଥିବା ଜୁଆଙ୍ଗ ବଂଶ, ନାମ।
ସଲାରବକ୍ - ଜୁ, ବିଂ, ସଲାର ଗଛକୁ ଇଷ୍ଟମାନୁଥିବା ଜୁଆଙ୍ଗ ବଂଶର ନାମ।
ସାଇକୋବକ୍ - ଜୁ, ବିଂ, ସାଇକୋ ଘାସକୁ ଇଷ୍ଟ ମାନୁଥିବା ଜୁଆଙ୍ଗ ବଂଶର ନାମ।
ସୁବେଦାଗିରି - ଜୁ, ବି, ସୃଷ୍ଟି ସମୟର ଏକ ପର୍ବତର ନାମ।
ସେମିରି ବକ୍ - ଜୁ, ବିଂ, ଶିମିଳି ଗଛକୁ ଇଷ୍ଟ ମାନୁଥିବା ଜୁଆଙ୍ଗମାନଙ୍କର ଏକ ବଂଶ (କିଲି)ର ନାମ।
ସେରମ୍ବକ୍ - ଜୁ, ବିଂ, ବାଘକୁ ଇଷ୍ଟ ମାନୁଥିବା ଜୁଆଙ୍ଗମାନଙ୍କର ଏକ ବଂଶ (କିଲି)ର ନାମ।
ଲେରଙ୍ଗ - ଦ, ବି, ଚନ୍ଦ୍ର, ଜୁଆଙ୍ଗମାନଙ୍କର ମହାପରବୁଙ୍କ ସ୍ତ୍ରୀ।
ଲାଞ୍ଜିଆ - ଜୁ, ବିଂ, ଲାଞ୍ଜିଆ ଘାସକୁ ଇଷ୍ଟ ମାନୁଥିବା ଜୁଆଙ୍ଗମାନଙ୍କର ଏକ ବଂଶ (କିଲି)।
ଲେଙ୍ଗିଟି - ଦେ, ବି, କୌପୀନ।

ସଂ - ସଂସ୍କୃତ
ଜୁ - ଜୁଆଙ୍ଗ
ବି - ବିଶେଷ୍ୟ
ବିଂ - ବିଶେଷଣ
କ୍ରିଂ, ବିଂ - କ୍ରିୟା ବିଶେଷଣ
ଦେ - ଦେଶୀୟ।



**ବଟ ପାଇକରାୟ:** ଖୋରଧା ଜିଲ୍ଲାର ଗୋବିନ୍ଦପୁର ଗ୍ରାମରେ ଜନ୍ମ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉପାଧିଲାଭ କରିଛନ୍ତି। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ତଥା ତାଲିମ ପ୍ରତିଷ୍ଠାନରେ ପରିସଂଖ୍ୟାନ ସହାୟକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ଓଡ଼ିଶାର ଦୁର୍ଗମ ଆଦିବାସୀ ଅଞ୍ଚଳରେ କ୍ଷେତ୍ର ଅନୁସନ୍ଧାନ କାର୍ଯ୍ୟ କରିବାର ଦୀର୍ଘ ତିରିଶ ବର୍ଷର ଅଭିଜ୍ଞତା ରହିଛି। ସେହି ମହାର୍ଘ୍ୟ ଅଭିଜ୍ଞତା ଓ ରୁଚିକୁ ପାଥେୟକରି ସେ ନିକଟ ଅତୀତରେ ପ୍ରକାଶିତ ହୋଇଥିବା 'ସଉରା ଲୋକକଥା' ପୁସ୍ତକର ସଂକଳନରେ ଏକ ମୁଖ୍ୟ ସହଯୋଗୀ ଭୂମିକା ନେଇଛନ୍ତି। ବର୍ତ୍ତମାନର ଏହି 'ଜୁଆଙ୍ଗ ଲୋକକଥା' ସଂକଳନରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ପାଠକମାନଙ୍କ ଦ୍ୱାରା ଆଦୃତ ହେଲେ ସେ ଅନୁଗୃହୀତ ହେବେ।